ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୭/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, September 27/2023 Page 16 | ₹ 7.00 | SAMBALPUR
୪୯ଶ ଭାଗ ୩୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 303 | ମୂଲ୍ୟ ₹୭/-



**ପୂଜାଙ୍କ ବିବାହ ନେଇ ଚର୍ଚ୍ଚା**
ସାଉଥ୍ ଅଭିନେତ୍ରୀ ପୂଜା ହେଗ୍‌ଡେ ମୁମ୍ବାଇର ଜଣେ କ୍ରିକେଟରଙ୍କୁ ଡେଟ୍ କରୁଥିବା ସହ ତାଙ୍କୁ ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି।
୧୨

୧୪
**ନେହାଙ୍କୁ ରୌପ୍ୟ**
ଏସିଆନ୍ ଗେମ୍ସର ସେଲିଂ ଇଭେଣ୍ଟରେ ମଙ୍ଗଳବାର ରୌପ୍ୟ ପଦକ ହାସଲ କରିଛନ୍ତି ଭାରତର ନେହା ଠାକୁର।





ଏସିଆନ ଗେମ୍ସରେ ମଙ୍ଗଳବାର ଇକ୍ୱେଷ୍ଟ୍ରେନ (ଅଶ୍ୱଚାଳନା)ର ଡ୍ରେସେଜ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର (ବାମରୁ) ଦିବ୍ୟାକ୍ରିତି ସିଂ, ସୁଦୀପ୍ତି ହାଜେଲା, ଅନୁଶ ଅଗ୍ରୱାଲ ଓ ବିପୁଲ ହ୍ରିଦୟ ଛେଡା।

# ଅଶ୍ୱଚାଳନାରେ ଭାରତକୁ ସ୍ୱର୍ଣ୍ଣ

## ଏସିଆନ ଗେମ୍ସ: ୪୧ ବର୍ଷ ପରେ ସଫଳତା

ହାଙ୍ଗଝୋ, ୨୬।୯(ପି.ଟି.)

ଚଳିତ ଏସିଆନ ଗେମ୍ସର ଇକ୍ୱେଷ୍ଟ୍ରେନ (ଅଶ୍ୱଚାଳନା) ଇଭେଣ୍ଟରେ ଭାରତକୁ ଐତିହାସିକ ସ୍ୱର୍ଣ୍ଣିମ ସଫଳତା ମିଳିଛି। ପ୍ରତିଯୋଗିତାରେ ଭାରତୀୟ ଡ୍ରେସେଜ (ମିକ୍ସଡ) ଟିମ୍ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ସୁଦୀପ୍ତି ହାଜେଲା, ଦିବ୍ୟାକ୍ରିତି ସିଂ, ବିପୁଲ ହ୍ରିଦୟ ଛେଡା ଓ ଅନୁଶ ଅଗ୍ରୱାଲ ମଙ୍ଗଳବାର ଏହି ସଫଳତା ପାଇଛନ୍ତି। ଭାରତୀୟ ଦଳ ମୋଟ ୨୦୯.୨୦୫ ପର୍ସେଣ୍ଟେଜ ପଏଣ୍ଟ ହାସଲ କରି ପୋଡିୟମରେ ଶୀର୍ଷସ୍ଥାନ ମଣ୍ଡନ କରିଥିଲା। ଚାଇନା ୨୦୪.୮୮୨% ଓ ହଂକଂ ୨୦୪.୮୫୨% ପଏଣ୍ଟ ପାଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ଦୀର୍ଘ ୪୧ ବର୍ଷ ବ୍ୟବଧାନରେ ଭାରତ ପ୍ରଥମଥର ପାଇଁ ଅଶ୍ୱଚାଳନା ଇଭେଣ୍ଟରୁ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ☞ପୃଷ୍ଠା-୪

# ହାଇକୋର୍ଟ ବିଚାରପତି ନିଯୁକ୍ତିରେ ବିଳମ୍ବ କରୁଛି କେନ୍ଦ୍ର

## ୭୦ ନାଁ ୧୦ ମାସ ହେଲା ପଡ଼ିରହିଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୬।୯

ସୁପ୍ରିମକୋର୍ଟ କଲେଜିୟମ ବିଭିନ୍ନ ହାଇକୋର୍ଟରେ ବିଚାରପତି ନିଯୁକ୍ତି ଓ ବଦଳି ପାଇଁ ୭୦ ନାମ ସୁପାରିସ୍ କରିଥିବାବେଳେ ତାହା କେନ୍ଦ୍ର ସରକାରଙ୍କ ପାଖରେ ପଡ଼ିରହିଛି। ବିଚାରପତି ନିଯୁକ୍ତିରେ ବିଳମ୍ବକୁ ନେଇ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପ୍ରସଙ୍ଗରେ ସମାଧାନରେ ଆଟର୍ନି ଜେନେରାଲଙ୍କ କାର୍ଯ୍ୟାଳୟ ସହଯୋଗ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ବିଚାରପତି ନିଯୁକ୍ତି ଓ ବଦଳିରେ ବିଳମ୍ବକୁ ନେଇ ଜଷ୍ଟିସ୍ ସଞ୍ଜୟ କିଶନ କୌଲ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ପ୍ରଶ୍ନ ଉଠାଇଛନ୍ତି। ପଡ଼ିରହିଥିବା ସୁପାରିସ୍ ଉପରେ ସରକାର କ’ଣ ନିର୍ଦ୍ଦେଶ ଦେଇଛନ୍ତି, ତାହା ଉପରେ ରିପୋର୍ଟ ଦେବାକୁ ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣି ସପ୍ତାହେ ସମୟ ଲୋଡ଼ିଛନ୍ତି। ତେବେ ପରବର୍ତ୍ତୀ ଶୁଣାଣି ମଧ୍ୟରେ ଏନେଇ ପଦକ୍ଷେପ ନିଆ ନ ଗଲେ ଆମେ ଚୁପ୍ ରହିବୁ ନାହିଁ ବୋଲି ବିଚାରପତି ଜଷ୍ଟିସ୍ କୌଲ୍ କହିଛନ୍ତି।

ଗତ ସପ୍ତାହ ସୁଦ୍ଧା ୮୦ ସୁପାରିସ୍ କେନ୍ଦ୍ର ନିକଟରେ ପଡ଼ିରହିଥିବାବେଳେ ଇତିମଧ୍ୟରେ ୧୦ଟି ନାଁକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏବେ ଅଟକି ରହିଥିବା ୭୦ ସୁପାରିସ୍ ମଧ୍ୟରୁ ୨୬ଟି ହେଉଛି ବିଚାରପତିଙ୍କ ବଦଳି ସମ୍ପର୍କିତ ସୁପାରିସ୍। ୭ ନାଁକୁ ପୁନର୍ବାର ସୁପାରିସ କରାଯାଇଥିବାବେଳେ ୯ଟି ନାଁକୁ କେନ୍ଦ୍ର ନ ଫେରାଇ ଅଟକାଇ ରଖିଛି। ଗୋଟିଏ ସୁପାରିସ ଏକ ସମ୍ବେଦନଶୀଳ ହାଇକୋର୍ଟରେ ମୁଖ୍ୟ ବିଚାରପତି ନିଯୁକ୍ତିକୁ ନେଇ ରହିଛି। ଗତବର୍ଷ ନଭେମ୍ବରରୁ ଏଗୁଡ଼ିକ ସରକାରଙ୍କ ପାଖରେ ପଡ଼ିରହିଥିବାବେଳେ ନିଯୁକ୍ତି ଦିଆଯାଉ ନ ଥିବା ଖଣ୍ଡପୀଠ କହିଛନ୍ତି।

# ଗୁଣି ସନ୍ଦେହରୁ ଦମ୍ପତିଙ୍କୁ ହତ୍ୟା

ମୋହନା,୨୬।୯ (ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ବା ଥାନା ଘୋଡ଼ାପଙ୍କା ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ସୋମବାର ରାତିରେ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ କପିଳେନ୍ଦ୍ର ମଲ୍ଲିକ ଓ ସ୍ତ୍ରୀ ସସ୍ମିତା ମଲ୍ଲିକ। ଏହି ଘଟଣାରେ ପୋଲିସ ଗ୍ରାମର ୮ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁବାସ ମଲ୍ଲିକ, ଜଳେନ୍ଦ୍ର ମଲ୍ଲିକ, ହେମନ୍ତ ମଲ୍ଲିକ, ମିଥୁନ ମଲ୍ଲିକ, ବୁଟ୍ଟୁ ମଲ୍ଲିକ, ଚୈତନ୍ୟ ମଲିକ, ଚନ୍ଦନ ମଲ୍ଲିକ ଓ କାମୁନ ମଲ୍ଲିକ।

କପିଳେନ୍ଦ୍ର ଗୁଣିଗାରେଡ଼ି କରୁଥିବା ଗ୍ରାମବାସୀ ସନ୍ଦେହ କରୁଥିଲେ। ଗତ ଫେବୃୟାରୀ ୧୧ରେ କେତେଜଣ ଅଜଣା ଲୋକ ତାଙ୍କୁ ଗୁଳି ମାଡ଼ କରିଥିଲେ। ସେ ଗୁରୁତର ଆହତ ହୋଇ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହୋଇଥିଲେ। ସୁସ୍ଥ ହୋଇ ଆସିବା ପରେ ସେ ଭୟରେ ଅଡ଼ବା ଗ୍ରାମରେ ଭଡ଼ାଘର ନେଇ ରହୁଥିଲେ। ପ୍ରାୟ ଏକମାସ ହେବ ଗାଁକୁ ଆସିଥିଲେ। ସୋମବାର ରାତି ପ୍ରାୟ ୮ଟାରେ କପିଳେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଘରେ ଥିଲେ। ଏହି ସମୟରେ କେତେଜଣ ଯୁବକ ପଶିଆସି ଏକ ଟାଙ୍ଗିଆରେ କପିଳେନ୍ଦ୍ରଙ୍କୁ ଅତର୍କିତ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ସ୍ତ୍ରୀ ସସ୍ମିତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଭୟରେ ସେ ଦୌଡ଼ି ଉପରସାହିସ୍ଥିତ ବାପା ଘରକୁ ପଳାଇଯିବାକୁ ଚେଷ୍ଟା କରୁଥିଲାବେଳେ ରାସ୍ତାରେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଫଳରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଆର.ଉଦୟଗିରି ଏସଡିପିଓ, ଥାନା ଏସ୍ଆଇ ଓ ଅଡ଼ବା ଥାନା ଏସ୍ଆଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ମଙ୍ଗଳବାର ସକାଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କପିଳେନ୍ଦ୍ରଙ୍କ ମୃତଦେହ ତଳସାହିସ୍ଥିତ ନିଜ ଘରୁ ଓ ସସ୍ମିତାଙ୍କ ମୃତଦେହ ଉପରସାହିସ୍ଥିତ ତାଙ୍କ ବାପା ଘରୁ ଜବତ କରିଥିଲା। ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ☞ପୃଷ୍ଠା-୪

# ପ୍ରଭାତ ବିଶ୍ୱାଳଙ୍କ ବିରୋଧରେ ଇଡିର ଚାର୍ଜଶିଟ୍

ସିଶୋର୍ ଚିଟ୍‌ଫଣ୍ଡ୍ ମାମଲା

ଭୁବନେଶ୍ୱର,୨୬।୯ (ସତ୍ୟଜିତ୍ ରାଉତ)

ବହୁଚର୍ଚ୍ଚିତ ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲାର ଆର୍ଥିକ କାରବାର ଦିଗକୁ ନେଇ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀଙ୍କ ବିରୋଧରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର କୋର୍ଟ (ପିଏମ୍ଏଲ୍)ରେ ଦ୍ୱିତୀୟ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ଏଥିସହ ସିଶୋରର ଦୁଇଟି କମ୍ପାନୀ ସିଶୋର୍ ସିକ୍ୟୁରିଟି ଲିଃ ଓ ସିଶୋର୍ ମଲ୍ଟିପର୍‌ପୋର୍ଜ କୋ-ଅପରେଟିଭ୍ ଲିଃର ଦୁଇ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ହାଇଡ୍ରୋଜେନ୍

# ଆପାର୍ଟମେଣ୍ଟ କ୍ରେତା ସଂଘକୁ କ୍ଷମତା

## ■ କମନ୍ ଏରିଆ ଉପରେ ରହିବ ମାଲିକାନା ■ ବିଧାନସଭାରେ ବିଲ୍ ଗୃହୀତ

ଭୁବନେଶ୍ୱର,୨୬।୯ (ଅନିଲ ଦାସ)

ବହୁ ପ୍ରତୀକ୍ଷା ପରେ ଆପାର୍ଟମେଣ୍ଟ ମାଲିକ(କ୍ରେତା)ମାନଙ୍କୁ ସୁରକ୍ଷା ଦେବା ସକାଶେ ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ(ମାଲିକାନା ଓ ପରିଚାଳନା) ବିଲ୍-୨୦୨୩କୁ ମଙ୍ଗଳବାର ବିଧାନସଭାରେ ଗୃହୀତ କରାଇଛନ୍ତି।। ଏଥିରେ ଆପାର୍ଟମେଣ୍ଟ କ୍ରେତାମାନଙ୍କ ସଂଘକୁ ଅଧିକ କ୍ଷମତା ଦିଆଯାଇଛି। ସଂଘର ବାଇ-ଲ ଅନୁଯାୟୀ ଆପାର୍ଟମେଣ୍ଟ ପରିଚାଳିତ ହେବ।

ନୂଆ ବିଧେୟକ ବ୍ୟବସ୍ଥା ଅନୁଯାୟୀ ବିଲ୍‌ଡର କିମ୍ବା ପ୍ରମୋଟର କ୍ରେତାମାନଙ୍କୁ ଅକୁପାନ୍ସି ସାର୍ଟିଫିକେଟ ଦେବାର ୩୦ ଦିନ ମଧ୍ୟରେ ସଂଘକୁ କମନ ଏରିଆର ସମସ୍ତ ମୂଳ ପ୍ରମାଣପତ୍ର ଦେବା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହିତ କ୍ରେତାଙ୍କଠାରୁ ସିକ୍ୟୁରିଟି, ଆଡ୍‌ଭାନ୍ସ ଆକାରରେ ନେଇଥିବା ସମସ୍ତ ଅର୍ଥ ୩୦ ଦିନ ମଧ୍ୟରେ ଫେରାଇବେ। ରିୟଲ ଇଷ୍ଟେଟ୍ ଅଧିନିୟମ(ବିନିୟମ ଓ ଉନ୍ନୟନ) ଆଇନ-୨୦୧୬ ଅନୁଯାୟୀ ପ୍ରକଳ୍ପରେ ୫୦ ପ୍ରତିଶତ ଅଥବା ୭ ଜଣ କ୍ରେତା ହେବା ପରେ ସଂଘ ଗଠନ କରାଯିବ। ପୂର୍ବରୁ ମାଲିକ ସଂଘ ସାଧାରଣ ଅଞ୍ଚଳ(କମନ ଏରିଆ)ରୁ ମାଲିକାନା ହକ୍ ପାଇପାରୁ ନ ଥିଲା। ଏହି ବିଧେୟକ ପାରିତ ହେବା ପରେ ଉକ୍ତ ଅଞ୍ଚଳ ମାଲିକାନା ସଂଘଠାରେ ନ୍ୟସ୍ତ ହେବ। ଏଥିସହିତ ଆପାର୍ଟମେଣ୍ଟ ବିକ୍ରି, ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ ଆଦି କ୍ଷେତ୍ରରେ କମନ ଏରିଆ ହସ୍ତାନ୍ତର କରାଯାଇପାରିବ। ମାତ୍ର ଉକ୍ତ ଅଂଶକୁ କୌଣସି ଉଦ୍ଦେଶ୍ୟରେ ଖଣ୍ଡ ଖଣ୍ଡ କରାଯାଇପାରିବ ନାହିଁ। ପ୍ରତ୍ୟେକ ମାଲିକ ବିଧେୟକରେ ଥିବା ଚୁକ୍ତି, ସର୍ତ୍ତ ଓ କଟକଣାକୁ ମାନିବାକୁ ବାଧ ହେବେ। ଯଦି କେହି ଏହାକୁ ଉଲ୍ଲଂଘନ କରିବେ ଆପାର୍ଟମେଣ୍ଟ ମାଲିକ ସଂଘ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ କ୍ଷତିଭରଣା କରିପାରିବେ। ଏଥିସହିତ ନିଜ ଅଧୀନରେ ଥିବା ଆପାର୍ଟମେଣ୍ଟ ଉପରେ ମାଲିକମାନେ ଋଣ କରିପାରିବେ।

**ଅକୁପାନ୍ସି ସାର୍ଟିଫିକେଟ ବିନା ଘର ବାଣ୍ଟିଲେ ପ୍ରମୋଟର ଗଣିବେ ୫ ଲକ୍ଷ ଜରିମାନା**

ପୂର୍ବରୁ ଆପାର୍ଟମେଣ୍ଟ ବିକ୍ରୟ କରୁଥିବା ପ୍ରମୋଟରଙ୍କ ନାମରେ କମନ ଏରିଆର ରେକର୍ଡ ଅଫ୍ ରାଇଟସ୍ (ଆର୍‌ଓଆର୍) ରହୁଥିଲା। ଏହି ବିଧେୟକ ପାରିତ ହେବା ପରେ ଉକ୍ତ ଅଞ୍ଚଳ ଆପାର୍ଟମେଣ୍ଟ ଆସୋସିଏଶନ ନାମରେ ରେଜିଷ୍ଟ୍ରେଶନ ଅଧିନିୟମ-୧୯୦୮ ଅନୁଯାୟୀ ରେଜିଷ୍ଟ୍ରି କରାଯିବ। ତେବେ ରିୟଲ ଇଷ୍ଟେଟ ଅଧିନିୟମ (ବିନିୟମ ଓ ଉନ୍ନୟନ) ଆଇନ-୨୦୧୬ ପରେ ଯଦି କୌଣସି ଆପାର୍ଟମେଣ୍ଟ ବିକ୍ରି ହୋଇଥିବ ଏବଂ କମନ ଏରିଆ ଆସୋସିଏଶନ ନାମରେ ଆର୍‌ଓଆର୍ ହୋଇ ନ ଥିବ ସେ କ୍ଷେତ୍ରରେ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ବିଲ୍-୨୦୨୩ ବ୍ୟବସ୍ଥା ଅନୁଯାୟୀ ୩ ମାସ ମଧ୍ୟରେ ରେଜିଷ୍ଟ୍ରି କରାଯିବାକୁ ବ୍ୟବସ୍ଥା ହୋଇଛି। ପଞ୍ଜୀକରଣ ସମୟରେ ଓଡ଼ିଶା ରିୟଲ ଇଷ୍ଟେଟ ବିନିୟାମକ ପ୍ରାଧିକରଣ(ରେରା) ପଞ୍ଜୀକରଣ ପ୍ରମାଣପତ୍ର ଦେବାକୁ ହେବ। ଆପାର୍ଟମେଣ୍ଟ ମାଲିକମାନେ ସଂଘର ବାଇ-ଲ’କୁ ମାନି ଚଳିବାକୁ ହେବ। କମନ ଏରିଆ ଯେଉଁ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ କେବଳ ସେହି ଉଦ୍ଦେଶ୍ୟରେ ହିଁ ବ୍ୟବହାର କରାଯିବ। ଆପାର୍ଟମେଣ୍ଟ ସଂଘର ନୀତିନିୟମକୁ କୌଣସି ପରିସ୍ଥିତିରେ ବାଧା ଦେବା କିମ୍ବା ହସ୍ତକ୍ଷେପ କରାଯାଇ ପାରିବ ନାହିଁ। ମାଲିକମାନେ ନିଜ ଆପାର୍ଟମେଣ୍ଟକୁ ନିଜ ଖର୍ଚ୍ଚରେ ମରାମତି କିମ୍ବା ରକ୍ଷଣାବେକ୍ଷଣ କରିପାରିବେ। ମାତ୍ର ସାଧାରଣ ସ୍ଥାନରେ ଥିବା କୌଣସି ଭାଗକୁ କ୍ଷତି ପହଞ୍ଚାଇ ପାରିବେ ନାହିଁ। ☞ପୃଷ୍ଠା-୪

# ୱାହିଦା ରେହମାନଙ୍କୁ ଦାଦା ସାହେବ ଫାଲ୍‌କେ

ନୂଆଦିଲ୍ଲୀ,୨୬।୯



**ଗଞ୍ଜାମ କଳା ପରିଷଦ ମଞ୍ଚରେ ପ୍ରଥମେ ନୃତ୍ୟ ପରିବେଷଣ କରିଥିଲେ**

**୫ ଦଶନ୍ଧିର କ୍ୟାରିୟର, ୯୦ ଫିଲ୍ମରେ ଅଭିନୟ**

ବର୍ଷୀୟାନ ଅଭିନେତ୍ରୀ ୱାହିଦା ରେହମାନଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯିବ। ଦେଶର ଅନ୍ୟତମ ସର୍ବଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜଣାଶୁଣା ୱାହିଦା ‘ପ୍ୟାସା’, ‘ସିଆଇଡି’, ‘କାଗଜ କେ ଫୁଲ’, ‘ଖାମୋସି’ ଏବଂ ‘ତ୍ରିଶୂଳ’ ଭଳି ଫିଲ୍ମରେ ନିଜ ଅଭିନୟର ଯାଦୁକରୀ ଦେଖାଇ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ତାଙ୍କୁ ଭାରତୀୟ ସିନେମା ଜଗତର ଏହି ସର୍ବୋଚ୍ଚ ସମ୍ମାନ ଦିଆଯିବା ନେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ଘୋଷଣା କରିଛନ୍ତି। ଚଳଚ୍ଚିତ୍ର ଜଗତ ପ୍ରତି ୱାହିଦାଙ୍କ ଅବଦାନ ଉଲ୍ଲେଖନୀୟ। ତାଙ୍କୁ ଦାଦାସାହେବ ଫାଲ୍‌କେ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯିବ ବୋଲି ଅନୁରାଗ ନିଜ ଏକ୍ସ’ ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି। ଏଥିସହ ୱାହିଦାଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ☞ପୃଷ୍ଠା-୪

# ‘ପୁଅ କହିଲେ, ଝିଅ ଦେଲେ’

## କ୍ୟାପିଟାଲ ହସ୍ପିଟାଲରେ ଶିଶୁ ବଦଳ ଅଭିଯୋଗ

ଭୁବନେଶ୍ୱର, ୨୬।୯ (ଅସମାପିକା ସାହୁ)

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ନବଜାତ ଶିଶୁ ଅଦଳବଦଳ ହୋଇଥିବା ଅଭିଯୋଗ ହୋଇଛି। ପ୍ରଥମେ ପୁଅ ଜନ୍ମ ହୋଇଥିବା କହି ପରେ ଝିଅ ଦିଆଯାଇଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ନବଜାତ ଶିଶୁର ବାପା ତଥା କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ପ୍ରାଣକୃଷ୍ଣ ବିଶ୍ୱାଳ। ମଙ୍ଗଳବାର ସେ ଏ ସଂକ୍ରାନ୍ତରେ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଜଣାଇବା ସହ ଶିଶୁର ଡିଏନ୍ଏ ଟେଷ୍ଟ ଦାବି କରିଛନ୍ତି। ଏପରିକି ଡିଏନ୍ଏ ଟେଷ୍ଟ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ନବଜାତ ଶିଶୁକୁ ନେବେ ନାହିଁ ବୋଲି ପ୍ରାଣକୃଷ୍ଣ କହିଛନ୍ତି। ଏଥିସହ ସେ କ୍ୟାପିଟାଲ ଥାନାରେ ମଧ୍ୟ ଏନେଇ ଏତଲା ଦେଇଛନ୍ତି। ତେବେ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ମଧ୍ୟ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

ପ୍ରାଣକୃଷ୍ଣଙ୍କ ଅଭିଯୋଗ ଅନୁସାରେ, ଗର୍ଭଯନ୍ତ୍ରଣା ବଢ଼ିବାରୁ ସ୍ତ୍ରୀଙ୍କୁ ସୋମବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ସେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରାତି ପ୍ରାୟ ୧୦ଟାରେ ତାଙ୍କର ପୁଅ ହୋଇଥିବା ନେଇ ମେଡିକାଲ କର୍ମଚାରୀ କହିଥିଲେ। ପରେ ଜଣେ ନର୍ସ ଶିଶୁଟିକୁ ତାଙ୍କ ଶାଶୁଙ୍କୁ ଦେଇଥିଲେ। ☞ପୃଷ୍ଠା-୪



# ଓଡ଼ିଶା ସବୁଜ ପର୍ଯ୍ୟଟନର ଗନ୍ତାଘର

ପର୍ଯ୍ୟଟନ ନିର୍ଦ୍ଦିଷ୍ଟ ସ୍ଥାନର ପରିଚୟଠାରୁ ଆଗକୁ ଗଲାଣି। ଅନ୍ତର୍ଜାତୀୟ ଚାହିଦା ପୂରଣ ସକାଶେ ଘରୋଇ ଓ ସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଉଦ୍ୟମ ହେଉଛି। ପ୍ରକୃତିକୁ କୌଣସି କ୍ଷତି ନ ପହଞ୍ଚାଇ ଉନ୍ନତି ଦିଗରେ ଅଗ୍ରସର ହେବାକୁ କୁହାଯାଉଛି 'ନିରନ୍ତର ବିକାଶ'। ଚଳିତବର୍ଷର ବିଶ୍ୱ ପର୍ଯ୍ୟଟନ ଦିବସର ଥିମ୍ ରହିଛି-'ପର୍ଯ୍ୟଟନ ଓ ସବୁଜ ପୁଞ୍ଜିବିନିଯୋଗ'। ଏବେ ପର୍ଯ୍ୟଟନ ଶିଳ୍ପ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଆର୍ଥିକ ଦିଗକୁ ସମୃଦ୍ଧ କରିବାରେ ଲାଗିଛି। ଏହା ଯୁବପିଢ଼ିଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କଲାଣି। ଓଡ଼ିଶା ପର୍ଯ୍ୟଟନର 'ବେଷ୍ଟ କେପ୍ଟ ସିକ୍ରେଟ'କୁ ଦେଖି ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକମାନେ ଏହି ରାଇଜ ପ୍ରତି ହେଉଛନ୍ତି ଆକର୍ଷିତ। ଚଳିତବର୍ଷ ଜାନୁୟାରୀରୁ ଜୁନ୍ ମଧ୍ୟରେ ୪୪ ଲକ୍ଷ ବାହାର ପର୍ଯ୍ୟଟକଙ୍କ ଓଡ଼ିଶାରେ ପଦଚିହ୍ନ ଛାଡ଼ିଯିବା ନିଶ୍ଚିତ ଭାବେ ରାଜ୍ୟ ପର୍ଯ୍ୟଟନ ପାଇଁ ଏକ ସୁବାର୍ତ୍ତା ଦେଇଛି।

ଉପସ୍ଥାପନା : ଶର୍ମିଷ୍ଠା ପାଣିଗ୍ରାହୀ



## ଏକ୍ସପ୍ଲୋର୍ ହେଉଛି ଓଡ଼ିଶା, ପାଲଟିଛି ଯୁବପିଢ଼ିଙ୍କ ନିଶା

ଓଡ଼ିଶାର ପର୍ଯ୍ୟଟନ ସ୍ଥାନଗୁଡ଼ିକ ଦିନକୁ ଦିନ ଅଧିକ ମାତ୍ରାରେ ଏକ୍ସପ୍ଲୋର ହେବାକୁ ଲାଗିଲାଣି। ଏଥିରେ କେବଳ ପର୍ଯ୍ୟଟନ ବିଭାଗ ନୁହେଁ, ଯୁବପିଢ଼ିଙ୍କର ଏକ ମୁଖ୍ୟ ଭୂମିକା ରହିଛି। ସାମାଜିକ ଗଣମାଧ୍ୟମ ଜରିଆରେ ଓଡ଼ିଶାର ସୁନ୍ଦରତାକୁ ନିଜେ ଉପଭୋଗ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନକୁ ବୁଲିଯିବା ପାଇଁ ଖୋରାକ ଯୋଗାଉଛନ୍ତି। ବିଶେଷକରି ଇନ୍‌ଷ୍ଟାଗ୍ରାମ ଓ ୟୁଟ୍ୟୁବ ସର୍ଟ୍ସ ମାଧ୍ୟମରେ ସୁନ୍ଦର ସୁନ୍ଦର ଭିଡିଓ, ଫଟୋ ଉତ୍ତୋଳନ କରି ଅପଲୋଡ୍ କରୁଛନ୍ତି। ଯୁବପିଢ଼ିଙ୍କ ପାଇଁ ଏହା ଏବେ ଏକ ନିଶା ପାଲଟିଛି। ଏଥିରେ ଅନେକେ ଏବେ ସାମିଲ ହୋଇ ଓଡ଼ିଶାକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଚେଷ୍ଟା କରୁଛନ୍ତି। ସୋସିଆଲ ମିଡିଆରେ ଭଲ ଫଲୋୟର୍ସ ସହ ବିଭାଗ ସାହାଯ୍ୟରେ ମଧ୍ୟ ନିଜ ପାଇଁ ରୋଜଗାରର ଏକ ମାଧ୍ୟମ ସୃଷ୍ଟି କରିପାରିଛନ୍ତି। ଏ ନେଇ ସେମାନେ କୁହନ୍ତି–

### ଓଡ଼ିଶାକୁ ବିଶ୍ୱସ୍ତରରେ ପହଞ୍ଚାଇବାର ପ୍ରୟାସ



'ଚଲୋ ଓଡ଼ିଶା' ଆରମ୍ଭ ହୋଇଥିଲା ୨୦୧୫ରୁ। ମୁଁ ଓ ମୋର ସାଙ୍ଗ ସୁରଜ ବଳ ମିଶି ଏହାକୁ ଆରମ୍ଭ କରିଥିଲୁ। ମାତ୍ର ଏହା ମଝିରେ ବନ୍ଦ ହୋଇଯାଇଥିଲା। କୋଭିଡ ସମୟରେ ଏହା ପୁଣି ଥରେ ଆରମ୍ଭ ହେଲା। ଘରେ ବସି ରହିଥିବା ଲୋକଙ୍କୁ ଆମେ ଓଡ଼ିଶାର ଭର୍ଚୁଆଲ ଟୁର୍ କରାଇଥିଲୁ। ଆମର ଟାର୍ଗେଟ୍ ଓଡ଼ିଶାକୁ କିଭଳି ବିଶ୍ୱସ୍ତରରେ ପହଞ୍ଚାଇପାରିବୁ। ଏପରିକି ଅନେକଙ୍କଠାରେ ପହଞ୍ଚିପାରି ନ ଥିବା ସ୍ଥାନ, ଖାଦ୍ୟ, ସଂସ୍କୃତି, ପରମ୍ପରା ସବୁକିଛି ମାଧ୍ୟମରେ। ଓଡ଼ିଶା ରଥଯାତ୍ରାକୁ ଯେମିତି ସମସ୍ତେ ଜାଣୁଛନ୍ତି ସେମିତି ସବୁକିଛିକୁ ବାହାରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି। ବିଭାଗ ମଧ୍ୟ ଆମକୁ ଅନେକ ସାହାଯ୍ୟ କରୁଛି।

**– ବିକ୍ରମ କିଶୋର ବେହେରା, ଟ୍ରାଭେଲ ବ୍ଲଗର୍**

### ଭଲ ରେସପନ୍ସ ମିଳୁଛି



ପ୍ରାୟ ୨ବର୍ଷ ହେବ ମୁଁ ଏହା ଆରମ୍ଭ କଲିଣି। ଦେଢ଼ ବର୍ଷ ହେବ ପ୍ରପର୍ଲି ଇନ୍‌ଷ୍ଟାଗ୍ରାମରେ ଭିଡିଓ ଅପଲୋଡ୍ କରୁଛି। ଆଉ ଏବେ ଏହା ମୋର ପ୍ୟାଶନ୍, ପ୍ରଫେଶନ୍ ସବୁକିଛି ପାଲଟିଯାଇଛି। ଭୁବନେଶ୍ୱର, କଟକ, ପୁରୀ ସହିତ ଆହୁରି ଅନେକ ସ୍ଥାନ ଅଛି, ଯାହାକୁ ସମସ୍ତେ ବୁଲିବା ଆବଶ୍ୟକ। କୁହାଯାଏ ଓଡ଼ିଶା ଇଣ୍ଡିଆର 'ବେଷ୍ଟ କେପ୍ଟ ସିକ୍ରେଟ୍'। ତାହା ମୁଁ ମୋ ଭିଡିଓ ମାଧ୍ୟମରେ ଦେଖାଇବାକୁ ଚାହିଁଥାଏ। ମୁଁ କେବଳ ଓଡ଼ିଶା ଉପରେ ହିଁ ଫୋକସ୍ କରୁଛି। ଏହାଛଡ଼ା ବି ବାହାରୁ ଭଲ ରେସପନ୍ସ ମିଳୁଛି। ଏଥିରୁ ଇନକମ୍ ବି କରି ହେଉଛି। ସରକାରୀ ଓ ବେସରକାରୀ ଉଭୟ ସ୍ତରରେ।

**– ଅନିମେଶ ପ୍ରଧାନ, ଟ୍ରାଭେଲ ବ୍ଲଗର୍**




## ସମସ୍ତଙ୍କ ଉଦ୍ୟମ ଲୋଡ଼ା



ବିଶ୍ୱ ପର୍ଯ୍ୟଟନ ଦିବସର ଶୁଭେଚ୍ଛା ଜଣାଇ ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି କହିଛନ୍ତି, ଏହି ଦିବସ ଉପଲକ୍ଷେ ସକାଳ ୬ରୁ ସାଣ୍ଡି ଟାୱାର୍ସ ପାଖରୁ କଟକ ଯାଏ ଏକ ବାଇକ୍ ରାଲି କରାଯିବ। ଏହା 'ପର୍ଯ୍ୟଟନ ଓ ସବୁଜ ପୁଞ୍ଜିବିନିଯୋଗ'ର ମୂଳ ଲକ୍ଷ୍ୟର ବାର୍ତ୍ତା ବାଣ୍ଟିବ। ଉଚ୍ଚକୋଟୀର ଆତିଥେୟତା ସହ ସମସ୍ତଙ୍କ ଉଦ୍ୟମରେ ଆମ ପର୍ଯ୍ୟଟନକୁ ସବୁଜ ସୁନ୍ଦର କରିବାକୁ ଆମେ ଚେଷ୍ଟା କରିବୁ।

**– ଲେନିନ ମହାନ୍ତି, ଓଟିଡିସି ଅଧ୍ୟକ୍ଷ**

## ଆମ ପର୍ଯ୍ୟଟନ ଏବେ ଟ୍ରାକ୍‌କୁ ଆସିଲାଣି



ମୁଁ ଏନ୍‌ଆଇଟି ରାଉରକେଲାରେ ବିଟେକ୍ ପଢ଼ିବା ସମୟରୁ ହିଁ ଭିଡିଓ ବନାଇବା ଆରମ୍ଭ କରିଦେଇଥିଲି। ଆଜିକୁ ୮ରୁ ୯ବର୍ଷ ହେବ ଏହା ମୋର ଏକ ହବି ହୋଇ ରହିଛି। ଓଡ଼ିଶା ସହ ଭାରତରେ ମଧ୍ୟ ବିଭିନ୍ନ ସ୍ଥାନକୁ ଯାଇ ମୁଁ ଭିଡିଓ କରେ। ଗୋଟେ ସସ୍‌ଟେନେବଲ୍ ଟୁରିଜମ୍ ପାଇଁ ମୋ ଆଡୁ ଚେଷ୍ଟା ଜାରି ରହିଛି। ପର୍ଯ୍ୟଟନ ଉପରେ ମୁଁ ଆଗକୁ ଏକ ଉଦ୍ୟୋଗ ମଧ୍ୟ ଆରମ୍ଭ କରିବାକୁ ଯୋଜନା କରୁଛି। ପର୍ଯ୍ୟଟକମାନେ କିଭଳି ପ୍ରକୃତି କୋଳରେ ରହି ସୁନ୍ଦରତାକୁ ଉପଭୋଗ କରିପାରିବେ, ତାହା ଉପରେ ପ୍ରାଧାନ୍ୟ ଦେବି। ଭିଡିଓ ହେବା ଦ୍ୱାରା ଗୋଟେ ଗୋଟେ ସ୍ଥାନ ଖୁବ୍ ଭାଇରାଲ୍ ହେଉଛି, ଯାହାକୁ ସମସ୍ତେ ବୁଲି ଯାଉଛନ୍ତି। ଆଗ ଅପେକ୍ଷା ଏବେ ପର୍ଯ୍ୟଟନ ବିଭାଗ ଅଧିକ ଆଗ୍ରହ ଦେଖାଉଛି। ଆମ ଟୁରିଜିମ୍ ଏବେ ତା'ର ଟ୍ରାକ୍‌କୁ ଆସୁଛି।

**– ଆଦିତ୍ୟ ପ୍ରକାଶ ସାହୁ, ଟ୍ରାଭେଲ ବ୍ଲଗର୍**

## ଅକ୍ଟୋବରରୁ ଇକୋ ରିଟ୍ରିଟ୍

ପର୍ଯ୍ୟଟନ ଋତୁକୁ ଏକ ଭିନ୍ନ ମୋଡ଼ ଦେଇଛି ଇକୋ ରିଟ୍ରିଟ୍। ମଉଜ, ମସ୍ତି ସହ ପର୍ଯ୍ୟଟକମାନେ ଉପଭୋଗ କରନ୍ତି ପ୍ରକୃତିକୁ। ପ୍ରକୃତି କୋଳରେ ସମୟ ବିତାଇ ସାଉଁଟିଥାନ୍ତି ବିଭିନ୍ନ ପ୍ରକାରର ଅଭିଜ୍ଞତା। ଚଳିତବର୍ଷ ଆରମ୍ଭ ହେବାକୁ ଯାଉଛି ଇକୋ ରିଟ୍ରିଟ୍‌ର ୩ମାସିଆ ଯାତ୍ରା। ଏଥର ମଧ୍ୟ ୭ ସ୍ଥାନ କୋଣାର୍କ, ସାତକୋଶିଆ, ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ, ସୁନାପୁର ଓ ପୁଟସିଲ୍‌ରେ ଇକୋ ରିଟ୍ରିଟ୍ ଅନୁଷ୍ଠିତ ହେବ। ଜଙ୍ଗଲ, ମନ୍ଦିର, ଖାଦ୍ୟ, ବେଳାଭୂମିକୁ ମନ ଭରି ଉପଭୋଗ କରିବେ। ସେପ୍ଟେମ୍ବର ୧୫ରୁ ଏ ନେଇ ବୁକିଂ ମଧ୍ୟ ଆରମ୍ଭ ହୋଇଛି। ଏଥର ସମାନ ସମୟରେ ଇକୋ ରିଟ୍ରିଟ୍ ନ ହୋଇ ଭିନ୍ନ ଭିନ୍ନ ସମୟରେ ସ୍ଥାନଗୁଡିକରେ ଏହା ହେବ। ପ୍ରଥମ ପର୍ଯ୍ୟାୟରେ ସାତକୋଶିଆ, ଦାରିଙ୍ଗବାଡ଼ି, ହୀରାକୁଦ, ପୁଟସିଲ୍‌ରେ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ବେଳେ କୋଣାର୍କ, ଭିତରକନିକା ଓ ସୁନାପୁରରେ ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏହା ଚାଲିବ। ଆବଶ୍ୟକସ୍ଥଳେ ସମୟସୀମା ବୃଦ୍ଧି ହେବାର ମଧ୍ୟ ସୂଚନା ରହିଛି।












# ବଜ୍ରପାତରେ ଗଲା ୪ ଜୀବନ

## ମୃତକଙ୍କ ମଧ୍ୟରେ ୩ ମହିଳା, ଜଣେ ଯୁବଚାଷୀ

**ବେହେରା/ରିଆମାଳ,୨୬।୯**
**(ଭୂପେଶ ତିୱାରୀ/ ନିରଞ୍ଜନ ବେହେରା)**

ମଙ୍ଗଳବାର ବଜ୍ରପାତରେ କଳାହାଣ୍ଡି ଓ ଦେବଗଡ ଜିଲାର ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କଳାହାଣ୍ଡି ଜିଲାର ଏକ ଚାଷୀ ପରିବାରର ୩ ମହିଳା ଥିବାବେଳେ ଦେବଗଡ ଜିଲା ରିଆମାଳ ବ୍ଲକ ଜୋଡାଗୋଲା ଗାଁର ଜଣେ ଯୁବଚାଷୀ ରହିଛନ୍ତି।

ମଙ୍ଗଳବାର ଅପରାହ୍ନରେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପର୍ଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିତାମୁଣ୍ଡା ଗ୍ରାମରେ ପ୍ରବଳ ବର୍ଷା ସହ ଘଡଘଡି ହୋଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ନିଜ ଖେତରୁ କାମ ସାରି ଗ୍ରାମର ଗଏନ୍ତି ଲିମଗୋଛିଆ (୫୮), ରୂପେ ଲିମଗୋଛିଆ (୪୫) ଏବଂ ଲତା ଲିମଗୋଛିଆ (୧୬) ଘରକୁ ଫେରୁଥିଲେ। ବଜ୍ରପାତରେ ୩ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ଧର୍ମଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଡାକ୍ତରଖାନା ପଠାଇଥିଲା। ସନ୍ଧ୍ୟା ଯୋଗୁ ବ୍ୟବଚ୍ଛେଦ ହୋଇପାରିନାହିଁ। ୩ଜଣ ଗୋଟିଏ ପରିବାରର। ମୃତ ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ସେହିପରି ଦେବଗଡ ଜିଲା ରିଆମାଳ ଥାନା ଅନ୍ତର୍ଗତ ଚୁହିଲାମାଳ ପଞ୍ଚାୟତ ଜୋଡାଗୋଳା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ସେହି ଗ୍ରାମର ପ୍ରେମାନନ୍ଦ ଗଡତିଆ(୩୮)। ରିଆମାଳ ପୋଲିସ ମୃତଦେହ ଜବତ କରିଛି। ପ୍ରେମାନନ୍ଦ ଅପରାହ୍ନରେ ବିଲକୁ ଯାଇଥିବା ସମୟରେ ବଜ୍ରପାତ ହେବାରୁ ଅଚେତ ହୋଇ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଛତାବର ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୨୮ରେ ସରକାରୀ ଛୁଟି

**ଭୁବନେଶ୍ୱର, ୨୬।୯**
**(ଅସମାପିକା ସାହୁ)**

ମହାପୁରୁଷ ମହମ୍ମଦଙ୍କ ଜନ୍ମଦିନ ଆସନ୍ତା ୨୮ ତାରିଖକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ଏହିଦିନ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ସମେତ ରାଜସ୍ୱ ଓ ମାଜିଷ୍ଟ୍ରେଟ୍ କୋର୍ଟ(ଏକ୍‌ଜିକ୍ୟୁଟିଭ୍)ବନ୍ଦ ରହିବ। ଏ ନେଇ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ମହାପୁରୁଷ ମହମ୍ମଦଙ୍କ ଜନ୍ମଦିନ ପାଇଁ ପୂର୍ବରୁ ରାଜ୍ୟ ସରକାର ସେପ୍ଟେମ୍ବର ୨୯ ତାରିଖକୁ ସରକାରୀ ଛୁଟି ଘୋଷଣା କରିଥିଲେ। କିନ୍ତୁ ମଙ୍ଗଳବାର ସଂଶୋଧିତ ବିଜ୍ଞପ୍ତି ଜାରି କରି ସେପ୍ଟେମ୍ବର ୨୯ ପରିବର୍ତ୍ତେ ସେପ୍ଟେମ୍ବର ୨୮(ଗୁରୁବାର)ରେ ଏହି ଛୁଟି ପାଳନ କରାଯିବ ବୋଲି ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୩୦ ମାସ ଶେଷ ଶନିବାର ଯୋଗୁ ଛୁଟି ଥିବାବେଳେ ଅକ୍ଟୋବର ୧ ରବିବାର ଓ ଅକ୍ଟୋବର ୨ ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ ପାଇଁ ଛୁଟି ରହିବ। ତେବେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୨୯ ସରକାରୀ କାର୍ଯ୍ୟ ଦିବସ ରହିବ।




# ଏମ୍‌ସରେ ଖୋଲିବ ୩ ନୂଆ ବିଭାଗ




ବାର୍ଷିକ ସ୍ମରଣିକା ଉନ୍ମୋଚନ ଅବସରରେ ଅତିଥିଙ୍କ ସହ ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ।

## ବାର୍ଷିକୋତ୍ସବରେ ସୂଚନା ଦେଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଭୁବନେଶ୍ୱର, ୨୬।୯**
**(ଅସମାପିକା ସାହୁ)**

ରୋଗୀ ସେବାକୁ ତ୍ୱରାନ୍ୱିତ କରିବା ପାଇଁ ଏମ୍‌ସ ଭୁବନେଶ୍ୱର ଆଉ ତିନୋଟି ବିଭାଗ ଖୋଲିବ। ଏହି ବିଭାଗଗୁଡ଼ିକ ହେଲା ସଂକ୍ରାମକ ରୋଗ ବିଭାଗ, ବାୟୋ ଇନ୍‌ଫର୍ମାଟିକ୍ସ ବିଭାଗ ଏବଂ ବାୟୋଷ୍ଟାଟିଷ୍ଟିକ୍ସ ବିଭାଗ। ଷ୍ଟାଣ୍ଡିଂ ଏକାଡେମିକ୍ କମିଟି ଏହାର ଅନୁମୋଦନ ପ୍ରଦାନ କରିଛି। ଏହା ରୋଗୀ ସେବା ତଥା ଅନ୍ୟାନ୍ୟ ସେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ଏମ୍‌ସର ଏକାଦଶ ବାର୍ଷିକ ଉତ୍ସବ ଅବସରରେ ଡା. ବିଶ୍ୱାସ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରକମଲକର ଯୋଗଦେଇ ଉଲ୍ଲେଖନୀୟ ସ୍ୱାସ୍ଥ୍ୟସେବା ପାଇଁ ଏମ୍‌ସ ଭୁବନେଶ୍ୱରକୁ ଅଭିନନ୍ଦନ ଜଣାଇବା ସହ ଗବେଷଣା ଏବଂ ରୋଗୀ ସେବା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ଏକାଧିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହିତ ବାହାନଗା ଟ୍ରେନ୍ ଦୁର୍ଘଟଣାର ମୃତ ଶରୀର ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଡାକ୍ତର, ପାରାମେଡିକାଲ୍ ଓ ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ସ୍ମରଣିକା 'ଦି ଇନ୍‌ସାଇଟ୍'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ଦ୍ୱାରା ଲିଖିତ ପୁସ୍ତକ କ୍ଲିନିକାଲ୍ ଫିଚର୍ସ ଅଫ୍ ମେଲିଡିଓସିସ୍‌କୁ ମଧ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ଡିନ୍ (ଏକାଡେମିକ୍ସ) ଡା. ପି.ଆର୍. ମହାପାତ୍ର, ଡିନ୍ (ଗବେଷଣା) ଡା. ସତ୍ୟଜିତ୍ ମିଶ୍ର, ଡିନ୍ (ପରୀକ୍ଷା) ଡା. ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡା. ଦିଲ୍ଲୀପ କୁମାର ପରିଡ଼ା, ଭାରପ୍ରାପ୍ତ କୁଳସଚିବ ଡା. ଦେବୋପ୍ରିୟ ବନ୍ଦୋପାଧ୍ୟାୟ, ଭାରପ୍ରାପ୍ତ ଡିଡିଏ ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କମିଟିର ଆବାହକ ଡା. ଶ୍ୱେତା ସିଂ ଏବଂ ସହଆବାହକ ଡା. ସୋମନାଥ ପାଢ଼ୀ ପ୍ରମୁଖ ଉତ୍ସବର ସଂଯୋଜନା କରିଥିଲେ।

# ଅକ୍ଟୋବର ୧୫ରେ ଓସିଏସ୍ ପ୍ରିଲିମିନାରି ପରୀକ୍ଷା

**କଟକ,୨୬।୯**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଆସନ୍ତା ଅକ୍ଟୋବର ୧୫ ତାରିଖରେ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପ୍ରିଲିମିନାରି ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ୫ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ବାଲେଶ୍ୱର ସମେତ ବ୍ରହ୍ମପୁର, ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ୫ଟି ଜୋନ୍‌ରେ ଏହି ପରୀକ୍ଷା କରାଯିବାକୁ ସ୍ଥିର ହୋଇଛି। ପରୀକ୍ଷା ଦୁଇଟି ସିଟିଂରେ ହେବ। ୧୫ ତାରିଖ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୧୦୦ ମାର୍କ ବିଶିଷ୍ଟ ଜେନେରାଲ୍ ଷ୍ଟଡିଜ୍ ପେପର-୧ ପରୀକ୍ଷା ହେବ। ସେହିପରି ଅପରାହ୍ନ ୧. ୩୦ରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ୮୦ ମାର୍କ ବିଶିଷ୍ଟ ଜେନେରାଲ୍ ଷ୍ଟଡିଜ୍ ପେପର-୨ ପରୀକ୍ଷା କରାଯିବ। ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଉଭୟ ସିଟିଂରେ ୪୦ ମିନିଟ୍ ଲେଖାଏ ଅଧିକ ସମୟ ଦିଆଯିବ। ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ଓପିଏସ୍‌ସି ୱେବସାଇଟରେ ଉପଲବ୍ଧ ରହିବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଓସିଏସ୍-୨୦୨୨ ନିମନ୍ତେ ୨୦୨୨ ଡିସେମ୍ବର ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୋଟ ୬୮୩ ପଦବୀ ପାଇଁ ୨୦୨୩ ଜାନୁୟାରୀ ୧୭ରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ଫେବୃୟାରୀ ୧୬ ତାରିଖରେ ଶେଷ ହୋଇଥିଲା।



**ଆଜିର ମନ୍ତବ୍ୟ**

"ଭାରତ-କାନାଡା କୂଟନୈତିକ ବିବାଦ ସତ୍ତ୍ୱେ ପ୍ରତିରକ୍ଷା ସମ୍ପର୍କ ପ୍ରଭାବିତ ହେବ ନାହିଁ। ଏହି ବିବାଦକୁ ରାଜନୈତିକ ସ୍ତରରେ ସମାଧାନ କରାଯିବା ଆବଶ୍ୟକ।
– ମେଜର ଜେନେରାଲ ପିଟର ସ୍କଟ୍, କାନାଡା ସୈନ୍ୟବାହିନୀ ଉପମୁଖ୍ୟ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜୁଆ, ନାରୀ, ଚୋରି**
**ନାଶେ ପୁରୁଷର ଶିରୀ।**

ଜୁଆ ଖେଳୁଥିବା ବ୍ୟକ୍ତି, ପରନାରୀ ପ୍ରତି କୁନଜର ପକାଉଥିବା ବ୍ୟକ୍ତି ଏବଂ ଚୋରି କରୁଥିବା ବ୍ୟକ୍ତି ଜୀବନକାଳରେ କେବେ ସୁଖ ସମୃଦ୍ଧି ଲାଭ କରିପାରିନଥାନ୍ତି। ଦୁର୍ଭାଗ୍ୟ ଏମାନଙ୍କ ଚିର ସହଚର। ଏପରି କୁକାର୍ଯ୍ୟ କରୁଥିବା ବ୍ୟକ୍ତି ସମାଜରେ କେବଳ ନିନ୍ଦା ଅପବାଦ ପାଇବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଣ ଜଣକେ ମହାବଳୀ**
**ଗଛର ପତର ପକାନ୍ତି ଝାଡ଼ି।**

ଟେକା ପକାଇ ଗଛରୁ ଫଳ ଝଡ଼ାଇ ନ ପାରି ପତ୍ର ଝଡାଇଥିବା ବ୍ୟକ୍ତି ନିଜକୁ ବଳୁଆ କହିବା ଆଦୌ ଶୋଭନୀୟ ହୋଇ ନ ଥାଏ। ବାହାଦୁରି ଦେଖାଇ କଥା କହୁଥିବା ବ୍ୟକ୍ତିର ଅଯୋଗ୍ୟପଣିଆ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଧରିତ୍ରୀ ବରଗଡ଼ ଜିଲା ପ୍ରତିନିଧିଙ୍କ ପିତୃ ବିୟୋଗ

ସରଣ୍ଡା, ୨୬।୯
(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ସାମ୍ବାଦିକ ସଂଘ ସମ୍ପାଦକ ତଥା ଧରିତ୍ରୀ ବରଗଡ଼ ଜିଲା ପ୍ରତିନିଧି ପ୍ରେମାନନ୍ଦ ଖମାରୀଙ୍କ ପିତା ଶତପଥୀ ଖମାରୀଙ୍କ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ୧୫ରେ ବିୟୋଗ ଘଟିଛି। ଜିଲାର ଅତାବିରା ବ୍ଲକ ଅନ୍ତର୍ଗତ ବୁଗୁବୁଗା ଗହ୍ମାଟିକ୍ରାସ୍ଥିତ ବାସ ଭବନରେ ରହିଥିଲେ। କିଛି ଦିନ ହେବ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନ ଥିଲା। କିନ୍ତୁ ସେ ସ୍ୱାଭାବିକ ଭାବେ ଚଲାବୁଲା କରିପାରୁଥିଲେ। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ଗ୍ରାମର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ କିଶୋର ମୁଖାଗ୍ନି ଦେଇଥିଲେ।

ତାଙ୍କର ୬ ପୁଅ। କିଶୋର, ଅଶୋକ, ହୃଷୀକେଶ, ପ୍ରେମାନନ୍ଦ, ସରୋଜ ଓ ମନୋଜ ଏବଂ ତିନି ଝିଅ ଲଳିତା, ମାଧବୀ ଓ ନଳିନୀ ତଥା ନାତି ନାତୁଣୀଙ୍କୁ ଛାଡ଼ି ଚାଲିଯାଇଛନ୍ତି। ସ୍ତ୍ରୀ ଅନେକ ଦିନରୁ ଆରପାରିକୁ ଯାଇ ସାରିଛନ୍ତି। ସ୍ୱର୍ଗତ ଶତପଥୀ ଅଞ୍ଚଳର ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ବୁଗୁବୁଗା, ଜାମଟିକ୍ରା, ପାଲି ବୁଗୁବୁଗା, ଭୂତଟିକ୍ରା ଆଦି ଗ୍ରାମର ଲୋକଙ୍କ ମାଙ୍ଗଳିକ କାର୍ଯ୍ୟରେ ସାମିଲ ହୋଇ ଆବଶ୍ୟକ ପଡ଼ିଲେ ଆର୍ଥିକ ସହଯୋଗ ପାଇଁ ମଧ୍ୟ କେବେ ପଛଘୁଞ୍ଚା ଦେଇ ନ ଥିଲେ। ଏପରିକି ନିଜର ନଅଟି ସନ୍ତାନ ଥିଲେ ମଧ୍ୟ ସେଥିପ୍ରତି ଭ୍ରୁକ୍ଷେପ ନ କରି ନିଜର ଜମିବାଡିର ଅନେକ ଅଂଶ ମଧ୍ୟ ସେ ଅନ୍ୟମାନଙ୍କ ମାଙ୍ଗଳିକ କାର୍ଯ୍ୟ ସମ୍ପାଦନାର୍ଥେ ବିକ୍ରି କରି ଦେଇଥିଲେ।


ଶତପଥୀ ଖମାରୀ

## କ୍ୟାପିଟାଲ୍ ହସ୍ପିଟାଲରେ ଶିଶୁ ଅଦଳବଦଳ




**ହାଇକୋର୍ଟରେ ରତ୍ନଭଣ୍ଡାର ମାମଲା**

# ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ, ୨୬।୯ (କାର୍ତ୍ତିକ ସାହୁ)

ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଛି। ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଏବଂ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଏଥିସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରତ୍ନଭଣ୍ଡାର ଖୋଲିବା ଓ ମରାମତି ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରାଯାଇଛି। ଅଗଷ୍ଟ ୪ତାରିଖରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜଗମୋହନ ମରାମତି କାର୍ଯ୍ୟ ଜାରି ରହିଛି, ଭକ୍ତଙ୍କ ଦର୍ଶନକୁ ଗୁରୁତ୍ୱ ଦିଆଯାଉଛି। ରତ୍ନଭଣ୍ଡାର ଭିତରପାର୍ଶ୍ୱ ମରାମତି କାର୍ଯ୍ୟ ଏବେ କରାଗଲେ ଭକ୍ତମାନେ ପ୍ରଭାବିତ ହେବେ। ତେଣୁ ଆସନ୍ତା ରଥଯାତ୍ରା ସମୟରେ ଏହି ମରାମତି କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ଉକ୍ତ ସତ୍ୟପାଠରେ ଦର୍ଶାଯାଇଛି। ରତ୍ନଭଣ୍ଡାର ଖୋଲିବା ପାଇଁ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ଶ୍ରୀମନ୍ଦିର ରତ୍ନଭଣ୍ଡାରର ଉପରପାର୍ଶ୍ୱ ମରାମତି ବାରାଣସୀର ଜ୍ଞାନବାପି ପରି ଲେଜର ସ୍କାନିଂ ଜରିଆରେ କରାଯିବାକୁ ସ୍ଥିର ହୋଇଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ମାମଲାର ଶୁଣାଣି ବେଳେ ଉଭୟ ପକ୍ଷରୁ ଦୀର୍ଘ ସମୟ ଧରି ଯୁକ୍ତି ଉପସ୍ଥାପନ କରାଯାଇଥିଲା।

ଏଏସ୍ଆଇ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠରେ ଦର୍ଶାଯାଇଥିଲା ଯେ, ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିରୁ ରତ୍ନଭଣ୍ଡାର ତୁରନ୍ତ ମରାମତି ହେବା ଦରକାର। ଆସନ୍ତା ବର୍ଷକୁ ରତ୍ନଭଣ୍ଡାର ଖୋଲିବା ନେଇ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ଫଳରେ ମନ୍ଦିରକୁ ବିପଦ ଆଡକୁ ଠେଲି ଦିଆଯାଇଥିବା ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ରତ୍ନଭଣ୍ଡାର ଚାବି ହଜିଥିଲା ଏବଂ ପରେ ମିଳିଥିବା ଚାବିକୁ ନେଇ ରହସ୍ୟ ରହିଛି। ଉକ୍ତ ଚାବି ଦ୍ୱାରା ରତ୍ନଭଣ୍ଡାର ଖୋଲି ପ୍ରମାଣ କରାଯାଉ ଯେ ଏହା ହିଁ ପ୍ରକୃତ ଚାବି। ଏଥିସହ ସ୍ୱର୍ଣ୍ଣ ଅଳଙ୍କାର ୧୯୭୮ ମସିହାଠାରୁ ଏଯାଏ ଗଣତି ହୋଇନାହିଁ। ୪୫ ବର୍ଷ ପୂର୍ବେ ଗଣତି ହୋଇଥିବାରୁ ଏବେ ଏହାର ଗଣତି ହେବା ନିହାତି ଜରୁରୀ ହୋଇପଡ଼ିଛି। ଏଏସ୍ଆଇ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଥିବାରୁ ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାର ଖୋଲି ମରାମତି କରିବାର ଆବଶ୍ୟକତା ରହିଥିବା କୁହାଯାଇଛି। ତୁରନ୍ତ ରତ୍ନଭଣ୍ଡାର ଖୋଲିବା ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଅଦାଲତଙ୍କ ନିକଟରେ ଯୁକ୍ତି ଉପସ୍ଥାପନ କରିଥିଲେ।

# ବିଧାନସଭାରେ ପାରିତ ହେଲା ୬ ବିଲ୍

ଭୁବନେଶ୍ୱର, ୨୬।୯ (ସୁନିତ୍ ମିଶ୍ର)

ବିଧାନସଭାରେ ମଙ୍ଗଳବାର ଅପରାହ୍ନ ଅଧିବେଶନରେ ମୋଟ୍ ୬ଟି ବିଲ୍ ପାରିତ ହୋଇଛି। ଓଡ଼ିଶା ଆପାର୍ଟମେଣ୍ଟ ବିଲ୍-୨୦୨୩, ଓଡ଼ିଶା ମ୍ୟୁନିସିପାଲ ଆଇନ ବିଲ୍ ୨୦୨୩, ଓଡ଼ିଶା ରାଜ୍ୟ ପଛୁଆବର୍ଗ ଆୟୋଗ ବିଲ୍ ୨୦୨୩ ଏବଂ ଓଡ଼ିଶା ସଂରକ୍ଷଣରେ ଖାଲିଥିବା ପଦବୀ ଏବଂ ସେବାରେ (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ) ଅଧିନିୟମ ସଂଶୋଧନ ବିଲ୍ ୨୦୨୩କୁ ଗୃହରେ ପାରିତ କରାଯାଇଛି। ତେବେ ସଂରକ୍ଷଣ ପ୍ରସଙ୍ଗରେ ବିରୋଧୀ ଦଳ ସଦସ୍ୟ ମୁକେଶ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ଅନ୍ୟାନ୍ୟ ପଛୁଆବର୍ଗ(ଓବିସି)ଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଉ। କାରଣ ରାଜ୍ୟରେ ପଛୁଆବର୍ଗଙ୍କ ସଂଖ୍ୟା ଅନ୍ୟ ସବୁ ବର୍ଗର ଜନସଂଖ୍ୟା ତୁଳନାରେ ଯଥେଷ୍ଟ ଅଧିକ। ସେମାନଙ୍କୁ ୧୧.୨ ପ୍ରତିଶତ ଶିକ୍ଷା ସଂସ୍ଥାଗୁଡ଼ିକରେ ସଂରକ୍ଷଣ ଦିଆଯାଉଛି। ଏହାକୁ ୨୭ ପ୍ରତିଶତକୁ ବୃଦ୍ଧି କରାଯାଉ। ଯେହେତୁ ରାଜ୍ୟରେ ୫୦ ପ୍ରତିଶତରୁ ଅଧିକ ସଂଖ୍ୟାରେ ଓବିସି ବର୍ଗର ଲୋକ ବାସ କରନ୍ତି, ତେଣୁ ସେହି ବର୍ଗର ପିଲାଙ୍କୁ ନିଯୁକ୍ତି କ୍ଷେତ୍ରରେ ୫୦ ପ୍ରତିଶତ ସଂରକ୍ଷଣ ଦିଆଯାଉ। ଭାଜପା ସଦସ୍ୟ ସୁକାନ୍ତ ନାଏକ କହିଛନ୍ତି, ତାମିଲନାଡୁ, ରାଜସ୍ଥାନ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଓବିସିମାନଙ୍କୁ ଉଭୟ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ତେଣୁ ରାଜ୍ୟ ସରକାର କାହିଁକି ଏହି ବିଷୟକୁ ଧ୍ୟାନ ଦେଉନାହାନ୍ତି। ଏହା ଉପରେ ଉକ୍ତ ବିଲ୍‌ରେ ବିଚାର କରାଯାଉ ବୋଲି ସେ କହିଛନ୍ତି। ତେବେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଆଣିଥିବା ଓଡ଼ିଶା ସାମଗ୍ରୀ ଏବଂ ସେବାକର ବିଲ୍ ୨୦୨୩କୁ ଗୃହରେ ପାରିତ କରାଯାଇଛି। ଶେଷରେ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ପକ୍ଷରୁ ଅଣାଯାଇଥିବା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ବିଲ୍ ୨୦୨୩କୁ ଗୃହରେ ପାରିତ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ୱାହିଦା ରେହମାନଙ୍କୁ...

୧୯୩୮ ଫେବୃୟାରୀ ୩ରେ ତାମିଲନାଡୁର ଚେଙ୍ଗାଲପେଟରେ ଏକ ଡେକାନି ମୁସଲିମ ପରିବାରରେ ଜନ୍ମିତ ୱାହିଦା ଡାକ୍ତର ହେବାକୁ ଚାହୁଁଥିଲେ। କିନ୍ତୁ ମା'ଙ୍କ ଅସୁସ୍ଥତା ସାଙ୍ଗକୁ ପରିବାରର ଆର୍ଥିକ ସ୍ଥିତି ତାଙ୍କୁ ଏହି ଲକ୍ଷ୍ୟ ତ୍ୟାଗ କରିବାକୁ ବାଧ କରିଥିଲା। ପରିବାରକୁ ସହଯୋଗ ପାଇଁ ସେ ଫିଲ୍ମରେ ନୃତ୍ୟ କରିବାକୁ ଆସିଥିବା ଅଫର ଗ୍ରହଣ କରିଥିଲେ। ୱାହିଦାଙ୍କ ଦାଦା ଫିରୋଜ ଅଲୀ ବ୍ରହ୍ମପୁରରେ ଜଣେ ଜଣାଶୁଣା ଡାକ୍ତର ଓ ସାମାଜିକ କର୍ମୀ ଥିଲେ। ବ୍ରହ୍ମପୁରର ଗଞ୍ଜାମ କଳା ପରିଷଦରେ ତାଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ୱାହିଦା ପ୍ରଥମ ଥର ପାଇଁ ନୃତ୍ୟ ପରିବେଷଣ କରିଥିଲେ। ସେହି ମଞ୍ଚରୁ ଆରମ୍ଭ ହୋଇଥିଲା ଭିନ୍ନ ଏକ ଯାତ୍ରା, ଯାହାକି ତାଙ୍କୁ ଦେଶର ଜଣେ ଉଚ୍ଚକୋଟୀର ଅଭିନେତ୍ରୀ ରୂପେ ପରିଚୟ ଦେଇଛି।

୮୫ ବର୍ଷୀୟା ୱାହିଦା ୧୯୫୫ରେ ତେଲୁଗୁ ଫିଲ୍ମ 'ରୋଜୁଲୁ ମରାୟି' ଏବଂ 'ଜୟସିଂହା'ରୁ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ୧୯୫୬ରେ ଦେବ ଆନନ୍ଦଙ୍କ ସହ 'ସିଆଇଡି' ଥିଲା ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର। ଦୀର୍ଘ ୫ ଦଶନ୍ଧିର ଲମ୍ବା କ୍ୟାରିୟରରେ ଏହି ବର୍ଷୀୟାନ ଅଭିନେତ୍ରୀ ବିଭିନ୍ନ ଭାଷାର ୯୦ ଫିଲ୍ମରେ କାମ କରି ନିଜ ନିପୁଣତା ଦେଖାଇଥିଲେ। ୧୯୭୧ରେ 'ରେଶମା ଆଣ୍ଡ୍ ଶେରା'ରେ ଅଭିନୟ ପାଇଁ ୱାହିଦାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଦିଆଯାଇଥିଲା। ୧୯୭୨ରେ ପଦ୍ମଶ୍ରୀ ଓ ୨୦୧୧ରେ ପଦ୍ମ ବିଭୂଷଣ ଉପାଧିପ୍ରାପ୍ତ ୱାହିଦାଙ୍କୁ ୨୦୨୧ରେ ମୁକ୍ତିଲାଭ କରିଥିବା ଫିଲ୍ମ 'ସ୍କାଟେର ଗର୍ଲ'ରେ ଶେଷ ଥର ପାଇଁ ଦେଖାଯାଇଥିଲା।

### ଆପାର୍ଟମେଣ୍ଟ କ୍ରେତା...

ଆପାର୍ଟମେଣ୍ଟ କାନ୍ଥ କିମ୍ବା ସାଧାରଣ ସ୍ଥାନରେ ପୋଷ୍ଟର, ହୋର୍ଡିଂ ଲଗାଇପାରିବେ ନାହିଁ। ଆପାର୍ଟମେଣ୍ଟରେ କୌଣସି ଅଦଳ ବଦଳ କରି ପାରିବେ ନାହିଁ କିମ୍ବା ଯୋଗ କରିପାରିବେ ନାହିଁ। ମାଲିକ ସଂଘର ଲିଖିତ ଅନୁମତି ନ ନେଇ ବାହାର ପଟ ଝରକା କିମ୍ବା କାନ୍ଥର ରଙ୍ଗ ବଦଳାଇ ପାରିବେ ନାହିଁ। ଶିଡି କିମ୍ବା ସାଧାରଣ ଯାତାୟାତ ସ୍ଥାନରେ ଓଜନିଆ ଜିନିଷ ରଖିପାରିବେ ନାହିଁ। ଆପାର୍ଟମେଣ୍ଟ ମାଲିକ ଭଡାଟିଆମାନଙ୍କର କୌଣସି କାର୍ଯ୍ୟ ଓ ତ୍ରୁଟି ପାଇଁ ଦାୟୀ ରହିବେ। ଆପାର୍ଟମେଣ୍ଟ ବ୍ୟବହାର ନ କଲେ ମଧ୍ୟ ସାଧାରଣ ବ୍ୟୟ ବାବଦକୁ ନିଜର ଅଂଶ ଦେବାକୁ ବାଧ୍ୟ। ଆପାର୍ଟମେଣ୍ଟ ବିକ୍ରି ପରେ ବକେୟା ଥିବା ସମସ୍ତ ସାଧାରଣ ଦେୟ ଦେବାକୁ ପଡ଼ିବ। ଜଣେ କ୍ରେତା ଯେତେଟି ଆପାର୍ଟମେଣ୍ଟ କ୍ରୟ କଲେ ମଧ୍ୟ ସଂଘର ଜଣେ ସଦସ୍ୟ ରୂପେ ବିବେଚିତ ହେବା ସହ ଗୋଟିଏ ଭୋଟ ଦେବା ଅଧିକାର ପାଇବେ। ଯଦି ଆପାର୍ଟମେଣ୍ଟ କ୍ରେତାଙ୍କ ନାମରେ ଦଲିଲ ହୋଇ ନ ଥିବ ତେବେ ସେ ସଂଘର ସଦସ୍ୟ ହୋଇପାରିବେ ନାହିଁ। ଆପାର୍ଟମେଣ୍ଟ ମାଲିକ ସଂଘ ଗଠନ କରିବା ସହ ବିଧେୟକ କାର୍ଯ୍ୟକାରୀ ହେବାର ୬ ମାସ ଭିତରେ ପଞ୍ଜୀକରଣ କରିବାକୁ ହେବ। ପୂର୍ବରୁ ଥିବା ସଂଘଗୁଡ଼ିକ ମଧ୍ୟ ଏହି ବିଧେୟକ ଅନୁଯାୟୀ ପରିଚାଳିତ ହେବେ। ଉକ୍ତ ବିଧେୟକ କାର୍ଯ୍ୟକାରୀ ହେବା ପରେ ପୂର୍ବ ପ୍ରଚଳିତ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ -୧୯୮୨ ଅକାମୀ ହୋଇଯିବ।

ଗୃହୀତ ହୋଇଥିବା ବିଲ୍‌ରେ ଆପାର୍ଟମେଣ୍ଟଗୁଡ଼ିକର ବୀମା, ୩୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ଢାଞ୍ଚାଗୁଡ଼ିକର ଗୁଣବତ୍ତା ପରୀକ୍ଷା, କ୍ଷମତାପ୍ରାପ୍ତ ପ୍ରାଧିକାରୀଙ୍କ ନିର୍ଦ୍ଦେଶ ବିରୋଧରେ ଅପିଲ ଆଦି ବ୍ୟବସ୍ଥା କରାଯାଇଛି। ଯଦି ସଂଘର ବାଇ-ଲକୁ କୌଣସି ଆପାର୍ଟମେଣ୍ଟ ମାଲିକ ଅମାନ୍ୟ କରିବେ କିମ୍ବା ମୌଳିକ ଖର୍ଚ୍ଚ ଦେଉ ନ ଥିବେ କିମ୍ବା ଏହି ବିଧେୟକରେ ଥିବା ବ୍ୟବସ୍ଥାକୁ ଉଲ୍ଲଂଘନ କରିବାକୁ ଧମକ ଦେବେ ସଂଘ ସମ୍ପୃକ୍ତ ମାଲିକଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଣ ବନ୍ଦ କରିପାରିବେ। ତେବେ ବିନା ୧୫ ଦିନିଆ ନୋଟିସରେ ସଂଘ ଉଲ୍ଲଂଘନକାରୀ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ। ଯଦି ଆପାର୍ଟମେଣ୍ଟ ୩୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ ତେବେ ସଂଘ ଆପାର୍ଟମେଣ୍ଟର ସ୍ଥାୟିତ୍ୱ ନେଇ ପଞ୍ଜୀକୃତ ଇଞ୍ଜିନିୟରଙ୍କ ଦ୍ୱାରା ଯାଞ୍ଚ କରାଇପାରିବେ। ଏହି ନୂତନ ବିଧେୟକରେ ଆପାର୍ଟମେଣ୍ଟ ନିର୍ମାତାଙ୍କ ପାଇଁ ଦଣ୍ଡବିଧିର ବ୍ୟବସ୍ଥା ରହିଛି। ଯଦି କ୍ରେତାମାନଙ୍କ ସଂଘ ଗଠନ କରିବାରେ ପ୍ରମୋଟର ବିଫଳ ହେବେ କିମ୍ବା ବିନା ଅକୁପାନ୍ସି ସାର୍ଟିଫିକେଟରେ ଗୃହ ଆବଣ୍ଟନ କରିବେ ତେବେ ତାଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଭରିବାକୁ ପଡ଼ିବ। ଯଦି ଜରିମାନା ଦାଖଲ କରିବାରେ ବିଳମ୍ବ ହେବ ପ୍ରତ୍ୟେକ ଦିନ ୨ ହଜାର ଟଙ୍କା ଅତିରିକ୍ତ ଜରିମାନା ଦାଖଲ ବ୍ୟବସ୍ଥା କରାଯାଇଛି।

### ଅଶ୍ୱଚାଳନାରେ ଭାରତକୁ...

୧୯୮୬ରେ ଯଦିଓ ଭାରତ ଡ୍ରେସେଜରେ ବ୍ରୋଞ୍ଜ ପଦକ ଜିତିଥିଲା ତେବେ ୧୯୮୨ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଗେମ୍ସରେ ଯାଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲା। ସେତେବେଳେ ଏହା ଇଭେଣ୍ଟିଂ ଓ ଟେଣ୍ଟ ପେଗିଙ୍ଗ୍ ଇଭେଣ୍ଟରୁ ଆସିଥିଲା। ରଘୁବୀର ସିଂ ବ୍ୟକ୍ତିଗତ ଇଭେଣ୍ଟିଂରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିବର୍ଷ ରଘୁବୀର, ଗୁଲାମ ମହମ୍ମଦ ଖାଁ, ବିଶାଲ ସିଂ ଓ ମିଲଖା ସିଂ ଟିମ୍ ଇଭେଣ୍ଟିଂରେ ମଧ୍ୟ ସ୍ୱର୍ଣ୍ଣ ପଦକ ପାଇଥିଲେ। ରୂପିନ୍ଦର ସିଂ ବ୍ରାର ବ୍ୟକ୍ତିଗତ ଟେଣ୍ଟ ପେଗିଙ୍ଗ୍‌ରେ ଭାରତ ପକ୍ଷରୁ ତୃତୀୟ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ।

ଡ୍ରେସେଜ ଇଭେଣ୍ଟରେ ଘୋଡ଼ା ଏବଂ ରାଇଡରଙ୍କ କ୍ରମାଗତ ମୁଭମେଣ୍ଟର ପ୍ରଦର୍ଶନକୁ ନେଇ ପଏଣ୍ଟ ପ୍ରଦାନ କରାଯାଇଥାଏ। ପ୍ରତି ମୁଭମେଣ୍ଟ ପାଇଁ ୦ରୁ ୧୦ ପଏଣ୍ଟ ପର୍ଯ୍ୟନ୍ତ ପ୍ରଦାନର ବ୍ୟବସ୍ଥା ଥାଏ। ପ୍ରତି ରାଇଡର ଓଭରଅଲ୍ ଯେତେ ସ୍କୋର କରିଥାନ୍ତି ତା' ମଧ୍ୟରୁ ପର୍ସେଣ୍ଟେଜ ବାହାର କରାଯାଇଥାଏ। ସର୍ବାଧିକ ପର୍ସେଣ୍ଟେଜ ପାଇଥିବା ରାଇଡର ନିଜ ଶ୍ରେଣୀରେ ବିଜୟୀ ହୋଇଥାନ୍ତି। ଟପ୍-୩ ସ୍କୋରରଙ୍କ ପଏଣ୍ଟକୁ ବିଚାରକୁ ନିଆଯାଇ ବିଜେତା ଘୋଷଣା କରାଯାଇଥାଏ।

ଭାରତୀୟ ଦଳରେ ସ୍ଥାନ ପାଇଥିବା ରାଇଡରଙ୍କ ମଧ୍ୟରୁ ୨୧ ବର୍ଷୀୟା ସୁଦୀପ୍ତି ଥିଲେ ସର୍ବକନିଷ୍ଠ। ଇନ୍ଦୋରରେ ଜନ୍ମିତ ସୁଦୀପ୍ତି ଫ୍ରାନ୍ସର ପାମ୍ପୋଉରେ ଟ୍ରେନିଂ ନେଇଥାନ୍ତି। ସେ ୬ ବର୍ଷରୁ ହର୍ସ ରାଇଡିଂ ଆରମ୍ଭ କରିଥିଲେ। ୨୩ ବର୍ଷୀୟା ଦିବ୍ୟାକ୍ରିତିଙ୍କ ଘର ଜୟପୁର। ଆଜମେରର ପ୍ରସିଦ୍ଧ ମାୟୋ କଲେଜ ଗର୍ଲ୍ସ ସ୍କୁଲରେ ୭ମ ଗ୍ରେଡ୍‌ରେ ଥିବାବେଳେ ସେ ହର୍ସ ରାଇଡିଂ ଆରମ୍ଭ କରିଥିଲେ। ସେ ନିଜ ସ୍କୁଲରେ ଇକ୍ୱେଷ୍ଟ୍ରିଆନ କ୍ୟାପ୍ଟେନ ଥିଲେ। ଭାରତରେ ଅଶ୍ୱଚାଳନାର ଭିତ୍ତିଭୂମି ଭଲ ନ ଥିବାରୁ ସେ ୨୦୨୦ରେ ୟୁରୋପ ଯାଇ ଜର୍ମାନୀରେ ଟ୍ରେନିଂ ନେଇଥିଲେ। ସେହିପରି ମୁମ୍ବାଇର ୨୫ ବର୍ଷୀୟ ବିପୁଲ ଲଣ୍ଡନ ୟୁନିଭର୍ସିଟିରେ ଜଣେ ବିଜ୍ନେସ୍ ମ୍ୟାନେଜମେଣ୍ଟ ଡିଗ୍ରୀଧାରୀ। ପିଲାବେଳରୁ ହର୍ସ ରାଇଡିଂ ଆରମ୍ଭ କରିଥିବା ବିପୁଲ ୟୁରୋପରେ ଶୀର୍ଷସ୍ଥାନୀୟ ବିଦେଶୀ ଖେଳାଳିଙ୍କ ସହ ଟ୍ରେନିଂ କରିଥାନ୍ତି। ୨୩ ବର୍ଷୀୟ ଅନୁଶଙ୍କ ଘର କୋଲକାତା। ୮ ବର୍ଷରୁ ହର୍ସ ରାଇଡିଂ ଆରମ୍ଭ କରିଥିବା ଅନୁଶ ଜଣେ ଭଲ କୋଚ୍ ନ ପାଇବାରୁ ୨୦୧୭ରେ ଜର୍ମାନୀ ପଳାଇଥିଲେ। ଭାରତର ପ୍ରଥମ ପୁରୁଷ ଡ୍ରେସେଜ ରାଇଡର ଭାବେ ସେ ଡେନ୍ମାର୍କର ହେର୍ନିଂଠାରେ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ।

### ପ୍ରଭାତ ବିଶ୍ୱାଳଙ୍କ...

ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ, ପ୍ରଭାତ କୁମାର ଦାଶ ଓ ଅନ୍ୟ ୩ଜଣଙ୍କ ବିରୋଧରେ ମଧ୍ୟ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି। ଏନେଇ ଇଡି ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ସିବିଆଇର ଚାର୍ଜଫ୍ରେମ୍ ପରେ ଏବେ ଇଡିର ଚାର୍ଜସିଟ୍‌କୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସିଶୋର କମ୍ପାନୀ ଏକ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା ହୋଇ ମଧ୍ୟ ଲୋକଙ୍କଠାରୁ ବହୁ କୋଟି ଟଙ୍କା ସଂଗ୍ରହ କରି ଠକେଇ କରିଥିଲା। ଏହି ସ୍କାମ୍‌ରେ ଓଡିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପ୍ରଥମେ ତଦନ୍ତ ଆରମ୍ଭ କରିଥିଲା। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ୨୦୧୪ରୁ ଏହାର ତଦନ୍ତ ଆରମ୍ଭ କରିଥିଲା। ଏଥିସହ ଇଓଡବ୍ଲ୍ୟୁର ଏଫ୍ଆଇଆର୍ ଆଧାରରେ ଇଡି ମଧ୍ୟ ତଦନ୍ତ କରିଥିଲା। ପୂର୍ବରୁ ଇଡି ଏହି ମାମଲାରେ ୨୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିକୁ ଆଟାଚ୍ ମଧ୍ୟ କରିଥିଲା। ତେବେ ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ୨୦୧୬ରେ ପ୍ରଥମ ଚାର୍ଜସିଟ୍ ଏବଂ ୨୦୧୭ରେ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରାଯାଇଥିଲା ବୋଲି ଇଡି ପକ୍ଷରୁ କୁହାଯାଇଛି।

ପ୍ରଭାତ ଏହି ଚିଟ୍‌ଫଣ୍ଡ ସ୍କାମ୍‌ରେ ଅଭିଯୁକ୍ତଙ୍କ ସହ ସନ୍ଦେହଜନକ ଜମି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀ ଏବଂ ସିଶୋର ମୁଖ୍ୟ ପ୍ରଶାନ୍ତଙ୍କ ମଧ୍ୟରେ ଯାଜପୁର ଜିଲା ବେଣ୍ଟପୁର ଅଞ୍ଚଳରେ ଏକ ଜମି କାରବାର ଚୁକ୍ତି ହୋଇଥିବାରୁ ସେ ସିବିଆଇ ସ୍କାନରରେ ରହିଥିଲେ। ତାଙ୍କ ନାମରେ ଥିବା ଉକ୍ତ ଜମି ସିଶୋର ଗ୍ରୁପ୍‌କୁ ୨୮ ଲକ୍ଷରେ ବିକ୍ରି ପାଇଁ ୨୦୧୧ରେ ଡିଲ୍ ହୋଇଥିଲା। ୨୦୧୨ରେ ଜମି ବାବଦକୁ ପ୍ରଭାତ ଅଗ୍ରୀମ ୨୫ ଲକ୍ଷ ଟଙ୍କା ଆଣିବା ପରେ କୌଣସି କାରଣ ପାଇଁ ଉକ୍ତ ଜମି ବିକ୍ରି ହୋଇପାରି ନ ଥିଲା। ତେଣୁ ଉକ୍ତ ଟଙ୍କା ସିଶୋର ମୁଖ୍ୟଙ୍କୁ ଫେରାଇ ଦିଆଯାଇଥିବା ପ୍ରଭାତ କହିଥିଲେ। ହେଲେ ଉକ୍ତ ଟଙ୍କା ଫେରସ୍ତ ହୋଇ ନ ଥିବା ସିବିଆଇ ପ୍ରମାଣ ପାଇବା ପରେ ପ୍ରଭାତଙ୍କୁ ଏକାଧିକ ଥର ଜେରା କରିଥିଲା। ପରେ ୨୦୧୭ ସେପ୍ଟେମ୍ବର ୧୯ରେ ସିବିଆଇ ପ୍ରଭାତଙ୍କୁ ଗିରଫ କରି ଜେଲ ପଠାଇଥିଲା। ୨୦୧୮ ଜୁନ ୨୬ରେ ପ୍ରଭାତ ଜାମିନରେ ମୁକୁଳିଥିଲେ। ସେପଟେ ତଦନ୍ତବେଳେ ଇଡି ପକ୍ଷରୁ ପ୍ରଭାତଙ୍କ କଟକ ଏସ୍‌ବିଆଇ ଶାଖାରେ ଥିବା ୨୫ ଲକ୍ଷ ଟଙ୍କା ଆଟାଚ୍ କରାଯାଇଥିବା ଗତବର୍ଷ ଜୁଲାଇରେ ସୂଚନା ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ୯ବର୍ଷ ପରେ ଭୁବନେଶ୍ୱର ସିବିଆଇ-୧ କୋର୍ଟରେ ଶନିବାର ପ୍ରଭାତ ଏବଂ ତାଙ୍କ ସ୍ତ୍ରୀଙ୍କ ନାଁରେ ଚାର୍ଜଫ୍ରେମ ହୋଇଥିବାବେଳେ ମାମଲାର ଶୁଣାଣି ଆସନ୍ତା ନଭେମ୍ବରରେ ଆରମ୍ଭ ହେବ ବୋଲି ସୂଚନା ରହିଛି।

### ଗୁଣି ସନ୍ଦେହରୁ...


ମୃତ ଦମ୍ପତିଙ୍କ ଫାଇଲ ଫଟୋ

କରିବା ସହ ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଓ ୨ଟି ଛୁରି ଜବତ କରିଛି। ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି। ଏ ନେଇ କେସ୍ ନଂ ୧୪୨/୨୩ରେ ମାମଲା ରୁଜୁ କରି ୮ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ କେତେଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି। ପୂର୍ବ ଶତ୍ରୁତା ତଥା ଗୁଣିଗାରେଡିକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ କରିଛି।

### 'ପୁଅ କହିଲେ...

ତେବେ ଫଟୋ ଉଠାଇଲା ବେଳେ ଶିଶୁଟି ପୁଅ ନୁହେଁ ଝିଅ ବୋଲି ସେ ଜାଣିବାକୁ ପାଇଥିଲେ। ଏନେଇ ତୁରନ୍ତ ସେ ନର୍ସଙ୍କୁ ଏହି ବିଷୟରେ ପ୍ରଶ୍ନ କରିଥିଲେ। ପ୍ରଥମେ ପୁଅ ହୋଇଥିବା କହିଥିଲ, ଏବେ କିନ୍ତୁ ଝିଅ କ'ଣ ଦେଇଛନ୍ତି ବୋଲି କହି ପଚାରିଥିଲେ। ହେଲେ ଉକ୍ତ ନର୍ସ କିଛି ନ କହି ପଳାଇ ଯାଇଥିଲେ। କିଛି ସମୟ ପରେ ଡାକ୍ତର ଆସି ତାଙ୍କର ଝିଅ ହୋଇଥିବା ଜଣାଇଥିଲେ। ଅନ୍ୟ ଜଣଙ୍କର ପୁଅ ହୋଇଥିବାବେଳେ ନର୍ସ ଭୁଲରେ ତାଙ୍କର ପୁଅ ହୋଇଥିବା କହିଦେଇଥିଲେ ବୋଲି ଡାକ୍ତର ତାଙ୍କୁ କହିଥିଲେ ବୋଲି ପ୍ରାଣକୃଷ୍ଣ କହିଛନ୍ତି। ଏ ସଂକ୍ରାନ୍ତରେ କ୍ୟାପିଟାଲ ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ପ୍ରାଣକୃଷ୍ଣଙ୍କ ଏତଲାକୁ ଆଧାର କରି ଆମ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। ପୋଲିସ୍ ଟିମ୍ ମେଡିକାଲ କର୍ମଚାରୀଙ୍କ ସମେତ ଅନ୍ୟ କେତେଜଣଙ୍କୁ ପଚରାଉଚରା କରିଛି। ଏଥିସହ ପ୍ରମାଣପତ୍ର ମଧ୍ୟ ଯାଞ୍ଚ କରାଯାଇଛି। ଯାଞ୍ଚ ଓ ପଚରାଉଚରାରୁ ପ୍ରାଣକୃଷ୍ଣଙ୍କ ଝିଅ ହୋଇଥିବା ଜଣାପଡ଼ିଥିବା ସେ କହିଛନ୍ତି। ସେପଟେ ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି, ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ସ୍ତ୍ରୀ ଓ ପ୍ରସୂତିକାଳୀନ ବିଭାଗ ମୁଖ୍ୟଙ୍କୁ ନେଇ ଏକ ୩ଜଣିଆ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ଆବଶ୍ୟକ ପଡ଼ିଲେ ଶିଶୁର ଡିଏନ୍ଏ ଟେଷ୍ଟ ମଧ୍ୟ କରାଯିବ ବୋଲି ନିର୍ଦ୍ଦେଶକ ସାହୁ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବ କୌଣସି ମୂଲ୍ୟବାନ ଜିନିଷ କ୍ରୟ କରିପାରନ୍ତି। ମଧ୍ୟାହ୍ନାରମ୍ଭ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ** ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ଜମିଜମା ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। କାମ ହାସଲ ସକାଶେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ।

**ମିଥୁନ** ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବା ସହ ସଫଳତାର ସୂଚନା ମଧ୍ୟ ପାଇପାରନ୍ତି। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଆଜି ଦିନଭିତରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପାରିବାରିକ ସ୍ଥିତି, କର୍ମକ୍ଷେତ୍ର, ବ୍ୟବସାୟାଦି ପ୍ରତ୍ୟେକ କାର୍ଯ୍ୟରେ ସନ୍ତୋଷଲାଭ କରିବେ।

**କର୍କଟ** ପ୍ରତିବନ୍ଧକ ଓ ପ୍ରତାରଣା ମଧ୍ୟରେ ଆଘାତପ୍ରାପ୍ତ ହୋଇ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ଆଶା କରିଥିବା ଦିଗରୁ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପଦାଧିକାରୀଙ୍କ ବଦାନ୍ୟତାରୁ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ** ଆଜିର କର୍ମକ୍ଷେତ୍ରରେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ମଧୁର ବାକ୍ୟ କହି କାର୍ଯ୍ୟ ହାସଲ କରିନେବେ। ଧୀରପାଣି ପଥର କାଟେ ନୀତିରେ କାମ ହାସଲ ସକାଶେ ଧୈର୍ଯ୍ୟଧାରଣ କରିପାରିଲେ ନିଶ୍ଚୟ ଉପକୃତ ହେବେ। ସଭାସମିତିରେ ଅପ୍ରିୟ ସତକଥା କହି ଅନ୍ୟମାନଙ୍କର ଚକ୍ଷୁଶୂଳ ହେବାକୁ ପଡ଼ିପାରେ।

**କନ୍ୟା** ବନ୍ଧୁଙ୍କ ସହ ଆପଣଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ ; ଯାହା ଦ୍ୱାରା କାମ ହାସଲ ସହଜ ହୋଇପାରିବ। ସମସ୍ୟାର ସମାଧାନ ହେବାରେ ସମୟକୁ ଅପେକ୍ଷା କରିବାକୁ ପଡ଼ିପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ରୋଗ, ଋଣ ଓ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ।

**ତୁଳା** ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କରି ଭୁଲ୍ ମାର୍ଗର ଅନୁସରଣ କରି ପସ୍ତେଇବେ। ବନ୍ଧୁଙ୍କ ସମ୍ପର୍କରେ କୌଣସି ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ଆପଣ ନିରାଶ ମଧ୍ୟ ହେବେ ନାହିଁ।

**ବିଛା** ଅଭିଳଷିତ କାମ, ମାତାଙ୍କ ସ୍ୱାସ୍ଥ୍ୟ, ଭ୍ରାତୃ ସମ୍ପର୍କରେ ଉନ୍ନତି ସଙ୍ଗକୁ ବିବାଦୀୟ ଘଟଣାରେ ବିଜୟୀ ହେବେ। ବିଶାଖା ନକ୍ଷତ୍ର ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁ ମାନଙ୍କ ସହ ଆଲୋଚନା କରିପାରନ୍ତି।

**ଧନୁ** ଆଜିର ପ୍ରତ୍ୟେକ ବିବାଦୀୟ ପରିସ୍ଥିତିରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ମୂଳା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅର୍ଥାଭାବ ଯୋଗୁ ବିଚଳିତ ହେବା ସହ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର** ପ୍ରତ୍ୟେକ ପରିସ୍ଥିତିରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଜଣେ ବାନ୍ଧବୀ ଅନୁରକ୍ତି ପ୍ରକାଶ କରି ସାହାଯ୍ୟର ହାତ ବଢାଇ ପାରନ୍ତି। ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆତ୍ମୀୟତା ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ।

**କୁମ୍ଭ** ନିଜ ଉପରେ ନ୍ୟସ୍ତ କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବା ହେତୁ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିଲେ ମଧ୍ୟ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ତଥାପି ପୂର୍ବ ଶତ୍ରୁତାର ମନୋଭାବ ପୋଷଣ କରି କୌଣସି ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି।

**ମୀନ** ଦୀର୍ଘ ସମୟ ସମୀକ୍ଷା ପରେ ଯାଇ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ସାଙ୍ଗକୁ କାର୍ଯ୍ୟ ସାଧନ କରିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ବୁଧବାର, ସେପ୍ଟେମ୍ବର ୨୭ ତାରିଖ, ବିଶ୍ୱ ପର୍ଯ୍ୟଟନ ଦିବସ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୦ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୬ମି. ଗତେ ଘ.୧୧.୩୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୭ମି. ଗତେ ଘ.୦୧.୦୭ମି. ମଧ୍ୟେ ରାହୁକାଳ।

# ୨ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଘୋଷଣାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୯(ସୁନିତ୍ ମିଶ୍ର)

ବିଧାନସଭା ଅଧିବେଶନ ମଙ୍ଗଳବାର ଅପରାହ୍ନରେ ଆରମ୍ଭ ହେବାପରେ ସଂସଦୀୟ ବ୍ୟାପାର ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ବାସନ୍ତୀ ଦାସଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପୂଜାରୀ ଗୃହରେ କହିଛନ୍ତି, ସୋନପୁର ୱାର୍ଡ ନମ୍ବର ୧ର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସୋନପୁର ମ୍ୟୁନିସିପାଲିଟି ସ୍ମାର୍ଟ ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି। ସୋମବାର ସକାଳ ୭ଟା ସମୟରେ ବୃନ୍ଦିମନ୍ତ ଦାସଙ୍କ ସ୍ତ୍ରୀ ବାସନ୍ତୀ ଦାସ ପାର୍କର ଲନ୍‌ର ଘାସ କାଟୁଥିଲେ। ଏହି ସମୟରେ ଦୁର୍ଭାଗ୍ୟବଶତଃ ଘାସକଟା ଯନ୍ତ୍ରର ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସେଠାରୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ

## ବିଦ୍ୟୁତ୍ ଆଘାତରେ ବାସନ୍ତୀଙ୍କ ମୃତ୍ୟୁ ଘଟଣା

କରାଯାଇଥିଲା। ସେଠାରେ ତାଙ୍କ ଜୀବନ ବଞ୍ଚାଯାଇପାରି ନ ଥିଲା। ବାସନ୍ତୀ ତାଙ୍କ ପରିବାରର ମୁଖ୍ୟ ଉପାର୍ଜନକାରୀ ଥିଲେ। ସେ ତାଙ୍କ ସ୍ୱାମୀ ଏବଂ ୧୮ ଓ ୧୪ ବର୍ଷର ୨ ଝିଅ ଓ ୧୧ ବର୍ଷର ପୁଅକୁ ଛାଡ଼ିଯାଇଛନ୍ତି। ସେମାନେ ଏକ ଗରିବ ପରିବାର ହୋଇଥିବା ବେଳେ ସେମାନଙ୍କର ସେପରି କିଛି ସ୍ଥାୟୀ ରୋଜଗାର ନାହିଁ। ଏହି ଦୁର୍ଘଟଣା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ବାସନ୍ତୀ ଦାସଙ୍କ ନିକଟତମ ଆତ୍ମୀୟଙ୍କ ଲାଗି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

# ସଂଶୋଧନ ହେଲା ଓଇଏସ୍ ନିଯୁକ୍ତି ନିୟାମକ

ଭୁବନେଶ୍ୱର, ୨୬।୯(ଅସମାପିକା ସାହୁ)

ସ୍ୱଚ୍ଛ ନିଯୁକ୍ତି ପଦ୍ଧତି ମାଧ୍ୟମରେ ମେଧାବୀଙ୍କୁ ଓଡ଼ିଶା ଯାନ୍ତ୍ରିକ ସେବା (ଓଇଏସ୍)ରେ ଯୋଗ ଦେବା ଏବଂ ଯାନ୍ତ୍ରିକ ସେବାର ଗୁଣାତ୍ମକମାନ ବୃଦ୍ଧି କରିବା ପାଇଁ ଗତ ୧୫ ତାରିଖରେ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଯାନ୍ତ୍ରିକ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟାମକ, ୨୦୧୨ର ନିୟମ ୭ ଅଧୀନ ଉପନିୟମ (୩) ଓ (୪)କୁ ସଂଶୋଧନ କରାଯାଇଛି। ଫଳରେ ଇଞ୍ଜିନିୟରିଂ ଡିଗ୍ରୀଧାରୀ ମେଧାବୀ ଆଶାୟୀଙ୍କୁ ଯାନ୍ତ୍ରିକ ସେବାର ମୂଳ ପଦବୀରେ ସିଧାସଳଖ ନିଯୁକ୍ତି ଦେବା ନିମନ୍ତେ ଚୟନ ପ୍ରକ୍ରିୟାରେ 'ଗ୍ରାଜୁଏଟ୍ ଆପ୍ଟିଚ୍ୟୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ' ବା ଗେଟ୍ ସ୍କୋର୍‌କୁ ୯୦ ପ୍ରତିଶତ ଅଗ୍ରାଧିକାର ଏବଂ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ସାକ୍ଷାତ୍କାରକୁ ୧୦ ପ୍ରତିଶତ

## ଖୁବ୍‌ଶୀଘ୍ର ନିଯୁକ୍ତି ବିଜ୍ଞପ୍ତି

ଭାବେ ବିଚାରକୁ ନିଆଯିବା ପାଇଁ ସ୍ଥିର କରାଯାଇଛି। ଏହାଦ୍ୱାରା ସ୍ୱଚ୍ଛ ନିଯୁକ୍ତି ପଦ୍ଧତି ମାଧ୍ୟମରେ ଇଞ୍ଜିନିୟରିଂ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ମେଧାବୀଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରାଯାଇ ସ୍ୱଳ୍ପ ସମୟ ମଧ୍ୟରେ ଓଇଏସ୍‌ରେ ନିଯୁକ୍ତି କରାଯାଇପାରିବ। ଏ ନେଇ ମଙ୍ଗଳବାର ଜଳ ସମ୍ପଦ ବିଭାଗ ତରଫରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯିବା ସହ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ଏଥିପାଇଁ ଆଗୁଆ ପ୍ରସ୍ତୁତ ହେବାକୁ ଅବଗତ କରାଯାଇଛି। ଆଗାମୀ ଦିନରେ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ଯାନ୍ତ୍ରିକ ସେବା ପଦବୀ ପୂରଣ ପାଇଁ ଖୁବ୍‌ଶୀଘ୍ର ଓଡ଼ିଶା ଲୋକ ସେବା ଆୟୋଗଙ୍କୁ ବିଜ୍ଞପ୍ତି ପ୍ରକାଶ ପାଇଁ ସୁପାରିସ୍ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ମେଡିକାଲ କଲେଜରେ ଚିକିତ୍ସା ନାହିଁ

- ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ଭିଡ଼
- ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉନି ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ

କେନ୍ଦୁଝର,୨୬।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ନିକଟ କବିତ୍ରା ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତ ଫେବୃୟାରୀ ୧୩ରେ ଉଦ୍‌ଘାଟିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ମେଡିକାଲ କ୍ୟାମ୍ପସ୍‌ରେ କେବଳ ପାଠପଢ଼ା ଚାଲିଥିବା ବେଳେ ହସ୍ପିଟାଲ ଏବେ ମଧ୍ୟ ଜିଲା ମୁଖ୍ୟ ଡାକ୍ତରଖାନାରେ ଚାଲିଛି। ପାଖାପାଖି ୪୦୦ କୋଟି ଟଙ୍କା ବ୍ୟୟରେ ୪୪.୪୦ ଏକର ଜମିରେ ନିର୍ମିତ ୩୮୫ ଶଯ୍ୟା ବିଶିଷ୍ଟ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ରୋଗୀ ସେବାରେ ଲାଗିପାରୁନାହିଁ।

ପ୍ରକାଶ ଯେ, କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ଉପରେ ଜିଲା ତଥା ପଡ଼ୋଶୀ ମୟୂରଭଞ୍ଜ, ଦେବଗଡ଼, ଭଦ୍ରକ ଆଦି ଜିଲା ବ୍ୟତୀତ ଝାଡ଼ଖଣ୍ଡ ରାଜ୍ୟର ରୋଗୀମାନେ ନିର୍ଭର କରିଥାନ୍ତି। କେନ୍ଦୁଝରରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ପରେ ଏହାର ଚାହିଦା ବଢ଼ିଯାଇଛି। କିନ୍ତୁ ମେଡିକାଲ କଲେଜ କ୍ୟାମ୍ପସ୍‌ରେ ଡାକ୍ତରଖାନା ଚାଲି ନ ଥିବାରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ଭିଡ଼ ଜମୁଛି। ଫଳରେ ସ୍ଥାନ ଅଭାବରୁ ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷକରି ବାହାରୁ ଆସୁଥିବା ରୋଗୀ ବହୁ ହୀନସ୍ତା ହେଉଛନ୍ତି। ଏପରିକି ସୁପର ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ଦେଖାଇବା ପାଇଁ



ଜିଲା ମୁଖ୍ୟ ଚିକିତ୍ସାଳୟରେ ଭିଡ଼ ଜମାଇଥିବା ରୋଗୀ।

ପୂର୍ବଦିନରୁ ରୋଗୀ ଆସି ରାତିରୁ ଲାଇନରେ ଟିକେଟକରି ଅପେକ୍ଷା କରୁଛନ୍ତି। ତେବେ ଯେଉଁଠି ଚାଲିଛି ଟିକେଟ, ସେହି ସ୍ଥାନରେ ନିରାମୟ ଯୋଜନାରେ ମେଡିସିନ କାଉଣ୍ଟର ରହିଛି। ଫଳରେ ମେଡିକାଲ ପ୍ରବେଶ ପଥରେ ରୋଗୀଙ୍କ ପ୍ରବଳ ଭିଡ଼ ଜମୁଥିବାରୁ ଅନ୍ୟ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ, ଜିଲା ମୁଖ୍ୟ ଚିକିତ୍ସାଳୟ ଆଉଟଡୋରକୁ ଦୈନିକ ପ୍ରାୟ ୨୦୦୦ ରୋଗୀ ଆସୁଥିବା ବେଳେ ପାଖାପାଖି ୨୫୦ ଇନ୍‌ଡୋର ରୋଗୀ ଆସିଥାନ୍ତି। ମେଡିକାଲରେ ୨୧ଟି କ୍ଲିନିକାଲ ଓ ନନ୍ କ୍ଲିନିକାଲ ବିଭାଗ ରହିଛି। ଜିଲା ମୁଖ୍ୟ ଡାକ୍ତରଖାନାର ଡାକ୍ତର, ମେଡିକାଲ କଲେଜର ଡାକ୍ତରଙ୍କ ସମେତ ଡିଏମ୍‌ଏଫ୍ ଅର୍ଥରେ ନିୟୋଜିତ ସୁପରସ୍ପେଶାଲିଷ୍ଟ ଡାକ୍ତରମାନେ ରୋଗୀ ଚିକିତ୍ସା କରୁଥିଲେ ମଧ୍ୟ ଅନେକ ସମୟରେ ସ୍ଥାନ ଅଭାବରୁ ଏବଂ ରୋଗୀଙ୍କ ପାଇଁ ବିଶ୍ରାମ କକ୍ଷ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ତଥା ଭୂଇଁରେ ବସି ବା ଶୋଇ ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ଫଳରେ ରୋଗ ଦେଖାଇବାକୁ ଆସୁଥିବା ରୋଗୀଙ୍କୁ ସଂକ୍ରମଣ ଆଶଙ୍କା ରହୁଛି। ଏଣୁ ଅଧିକ ଟିକେଟ ଓ ମେଡିସିନ କାଉଣ୍ଟର ଖୋଲିବା ସହିତ ତୁରନ୍ତ ଧରଣୀଧର ମେଡିକାଲ କଲେଜ ଖୋଲିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହେଉଛି। ଅନେକ ସମୟରେ ନିରାମୟ ଯୋଜନାରେ ମାଗଣା ମେଡିସିନ ମିଳୁନାହିଁ କିମ୍ବା ବିଭିନ୍ନ ପ୍ରକାର ପରୀକ୍ଷା ହୋଇପାରୁ ନ ଥିବାରୁ ଗରିବ ଲୋକେ ବାହାରୁ ମେଡିସିନ କିଣି ଓ ପରୀକ୍ଷା କରି ଖର୍ଚ୍ଚାନ୍ତ ହେଉଛନ୍ତି। ଏହାଦ୍ୱାରା ବାହାର ମେଡିସିନ ଦୋକାନୀ, ଘରୋଇ କ୍ଲିନିକ ବା ନର୍ସିଂହୋମ ମାଲିକମାନେ ଲାଭବାନ ହେଉଥିବା ବେଳେ ରୋଗୀ ଶୋଷଣର ଶିକାର ହେଉଛନ୍ତି ବୋଲି ସାମାଜିକ କର୍ମୀ ଦିଲୀପ ସାହୁ କହିଛନ୍ତି। ଆପାତକାଳୀନ ରୋଗୀଙ୍କ ପାଇଁ ଆଇସିୟୁ ସୁବିଧା ନାହିଁ। ଏଣୁ ଡିଏମ୍‌ଏଫ୍ ଅନୁଦାନରେ ନିର୍ମାଣ ହୋଇଥିବା ମେଡିକାଲ କଲେଜ ଓ ଡାକ୍ତରଖାନାର କୋଠା ବ୍ୟବହାର ନ ହେଲେ ନଷ୍ଟ ହୋଇଯିବ ବୋଲି ମତ ପ୍ରକାଶ ପାଉଛି।

କେନ୍ଦୁଝର ସହରାଞ୍ଚଳ ଗମ୍ଭାରିଆର ବରିଷ୍ଠ ନାଗରିକ ଅଲେଖ ଚନ୍ଦ୍ର ପାତ୍ର କୁହନ୍ତି, ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। କିନ୍ତୁ ଭିଡ଼ ଦେଖି ଫେରି ଆସିଲେ। ମେଡିକାଲ କଲେଜ ପରିସରରେ ଚିକିତ୍ସା ବ୍ୟବସ୍ଥା କରାଗଲେ ଅସୁବିଧା ରହିବ ନାହିଁ। ସଦର ବ୍ଲକ ଅଧୀନ ସେଣ୍ଡକାପ୍ ଅଞ୍ଚଳର ରୋଗୀଙ୍କ ସମ୍ପର୍କୀୟ ନବୀନ ପଲେଇ କହିଛନ୍ତି, ମଙ୍ଗଳବାର ଜଣେ ସମ୍ପର୍କୀୟଙ୍କୁ ଧରି ମେଡ଼ିକାଲ ଯାଇଥିଲେ। ସେଠାରେ ପ୍ରବଳ ଭିଡ଼ ଦେଖି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ସମସ୍ୟା ବିଷୟରେ ଜଣାଇଥିଲେ। ଛୁଆ ପିଲା, ବୃଦ୍ଧା ବୃଦ୍ଧ ଏବଂ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବାରୁ ତୁରନ୍ତ ମେଡିକାଲ କଲେଜ ପରିସରକୁ ଡାକ୍ତରଖାନା ସ୍ଥାନାନ୍ତର କରିବା ଆବଶ୍ୟକ।

ଏନେଇ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର ନାୟକଙ୍କୁ ପଚାରିବାରୁ ଟିକେଟ କାଉଣ୍ଟର ଓ ମେଡିସିନ ବଣ୍ଟନ କେନ୍ଦ୍ର ଗୋଟିଏ ସ୍ଥାନରେ ରହିଥିବାରୁ ରୋଗୀଙ୍କ ଭିଡ଼ ଜମୁଛି। ମେଡିକାଲ କଲେଜକୁ ସ୍ଥାନାନ୍ତରିତ ହେଲେ ଏହାର ସମାଧାନ ହେବ। ଡିସେମ୍ବର ସୁଦ୍ଧା ହସ୍ପିଟାଲ ମେଡିକାଲ କଲେଜ କ୍ୟାମ୍ପସକୁ ଉଠିବା କଥା। କିନ୍ତୁ ବିଳମ୍ବ ହୋଇପାରେ। ଅଦ୍ୟାବଧି ବିଭିନ୍ନ କର୍ମଚାରୀ ନିଯୁକ୍ତି, ବ୍ୟବହାର ସରଞ୍ଜାମ ଓ ଯନ୍ତ୍ରପାତି ଆଦି ବସିବାକୁ ବାକି ରହିଛି ବୋଲି ସେ କହିଛନ୍ତି।

# ଓୟୁଏଟି-ଫକୀର ମୋହନ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର, ୨୬।୯
(ଅସମାପିକା ସାହୁ)

ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ମଧ୍ୟରେ ମଙ୍ଗଳବାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଫଳରେ ଆଗାମୀ ଦିନରେ ଉଭୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ନୂଆ ଗବେଷଣା ଦିଗରେ ଛାତ୍ରୀଛାତ୍ରଙ୍କୁ ନୂତନ ଦିଗ୍‌ଦର୍ଶନ ମିଳିପାରିବ ବୋଲି ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ଉଭୟ ବିଶ୍ୱବିଦ୍ୟାଳୟ ଅଧୀନରେ ଅନେକ କଲେଜ ପରିଚାଳିତ ହେଉଥିବାବେଳେ ବହୁ ଅନୁଷ୍ଠାନରେ ବିଭିନ୍ନ ଗବେଷଣାମୂଳକ କାର୍ଯ୍ୟ ସମ୍ପାଦନ ହେଉଛି। ବିଶେଷକରି ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଆଗାମୀ ଦିନରେ ଜଳବାୟୁ, ଧାନ ଗବେଷଣା ସହ ଅନ୍ୟାନ୍ୟ ଗବେଷଣା ଦିଗରେ ଏହି ବୁଝାମଣାପତ୍ର ସହାୟକ ହେବ ବୋଲି ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି। ଓୟୁଏଟିର ଯୋଜନା ଓ ତଦାରଖ ନିର୍ଦ୍ଦେଶକ ଡ. ଦୟାନିଧି ମିଶ୍ର ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର କୁକୁମିନା ଦାସ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଓୟୁଏଟିର ନିର୍ଦ୍ଦେଶକ, ଅଧ୍ୟକ୍ଷ, ବୈଜ୍ଞାନିକ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସଦସ୍ୟମାନେ ଉପସ୍ଥିତ ଥିଲେ।



ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। **–ଶ୍ରୀମା**



# ହାଇଡ୍ରୋଜେନ୍

ସେପ୍ଟେମ୍ବର ୨୫ରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ୍ ସିଂ ପୁରି ଇଣ୍ଡିଆ ଗେଟ୍ ନିକଟରେ ଦେଶର ପ୍ରଥମ ସବୁଜ ଉଦ୍‌ଜାନ ବା ଗ୍ରୀନ୍ ହାଇଡ୍ରୋଜେନ୍‌ଚାଳିତ ବସ୍‌ର ଶୁଭାରମ୍ଭ କରିଛନ୍ତି। ସରକାର ସବୁଜ ଉଦ୍‌ଜାନଚାଳିତ ଯାନ ଚଳାଚଳ ଲାଗି ଅଣ୍ଟା ଭିଡ଼ିଛନ୍ତି ଓ ଆସନ୍ତା ୨୦୭୦ ସୁଦ୍ଧା ଏହି ବସ୍‌ଗୁଡ଼ିକ ଭାରତର ଶୂନ୍ୟ ଅଙ୍ଗାରକ ନିର୍ଗମନ ଲକ୍ଷ୍ୟ ହାସଲ କରିବାରେ ପ୍ରମୁଖ ଭୂମିକା ନେବ ବୋଲି କହିଛନ୍ତି। ଏଠାରେ ସ୍ମରଣଯୋଗ୍ୟ, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ୍‌କରୀ ମାର୍ଚ୍ଚ ୨୦୨୨ରେ ପାର୍ଲାମେଣ୍ଟକୁ ଏକ ଉଦ୍‌ଜାନଚଳିତ କାର୍ ଚଢ଼ି ଯାଇଥିଲେ। ସେଠାରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ, ଭାରତ ସରକାର କେବଳ ଏଭଳି କାର ନିର୍ମାଣ କରିବା ଯୋଜନା କରୁନାହାନ୍ତି, ବରଂ ହାଇଡ୍ରୋଜେନ୍ ରପ୍ତାନି ପାଇଁ ପ୍ରସ୍ତୁତ ହେଉଛନ୍ତି। ସେ ମଧ୍ୟ ପ୍ରକାଶ କରିଥିଲେ ଯେ, ସ୍ୱେରେଜ ପାଣି ଓ କଠିନ ବର୍ଜ୍ୟରୁ ଉଦ୍‌ଜାନ ପ୍ରସ୍ତୁତ ହୋଇ ସେଥିରେ ବସ୍, କାର୍, ଟ୍ରକ୍ ସବୁ ଚାଲିବ। ଏତିମଧ୍ୟରେ ଦେଢ଼ବର୍ଷ ବିତିଗଲାଣି ଓ ସେଭଳି ଗାଡ଼ି ବଜାରକୁ ଏପର୍ଯ୍ୟନ୍ତ ଆସିପାରିନାହିଁ। କିନ୍ତୁ ହରଦୀପ୍ ପୁରି ଉଦ୍‌ଜାନଚାଳିତ ବସର ଉଦ୍‌ଘାଟନ କରି ଦିଲ୍ଲୀ ଏନ୍‌ସିଆରରେ ଆଉ ଏଭଳି ୧୫ଟି ବସ୍ ଚାଲିବ ବୋଲି କହିଛନ୍ତି। କିନ୍ତୁ ଦେଶର ଅନ୍ୟସବୁ ସ୍ଥାନରେ ଏହି ବସ୍ କେବେ ଦେଖିବାକୁ ମିଳିବ ତାହା କହିନାହାନ୍ତି।

ଉଲ୍ଲେଖନୀୟ ଯେ, ଜାପାନର ଟୟୋଟା କମ୍ପାନୀର ମିରାଇ ହେଉଛି ପୃଥିବୀର ପ୍ରଥମ ମୋଟର ଗାଡ଼ି, ଯେଉଁଥିରେ ଉଦ୍‌ଜାନ ଇନ୍ଧନ ସେଲ୍ ଅଛି। ସହଜରେ କହିବାକୁ ଗଲେ ଉଦ୍‌ଜାନ ଇନ୍ଧନ ସେଲ୍‌ର ମୂଳମନ୍ତ୍ର ହେଉଛି ଉଦ୍‌ଜାନ ବାଷ୍ପ ସହିତ ଅମ୍ଳଜାନ ମିଶିଲେ ବିଦ୍ୟୁତ୍ ଶକ୍ତି ସୃଷ୍ଟିହୁଏ, ଯାହାକି ଗାଡ଼ିକୁ ଚଳାଇବ। ଏଥିପାଇଁ କୌଣସି ଜୀବାଶ୍ମ ଇନ୍ଧନର ଆବଶ୍ୟକ ପଡ଼େନାହିଁ। ଫଳରେ ପ୍ରଦୂଷଣ କମ୍ ହୋଇଥାଏ। ମନେରଖିବାକୁ ହେବ ଯେ, ଉଦ୍‌ଜାନ ଏକ ଓଜନିଆ ବାଷ୍ପ। ଏହାକୁ ବ୍ୟବହାର କରିବା ପାଇଁ ଗାଡ଼ିରେ ଦାମୀ ଓ ଓଜନିଆ ଯନ୍ତ୍ରପାତି ଦରକାର। ତେବେ ଏଭଳି ଯାନ ନିର୍ମାଣ ଅତ୍ୟନ୍ତ ବ୍ୟୟବହୁଳ। ଭାରତ ପରିପ୍ରେକ୍ଷୀରେ କାଉନ୍‌ସିଲ ଅଫ୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍), ନ୍ୟାଶନାଲ କେମିକାଲ ଲାବୋରେଟାରି (ପୁଣେ) ଅଟୋମୋବାଇଲ ଟେକ୍ନୋଲୋଜି କମ୍ପାନୀ କେପିଆଇଟିର ମିଳିତ ଗବେଷଣାରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଉଦ୍‌ଯାନ ଇନ୍ଧନ ସେଲ ଦ୍ୱାରା ଉଦ୍‌ଜାନଚାଳିତ କାରର ପ୍ରଥମ ପରୀକ୍ଷଣ ୨୦୨୦ରେ କରାଯାଇଥିଲା। ସେବେଠାରୁ ଉଦ୍‌ଜାନଚାଳିତ ଗାଡ଼ି ପାଇଁ ଆବଶ୍ୟକ ସବୁଜ ଉଦ୍‌ଜାନ ଉତ୍ପାଦନ ଏକ ଚ୍ୟାଲେଞ୍ଜ ହୋଇରହିଛି। ଏହାର ଉତ୍ପାଦନ ଲାଗି ବିରାଟକାୟ ଇଲେକ୍ଟ୍ରୋଲିସିସ ପ୍ରକ୍ରିୟା ଓ ସବୁଜ ଶକ୍ତି ଆବଶ୍ୟକ ହେବ। ଏହା ମଧ୍ୟ ଅତ୍ୟନ୍ତ ବ୍ୟୟବହୁଳ। ଉଲ୍ଲେଖନୀୟ ଯେ, ସ୍କଟ୍‌ଲାଣ୍ଡ, ଇଂଲଣ୍ଡ, ଜର୍ମାନୀ ଓ ଜାପାନରେ ଉଦ୍‌ଜାନ ଉତ୍ପାଦନର ଅଭିଜ୍ଞତା ଅଛି। ଏହାସହ ପୃଥିବୀର କ୍ୱଚିତ୍ ଦେଶରେ ଅତ୍ୟନ୍ତ କମ୍ ଲୋକ ଅଛନ୍ତି, ଯେଉଁମାନଙ୍କର ଉଦ୍‌ଜାନ ବ୍ୟବହାର ସମ୍ପର୍କରେ ଅଭିଜ୍ଞତା ରହିଛି। ଏବେ ଭାରତରେ ଭାରତୀୟ ତୈଳ ନିଗମ, ରିଲାଏନ୍ସ, ଆଦାନୀ, ଏଲ୍ ଆଣ୍ଡ୍ ଟି, ଓଏନ୍‌ଜିସି, ବିପିସିଏଲ୍ କମ୍ପାନୀ ସବୁଜ ଉଦ୍‌ଜାନ ଉତ୍ପାଦନ ଆରମ୍ଭ କରିଛନ୍ତି। ଭାରତ ଭଳି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶକୁ ଉଦ୍‌ଜାନ ଯୋଗାଇବାରେ ଏହିସବୁ କମ୍ପାନୀ କିଭଳି ସକ୍ଷମ ହେବେ ତାହା ସମୟ କହିବ। ଏଥିସହିତ ଏହି ବାଷ୍ପକୁ ରାସ୍ତକଡ଼ରେ ପେଟ୍ରୋଲ୍ କିମ୍ବା ଡିଜେଲ ପରି କିଭଳି ଯୋଗାଇ ଦିଆଯିବ ତାହା ଏକ ବିରାଟ ପ୍ରଶ୍ନ। ତେବେ ପ୍ରଦୂଷଣ ହ୍ରାସ କରିବା ଲକ୍ଷ୍ୟରେ ପୁରି ଉଦ୍‌ଜାନଚାଳିତ ବସ୍ ସାମ୍ନାକୁ ଆଣୁଥିବାବେଳେ ମନେରଖିବାକୁ ହେବ ଯେ, ଆମେ ଏବେ ସୁଦ୍ଧା କୋଇଲା ଉପରେ ଅଧିକ ନିର୍ଭରଶୀଳ ଓ ତାପଜ ବିଦ୍ୟୁତ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିଚାଲିଛୁ। ସବୁଜ ଉଦ୍‌ଯାନ ଉତ୍ପାଦନ କ୍ଷେତ୍ରରେ ସରକାର କେତେ ଆଗ୍ରହୀ, ତାହା ଜାତୀୟ ସବୁଜ ଉଦ୍‌ଜାନ ମିଶନ ପାଇଁ ୨୦୨୩ ବଜେଟରୁ ସ୍ପଷ୍ଟ ହେଉଛି। ଏହି ବଜେଟରେ ମାତ୍ର ୧୯,୭୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ପ୍ରଦୂଷଣ କମାଇବା ଲକ୍ଷ୍ୟରେ ସରକାରଙ୍କ କେତେ ଆନ୍ତରିକତା ରହିଛି, ତାହା ପ୍ରମାଣିତ ହେଉଛି ବିଦ୍ୟୁତ୍‌ଚାଳିତ ଯାନ ଚଳାଚଳ କ୍ଷେତ୍ରରେ। ଏହି ଯାନ ପାଇଁ ଯେଉଁଭଳି ଭିତ୍ତିଭୂମି ଯୋଗାଇ ଦିଆଯିବା ଦରକାର ତାହା ଏଯାବତ୍ ହୋଇପାରିନାହିଁ। କେବଳ ବଜାରକୁ ଯାନ ଛାଡ଼ିଦେଇ ଏହାର ଆନୁଷଙ୍ଗିକ ଭିତ୍ତିଭୂମି ଉପରେ ସେତେଟା ଗୁରୁତ୍ୱ ଦିଆଯାଉନାହିଁ। ନିବେଶକ କମ୍ପାନୀଗୁଡ଼ିକୁ ଆଶାନୁରୂପ ପ୍ରୋତ୍ସାହନ ଯୋଗାଇବାରେ ବିଫଳତା ସାମ୍ନାକୁ ଆସୁଛି। ଏହା ବ୍ୟତୀତ ନିର୍ଦ୍ଦିଷ୍ଟ ସମୟସୀମା ପରେ ପୁରୁଣା ଦଦରା ଗାଡ଼ିକୁ ହଟାଇବାରେ ବିଫଳତା ଦର୍ଶାଉଛି ଯେ, ପ୍ରଦୂଷଣକାରୀ ଜୀବାଶ୍ମ ଇନ୍ଧନ ଚାଳିତଯାନ ଭାରତର ରାସ୍ତାରେ ଏମିତି ଆହୁରି ଅନେକ ବର୍ଷ ଗଡ଼ିଚାଲିଥିବ। ଆଉ ଏକ ଦିଗକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ, ଜୀବାଶ୍ମ ଇନ୍ଧନର ପ୍ରଦୂଷଣ ହ୍ରାସ କରିବା ସକାଶେ ଭାରତରେ ପେଟ୍ରୋଲରେ ୧୦% ଇଥାନଲ ବ୍ୟବହାର ହେଉଛି। କିନ୍ତୁ ବ୍ରାଜିଲ ଇଥାନଲରେ ପ୍ରାୟ ଶତ ପ୍ରତିଶତ ଯାନ ଚଳାଉଛି। ଏହି ଇଥାନଲ କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତ କରାଯାଉଛି। ଏଣୁ ଭାରତ କୃଷିଜାତ ଦ୍ରବ୍ୟରୁ ଇଥାନଲ ପ୍ରସ୍ତୁତ କରି ପ୍ରଦୂଷଣ ହ୍ରାସ କରିବାରେ ବ୍ରାଜିଲଠାରୁ ଶିକ୍ଷା ନେବା ଦରକାର। କେବଳ ସବୁଜ ଉଦ୍‌ଯାନଚାଳିତ ଗାଡ଼ି କଥା କହି ମୂଳ ସମସ୍ୟାରୁ ଦୂରେଇ ରହିଲେ ପ୍ରଦୂଷଣ ହ୍ରାସ ଲକ୍ଷ୍ୟ କଷ୍ଟକର ହୋଇଯିବ।

# ମହିଳାଙ୍କୁ ବାଟ ଛାଡ଼



ବିଚିତ୍ର ବିଶ୍ୱାଳ

ଲୋକ ସଭା ଓ ବିଧାନସଭା ନିର୍ବାଚନରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ନିଶ୍ଚିତ କରୁଥିବା ମହିଳା ସଂରକ୍ଷଣ ବିଲ୍– ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଗୃହୀତ ହେବା ଦେଶ ପାଇଁ ଏକ ଐତିହାସିକ ଘଟଣା। ଏହା ରାଜନୈତିକ କ୍ଷେତ୍ରରେ ମହିଳାମାନଙ୍କ ଭୂମିକାକୁ ଅଧିକ ମହତ୍ତ୍ୱ ପ୍ରଦାନ କରିବ । କିନ୍ତୁ କେବଳ ସ୍ଥାନ ସଂରକ୍ଷଣ କରିଦେଲେ ମହିଳାମାନଙ୍କର ଅଧିକାର ସାବ୍ୟସ୍ତ ହୋଇପାରିବ ନାହିଁ। ସେଥିପାଇଁ ସାରା ଦେଶର ମାନସିକତାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ମହିଳା ସଂରକ୍ଷଣ ବିଲ୍ କେବଳ ପ୍ରଥମ ପାହାଚ। ମହିଳାମାନଙ୍କ ଭାଗୀଦାରିତା ବଢ଼େଇବା କ୍ଷେତ୍ରରେ ଆହୁରି ଅନେକ ବାଟ ଯିବାର ଅଛି।

୧୯୯୬ରେ ଦେବେଗୌଡ଼ାଙ୍କ ସରକାର ସମୟରେ ମହିଳା ସଂରକ୍ଷଣ ବିଲ୍ ଲୋକ ସଭାରେ ଆଗତ ହୋଇଥିଲା। କିନ୍ତୁ ଏହାକୁ ସମର୍ଥନ ମିଳି ନ ଥିଲା। ପରେ ପରେ ଆହୁରି ଅନେକ ଥର ମହିଳା ସଂରକ୍ଷଣ ବିଲ୍ ସଂସଦକୁ ଆସି ଗୃହୀତ ହେବାରେ ବିଫଳ ହୋଇଛି। ଚଳିତ ଥର ମହିଳା ସଂରକ୍ଷଣ ବିଲ୍‌କୁ ପ୍ରାୟତଃ ସବୁ ଦଳ ସମର୍ଥନ କରିଛନ୍ତି। ଯଦିଓ ଏହା ଭୋଟ୍ ପାଇଁ ତଥା ମହିଳା ଭୋଟରଙ୍କୁ ଆକର୍ଷିତ କରିବାର ଏକ ଅଭିଯାନ ବୋଲି କୁହାଯାଉଛି, ତଥାପି ଏହା ଏକ ସକାରାତ୍ମକ ବିକାଶ। ଯଦିଓ ଏହି ବିଲ୍ ଏବେ ଗୃହୀତ ହୋଇଛି କିନ୍ତୁ ଏହାକୁ ଲାଗୁକରିବା ପାଇଁ ଆମକୁ ୨୦୨୯ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପ୍ରକାଶ କରିଛନ୍ତି । ୨୦୨୬ ପରେ ଜନଗଣନା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣ ପରେ ଏହା କାର୍ଯ୍ୟକାରୀ ହେବ। ଯଦି ଆମେ ପ୍ରକୃତରେ ମହିଳାମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବାକୁ ଚାହୁଁଛୁ, ତେବେ କ'ଣ ଏହା ୨୦୨୪ ନିର୍ବାଚନରୁ ଲାଗୁହୋଇ ପାରି ନ ଥାନ୍ତା । ଇଚ୍ଛା ଓ ସଂକଳ୍ପବଦ୍ଧତା ଥିଲେ ଆଜିର ଡିଜିଟାଲ ଯୁଗରେ ଏହା ଆଦୌ ଅସମ୍ଭବ ନୁହେଁ। କିନ୍ତୁ ଅସଲ କଥା ହେଉଛି ୨୦୨୪ ନିର୍ବାଚନରୁ ଏହା ଲାଗୁହେଲେ ଅନେକ ନେତାଙ୍କ ରାଜନୈତିକ ଭବିଷ୍ୟତ ଆଶଙ୍କା ମଧ୍ୟକୁ ଠେଲିହୋଇ ଯିବ। ଏହି ରିସ୍କ ନେବାକୁ ବୋଧହୁଏ କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାର ଚାହୁଁନାହିଁ।

ଭାରତ ଏବେ ବିଶ୍ୱଗୁରୁ ଆସନରେ ବିଜେ ହେବାକୁ ଯାଉଛି ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ ଜନସଂଖ୍ୟାର ଅଧାଭାଗ ମହିଳାଙ୍କୁ ବାଦ୍ ଦେଇ ଆମେ ବିଶ୍ୱଗୁରୁ ହୋଇପାରିବା କି? ସମ୍ପ୍ରତି ଲୋକ ସଭାରେ ମାତ୍ର ୮୨ ଜଣ ମହିଳା ସାଂସଦ ଅଛନ୍ତି, ଯାହାକି ସମୁଦାୟ ସାଂସଦଙ୍କ ସଂଖ୍ୟାର ୧୪.୪ ପ୍ରତିଶତ। ୧୯୫୨ ମସିହା ଲୋକ ସଭାରେ ୪.୯% ମହିଳା ସାଂସଦ ଥିବାବେଳେ ୨୦୧୯ରେ ଏହାମାତ୍ର ୧୪.୪%କୁ ବୃଦ୍ଧିହୋଇଛି। ୭୧ ବର୍ଷ ମଧ୍ୟରେ ମହିଳା ସାଂସଦଙ୍କ ହାରରେ ପାଖାପାଖି ୧୦% ବୃଦ୍ଧି ହୋଇଛି। ଏହା ଅତ୍ୟନ୍ତ କମ୍ ଓ ରାଜନୀତିରେ ମହିଳାଙ୍କ ଭାଗୀଦାରିତାର ଦୁର୍ବଳ ଦିଗକୁ ଦର୍ଶେଇବା ସହିତ ଆମ ଦେଶରେ ପୁରୁଷତାନ୍ତ୍ରିକ ମାନସିକତାକୁ ସ୍ପଷ୍ଟ କରୁଛି। ୧୯୯୦ରୁ



୨୦୨୩ ମଧ୍ୟରେ ମହିଳା ସାଂସଦଙ୍କ ହାରରେ ମାତ୍ର ୭% ବୃଦ୍ଧି ହୋଇଛି। ଏହି ସମୟସୀମା ମଧ୍ୟରେ ଯଦି ବିଶ୍ୱର ଅନ୍ୟ ଦେଶଗୁଡ଼ିକର ସଂସଦରେ ମହିଳାଙ୍କ ଭାଗୀଦାରିତାକୁ ଦେଖିବା ତେବେ ତାଙ୍କଠାରୁ ଆମେ କେତେ ପଛରେ ଅଛୁ ବୁଝିବାରେ ବାକିରହିବ ନାହିଁ। ସମ୍ପ୍ରତି ସ୍ୱିଡେନରେ ମହିଳା ସାଂସଦଙ୍କ ହାର ୪୬.୪% ହୋଇଥିବାବେଳେ ନରୱେରେ ମହିଳା ସାଂସଦଙ୍କ ହାର ୪୬.୧%। ଚାଇନା ପରି ବିଶାଳ ଦେଶରେ ମଧ୍ୟ ମହିଳା ସାଂସଦଙ୍କ ହାର ୨୬.୫% ହୋଇଥିବାବେଳେ ଜର୍ମାନୀରେ ୩୫%, ଆମେରିକାରେ ୨୮.୮% ଓ ବ୍ରିଟେନ୍‌ରେ ୩୪.୫% ସାଂସଦ ମହିଳା । ଆର୍ଜେଣ୍ଟିନାରେ ୪୪.୭% ସାଂସଦ ମହିଳା ହୋଇଥିବାବେଳେ ଦକ୍ଷିଣ ଆଫ୍ରିକାରେ ୪୫.୪% ଓ ଇଥିଓପିଆରେ ୪୧.୩% ସାଂସଦ ମହିଳା। ୧୯୯୦ରୁ ୨୦୨୩ ମଧ୍ୟରେ ମହିଳା ସାଂସଦଙ୍କ ହାରରେ ଆମେରିକାରେ ୨୨% ବୃଦ୍ଧି ହୋଇଥିବା ବେଳେ ଇଂଲଣ୍ଡରେ ୨୮%, ଆର୍ଜେଣ୍ଟିନାରେ ୩୮%, ଦକ୍ଷିଣ ଆଫ୍ରିକାରେ ୪୧% ଓ ଇଥିଓପିଆରେ ୪୧% ବୃଦ୍ଧିହୋଇଛି। ଏହି ପରିସଂଖ୍ୟାନରୁ ବୁଝାପଡ଼ୁଛି ଯେ ମହିଳାମାନଙ୍କୁ ସୁଯୋଗ ଦେବାରେ ଭାରତ କେତେ ପଛରେ ପଡ଼ିଛି। ଏବେ ମହିଳା ସଂରକ୍ଷଣ ବିଲ୍ ଲାଗୁହେବା ପରେ ବି ମହିଳା ସାଂସଦମାନଙ୍କ ହାର ସେହି ୩୩%ରୁ ଅଧିକ ହେବାର ଆଶା ଦେଖାଯାଉନାହିଁ।

ଏତଦ୍‌ବ୍ୟତୀତ ୨୦ରୁ ଅଧିକ ରାଜ୍ୟ ବିଧାନସଭାମାନଙ୍କରେ ମହିଳା ବିଧାୟକମାନଙ୍କ ହାର ୧୦%ରୁ ବି କମ୍। ତ୍ରିପୁରାରେ ମହିଳା ବିଧାୟକମାନଙ୍କର ସଂଖ୍ୟା ସର୍ବାଧିକ ୧୫% ହୋଇଥିବାବେଳେ ଛତିଶଗଡ଼ରେ ୧୪.୪%, ପଶ୍ଚିମବଙ୍ଗରେ ୧୩.୬%, ରାଜସ୍ଥାନ, ଦିଲ୍ଲୀ ଓ ପଞ୍ଜାବରେ ମହିଳା ବିଧାୟକମାନଙ୍କର ହାର ୧୧ପ୍ରତିଶତ। ମିଜୋରାମ ବିଧାନସଭାରେ ଆଦୌ ମହିଳା ବିଧାୟକ ନାହାନ୍ତି। ଓଡ଼ିଶାରେ ମହିଳା ବିଧାୟକମାନଙ୍କ ହାର ୮.୯%। କର୍ଣ୍ଣାଟକରେ ୪.୫% ବିଧାୟକ ମହିଳା ହୋଇଥିବା ବେଳେ କେରଳରେ ୭.୯%, ମହାରାଷ୍ଟ୍ର ଓ ମଣିପୁରରେ ୮.୩%, ତାମିଲନାଡୁରେ ୫.୧% ଓ ଆସାମରେ ୪.୮% ବିଧାୟକ ମହିଳା। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରି ଦୁଃସ୍ଥ ପରିସ୍ଥିତିର ପ୍ରମାଣ ଏହାଠାରୁ ଅଧିକ କ'ଣ ହୋଇପାରେ!

ରାଜନୈତିକ ଦଳରେ ମହିଳାମାନଙ୍କର ଭାଗୀଦାରିକୁ ଦେଖିଲେ ଭାଜପାରେ ମହିଳା ସାଂସଦଙ୍କ ହାର ମାତ୍ର ୧୩.୫ ପ୍ରତିଶତ। ଦଳମାନଙ୍କ ମଧ୍ୟରେ ଓଡ଼ିଶାର ବିଜେଡିର ମହିଳା ସାଂସଦଙ୍କ ହାର ସର୍ବାଧିକ, ଯାହାକି ୪୧.୭ ପ୍ରତିଶତ। ତା' ପଛକୁ ତୃଣମୂଳ କଂଗ୍ରେସର ମହିଳା ସାଂସଦଙ୍କ ହାର ୪୦.୯ ପ୍ରତିଶତ। ବାକି ଦଳମାନଙ୍କରେ ମହିଳା ସାଂସଦଙ୍କ ହାର ୨୦%ରୁ କମ୍।

ଏଭଳି ଏକ ପରିସ୍ଥିତିରେ ମହିଳାମାନଙ୍କ ପାଇଁ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ୩୩% ସ୍ଥାନ ସଂରକ୍ଷଣ ନିଶ୍ଚୟ ଏକ ଆଶାର କିରଣ ପ୍ରକାଶ କରୁଛି। ତଥାପି ଏହି ଅଧିନିୟମର ବାସ୍ତବିକ ସଫଳତା ପାଇଁ ପୁରୁଷମାନଙ୍କୁ ଚୌକିର ଲୋଭ ଛାଡ଼ିବାକୁ ହେବ। ଆଜି ଦେଖାଯାଉଛି ଯେ ମହିଳାମାନେ କେଉଁଥିରେ ପଛରେ ନାହାନ୍ତି। ମହିଳାମାନେ ପାରମ୍ପରିକ ଭାବେ ପଛୁଆ ବୋଲି ଥିବା ପୁରୁଣାକାଳିଆ ଚିନ୍ତା ଏବେ ଭୁଲ୍ ପ୍ରମାଣିତ ହେଲାଣି। ଶାସନ କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରି ହାର ଅତ୍ୟନ୍ତ କମ୍‌ର କାରଣ ମହିଳାମାନଙ୍କ ଦୁର୍ବଳତା ନୁହେଁ। ଅସଲ କାରଣ ହେଉଛି ପୁରୁଷମାନେ ମହିଳାମାନଙ୍କର ସୁଯୋଗକୁ ଛଡ଼େଇ ନେଇଛନ୍ତି ଓ ସେହି ଛଡ଼େଇ ନେବା ପ୍ରକ୍ରିୟାକୁ ସ୍ୱାଭାବିକ ବୋଲି ଦର୍ଶାଇବାର ଅପଚେଷ୍ଟା କରାଯାଇଛି। ଲୋକ ସଭାର ମହିଳା ସଂରକ୍ଷଣ ବିଲ୍‌ର ବିତର୍କରେ ଭାଗନେଇ ଡିଏମ୍‌କେ ସାଂସଦ କାନିମୋଝି କହିଛନ୍ତି, ଆମକୁ (ମହିଳାମାନଙ୍କୁ) ସାଲ୍ୟୁଟ୍ ମାରିବା ବନ୍ଦ କର। ଆମେ ସାଲ୍ୟୁଟ୍ ପାଇବାକୁ ଚାହୁଁନାହୁଁ, ଆମେ ଆସ୍ଥାନରେ ରହିବାକୁ ଚାହୁଁନାହୁଁ କି ପୂଜା ପାଇବାକୁ ଚାହୁଁନାହୁଁ। ଆମେ ତୁମର ମା' ଡାକ ଚାହୁଁନାହୁଁ, କି ତୁମ ସ୍ତ୍ରୀ କି ଭଉଣୀ ଭାବେ ରହିବାକୁ ଚାହୁଁନାହୁଁ। ଆମେ ସମାନ ଭାବେ ସମ୍ମାନ ପାଇବାକୁ ଚାହୁଁଛୁ।

ଆମ ଦେଶରେ ପଞ୍ଚାୟତ ନିର୍ବାଚନରେ ମହିଳାମାନଙ୍କ ପାଇଁ ହୋଇଥିବା ସ୍ଥାନ ସଂରକ୍ଷଣର ଅଭିଜ୍ଞତା ଆମର ଅଛି। ଏପରି କି ଓଡ଼ିଶାରେ ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ୫୦% ସ୍ଥାନ ସଂରକ୍ଷଣ କରାଯାଇଛି। କିନ୍ତୁ ଓଡ଼ିଶା ହେଉକି ଅନ୍ୟ ଯେକୌଣସି ରାଜ୍ୟ ଅଧିକାଂଶ ସ୍ଥାନରେ ମହିଳା ସରପଞ୍ଚ ବା ପଞ୍ଚାୟତ ସମିତି ସଦସ୍ୟ ହୋଇଥିବା ବେଳେ ଅସଲ କ୍ଷମତା ତାଙ୍କ ସ୍ୱାମୀ, ଭାଇ କିମ୍ବା ପୁଅ ରୂପରେ କୌଣସି ପୁରୁଷ ହାତରେ ରହୁଛି। ଏପରିକି ଅନୌପଚାରିକ ଭାବରେ ସରପଞ୍ଚ ପତି ବ୍ୟବସ୍ଥା କିଛି ରାଜ୍ୟରେ ଚାଲୁଥିବାର ଦେଖିବାକୁ ମିଳୁଛି। ମହିଳାମାନେ କେବଳ ନାମକୁମାତ୍ର କାଗଜପତ୍ରରେ ଦସ୍ତଖତ କରୁଛନ୍ତି କିନ୍ତୁ ନିଷ୍ପତ୍ତି ନେବାର ସବୁ ଅଧିକାର ପୁରୁଷ ନିଜ ପାଖରେ ଭିଡ଼ିରଖିଛି। ଏହା ମହିଳା ସଶକ୍ତୀକରଣ ନାମରେ ମହିଳା ତୁଷ୍ଟୀକରଣମାତ୍ର। ସେହିପରି ଲୋକ ସଭା ଓ ବିଧାନସଭା ନିର୍ବାଚନ କ୍ଷେତ୍ରରେ କେବଳ ସ୍ଥାନ ସଂରକ୍ଷଣ କରିଦେଲେ ହେବ ନାହିଁ, ମହିଳାମାନଙ୍କୁ ସୁଯୋଗ ଦେବାର ଅଛି। ମହିଳାମାନଙ୍କ ପାଇଁ ପୁରୁଷମାନେ ବାଟଛାଡ଼ିବାର ଅଛି।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

# ପର୍ଯ୍ୟଟନ ଏବଂ ସବୁଜ ନିବେଶ



ଡ. ରତିକାନ୍ତ ପଟ୍ଟନାୟକ

ସମଗ୍ର ବିଶ୍ୱରେ ସେପ୍ଟେମ୍ବର ୨୭କୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଏ। ପର୍ଯ୍ୟଟନ ସହ ସଂଶ୍ଳିଷ୍ଟ ଥିବା ସମସ୍ତ ପର୍ଯ୍ୟଟକ, କର୍ମଚାରୀ ତଥା କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସଂସ୍ଥାମାନଙ୍କ ପାଇଁ ଏହା ଏକ ସ୍ମରଣୀୟ ଦିନ। ଆଜି ପର୍ଯ୍ୟଟନ ଶିଳ୍ପ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଏକ ସର୍ବବୃହତ୍ ଶିଳ୍ପ ଭାବେ ଆବିର୍ଭାବ ହୋଇପାରିଛି । ଯେତେବେଳେ ବିଶ୍ୱ ପର୍ଯ୍ୟଟକଙ୍କ ଆଗମନ ଶୀର୍ଷରେ ପହଞ୍ଚିଥିଲା ସେତେବେଳେ ମହାମାରୀ କୋଭିଡ୍ ବିଶ୍ୱକୁ ଗ୍ରାସୀ ଥିଲା। ମହାମାରୀ କୋଭିଡ୍‌ର ପ୍ରଭାବ ପର୍ଯ୍ୟଟନ ଶିଳ୍ପରେ ସବୁଠୁ ଅଧିକା ପଡ଼ିଥିଲା। କୋଭିଡ୍ ପରବର୍ତ୍ତୀ ପର୍ଯ୍ୟାୟରେ ପର୍ଯ୍ୟଟନର ଦୃଶ୍ୟପଟ ଓ ପର୍ଯ୍ୟଟକମାନଙ୍କର ଆଚାର ଏବଂ ବ୍ୟବହାରରେ ଅନେକ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ସମୟରେ ପର୍ଯ୍ୟଟକମାନଙ୍କର ଆଗମନର ଧାରାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କେତୋଟି ପର୍ଯ୍ୟଟନ ସ୍ଥଳୀ ଅନ୍ୟ ପର୍ଯ୍ୟଟନ ସ୍ଥାନ ତୁଳନାରେ ବହୁତ ଆଦୃତ, ଗହଳିପୂର୍ଣ୍ଣ। ଏସବୁ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ ଓ ବହୁ ସଂଖ୍ୟକ ପର୍ଯ୍ୟଟକ ମଧ ବାରମ୍ବାର ଭ୍ରମଣରେ ଯାଇଥାନ୍ତି। ମାତ୍ରାଧିକ ପର୍ଯ୍ୟଟକଙ୍କ ଆଗମନ ଫଳରେ ସେହି ସ୍ଥାନର ପରିବେଶ ତଥା ବସବାସ କରୁଥିବା ସାଧାରଣ ନାଗରିକଙ୍କ ଜୀବନ ଧାରାରେ କୁପ୍ରଭାବ ପକାଇଥାଏ। ବିଶେଷକରି ଉକ୍ତ ସ୍ଥାନର ବହନ କ୍ଷମତା ଉପରେ ବହୁତ ପ୍ରଭାବ ପଡ଼ିଥାଏ। ଏହି ପରିପ୍ରେକ୍ଷୀରେ କେତେଗୁଡ଼ିଏ ୟୁରୋପୀୟ ଦେଶ ସେମାନଙ୍କର ପ୍ରମୁଖ ତଥା ଜନପ୍ରିୟ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଆଉ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ଓ ସ୍ୱାଗତ ନ କରିବାକୁ ଆହ୍ୱାନ ଦେଇଛନ୍ତି। କାରଣ ସାଧାରଣ ମତ ଯେ ଅତ୍ୟଧିକ ପର୍ଯ୍ୟଟକଙ୍କ ଆଗମନ ଯୋଗୁ ସେମାନଙ୍କର ଦୈନନ୍ଦିନ ଜୀବନ, ଚାଲିଚଳନ ଓ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପଡୁଛି।

ଏହି ସବୁ ଅନିଶ୍ଚିତତା ଓ ପର୍ଯ୍ୟଟନର ଭବିଷ୍ୟତକୁ ନଜର ରଖି ବିଶ୍ୱ ପର୍ଯ୍ୟଟନ ସଂଗଠନ ଚଳିତବର୍ଷ ଚୟନ କରିଥିବା ଥିମ୍ ପ୍ରାସଙ୍ଗିକତା ବହନ କରୁଛି ; ଯାହା କି ଆଗାମୀ ପିଢ଼ି ଓ ଜନ ସମାଜକୁ ଏକ ଯତ୍ନଶୀଳ ପରମ୍ପରା ତଥା ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ। ଚଳିତବର୍ଷ ବିଶ୍ୱ ପର୍ଯ୍ୟଟନର ସର୍ବୋଚ୍ଚ ସଂସ୍ଥା ବିଶ୍ୱ ପର୍ଯ୍ୟଟନ ସଂଗଠନ ପର୍ଯ୍ୟଟନ ଓ ସବୁଜ ନିବେଶକୁ ଥିମ୍ ଭାବେ ଗ୍ରହଣ କରି, ସାଉଦି ଆରବର ରିଆଦକୁ ପ୍ରମୁଖ ପ୍ରାୟୋଜକ ଦେଶ ଭାବେ ଘୋଷଣା କରି ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି। ବିଶ୍ୱ ପର୍ଯ୍ୟଟନ ସଂସ୍ଥା, ପର୍ଯ୍ୟଟନର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ଗୁଣ ଓ ସମାଜକୁ ଏହାର ଅବଦାନ ଇତ୍ୟାଦି ଉପରେ



ସଚେତନତା ସୃଷ୍ଟି କରି ସମାଜର ଉନ୍ନତି ତଥା ସମାବେଶୀ ତଥା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବା ବିଶ୍ୱ ପର୍ଯ୍ୟଟନ ଦିବସର ମୁଖ୍ୟ ଉଦ୍ଦେଶ୍ୟ।

ପର୍ଯ୍ୟଟନର ବିକାଶ ପାଇଁ ସବୁଜ ନିବେଶ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ। ସାଧାରଣତଃ, ସବୁଜ ନିବେଶ କହିଲେ ଆମେ ବୁଝିଥାଉ କି ଏହା ଏକ ପ୍ରକାର ପର୍ଯ୍ୟଟନ ପଦକ୍ଷେପ, ଯାହାଦ୍ୱାରା ଏକ ନିବେଶକାରୀ ଉଦ୍ୟୋକ୍ତା ପରିବେଶ ସୁରକ୍ଷା, ଶକ୍ତି ସଂରକ୍ଷଣ, କମ୍ ପ୍ରଦୂଷଣ ଓ ସବୁଜ ସାମଗ୍ରୀ ସାହାଯ୍ୟରେ ହୋଟେଲ, ରେସ୍ତୋରାଁ, ମୋଟେଲ ଇତ୍ୟାଦି ତିଆରି କରି ପର୍ଯ୍ୟଟନର ବିକାଶ ପାଇଁ ଉଦ୍ୟମ କରିବା ଉଚିତ। ସାଧାରଣ ଭାବେ ଆମେ ପର୍ଯ୍ୟଟନର ବିକାଶ ଓ ସମୃଦ୍ଧି ପାଇଁ ପାରମ୍ପରିକ ଆଭିମୁଖ୍ୟ ଆପଣେଇ ଥାଉ। କିନ୍ତୁ କ୍ରମଶଃ ପର୍ଯ୍ୟଟନର ପ୍ରାସଙ୍ଗିକତାକୁ ଲକ୍ଷ୍ୟକରି ପରିବର୍ତ୍ତନୀୟ ସମୟରେ ପର୍ଯ୍ୟଟନର ସମସ୍ତ ଭାଗୀଦାରି ଭାବେ ଏକତ୍ରିତ ହୋଇ ଏକ ସ୍ଥାୟୀ ବିନିଯୋଗ ରଣନୀତି ଉପରେ ଆସ୍ଥା ରଖି କାର୍ଯ୍ୟ କରିବା ଉଚିତ। ବର୍ତ୍ତମାନ ସାରା ବିଶ୍ୱ ଏକ ଘଡ଼ିସନ୍ଧିମୁହୂର୍ତ୍ତ ଦେଇ ଅତିକ୍ରମ କରୁଛି। ବିଶ୍ୱତାପନ ଯଥା ପରିବେଶ ଓ ବାୟୁ ମଣ୍ଡଳର ଅସମାନତା ଓ ପରିବର୍ତ୍ତନ ଦ୍ୱାରା ବିଶେଷକରି ପର୍ଯ୍ୟଟନ ଶିଳ୍ପ ଉପରେ ଏହାର ପ୍ରଭାବ ଅଧିକ ପଡ଼ିଥାଏ। ସବୁଜ ନିବେଶ ମାଧ୍ୟମରେ ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶ ଥିବା ସ୍ଥାନଗୁଡ଼ିକୁ ଭ୍ରମଣରେ ଯାଇଥା'ନ୍ତି, ସେଠିକାର ବିଶେଷ ନୀତି ଓ ନିୟମକୁ ମାନନ୍ତି, ପରିବେଶକୁ ନଷ୍ଟ ନ କରି ସମ୍ମାନ ଦେଇଥା'ନ୍ତି। ଏହାଦ୍ୱାରା ପରିବେଶର ସୁରକ୍ଷା କରିବା ସହିତ ପ୍ରଦୂଷଣ ହ୍ରାସ ଓ ପ୍ରାକୃତିକ ବିଭବର ସଂରକ୍ଷଣ ହୋଇଥାଏ। ଉକ୍ତ ସ୍ଥାନଗୁଡ଼ିକରେ ନିବେଶକମାନେ ଅଧିକରୁ ଅଧିକ ସ୍ୱାବଲମ୍ବୀ ଓ ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରିବା ଉଚିତ। ସେମାନଙ୍କୁ ଅଧିକ ସକାରାତ୍ମକ, ପ୍ରେରଣା ଓ ପ୍ରୋତ୍ସାହନ ପାଇଁ ପରିବେଶ ନିମିତ୍ତ ମାନ ଓ ନିୟମାବଳୀ ପାଳନ କରୁଥିବା ସଂସ୍ଥାଗୁଡ଼ିକୁ ଚିହ୍ନିତ କରି ସେମାନଙ୍କର ମନୋବଳ ବୃଦ୍ଧି କରିବା ପାଇଁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରିବା ଉଚିତ। ଏହାଦ୍ୱାରା ସେମାନେ ଉତ୍ସାହିତ ହେବା ସଙ୍ଗେ ସଙ୍ଗେ ପର୍ଯ୍ୟଟନ ସ୍ଥଳୀରେ ପରିବେଶ ଅନୁକୂଳ ହୋଟେଲ, ରେସ୍ତୋରାଁ, ମୋଟେଲ ଇତ୍ୟାଦି ତିଆରି କରି ପରିବେଶର ସୁରକ୍ଷା କରିବାରେ ଯଥେଷ୍ଟ ସହାୟତା କରିପାରିବେ। ସେମାନେ ପୂର୍ବାପେକ୍ଷା ଅଧିକ ପ୍ରତିଯୋଗିତା ସମ୍ପନ୍ନ ହେବା ସହିତ ନୂତନ ଉଦ୍ଦୀପନା ସହ କାର୍ଯ୍ୟ କରିବେ ; ଯାହା କି ପରିବେଶକୁ ସୁରକ୍ଷା କରି ପରିବେଶ ପ୍ରତି ଭଲ ପାଉଥିବା ଅଧିକରୁ ଅଧିକ ଦାୟିତ୍ୟ ସମ୍ପନ୍ନ ପର୍ଯ୍ୟଟକଙ୍କୁ ଭ୍ରମଣ ପାଇଁ ଆକୃଷ୍ଟ କରିବେ।

**ଭୁବନେଶ୍ୱର, ମୋ–୯୪୩୭୪୮୨୭୨୯**

## ପାଠକ ଶ୍ରେଷ୍ଠ ବିଚାରକ

### ଯାତ୍ରୀଙ୍କ ପାଇଁ ସୁବିଧା ନାହିଁ

ମହାଶୟ,

ଦେଶରେ ୫୦୮ ଓ ଓଡ଼ିଶା ରାଜ୍ୟରେ ୨୫ଟି ଷ୍ଟେସନରେ ନିବେଶ ହେବ ୫୩୨ କୋଟି ଟଙ୍କା। ତେବେ ଜଣେ ସାଧାରଣ ଯାତ୍ରୀ ଏଥିରୁ ବୁଝିବ କ'ଣ ? ସରକାର ଟଙ୍କା ଖର୍ଚ୍ଚ କରି ଷ୍ଟେସନର ଉନ୍ନତୀକରଣ କରିବେ। ତେବେ କୋଭିଡ ସମୟରେ ଯେଉଁ କେତେକ ଗାଡ଼ି ଚାଲିଲା ବା ଏବେ ଚାଲୁଛି ସେଥିରେ ବୟସ୍କ ବା ବରିଷ୍ଠ ନାଗରିକଙ୍କ ପାଇଁ ଯେଉଁ ଛାଡ଼ ବା ରିହାତି ମିଳୁଥିଲା, ତାହା କାଟି ଦିଆଗଲା। ଆଉ ଏକ ନୂଆ ଆଇନ। ସେ ଥିଲା ତତ୍କାଳ ବା ଆପାତକାଳୀନ ଟିକେଟ। ଏହାର ଦର ପ୍ରାୟ ୨ ଗୁଣାରୁ ଅଧିକ। ତା' ମଧ ଜଣେ ଯାତ୍ରୀ (ବରିଷ୍ଠ ନାଗରିକ) ଏକୁଟିଆ ଯିବାକୁ ଭୟ କଲେ, ସାଙ୍ଗରେ କାହାକୁ ନେବାକୁ ଇଚ୍ଛା କରି ଟିକେଟ କାଟିଲେ, ମିଳିଲା ସେଇ ଡବା, କିନ୍ତୁ ଦେବାକୁ ପଡ଼ିଲା ୨ ଗୁଣାରୁ ଅଧିକ ପଇସା। ଖୋର୍ଦ୍ଧା ରୋଡ୍‌ଠାରୁ ବଲାଙ୍ଗୀର ରେଳ ଲାଇନ ବର୍ଷ ବର୍ଷ ଧରି ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ଏହିପରି ଆହୁରି ବହୁ ରେଳ ରାସ୍ତା ଅଧାପନ୍ତରିଆ ହୋଇ ପଡ଼ି ରହିଛି। ରାଜନେତାମାନେ ତା' ବିଷୟରେ କୌଣସି ପ୍ରସ୍ତାବ ଆଗତ କରୁନାହାନ୍ତି। ଭାରତ ସରକାର ତଥା ରେଳ ମନ୍ତ୍ରଣାଳୟ ଉପରେ ଚାପ ପକାଇ ଓଡ଼ିଶାର ସବୁ ରେଳ ଷ୍ଟେସନର ଉନ୍ନତୀକରଣ ସହିତ ରାତ୍ରିକାଳୀନ ବିଶ୍ରାମ ଗୃହ କରିବା ଆବଶ୍ୟକ।

**– ଶଶାଙ୍କ ଶେଖର ମହାନ୍ତି, ଭୀମଟାଙ୍ଗି, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ସେବା ପାଇଁ ବୟସର କିଛି ବାଛବିଚାର ନ ଥାଏ। ତାହା ଦିଲ୍ଲୀର ହରଜିନ୍ଦର ସିଂ ପ୍ରମାଣିତ କରିଛନ୍ତି। ତାଙ୍କୁ ଏବେ ୮୦ ବର୍ଷ ବୟସ। ଜୀବନର ପରିଣତ ବୟସରେ ସେ ଫ୍ରି ଅଟୋ ଆମ୍ବୁଲାନ୍ସ ଚଳାଇ ଲୋକଙ୍କୁ ସେବା ଯୋଗାଉଛନ୍ତି। ତାଙ୍କ ଅଟୋରିକ୍ସାରେ ସର୍ବଦା ଫାଷ୍ଟ ଏଡ୍ କିଟ୍ ରହିଥାଏ। ଫାଷ୍ଟ ଏଡ୍ ପାଇଁ ସେ ତାଲିମ ନେଇଛନ୍ତି। ସେ ଏ ପର୍ଯ୍ୟନ୍ତ ଅନେକ ଜୀବନ ରକ୍ଷା କରିଛନ୍ତି। ସେ ୫ ଦଶନ୍ଧି ଧରି ଦିଲ୍ଲୀରେ ମାଗଣା ଏହି ସେବା ଯୋଗାଉଛନ୍ତି। ହରଜିନ୍ଦର ୧୯୬୪ରେ ଅଟୋରିକ୍ସା ଚଳାଇବା ଆରମ୍ଭ କରିଥିଲେ। ସେ ଅଟୋରିକ୍ସା ଚଳାଇବାରେ ଇତିମଧ୍ୟରେ ୫୫ ବର୍ଷରୁ ଅଧିକ ସମୟ ବିତିଗଲାଣି। ଟ୍ରାଫିକ୍ ଆଇନ ଅବମାନନା ପାଇଁ ତାଙ୍କ ନାମରେ କୌଣସି ଚାଲାଣ କଟିନାହିଁ । ତାଙ୍କ ଅଟୋ ପଛ ପାର୍ଶ୍ୱରେ ଏକ ବାର୍ତ୍ତା ଲେଖାଯାଇଛି ସଡ଼କ ଦୁର୍ଘଟଣାରେ ଆହତମାନଙ୍କ ପାଇଁ ମାଗଣା ଆମ୍ବୁଲାନ୍ସ ସେବା। ପ୍ରତିଦିନ ସକାଳ ୮ ଟାରେ ସେ ନିଜ କାମରେ ଚାଲିଯାଆନ୍ତି। ସେ ନିଜ ଅଟୋରେ ଏକ ଦାନବାକ୍ସ ମଧ୍ୟ ରଖିଛନ୍ତି। କିନ୍ତୁ ସେ ସେବା ପାଇଁ କାହାକୁ ଟଙ୍କା ମାଗନ୍ତି ନାହିଁ । ଯିଏ ଯାହା ଦେବାର ଥାଏ ସେମାନେ ଦାନ ବାକ୍ସରେ ପକାଇ ଦିଅନ୍ତି। ହରଜିନ୍ଦର ସେହି ଦାନ ଟଙ୍କାରେ ଔଷଧ କିଣନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ସେପ୍ଟେମ୍ବର ୧୯୯୮**

- ରାଜ୍ୟର ୩ଟିଯାକ ମେଡିକାଲ କଲେଜରେ ନାମଲେଖା ପାଇଁ ପ୍ରକାଶିତ ତାଲିକାକୁ ହାଇକୋର୍ଟ ବାତିଲ କରିଦେବା ସଙ୍ଗେ ସଙ୍ଗେ ବିଶେଷଜ୍ଞ କମିଟି ପ୍ରଦାନ କରିଥିବା ରିପୋର୍ଟ ଭିତ୍ତିରେ ନୂତନ ଯୋଗ୍ୟତା ତାଲିକା ପ୍ରକାଶ କରିବା ପାଇଁ ମିଳିତ ପ୍ରବେଶିକା ପରୀକ୍ଷା କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି।
- ଅଣ୍ଡରୱାର୍ଲ୍ଡ ମାଫିଆ ତଥା ରାଜନୈତିକ ନେତା ଅରୁଣ ଗାୱାଲୀ ଥାଣେ ଜିଲାସ୍ଥିତ କେନ୍ଦ୍ରୀୟ ଜେଲରୁ ମୁକ୍ତ।

## ଚିରନ୍ତନୀ

ଧରଣୀର ତନ୍ତ୍ରୀ ଥରେ
ତୃଣ ସମ ଦୋହଲେ ଅଚଳ !
ସେ ଶବଦେ ଉଠେ କମ୍ପି
ସକଳ ବିଶ୍ୱର ବକ୍ଷସ୍ଥଳ।

–(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 4 | 3 |
| 7 | | 5 | | 9 | | | | 8 |
| | 1 | 3 | | 7 | | | | |
| 2 | | 1 | 5 | | | | | 7 |
| | 4 | | | | | | | 9 |
| | | | | 3 | | | | |
| | | | | 6 | | | | |
| | 7 | 8 | | 4 | 9 | | | |
| | | | | | 5 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 7 | 2 | 4 | 3 | 6 | 9 | 5 |
| 6 | 3 | 5 | 1 | 9 | 8 | 2 | 4 | 7 |
| 2 | 4 | 9 | 5 | 7 | 6 | 3 | 8 | 1 |
| 4 | 5 | 6 | 9 | 8 | 7 | 1 | 2 | 3 |
| 9 | 7 | 3 | 6 | 2 | 1 | 4 | 5 | 8 |
| 1 | 8 | 2 | 3 | 5 | 4 | 7 | 6 | 9 |
| 7 | 2 | 4 | 8 | 1 | 9 | 5 | 3 | 6 |
| 3 | 9 | 1 | 4 | 6 | 5 | 8 | 7 | 2 |
| 5 | 6 | 8 | 7 | 3 | 2 | 9 | 1 | 4 |

ଗତକାଲିର ଉତ୍ତର

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୭ ସେପ୍ଟେମ୍ବର , ୨୦୨୩

**ଦୋକାନରୁ ୨୫ କୋଟିର ଗହଣା ଲୁଟ୍**

ନୂଆଦିଲ୍ଲୀର ଭୋଗଲ ଅଞ୍ଚଳରେ ଥିବା ଏକ ଜୁଏଲେରୀ ଦୋକାନର ଷ୍ଟ୍ରଙ୍ଗ୍‌ରୁମ୍ କାନ୍ଥରେ କଣା କରି ଚୋରମାନେ ୨୫ କୋଟି ଟଙ୍କା ମୂଲ୍ୟର ଗହଣା ନେଇ ଚମ୍ପଟ୍ ମାରିଛନ୍ତି। ଦିଲ୍ଲୀରେ ଏହା ସବୁଠୁ ବଡ଼ ଡକାୟତି ଘଟଣା। ପୋଲିସ ଏହାର ତଦନ୍ତ ଚଳାଇଥିବା କହିଛି। ଦୋକାନ ମାଲିକ ସଞ୍ଜୀବ ଜୈନଙ୍କ କହିବା ଅନୁଯାୟୀ ତାଙ୍କ ଦୋକାନ ରବିବାର ବନ୍ଦ ରହିଥିଲା। ମଙ୍ଗଳବାର ଦୋକାନ ଖୋଲିଲା ପରେ ଚୋରି ହୋଇଥିବା ଜଣାପଡ଼ିଥିଲା।



# କାନାଡା ଶିଖ୍‌ଙ୍କ ଭାରତ ବିରୋଧୀ ବିକ୍ଷୋଭ

ଟରଣ୍ଟୋ,୨୬।୯

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟାରେ ନୂଆଦିଲ୍ଲୀର ଭୂମିକା ଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅଭିଯୋଗ ଆଣିବାର ସପ୍ତାହେ ପରେ ସେଠାରେ ଥିବା ଭାରତୀୟ କୂଟନୈତିକ ମିଶନ ବାହାରେ ଶହ ଶହ ସଂଖ୍ୟାରେ ଶିଖ୍ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋକୁ ନଷ୍ଟ କରିବା ସହ ଭାରତୀୟ ପତାକା ପୋଡ଼ିଥିଲେ। ଆମେ ପଞ୍ଜାବ ଫେରିବା ନିରାପଦ ନୁହେଁ, ଆମେ କାନାଡାରେ ମଧ୍ୟ ସୁରକ୍ଷିତ ନୋହୁଁ ବୋଲି ଟରଣ୍ଟୋରେ ଶିଖ୍ ସମ୍ପ୍ରଦାୟର ସଦସ୍ୟ ଜୋ ହୋଥା କହିଛନ୍ତି। ନିଜ୍ଜର ହତ୍ୟାରେ ଭାରତର ଏଜେଣ୍ଟ ସମ୍ପୃକ୍ତ ବୋଲି ପ୍ରଧାନମନ୍ତ୍ରୀ ଟ୍ରୁଡୋ ପାର୍ଲାମେଣ୍ଟରେ କହିସାରିଥିବାରୁ ଆଉ କ୍ଷମା ନାହିଁ ବୋଲି ଶିଖ୍ ବିକ୍ଷୋଭକାରୀ ହରପାର ଗୋସାଲ କହିଛନ୍ତି। ଭାରତୀୟ ଆତଙ୍କବାଦୀ ଆମ ଭାଇଙ୍କୁ ଭାଙ୍କୋଭରରେ ହତ୍ୟା କରିଥିବାରୁ ଆବେ ଭାରତୀୟ ବାଣିଜ୍ୟିକ ଦୂତାବାସ ବାହାରେ ବିକ୍ଷୋଭ କରୁଛୁ ବୋଲି କାନାଡାର ଶିଖ୍‌ମାନେ କହିଛନ୍ତି। ବିକ୍ଷୋଭକାରୀମାନେ ହାତରେ ଖଲିସ୍ତାନୀ ପତାକା ଧରିଥିଲେ। ଟରଣ୍ଟୋ ସମେତ ଓଟାୱା ଏବଂ ଭାଙ୍କୋଭରରେ ମଧ୍ୟ ବିକ୍ଷୋଭ କରାଯାଇଛି।




ଟରଣ୍ଟୋସ୍ଥିତ ଭାରତୀୟ କୂଟନୈତିକ ମିଶନ ବାହାରେ କାନାଡା ଶିଖ୍‌ମାନେ ଭାରତ ବିରୋଧରେ ବିକ୍ଷୋଭ କରୁଛନ୍ତି।



ଇଟାଲୀର ଫ୍ଲୋରେନ୍ସସ୍ଥିତ ଡେଲ୍ ଆକାଡେମିଆ ଗ୍ୟାଲେରିରେ ଥିବା ଡାଭିଡ୍ (ନାଗରିକ ସ୍ୱାଧୀନତା ସୁରକ୍ଷାର ପ୍ରତୀକ) ପ୍ରତିମୂର୍ତ୍ତିକୁ ଜଣେ ପୁନରୁଦ୍ଧାରକାରୀ ସଫା କରୁଛନ୍ତି। ପ୍ରଖ୍ୟାତ ସ୍ଥପତି ମିଶେଲାନ୍‌ଗେଲୋ ୧୭ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ବିବସ୍ତ୍ର ମୂର୍ତ୍ତିକୁ ୧୫୦୧-୧୫୦୪ରେ ନିର୍ମାଣ କରିଥିଲେ।

## କାନାଡା ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଛି: ଶ୍ରୀଲଙ୍କା ମନ୍ତ୍ରୀ

**ନ୍ୟୁୟର୍କ,୨୬।୯:** ଭାରତ-କାନଡା କୂଟନୈତିକ ବିବାଦକୁ ନେଇ ଶ୍ରୀଲଙ୍କା ବହିର୍ବ୍ୟାପାର ମନ୍ତ୍ରୀ ଅଲି ସାବ୍ରି ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। କାନାଡା ଆତଙ୍କବାଦୀଙ୍କ ସୁରକ୍ଷିତ ଭୂସ୍ୱର୍ଗ ପାଲଟିଛି। ଏହାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ବିନା ପ୍ରମାଣରେ ଉତ୍ତେଜନାପୂର୍ଣ୍ଣ ଅଭିଯୋଗ ଆଣିଛନ୍ତି। ଟ୍ରୁଡୋ ଅନେକ ସମୟରେ ଉତ୍ତେଜକ ତଥା ପ୍ରମାଣ ନ ଥିବା ଅଭିଯୋଗ କରିଥାନ୍ତି। ଶ୍ରୀଲଙ୍କାରେ କୌଣସି ଗଣହତ୍ୟା ହୋଇ ନ ଥିବା ସମସ୍ତେ ଜାଣନ୍ତି। କିନ୍ତୁ ଟ୍ରୁଡୋ ଏଭଳି ଏକ ମନଗଢ଼ା ଅଭିଯୋଗ ଆଣିଥିଲେ ବୋଲି ଅଲି କହିଛନ୍ତି।

## ୨ ବିମାନ ଧକ୍କା: ୫ ମୃତ

**ମେକ୍ସିକୋ ସିଟି,୨୬।୯:** ମେକ୍ସିକୋର ଉତ୍ତର ଭାଗରେ ଥିବା ଡୁରାଙ୍ଗୋ ରାଜ୍ୟରେ ଦୁଇଟି ଘରୋଇ ବିମାନ ମଧ୍ୟରେ ଧକ୍କାହେବାରୁ ଜଣେ ଶିଶୁ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଲା ଗାଲାନ୍‌ସିଟା ସହରର ଏକ ଅପରିଷ୍କାର ଏୟାରଷ୍ଟ୍ରିପ୍‌ରେ ସୋମବାର ଏହି ଦୁର୍ଘଟଣା ଘଟିଥିଲା। ଗୋଟିଏ ବିମାନ ଉଡ଼ାଣ ଆରମ୍ଭ କରୁଥିବାବେଳେ ଅନ୍ୟଟି ଲ୍ୟାଣ୍ଡିଂ କରିବାରୁ ସେମାନଙ୍କ ମଧ୍ୟରେ ଧକ୍କା ହୋଇଥିଲା ବୋଲି ରାଜ୍ୟର ସୁରକ୍ଷା ସଚିବାଳୟ ପକ୍ଷରୁ କୁହାଯାଇଛି। ଦୁର୍ଘଟଣା ଯୋଗୁ ଦୁଇଟି ବିମାନରେ ନିଆଁ ଲାଗିଯାଇଥିଲା।

## ପଞ୍ଜାବର ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ ଗିରଫ ପରୱାନା

**ଚଣ୍ଡିଗଡ଼,୨୬।୯:** ସମ୍ପତ୍ତି କିଣାରେ ଅନିୟମିତତାକୁ ନେଇ ପଞ୍ଜାବର ପୂର୍ବତନ ଅର୍ଥମନ୍ତ୍ରୀ ମନପ୍ରୀତ୍ ସିଂ ବାଦଲଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ବ୍ୟୁରୋ ମାମଲା ରୁଜୁ କରିଥିବାବେଳେ ମଙ୍ଗଳବାର ଏକ ଅଦାଲତ ତାଙ୍କ ନାଁରେ ଗିରଫ ପରୱାନା ଜାରି କରିଛନ୍ତି।



ଗତ ଜାନୁୟାରୀରେ ମନପ୍ରୀତ୍ ଭାଜପାରେ ଯୋଗଦେଇଥିଲେ। ସେ ମନ୍ତ୍ରୀ ଥିବାବେଳେ କ୍ଷମତାର ଅପବ୍ୟବହାର କରି ବଠିଣ୍ଡାରେ ଦୁଇଟି ବ୍ୟବସାୟିକ ପ୍ଲଟ୍‌କୁ ବାସୋପଯୋଗୀ ପ୍ଲଟ୍‌ରେ ପରିବର୍ତ୍ତନ କରାଇ ନିଜ ନାଁରେ କିଣିଥିବା ଅଭିଯୋଗ ହୋଇଥିଲା।

# ପକ୍ଷ ଛେଦନ ନା 'ଇଣ୍ଡିଆ'କୁ ଡର

**ଭାଜପାର ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ନେତା ଶିବରାଜ ସିଂ ଚୌହାନ ଜାତୀୟ ରାଜନୀତିର ଜଣେ ଚର୍ଚ୍ଚିତ ଚେହେରା। କିନ୍ତୁ ଚଳିତବର୍ଷ ଶେଷ ଆଡ଼କୁ ହେବାକୁ ଥିବା ମଧ୍ୟପ୍ରଦେଶ ନିର୍ବାଚନରେ ସେ ଦଳୀୟ ଗୁରୁତ୍ୱ ହରାଇପାରନ୍ତି। ତାଙ୍କୁ ଭାଜପା ଆଉ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରି ନ ପାରେ ବୋଲି ଆଶଙ୍କା ଉପୁଜିଛି। କାରଣ ୨୩୦ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଦଳ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଜାରି ୭୯ ଜଣିଆ ପ୍ରାର୍ଥୀ ତାଲିକାରେ ୩ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟ ୪ ଜଣ ଏମ୍‌ପି ଥିବାବେଳେ ମୁଖ୍ୟମନ୍ତ୍ରୀ ଶିବରାଜଙ୍କୁ ଏଯାଏ ଟିକେଟ ଦିଆଯାଇନାହିଁ। ଏପରି କି ସେ କେଉଁ ଆସନରୁ ଲଢ଼ିବେ ତାହା ମଧ୍ୟ ଦଳ ସ୍ପଷ୍ଟ କରୁନାହିଁ। ଭାଜପାର ଏହି ପକ୍ଷ ଛେଦନ ରଣନୀତି ଶିବରାଜଙ୍କ ରାଜନୈତିକ ଭବିଷ୍ୟତ ଉପରେ ପ୍ରଶ୍ନଚିହ୍ନ ଲଗାଇଛି।**



ଶିବରାଜ ସିଂ ଚୌହାନ

**ଭାଜପା ପ୍ରାର୍ଥୀ ତାଲିକାରେ ୩ କେନ୍ଦ୍ରମନ୍ତ୍ରୀ, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନାମ ନାହିଁ**

## ଶିବରାଜଙ୍କ ରାଜନୈତିକ ଭବିଷ୍ୟତ ଉପରେ ପ୍ରଶ୍ନଚିହ୍ନ

ନୂଆଦିଲ୍ଲୀ/ଭୋପାଳ,୨୬।୯
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

୨୦୧୮ ନଭେମ୍ବର ୨୮ରେ ଅନୁଷ୍ଠିତ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ୧୧୪ ଆସନ ଦଖଲ କରିଥିବା କଂଗ୍ରେସ ଝୁଲା ସରକାର ଗଠନ କରିଥିଲା। ଭାଜପା ୧୦୯ ଆସନରେ ସୀମିତ ରହିଥିଲେ ବି ଏପରି ପେଞ୍ଚ କରିଥିଲା ଯେ, କଂଗ୍ରେସ ସରକାରର ପତନ ଘଟିଥିଲା। ଜ୍ୟୋତିରାଦିତ୍ୟ ସିନ୍ଧିଆ ବିଦ୍ରୋହୀ ସାଜି ୨ ଡଜନରୁ ଊର୍ଦ୍ଧ୍ୱ ଅନୁଗତ ବିଧାୟକଙ୍କୁ ନେଇ ଭାଜପାରେ ସାମିଲ ହୋଇଥିଲେ। ଫଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ କମଲନାଥଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ଏଥିପାଇଁ ସିନ୍ଧିଆଙ୍କୁ କେନ୍ଦ୍ରମନ୍ତ୍ରୀ କରି ପୁରସ୍କୃତ କରାଯାଇଥିଲା। କଂଗ୍ରେସର ୫ ବର୍ଷରୁ ୩ ବର୍ଷ ଶାସନ ଭାଜପା ଛଡ଼ାଇନେଇଥିଲା, ଯାହାର ପ୍ରତିଶୋଧ ନେବା ପାଇଁ ସର୍ବପୁରାତନ ଦଳ ଏବେ ଅଣ୍ଟା ଭିଡ଼ିଛି। ଏଭଳି ସ୍ଥିତିରେ ୨୦୨୪ ପୂର୍ବରୁ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଭୋଟ ପାଇଁ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଏବଂ କଂଗ୍ରେସ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ଏହିକ୍ରମରେ ଗତ ଅଗଷ୍ଟରୁ ଅଦ୍ୟାବଧି ଭାଜପା ପକ୍ଷରୁ ୨ଟି ପର୍ଯ୍ୟାୟରେ ୭୯ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ପ୍ରାର୍ଥୀମାନଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ପ୍ରହ୍ଲାଦ ସିଂ ପଟେଲ ଓ ଫଗନ ସିଂ କୁଲସ୍ତେ। ସେହିପରି ଅନ୍ୟ ୪ ଦଳୀୟ ଏମ୍‌ପି ଗଣେଶ ସିଂ, ରିତି ପାଠକ, ରାକେଶ ସିଂ ଓ ଉଦୟ ପ୍ରତାପ ସିଂଙ୍କୁ ମଧ୍ୟ ଭାଜପା ଟିକେଟ ଦେଇଛି। ଏପରି କି ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କୈଳାସ ବିଜୟବର୍ଗୀୟଙ୍କୁ ମଧ୍ୟ ପ୍ରାର୍ଥୀ କରାଯାଇଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଶିବରାଜଙ୍କ ନାମ ଅଦ୍ୟାବଧି ଘୋଷଣା କରାଯାଇନାହିଁ। ଭାଜପା ପକ୍ଷରୁ ଆହୁରି ୧୫୧ ଆସନରେ ପ୍ରାର୍ଥୀ ଦେବା ବାକି ଥିଲେ ହେଁ ୬୪ ବର୍ଷୀୟ ଶିବରାଜଙ୍କୁ ନେଇ କଂଗ୍ରେସ କଟାକ୍ଷ କରିଛି। ରାଜ୍ୟରେ ସରକାର ବିରୋଧୀ ହାୱା ବହୁଛି। ଶାସକ ଦଳରେ ବିଶ୍ୱାସ ସଙ୍କଟ ସୃଷ୍ଟି ହୋଇଛି। ଭାଜପାର ଡବଲ ଇଞ୍ଜିନ ସରକାର ପରାଜୟ ସ୍ୱୀକାର କରିଥିବା ମଧ୍ୟପ୍ରଦେଶ କଂଗ୍ରେସ କମିଟି (ଏମ୍‌ପିସିସି) ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ କହିଛନ୍ତି।

ବର୍ତ୍ତମାନ ସୁଦ୍ଧା ଅନ୍ୟ ରାଜ୍ୟଗୁଡ଼ିକ ଭଳି ମଧ୍ୟପ୍ରଦେଶ ନିର୍ବାଚନୀ ପ୍ରଚାରର କେନ୍ଦ୍ରସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରହିଆସିଛନ୍ତି। ସୋମବାର ମୋଦିଙ୍କ ଭୋପାଳ ଗସ୍ତର କିଛି ଘଣ୍ଟା ପରେ ପ୍ରକାଶିତ ଭାଜପା ପ୍ରାର୍ଥୀ ତାଲିକାରେ ୩ କେନ୍ଦ୍ରମନ୍ତ୍ରୀଙ୍କ ସମେତ ୭ ଏମ୍‌ପିଙ୍କ ନାମ ଯେତିକି ବିସ୍ମିତ କରିଛି ସେଥିରୁ ଅଧିକ ଆଶ୍ଚର୍ଯ୍ୟଚକିତ କରିଛି ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ନେଇ ନୀରବତା। କଂଗ୍ରେସ ନେତା ରଣଦୀପ ସୂର୍ଯ୍ୟେୱାଲାଙ୍କ ମତରେ ଭାଜପା ବର୍ତ୍ତମାନ ବିରୋଧୀଙ୍କୁ ନେଇ ଭୟଭୀତ। ତେଣୁ ଶାସକ ଦଳ 'ବୁଡ଼ିଯାଉଥିବା ଜାହାଜ'କୁ ରକ୍ଷା କରିବା ପାଇଁ କେନ୍ଦ୍ରୀୟ ନେତାମାନଙ୍କୁ ବିଧାନସଭା ନିର୍ବାଚନରେ ଟିକେଟ ଦେଇଛି। ଏହି ବଡ଼ ନେତାମାନେ ଶିବରାଜଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ। ସୂତ୍ରରୁ ଜଣାପଡ଼ିଛି ଯେ ଚଳିତବର୍ଷ ନିର୍ବାଚନ ହେବାକୁ ଥିବା ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଭାଜପା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା ନ କରି ସାମୂହିକ ନେତୃତ୍ୱ ଜରିଆରେ 'ଏକତା'ର ସନ୍ଦେଶ ଦେବାକୁ ଯାଉଛି। ତେଲଙ୍ଗାନା ଓ ମିଜୋରାମରେ ମଧ୍ୟ ଅନୁରୂପ ରଣନୀତି ଆପଣାଇପାରେ। ୨୬ ଦଳ ଏକାଠି ହୋଇ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ନାମରେ ଗଢ଼ିଥିବା ବ୍ଲକ୍‌ର ପ୍ରଭାବ ବୃଦ୍ଧି ଘଟୁଥିବାବେଳେ ଶକ୍ତିଶାଳୀ ଭାଜପା ପ୍ରଥମ ଥର ପାଇଁ ଏକ ଅଣବିଭାଜିତ ବିରୋଧୀକୁ ସାମ୍ନା କରିବାକୁ ଯାଉଛି। ତେଣୁ କେନ୍ଦ୍ରରେ ସରକାର ଗଢ଼ିଥିବା ଏହି ଦଳ ଆଗକୁ ଆଉ କ'ଣ ସବୁ ଉପାୟ ପାଞ୍ଚୁଛି ତା' ଉପରେ ନଜର ରହିବ।

> "ମଧ୍ୟପ୍ରଦେଶରେ ଭାଜପା ପରାଜୟ ସ୍ୱୀକାର କରିସାରିଛି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଦାବି କରୁଥିବା ୧୫ରୁ ଊର୍ଦ୍ଧ୍ୱ ବର୍ଷର ବିକାଶକୁ ଭାଜପାର ପ୍ରାର୍ଥୀ ତାଲିକା ପ୍ରତ୍ୟାଖ୍ୟାନ କରିଛି। ଏହା ହେଉଛି ଦଳ ଭିତରେ ପରାଜୟର ସ୍ୱୀକାରୋକ୍ତି। ଏଥର ଭୋଟର ଭାଜପାବାଲାଙ୍କ ୧୮.୫ ବର୍ଷ କୁଶାସନର ହିସାବ ନେବେ।
> **-କମଲନାଥ, ମଧ୍ୟପ୍ରଦେଶ କଂଗ୍ରେସ ସଭାପତି**



# ବେଙ୍ଗାଲୁରୁ ବନ୍ଦ ବେଳେ ହଜାରେ ଅଟକ

**ତାମିଲନାଡୁକୁ କାବେରୀ ଜଳ ଛାଡ଼ିବାକୁ ବିରୋଧ**

ବେଙ୍ଗାଲୁରୁ,୨୬।୯

ତାମିଲନାଡୁକୁ କାବେରୀ ଜଳ ଛାଡ଼ିବାକୁ ବିରୋଧକରି କର୍ନାଟକ ଜଳ ସଂରକ୍ଷଣ ସମିତି (କେଜେଏସ୍‌ଏସ୍) ପକ୍ଷରୁ ମଙ୍ଗଳବାର ବେଙ୍ଗାଲୁରୁ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦକୁ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ସମର୍ଥନ ଜଣାଇଛନ୍ତି। ଫଳରେ ସହରରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ସକାଳର ଗହଳି ସମୟରେ ବେଙ୍ଗାଲୁରୁର ମୁଖ୍ୟ ରାସ୍ତାଗୁଡ଼ିକ ଜନଶୂନ୍ୟ ହୋଇଯାଇଥିବାବେଳେ ଦୋକାନ ବଜାର, ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ ରହିଥିଲା। ରାମନଗରରେ କନ୍ନଡ କର୍ମୀମାନେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଫଟୋରେ ଶ୍ରଦ୍ଧାଞ୍ଜଳି ଦେଇ ସେମାନଙ୍କ କ୍ରୋଧ ଜଣାଇଥିଲେ। ବନ୍ଦ ବେଳେ କୃଷକ ନେତାଙ୍କ ସମେତ ୧,୦୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଛି। ସାରା ସହରରେ ୧୪୪ ଧାରା ଜାରି ହୋଇଥିବା ବେଙ୍ଗାଲୁରୁ ପୋଲିସ କମିଶନର ବି. ଦୟାନନ୍ଦ କହିଛନ୍ତି। କଟକଣା ଓ କୋର୍ଟଙ୍କ ନିର୍ଦ୍ଦେଶ ଯୋଗୁ ସହରରେ କୌଣସି ବନ୍ଦ କିମ୍ବା ଶୋଭାଯାତ୍ରାକୁ ଅନୁମତି ଦିଆଯାଇ ନ ଥିଲା।

କାବେରୀ ନଦୀଜଳ ବଣ୍ଟନ ପ୍ରସଙ୍ଗକୁ ନେଇ ତାମିଲନାଡୁ ଓ କର୍ନାଟକ ମଧ୍ୟରେ ବହୁ ଦଶନ୍ଧି ହେଲା ବିବାଦ ଲାଗିରହିଛି। ସେପ୍ଟେମ୍ବର ୧୩ରୁ ୧୫ ଦିନ ପାଇଁ ତାମିଲନାଡୁକୁ ୫,୦୦୦ କ୍ୟୁସେକ୍ ଜଳ ଛାଡ଼ିବା ପାଇଁ କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ (ସିଡବ୍ଲ୍ୟୁଏମ୍‌ଏ) କର୍ନାଟକକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କର୍ନାଟକ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଉକ୍ତ ପିଟିଶନ ଖାରଜ ହୋଇଯିବାରୁ ବିବାଦ ବଢ଼ିଛି। କର୍ନାଟକରେ ପାନୀୟ ଜଳ ଓ ଜଳସେଚନ ପାଇଁ ନଦୀଜଳର ଆବଶ୍ୟକତା ଜରୁରୀ ଥିବାରୁ ଏହା ତାମିଲନାଡୁକୁ ଜଳ ଛାଡ଼ିବା ସ୍ଥିତିରେ ନ ଥିବା କହିଛି।

## କୃଷକଙ୍କ ଅଭିନବ ପ୍ରତିବାଦ

ତ୍ରିଚି,୨୬।୯

କର୍ନାଟକ ସରକାର ତାମିଲନାଡୁକୁ କାବେରୀ ଜଳ ଛାଡ଼ିବା ଦାବିରେ ତ୍ରିଚିର ଚାଷୀମାନେ ମଙ୍ଗଳବାର ଅଭିନବ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କର୍ନାଟକ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଚାଷୀମାନେ ପାଟିରେ ମୂଷା ଧରି ପ୍ରତିବାଦ ଜଣାଇଥିଲେ। ତ୍ରିଚିରେ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ ଜାତୀୟ ଦକ୍ଷିଣ ଭାରତୀୟ ନଦୀ ଆନ୍ତଃ ସଂଯୋଗ କୃଷକ ସଂଗଠନର ତାମିଲନାଡୁ ଶାଖା ଅଧ୍ୟକ୍ଷ ଆୟାକନ୍ନୁ। ତାମିଲନାଡୁରେ ଚାଷ ବଞ୍ଚାଇବା ପାଇଁ ସେମାନେ କାବେରୀ ଜଳ ଛାଡ଼ିବାକୁ ଦାବି ଜଣାଇଥିଲେ।



# ଲାଗ୍ରାଞ୍ଜ ପଏଣ୍ଟ-୧ ଅଭିମୁଖେ ଆଦିତ୍ୟ-ଏଲ୍୧

ବେଙ୍ଗାଲୁରୁ,୨୬।୯

ଭାରତର ପ୍ରଥମ ସୂର୍ଯ୍ୟ ମିଶନରେ ଯାଇଥିବା ଆଦିତ୍ୟ-ଏଲ୍୧ ମହାକାଶ ଯାନ ଏହାର ଗନ୍ତବ୍ୟ ସ୍ଥଳ ଲାଗ୍ରାଞ୍ଜ ପଏଣ୍ଟ ୧ (ଏଲ୍୧) ଅଭିମୁଖେ ଅଗ୍ରସର ହେଉଛି। ଏହା ଏକ ଅନନ୍ୟ ସ୍ଥାନ ଯେଉଁଠି ସୂର୍ଯ୍ୟ ଓ ପୃଥିବୀର ଆକର୍ଷଣ ଶକ୍ତି କ୍ଷୁଦ୍ର ମହାକାଶ ଯାନର ବର୍ତ୍ତୁଳାକାର ଗତିକୁ ସନ୍ତୁଳିତ କରିଥାଏ। ଫଳରେ ମହାକାଶ ଯାନଟି ସେଠାରେ ସ୍ଥିର ହୋଇ ରହେ ଓ କକ୍ଷ ସଂଶୋଧନ ପାଇଁ ସର୍ବନିମ୍ନ ଇନ୍ଧନ ବ୍ୟୟ ହୁଏ। ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ସୂର୍ଯ୍ୟ-ପୃଥିବୀର ଏଲ୍୧ ପଏଣ୍ଟରେ ଆଦିତ୍ୟ-ଏଲ୍୧ ଏକ 'ହଲୋ ଅର୍ବିଟ୍'ରେ ରହି କାର୍ଯ୍ୟ କରିବ।

**ମହାକାଶ ସ୍ଥିତି ଆକଳନ କରୁଛି ଇସ୍ରୋ**



ଏଲ୍୧ ପଏଣ୍ଟରେ ପୂର୍ବରୁ କେତେକ ମହାକାଶ ଯାନ ରହିଥିବାରୁ ବର୍ତ୍ତମାନ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଆଦିତ୍ୟ-ଏଲ୍୧ର ସୁରକ୍ଷା ପାଇଁ ମହାକାଶ ସ୍ଥିତି ଆକଳନ କରୁଛି। ପୂର୍ବରୁ ସେଠାରେ ଇଣ୍ଟରନ୍ୟାଶନାଲ ସନ୍-ଆର୍ଥ ଏକ୍ସପ୍ଲୋରର (ଆଇଏସ୍‌ଇଇ-୩), ଜେନେସିସ୍ ମିଶନ, ଇଏସ୍‌ଏର ଲିସା ପାଥ୍‌ଫାଇଣ୍ଡର, ଚାଇନାର ଚେଙ୍ଗ୍ ୫ ଲୁନାର ଅର୍ବିଟର ଏବଂ ନାସାର ଗ୍ରାଭିଟି ରେକୋଭରି ଆଣ୍ଡ ଇଣ୍ଟେରିଅର ଲିକୋଭରି (ଜିଆର୍‌ଏଆଇଏଲ୍) ମିଶନ କାର୍ଯ୍ୟରତ ଅଛନ୍ତି। ସେଥିପାଇଁ ଆଦିତ୍ୟ-ଏଲ୍୧ ପାଇଁ ଏକ ସୁରକ୍ଷିତ ସ୍ଥାନ ଆବଶ୍ୟକ। ସେପ୍ଟେମ୍ବର ୨ରେ ଆଦିତ୍ୟ-ଏଲ୍୧କୁ ଲଞ୍ଚ୍ କରାଯାଇଥିଲା। ପୃଥିବୀ ଚାରିପଟେ ଏହା ଏକାଧିକ ଥର ପରିକ୍ରମା କରିବା ପରେ ଗତ ୧୮ରେ ଏଲ୍୧ ପଏଣ୍ଟ ଅଭିମୁଖେ ସିଧା ଯାତ୍ରା ଆରମ୍ଭ କରିଛି। ୨୦୨୪ ଜାନୁୟାରୀରେ ଏହି ମହାକାଶ ଯାନ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଆଶା କରାଯାଉଛି।

**ପରବର୍ତ୍ତୀ ମହାମାରୀ ଆଣିପାରେ ଡିଜିଜ୍ ଏକ୍ସ**

# ୫ କୋଟିଙ୍କ ଜୀବନ ନେବା ଆଶଙ୍କା

ଲଣ୍ଡନ,୨୬।୯

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ନାମିତ ଡିଜିଜ୍ ଏକ୍ସ କୋଭିଡ୍-୧୯ ତୁଳନାରେ ଅଧିକ ଭୟାବହ ମହାମାରୀର କାରଣ ହୋଇପାରେ ବୋଲି ବ୍ରିଟେନ୍‌ର ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ କେଟ୍ ବିଙ୍ଗହାମ୍ କହିଛନ୍ତି। ସେ ୨୦୨୦ ମେ'ରୁ ଡିସେମ୍ବର ପର୍ଯ୍ୟନ୍ତ ବ୍ରିଟେନ୍‌ର ଭାକ୍ସିନ୍ ଟାସ୍କଫୋର୍ସ ଅଧ୍ୟକ୍ଷ ଥିଲେ। ତାଙ୍କ ମତରେ ନୂଆ ଭୂତାଣୁ ୧୯୧୯-୨୦ର ସ୍ପାନିସ୍ ଫ୍ଲୁ ଭଳି ଭୟାବହ ହୋଇପାରେ। ଡବ୍ଲ୍ୟୁଏଚ୍‌ଓ କହିବା ଅନୁଯାୟୀ, ଡିଜିଜ୍ ଏକ୍ସ ଏକ ନୂଆ ଭୂତାଣୁ, ଜୀବାଣୁ କିମ୍ବା ଫଙ୍ଗସ୍ ହୋଇପାରେ, ଯାହାର କୌଣସି ଚିକିତ୍ସା ଜଣାନାହିଁ।



ସୂଚନାଯୋଗ୍ୟ, ସ୍ପାନିସ୍ ଫ୍ଲୁ ବିଶ୍ୱବ୍ୟାପୀ ୫ କୋଟି ଲୋକଙ୍କ ଜୀବନ ନେଇଥିଲା, ଯାହା ପ୍ରଥମ ବିଶ୍ୱଯୁଦ୍ଧ ମୃତ୍ୟୁସଂଖ୍ୟାର ୨ ଗୁଣ। ଏବେ ଅନେକ ଭୂତାଣୁ ଦେଖାଦେଲେଣି, ଯାହା ସେହିଭଳି ମୃତ୍ୟୁ ଘଟାଇପାରେ ବୋଲି ଆଶଙ୍କା କରାଯାଉଛି। ଡିଜିଜ୍ ଏକ୍ସ ବିପଦର ମୁକାବିଲା କରିବାକୁ ହେଲେ ସାରା ବିଶ୍ୱରେ ଗଣ ଟିକାକରଣ ଅଭିଯାନ ଚଳାଇବା ସହ ଏହି ଡୋଜ୍‌କୁ ରେକର୍ଡ ଥର ଦେବାକୁ ପଡ଼ିବ ବୋଲି ବିଙ୍ଗହାମ୍ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ବୈଜ୍ଞାନିକମାନେ ୨୫ ଭୂତାଣୁ ପରିବାରକୁ ଚିହ୍ନଟ କରିଥିବାବେଳେ ୧୦ ଲକ୍ଷରୁ ଅଧିକ ଅନାବିଷ୍କୃତ ଭାରିଆଣ୍ଟ ରହିଛି, ଯାହାକି ଗୋଟିଏ ପ୍ରଜାତିରୁ ଅନ୍ୟକୁ ସଂକ୍ରମିତ ହୋଇପାରେ। କୋଭିଡ୍‌ରେ ୨ କୋଟିରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ବହୁ ସଂଖ୍ୟାରେ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ଆରୋଗ୍ୟ ଲାଭ କରିଥିଲେ। ଡିଜିଜ୍ ଏକ୍ସ ମିଳିମିଳା ଭଳି ଦ୍ରୁତ ସଂକ୍ରାମକ ହୋଇଥିବାବେଳେ ଇବୋଲା ଭଳି ଏଥିରେ ମୃତ୍ୟୁହାର ଯଥେଷ୍ଟ ଅଧିକ। ବିଶ୍ୱର କୌଣସି ନା କୌଣସି ସ୍ଥାନରେ ଏହାର ପ୍ରତିରୂପ ରହିଛି ଓ ଖୁବ୍‌ଶୀଘ୍ର ଏଥିରେ କେହି ଆକ୍ରାନ୍ତ ହୋଇପାରନ୍ତି ବୋଲି ବିଙ୍ଗହାମ୍ ସତର୍କ କରାଇଛନ୍ତି।

## ବାଇକ ଦୁର୍ଘଟଣାଗ୍ରସ୍ତ, ଚାଳକ ଗୁରୁତର

ଖପ୍ରାଖୋଲ, (ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ-ପାଟଣାଗଡ ରାସ୍ତାର ଦେଦର୍ହ ଛକଠାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବାଘମୁଣ୍ଡର ଡୁଲୁ ବରିହା(୩୫)। ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ସୂଚନା ଅନୁସାରେ ଡୁଲୁ ବାଇକରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡ଼ିଯାଇଥିଲେ।

### ସଂକ୍ଷେପରେ

## ହତ୍ୟା ମାମଲା, ୨ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

କଣ୍ଟାବାଞ୍ଜି,୨୬।୯(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ କରିଛନ୍ତି। ଦୁଇ ଅଭିଯୁକ୍ତ ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଚୁଲିଫୁଙ୍କା ଗାଁର ନିରାକାର ପୁଟେଲ ଓ ମଣିଚନ୍ଦ୍ର ପୁଟେଲଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୨ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାଏରେ ଦର୍ଶାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଗତ ୨୦୧୪ ମସିହାରେ ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଚୁଲିଫୁଙ୍କା ଗାଁର ସନ୍ତୋଷ ପୁଟେଲଙ୍କୁ ନିରାକାର ଓ ମଣିଚନ୍ଦ୍ର ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ଉପରେ ଅତିରିକ୍ତ ଜିଲା ଦୌରାଜଜ୍ ମଲ୍ଲିକ ସାକ୍ଷ୍ୟ ପ୍ରମାଣକୁ ବିଚାର କରି ଏହି ରାୟ ଶୁଣାଇଥିବା ସରକାରୀ ଓକିଲ କାନନ କିଶୋର ପଣ୍ଡା କହିଛନ୍ତି।

## ଅନଶନରତ ୪ ଜେଲ କର୍ମଚାରୀ ଅସୁସ୍ଥ, ହସ୍ପିଟାଲରେ ଭର୍ତ୍ତି

ବଲାଙ୍ଗୀର, ୨୬।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା କାରାଗାର ସମ୍ମୁଖରେ ସୋମବାରଠାରୁ ଜେଲ କର୍ମଚାରୀମାନେ ୫ଦଫା ଦାବି ନେଇ ଆମରଣ ଅନଶନ ଆରମ୍ଭ କରିଛନ୍ତି। ମଙ୍ଗଳବାର ଦ୍ୱିତୀୟ ଦିନରେ ଆମରଣ ଅନଶନ ପହଞ୍ଚିଥିବାବେଳେ ଅନଶନରତ ୪ଜଣ ଜେଲ କର୍ମଚାରୀ ମଙ୍ଗଳବାର ଅସୁସ୍ଥ ହୋଇପଡିବାରୁ ସେମାନଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଜେଲ କର୍ମଚାରୀମାନେ ହେଲେ ପିଣ୍ଟୁ ପଧାନ, ରୋହିତ ଭୋଇ, ଦାଶରଥୀ ନନ୍ଦ, ଚମ୍ପକଲତା ପଧାନ। ସୋମବାରଠାରୁ କିଛି ଖାଇ ନଥିବାରୁ ଏହି ଚାରିଜଣ ଜେଲ କର୍ମଚାରୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିଥିଲା। କର୍ମଚାରୀମାନେ ଅନଶନ କରୁଥିବାରୁ ଜେଲ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଯୁବ ରେଡ୍‌କ୍ରସ୍ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର,୨୬।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଜିଲା ଯୁବ ରେଡକ୍ରସ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲାର ୧୩ଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଉପଦେଷ୍ଟା ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ବଲାଙ୍ଗୀର ସଦର ଉପଖଣ୍ଡୀୟ ପୋଲିସ ଅଧିକାରୀ ତୋଫାନ ବାଗ ବୈଠକୁ ଉଦ୍‌ଘାଟନ କରିଥିଲେ। ଜିଲା ଯୁବ ରେଡକ୍ରସ ନୋଡାଲ କେନ୍ଦ୍ର ଆବାହକ ସମ୍ପାଦକ ଡ. ଅମୃତ ସିଂ ବରିହା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଯୁବ ରେଡକ୍ରସ ଜିଲା ସଂଯୋଜକ ଡ. ଦୈତାରୀ ପୂଜାରୀ ବାର୍ଷିକ ବିବରଣୀ ପାଠ କରିବା ସହ ସଭା ସଂଯୋଜନା କରିଥିଲେ। ମୁଖ୍ୟଅତିଥି ବାଗ ରେଡକ୍ରସ ସହ ନିଜର ସମ୍ପୃକ୍ତି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ବିଷ୍ଣୁ ପ୍ରସାଦ କେଡିଆ ଯୁବ ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମ ସହ ବୃକ୍ଷରୋପଣ ଓ ରକ୍ତଦାନର ମହତ୍ୱ ଉପରେ କହିଥିଲେ। ବୈଠକ ସଭାପତି ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ଘନଶ୍ୟାମ ବେହେରା ରେଡକ୍ରସର ଭୂମିକା ଉପରେ ଆଲୋକପାତ କରିଥିଲେ। ଯୁବ ରେଡକ୍ରସ ଜିଲା ସଂଯୋଜକ ଡ. ପୂଜାରୀ ରକ୍ତଦାନ ଶିବିର, ଫାଷ୍ଟଏଡ ପ୍ରଶିକ୍ଷଣ, ତମାଖୁ ମୁକ୍ତ ପରିସର, ସଡକ ସୁରକ୍ଷା ଓ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଆଦି ଉପାଦେୟ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ବୈଠକକୁ ସଫଳ କରିବା ପାଇଁ ସରକାରୀ ମହାବିଦ୍ୟାଳୟ ଅଧାପକ, ଅଧାପିକା ଡ. ଅଶୋକ କୁମାର ମହାରଣା, ଡ. ରମଣୀ ନାୟକ, ବନ୍ଦନା ବାର, କ୍ଷୀରୋଦିନୀ ଭୁଏ, ଅମୃତା ମହାପାତ୍ର, ନୀଳକଣ୍ଠ ନାଗ, ବିଶ୍ୱଭୂଷଣ ବିଶ୍ୱାଳ ଓ ଅନ୍ୟମାନେ ସହଯୋଗ କରିଥିଲେ। ସରକାରୀ ମହାବିଦ୍ୟାଳୟ ଯୁବ ରେଡକ୍ରସ କାଉନସିଲର ଅଧାପକ ହୃଷୀକେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ସଂସ୍କୃତ ମହୋତ୍ସବ ଅବସରରେ କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ମଞ୍ଚାସୀନ ଅତିଥି।

## ସଂସ୍କୃତ ଭାଷା ଭାରତର ପରିଚୟ

### ସଂସ୍କୃତ ଭାରତୀ ପକ୍ଷରୁ ସଂସ୍କୃତ ମହୋତ୍ସବ

ବଲାଙ୍ଗୀର,୨୬।୯(ବୀରେନ୍ଦ୍ର କୁମାର ଝାଙ୍କର)

ସଂସ୍କୃତ ଭାଷାର ପ୍ରଚାର ପ୍ରସାର, ପୁନରୁତ୍ଥାନ, ଜନଜାଗରଣ ନିମନ୍ତେ ସଂସ୍କୃତ ଭାରତୀ ବଲାଙ୍ଗୀର ଜିଲା ପକ୍ଷରୁ ସଂସ୍କୃତ ମହୋତ୍ସବ ସ୍ଥାନୀୟ କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ନୃତ୍ୟ, ସ୍ତୋତ୍ର ପାଠ, ସଂସ୍କୃତ ସାଧାରଣ ଜ୍ଞାନ ପରୀକ୍ଷା, ଏକପାତ୍ର ଅଭିନୟ ଆଦି ପ୍ରତିଯୋଗିତାରେ ଭାଗ ନେବା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ ଯୋଗ ଦେଇଥିଲେ। ମୁଖ୍ୟଅତିଥିଭାବେ ଆଡ୍‌ଭୋକେଟ ଜୟରାମ ମିଶ୍ର ଯୋଗଦେଇ ସଂସ୍କୃତ ଅଧ୍ୟୟନର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସଂସ୍କୃତ ଭାରତୀର ପ୍ରାନ୍ତ ସମ୍ପାଦକ ତଥା ମହିଳା ମହାବିଦ୍ୟାଳୟ ସଂସ୍କୃତ ଅଧାପକ ଅଜିତ କୁମାର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭକ୍ତମଣି ମିଶ୍ର ଯୋଗଦେଇ ସଂସ୍କୃତ ଭାଷା ଭାରତର ପରିଚୟ ବୋଲି କହିଥିଲେ। ପ୍ରାନ୍ତ ଶିକ୍ଷଣ ପ୍ରମୁଖ ଡ଼ ମାନସ ରଞ୍ଜନ ସାହୁ ସ୍ୱାଗତ ଭାଷଣ, ଜିଲା ସଂଯୋଜକ ତଥା ପଥରଚେପା ଆଦର୍ଶ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରକାଶ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଭାଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତ ଶିକ୍ଷକ ଦିବ୍ୟ ଥନାପତି, ରୀନା ମିଶ୍ର, ହୀରାକାନ୍ତୀ ମାଝି, ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, ପଦ୍ମାଳୟା ଷଡ଼ଙ୍ଗୀ, ନନ୍ଦଲାଲ ଭୋଇ, ପୂର୍ଣଚନ୍ଦ୍ର ତ୍ରିପାଠୀ, ରାହୁଲ ପ୍ରଧାନ, ଆଭା ଆର୍ଯ୍ୟା, ରୋହିତ କଠାର, ଝୁନିତା ଭୋଇ, ଧର୍ମରାଜ ବାଗଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ, ଅଧାପିକା, ଅଧାପକ, ସଂସ୍କୃତାନୁରାଗୀ ଅଭିଭାବକ ଏବଂ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ଭେଟ୍‌ଘାଟରେ ଜମିଲା ନୃତ୍ୟଗୀତର ଆସର

### ୩ ପ୍ରତିଭା କଳା ସମ୍ମାନରେ ସମ୍ମାନିତ

ଲୋଇସିଂହା,୨୬।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଦୁର୍ଗା ମଣ୍ଡପରେ ଗଣେଶ ପୂଜା କମିଟି, ୱାନଷ୍ଟେପ ଚାରିଟେବଲ ଟ୍ରଷ୍ଟ ଓ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହାୟତାରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ସଭାରେ ଟ୍ରଷ୍ଟର ପରିଚାଳନା ନିର୍ଦ୍ଦେଶକ ଶିବୁଲୁ କଦମ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜନଜାତି ଉନ୍ନୟନ ପରିଷଦ ଅଧ୍ୟକ୍ଷ ବ୍ରଜମୋହନ ବିଶୋଇ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ନୂଆଁଖାଇର ମହନତା ଓ ଲୋଇସିଂହାର କଳା, ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଲୋଇସିଂହାର ୩ ଜଣ ପ୍ରତିଭାବାନ ବ୍ୟକ୍ତିବିଶେଷ ଗୌରୀଶଙ୍କର ବେଜ, ରବୀନ୍ଦ୍ର ସାହୁ ଓ ଯୁଗଳ ହେର୍ଣ୍ଣାଙ୍କୁ କଳା ସମ୍ମାନରେ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସରୋଜ ମହାକୁର ସଂଯୋଜନା କରିଥିଲେ। ସଭାପରେ ଲୋକ ନାଚ, ଲୋକଗୀତ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ଯାଏ ଚାଲିଥିଲା।



ରବୀନ୍ଦ୍ର ସାହୁଙ୍କୁ ଅତିଥିମାନେ କଳା ସମ୍ମାନରେ ସମ୍ମାନୀତ କରୁଛନ୍ତି।

## ଅଭିଭାବକ ଜଣେ ଅଂଶୀଦାର କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ସଇଁତଳା,୨୬।୯(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ସରକାରୀ ବାଳିକା ଆବାସିକ ବିଦ୍ୟାଳୟ (ଏସଏସଡ଼ି) ପରିସରରେ ଅଭିଭାବକ ଜଣେ ଅଂଶୀଦାର କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସବିତା ଦାସ, କେନ୍ଦୁପତ୍ର ବିଭାଗ ରେଞ୍ଜର ଭାସ୍କର ପାଣିଗ୍ରାହୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା. ବିଶ୍ୱଜିତ ମିଶ୍ର, ମୁରିବାହାଲ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଭୀମରାଜ ମାଝି, ଦୟାନିଧି ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଭରତ ଭୋଇ, ସିଆରସିସି ଚିନ୍ତାମଣୀ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତଲତା ଦେଇ ମଞ୍ଚ ପରିଚାଳନା କରିଥିଲେ। ପୁରାତନ ଛାତ୍ରୀ ଗିରିଜା ରାଜଂଶୀ ମହାନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ନେଇ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନଙ୍କ ମା' ତଥା ଭଉଣୀଙ୍କୁ ନେଇ ରଙ୍ଗୋଲି ଏବଂ ଅଭିଭାବକଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସଙ୍ଗୀତା ରଥ ଧନ୍ୟବାଦ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୀଲତା ମୀଶ୍ର, ସନ୍ଧ୍ୟାରାଣୀ ଗହୀର, ଜୟନ୍ତୀ ସାହୁ, ପ୍ରତ୍ୟାସିନୀ ବାଗ, ସୁହାସିନୀ ମିଶ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଶିଶୁମନ୍ଦିର ପରିଚାଳନା କମିଟି ଗଠନରେ ଅନିୟମିତତା ଅଭିଯୋଗ

ଦେଓଗାଁ,୨୬।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ଗଠନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ପୂର୍ବ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଏନେଇ ପ୍ରତିବାଦ କରିବା ସହ ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ କମ୍‌ଦିନ ମଧ୍ୟରେ ବାରମ୍ବାର ପରିଚାଳନା କମିଟିକୁ ଭାଙ୍ଗି ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଯାହାକି ଶିକ୍ଷା ବିକାଶ ସମିତିର ନିୟମ ବିରୁଦ୍ଧ। ଏଣୁ ଗାଇଡଲାଇନ ମୁତାବକ ସମସ୍ତ ପୂର୍ବ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକଙ୍କ ଉପସ୍ଥିତିରେ କମିଟି ଗଠନ କରିବା ପାଇଁ ଦାବି ହୋଇଛି। ଏହାବାଦ ବିବାଦରେ ରହିଥିବା ପ୍ରଧାନଆଚାର୍ଯ୍ୟଙ୍କୁ ଏହି ବିଦ୍ୟାଳୟରୁ ସ୍ଥାନାନ୍ତର କରିବା ପାଇଁ ସମସ୍ତ କର୍ମକର୍ତ୍ତା ତଥା ଅଭିଭାବକମାନେ ଦାବି କରିଥିଲେ। ନୂତନ ପରିଚାଳନା କମିଟି ସଭାପତି ଡା. ଶିବବ୍ରତ ଦାସ ଧାରଣାସ୍ଥଳରେ ପହଞ୍ଚି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି କହିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି ଅବସରରେ ପୂର୍ବ ପରିଚାଳନା କମିଟିର ଗଣେଷ ପ୍ରସାଦ ଅଗ୍ରୱାଲ, ପ୍ରହଲ୍ଲାଦ ସାହୁ, ଶ୍ୟାମସୁନ୍ଦର ସାହୁ, ଡା. ଶଶୀଭୂଷଣ ସାହୁ, ପ୍ରଶାନ୍ତ କୁମାର ପାଣ୍ଡେ, ଚାପଧାରୀ ବର୍ଗର୍ତ୍ତି, ସୁଧିର କୁମାର ପଧାନ, ପ୍ରଦ୍ୟୁମ୍ନ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ନପୂର୍ଣ୍ଣା ପୂଜା କମିଟିର ନୂତନ କର୍ମକର୍ତ୍ତା

ଟିଟିଲାଗଡ଼, ୨୬।୯(ଶରତ ମିଶ୍ର)

ଟିଟିଲାଗଡ଼ ଅନ୍ନପୂର୍ଣ୍ଣା ପୂଜା କମିଟି ପକ୍ଷରୁ ଚଳିତ ଥର ୫୬ତମ ବାର୍ଷିକୀ ପୂଜନୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୧ରୁ ୨୬ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ଦେବୀଙ୍କ ପୂଜା ପାଇଁ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଦିନ ଭକ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯିବ। ଏନେଇ ଚଳିତ ବର୍ଷ ନୂତନ କମିଟି ମନୋନୟନ କରାଯାଇଛି। ସଭାପତି ସୌମ୍ୟରଞ୍ଜନ ଦୋରା, ସମ୍ପାଦକ ସଦାନନ୍ଦ ସାହୁ, କୋଷାଧ୍ୟକ୍ଷ ଆଶିଷ ବେହେରା, ପଙ୍କଜ ଅଗ୍ରୱାଲ, ବାପୁ ସାହୁ, ଦେବରାଜ ବର୍ଗତି, ଚୂଡ଼ାମଣୀ ଖରସେଲ, ବିରେନ ବର୍ଗତି, ଭିକି ସାହୁ, ଦେବାନନ୍ଦ ବାଗ, ଅର୍ଜୁନ ଭାଟି, ତଥାଗତ କଟା, ବିନୋଦ ବାଗ, ଚିତ୍ତରଞ୍ଜନ ସାହୁ, ସାଗର ସାହୁ, ପୁଷ୍କର ଖରସେଲ, ବନ୍ତ ଥପା, ନାରାୟଣ ନାଗ, ବୁଲୁ ଦାଶ, କୈଳାସ ରାଓ ପ୍ରମୁଖ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି।

## ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ପଢ଼ାଇଲେ ଜିଲାପାଳ

ଲୋଇସିଂହା,୨୬।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାପାଳ ଚଞ୍ଚଳ ରାଣା ବ୍ଲକ ଅନ୍ତର୍ଗତ ବଡଟିକା ଧରଣୀଧର ହାଇସ୍କୁଲ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ହାଇସ୍କୁଲର ୫ଟି ରୂପାନ୍ତରଣ କାମର ସମୀକ୍ଷା କରିଥିଲେ ଜିଲାପାଳ ରାଣା। ଏହାପରେ ସ୍କୁଲର ଦଶମ ଶ୍ରେଣୀଗୃହକୁ ଯାଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ବିଷୟର ଅମ୍ଳ, କ୍ଷାର, ଲବଣ ଓ ଜିଙ୍କ ବିଷୟରେ ପଢାଇବା ସହ ବିଭିନ୍ନ ପ୍ରଶ୍ନ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ବିଡଓ ଶଙ୍କର କେରକେଟା, ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ।



୫-ଟି ସ୍କୁଲ ରୂପାନ୍ତରଣ କାମ ସମୀକ୍ଷା କରୁଛନ୍ତି ଜିଲାପାଳ ଚଞ୍ଚଳ ରାଣା।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଗୁଡ଼ଭେଲା,୨୬।୯(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁଡଭେଲା ହାଇସ୍କୁଲ, ମାଢେକେଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ତେନ୍ତୁଲିଖୁଣ୍ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏହି ଉପଲକ୍ଷେ ସଭା ଆୟୋଜନ ହୋଇଥିଲା। ଆଖପାଖ ଅଞ୍ଚଳ ସଫା ରଖିବା ନେଇ ଉପସ୍ଥିତ ସମସ୍ତେ ଶପଥ ପାଠ କରିଥିଲେ। ଏହାପରେ ଉକ୍ତ ସ୍ଥାନ ସଫା କରାଯାଇଥିଲା। ଏହି କାର୍ଯ୍ୟକ୍ରମଗୁଡିକରେ ବ୍ଲକ ଜିପିଓ ସାଗର ସାହୁ, ଗୁଡ଼ଭେଲା ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋପାଳ କିଶୋର ସେଠ, ତେନ୍ତୁଲିଖୁଣ୍ଟି ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋଜ ରଣା, ସ୍ୱଚ୍ଛ ଭାରତ ମିଶନର ବିଆରସି ପ୍ରଦ୍ୟୁମ୍ନ ଭୋଇ, ସ୍ୱଚ୍ଛଭାରତ ମିଶନର ପରିଚାଳନା କମିଟିର ସଭ୍ୟ ଚୁରେଶ୍ୱର ବାଗ, ଏମବିକେ ସୁଜାତା ବଗର୍ତ୍ତୀ ଓ ସୁସମା ସୁନା ଉପସ୍ଥିତ ଥିଲେ।




ମାଢେକେଲା ପଞ୍ଚାୟତରେ ସ୍ୱଚ୍ଛତା ପାଇଁ ଶପଥ ପାଠ କରାଯାଉଛି।

## ହାତବାନ୍ଧି ବସିଛି କୃଷି, ରାଜସ୍ୱ ବିଭାଗ

### ଆନ୍ଧ୍ରଚାଷୀଙ୍କ ଦୌରାତ୍ମ୍ୟ ଘଟଣା

ଲୋଇସିଂହା,୨୬।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ କନ୍ଦାଜୁରୀ, ଝାରମୁଣ୍ଡା ଅଞ୍ଚଳରେ ଦୀର୍ଘ ବର୍ଷ ହେଲା ଚାଷୀଙ୍କଠାରୁ କମ୍‌ଦରରେ ଜମି ଲିଜ୍ ନେଇ ସରକାରଙ୍କ ଦ୍ୱାରା ନିଷିଦ୍ଧ କପା ଚାଷ କରି ଆସୁଛନ୍ତି ଆନ୍ଧ୍ରଚାଷୀ। ୨୦୨୨ ମସିହାରୁ ବ୍ଲକ ଅଧୀନ ବାଦିବାହାଲ, ବିଶାଳପାଲି, ପିପିଲିପାଲି, ଘୁଷୁରାମୁଣ୍ଡା ସୀମାନ୍ତ ଆଗଲପୁର ବ୍ଲକ ବେନ୍ଦ୍ରା ଅଞ୍ଚଳରେ ସେମାନେ କାୟା ବିସ୍ତାର କଲେଣି। ଲିଜ୍ ଜମିର ସୀମାକୁ ଲାଗି ରହିଥିବା ସରକାରୀ ଜମିକୁ ସେମାନେ ଜବରଦଖଲ କରି ଚାଷ କରୁଥିବା ଅଭିଯୋଗ ହେଉଛି। ଅପରପକ୍ଷେ ରାଜସ୍ୱ ବିଭାଗ ଅବଗତ ଥାଇ ସୁଦ୍ଧା ହାତବାନ୍ଧି ବସିଥିବାରୁ ଚାରଣ ଭୂମି ସମସ୍ୟାକୁ ନେଇ ସ୍ଥାନୀୟ ଗୋଚାଷୀ ଚିନ୍ତି ହୋଇପଡିଛନ୍ତି। ଅପରପକ୍ଷରେ କପା କିଆରିରେ ଆନ୍ଧ୍ରଚାଷୀଙ୍କ ଦ୍ୱାର ପ୍ରୟୋଗ କରାଯାଉଥିବା କୀଟନାଶକ ପ୍ରଭାବରେ ବାଦିବାହାଲ ପଞ୍ଚାୟତ ବିଶାପାଲି ଓ ବୁଢିପଦର ପଞ୍ଚାୟତ ପଧାନପାଲି ଗ୍ରାମର କେତେକ ଚାଷୀଙ୍କ ଧାନ ଏବଂ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିଲା। ଅଭିଯୋଗ ପାଇଁ ଜିଲା କୃଷି ଅଧିକାରୀଙ୍କ ନିର୍ଦ୍ଦେଶରେ ବ୍ଲକ କୃଷି ଅଧିକାରୀ ସୁଜାତା ଛତ୍ରିଆ ଚଳିତ ମାସ ପ୍ରଥମ ସପ୍ତାହରେ କ୍ଷେତ୍ର ପରିଦର୍ଶନ କରି କ୍ଷତିଗ୍ରସ୍ତ ଜମିର ଧାନଗଛ ସଂଗ୍ରହ କରି ପରୀକ୍ଷଣ ପାଇଁ ପଠାଇଥିଲେ। ଇତିମଧ୍ୟରେ ଦୁଇ ସପ୍ତାହରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ତଦନ୍ତ ଦନ୍ତରେ ସୀମିତ ହୋଇ ରହିଛି। ଅପରପକ୍ଷେ ଗୋଚର, ଜଳଚର, ପତରା, ପତିତ ଜମିକୁ ଅକ୍ତିଆର କରି ଚାଷ କରାଯାଇଛି। ଫଳରେ ସ୍ଥାନୀୟ ଗୋ ଚାଷୀଙ୍କ ଗୋରୁ, ଛେଳିମେଣ୍ଢା ଚାରଣ ଭୂମି ପାଉ ନାହାନ୍ତି। ଏପରିକି ଆନ୍ଧ୍ର ଚାଷୀ କପା କିଆରି ନିକଟକୁ ଗୋରୁ ଚାରଣ ପାଇଁ ନ ଆଣିବାକୁ ବାରଣ କରୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଚାଷୀ। ବଲାଙ୍ଗୀରରେ ଆନ୍ଧ୍ର କପା ଚାଷୀ ଏକ ସଂଘ ରହିଛି। ସମ୍ପୃକ୍ତ ସଂଘ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତ ବିଶେଷଙ୍କୁ ପ୍ରଭାବିତ କରିଥିବାରୁ ଆନ୍ଧ୍ରଚାଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଏବଂ ସ୍ଥାନୀୟ ଚାଷୀ ବିପଦରେ ଥିବା ଅଭିଯୋଗ ହୋଇଛି।

## ବଲାଙ୍ଗୀର ଲୋକକଳା ଉତ୍ସବ ଉଦ୍‌ଯାପିତ

ବଲାଙ୍ଗୀର,୨୬।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ୍ ହଲଠାରେ ତିନିଦିନ ଧରି ଚାଲିଥିବା ଅଷ୍ଟମ ଲୋକ କଳା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଦୁଲଦୁଲି କଳା ପରିଷଦ ପକ୍ଷରୁ ଆୟୋଜିତ ଏହି ସର୍ବଭାରତୀୟ ଲୋକନୃତ୍ୟ ଓ ସଙ୍ଗୀତ ସମାରୋହ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ପଶ୍ଚିମ ଓଡିଶାର ଲୋକକଳା, ଲୋକ ସଂସ୍କୃତିର ମହାନତା ସମ୍ପର୍କରେ କହିବାକୁ ଯାଇ ଯେକୌଣସି ଅଞ୍ଚଳର ଲୋକଙ୍କୁ ଏଠାକାର ଲୋକସଂସ୍କୃତି, ସଙ୍ଗୀତ ନୃତ୍ୟ ଆକର୍ଷିତ କରେ ବୋଲି କହିଥିଲେ। ନିକଟରେ ଦିଲ୍ଲୀରେ ସମାପ୍ତ ଜି-୨୦ ବୈଠକରେ ଆଇଏମ୍‌ଏଫର ମୁଖ୍ୟ କ୍ରିଷ୍ଟାଲିନା ଜର୍ଜଏଭା ଡାଲଖାଇ ନୃତ୍ୟ ପ୍ରତି ଆକର୍ଷିତ ହୋଇ ନାଚି ଉଠିଥିଲେ ବୋଲି କହିଥିଲେ। ଏହି ଅବସରରେ ଲୋକ କଳା ଓ ଲୋକ ସଂସ୍କୃତିର ଉନ୍ନତି ଦିଗରେ ଲୋକ କଳା ଉତ୍ସବ ଏକ ସୁନ୍ଦର ମଞ୍ଚ ବୋଲି କହିବା ସହ ଏହାର ଉନ୍ନତି ଦିଗରେ ତାଙ୍କର ସହଯୋଗ ଜାରି ରହିବ ବୋଲି କହିଥିଲେ।



ବଲାଙ୍ଗୀର ଲୋକକଳା ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ଦୁଲଦୁଲି କଳା ପରିଷଦ ସଭାପତି ପ୍ରଭାସ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ସଂସ୍କୃତି ଗବେଷକ ରଞ୍ଜନ ସାହୁ, ସଂସ୍କୃତି ଗବେଷକ ଅଧାପକ ଡକ୍ଟର ସଞ୍ଜୟ କୁମାର ମିଶ୍ର, ପରିଷଦ ସମ୍ପାଦକ ବାସୁଦେବ ସା ଓ ଉପସଭାପତି ଦୀନେଶ ଶର୍ମା ମଞ୍ଚାସୀନ ହୋଇଥିଲେ। କବି ଓ ଅଧାପକ ସନ୍ଦୀପ କୁମାର କୁଅଁର ଉଦ୍‌ଯାପନୀ ସଭା ସଂଯୋଜନା କରିଥିଲେ। ବକ୍ତା ଡ. ସଞ୍ଜୟ ମିଶ୍ର ବଲାଙ୍ଗୀରରେ ଏକ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ଉଚିତ୍ ବୋଲି କହିବା ସହ ପଶ୍ଚିମ ଓଡିଶାରୁ କିଭଳି ଡାଲଖାଇ କୁଠି ଏବେ ବିଲୁପ୍ତ ହୋଇଯାଉଛି କହିଥିଲେ। ଏଦିଗରେ ସଂସ୍କୃତି ଗବେଷକ ଏବଂ କଳାପ୍ରେମୀ ସଚେତନ ହେବା ଉଚିତ୍ ବୋଲି କହିଥିଲେ। ଅନ୍ୟତମ ବକ୍ତା ସାହୁ ଲୋକକଳା ଉତ୍ସବ କିଭଳି ଲୋକ କଳାକାରଙ୍କୁ ମଞ୍ଚ ପ୍ରଦାନ କରୁଛି କହିଥିଲେ। ଏହି ସଭାରେ ଯୁବ ପ୍ରତିଭା ପ୍ରଶାନ୍ତ କୁମାର ବଡମାଳିଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଦୁଲଦୁଲି କଳା ପରିଷଦ ସମ୍ପାଦକ ବାସୁଦେବ ସା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ଅର୍ଜୁନ ସାହୁ ଓ ମାନସୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସୁଦାମ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ଷଢ଼େଇକଳା ଛଉ, ବର୍ଷା ଝମଝମ, ଆସାମର ବୋଦୋ, ନାଚୁଆ ଝାରଖଣ୍ଡ, ରାଜସ୍ଥାନର କାଲବେଲିଆ, ପଢିହାଡି, ପଶ୍ଚିମବଙ୍ଗର ଝୁମର, ଗଞ୍ଜାମର ଯୋଡିଶଙ୍ଖ, ପ୍ରତିଭା-ଭବାନୀପାଟଣାର ସିଂହାରୀ, ଜୁଲୁ ସାହୁଙ୍କ ଏକକ, ଡାଲଖାଇ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆୟୋଜିତ ଲୋକଗୀତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ନବୀନ କୁଅଁର, ଡ. ପ୍ରେମଚାନ୍ଦ ମହାନ୍ତି, ବିଶ୍ୱଜିତ ସାହୁ, ଉଷାରାଣୀ ବାରିକ, ସୃଷ୍ଟିକା ବାରିକ, ସ୍ୱରୂପା ସିଂ, ବ୍ରାହ୍ମାନନ୍ଦ ବନ୍ଛୋର ଲୋକଗୀତ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ମା' କରମସାନି ଯାତ୍ରା ପାଳିତ



ସୋନପୁର, ୨୬।୯ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସହର କଳିଙ୍ଗନଗରରେ ସୋମବାର ମା' କରମସାନି ଯାତ୍ରା ଧୂମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବରେ ଅଶୋକ ପୁଝାରୀ, ମହାଦେବ ମଲ୍ଲିକ, ଦିଲୀପ ପୁଝାରୀ, ପାଇକବାହାଲ ସରପଞ୍ଚ ଗଣେଶ୍ୱର ସାହୁ ଯୋଗଦେଇ ଯାତ୍ରାର ସଂସ୍କୃତି ଓ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିବା ବେଳେ ମହିଳା ଓ ପୁରୁଷଙ୍କ ଦେହରେ ମା' ବିରାଜମାନ କରିଥିବା ଦେଖିବାକୁ ମିଳିଥିଲା। ଗଣେଶ ଚତୁର୍ଥୀ ଦିନ ମହାନଦୀରେ ଗଙ୍ଗା ମାତା ଓ ବିଭିନ୍ନ ଶସ୍ୟକୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମହାନଦୀ ଜଳ ସହିତ ନଦୀବାଲି ଓ ଡାଲି ଜାତୀୟ ଶସ୍ୟ ସବୁକୁ ଏହି ସମ୍ପ୍ରଦାୟର ଲୋକେ ବାଦ୍ୟ ବଜାଇ ଏକ ଶୋଭାଯାତ୍ରାରେ କଳିଙ୍ଗନଗରକୁ ଆଣିଥିଲେ। ପରେ ଏହାକୁ ପୀଠରେ ସ୍ଥାପନା କରାଯାଇ ପୂଜା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରୁ ଆସି ଭାଗ ନେଇଥିବା ବିଭିନ୍ନ ଦଳକୁ ଅତିଥି ମହାଦେବ ମଲ୍ଲିକ, ପ୍ରକାଶ ବେବର୍ତ୍ତା, ଭାସ୍କର ଦାଶ, ଅଧ୍ୟାପକ ମଦନ ମୋହନ କ୍ଷେତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମଦନ ମୋହନ ଖେତି, ଗଣେଶ ସିନ୍ଧରିଆ ମଞ୍ଚ ପରିଚାଳନା କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ସାହିର ମହିଳା ପୁରୁଷ ନିଜେ ନାଚ କରି ଗୀତ ବୋଲିବା ସହ କଳାକାରଙ୍କ ନାଚଗୀତ ଆସରକୁ ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ମା'ଙ୍କ ଭସାଣି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

କନ୍ଧମାଳ, ୨୬।୯ (ଆଦିତ୍ୟଶ୍ୱେର ମିଶ୍ର)

ମଙ୍ଗଳବାର ରାତି ୮ଟା ସମୟରେ ବୌଦ୍ଧ ଜିଲା ମନମୁଣ୍ଡା ଦପଲା ରାସ୍ତାର ସୋଲାର ପ୍ଲାଣ୍ଟ ନିକଟରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୌତମ ସେଠୀ (୨୮)। ମନମୁଣ୍ଡା ଥାନା ଅନ୍ତର୍ଗତ କେଉଁଟପାଲି ଗ୍ରାମର ଗୌତମ କୌଣସି କାମରେ ମନମୁଣ୍ଡାରୁ ଘରକୁ ଫେରୁଥିବା ସମୟରେ ସୋଲାର ପ୍ଲାଣ୍ଟ ନିକଟରେ ଏକ ଗାଡି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଗୌତମଙ୍କ ମୃତ୍ୟୁ ଘଟିଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ଦୁର୍ଘଟଣା ଘଟାଇଥିବା ଗାଡିକୁ ନେଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଗୌତମ ଦୁଇ ବର୍ଷ ପୂର୍ବେ ବାହା ହୋଇଥିବା ବେଳେ ସ୍ତ୍ରୀ ଓ ୯ ମାସର ସନ୍ତାନ ରହିଛି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇ ପଡିଛନ୍ତି। ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ଶିକ୍ଷାବିତ୍ କୃଷ୍ଣମୋହନ ପଣ୍ଡାଙ୍କ ପରଲୋକ

ପଦ୍ମପୁର, ୨୬।୯ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଥାନା ପଡା ନିବାସୀ ଶିକ୍ଷାବିତ୍ କୃଷ୍ଣମୋହନ ପଣ୍ଡାଙ୍କ ପରଲୋକ



ହୋଇଯାଇଛି। ପଦ୍ମପୁର ସହରରେ ଗଢି ଉଠିଥିବା ଜିଷ୍ଟ କଲେଜ ଓ ପବ୍ଲିକ ସ୍କୁଲର ସେ ପ୍ରତିଷ୍ଠାତା ଥିଲେ। ଛାତ୍ର ଆନ୍ଦୋଳନ, ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଶିକ୍ଷାଦାନ କରି ଅବସର ନେଇଥିଲେ। କିରନ ଫାଉଣ୍ଡେସନ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ କରି ଦରିଦ୍ରଙ୍କୁ ଶବ ସତ୍କାର ପାଇଁ କାଠ ଓ ଅନ୍ୟ ସାମଗ୍ରୀ ସହଯୋଗ କରୁଥିଲେ। ବ୍ରାହ୍ମଣ ସମାଜର ସେ ଜଣେ ସକ୍ରୀୟ ସଦସ୍ୟ ଥିଲେ। ତାଙ୍କର ଦୁଇ ଝିଅ ଅଛନ୍ତି। ବିଲାସପୁରଠାରେ ସେ ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇଯାଇଛି।

# କଂସର ନିଧନ ସହ ସରିଲା ଧନୁଯାତ୍ରା

ସୋନପୁର, ୨୬।୯ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ କୁମରକେଲି ଗ୍ରାମରେ ପ୍ରଥମ ଥର ପାଇଁ ଆୟୋଜନ ହୋଇଥିବା ଧନୁଯାତ୍ରା ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଠାରୁ କୁମରକେଲି ମଥୁରାନଗରୀ ପାଲଟିଥିଲା। କଂସଙ୍କ ରାଜୁତିରେ ତ୍ରିଭୁବନ ଥରହର ହେଉଥିଲା। ମଙ୍ଗଳବାର ଧନୁଯାତ୍ରାର ଶେଷଦିନ ଅପରାହ୍ନରେ କୃଷ୍ଣ ବଳରାମ ଗ୍ରାମ ପରିକ୍ରମା କରିଥିଲେ। ପରେ ମାମୁଁଙ୍କ ଧନୁଯାତ୍ରା ଦେଖିବା ପାଇଁ ଦୁଇ ଭାଇ ବାହାରି ଥିଲେ। ପୁତନାଙ୍କ ସମେତ ଅଷ୍ଟ ମଲ୍ଲ ପଠେଇ ଗୋପପୁରରେ କୃଷ୍ଣଙ୍କୁ ନିଧନ କରିବାରେ ବିଫଳ ହେବା ପରେ ମହାରାଜ କଂସ କୃଷ୍ଣ ବଳରାମଙ୍କୁ ମଥୁରାପୁରୀକୁ ଆଣିବା ପାଇଁ ଷଡଯନ୍ତ୍ର କରିଥିଲେ। ଅକ୍ରୁର ନିଜ ସହିତ କୃଷ୍ଣ ଓ ବଳରାମଙ୍କୁ ଆଣିଥିଲେ। ବିଳମ୍ବିତ ରାତିରେ କୃଷ୍ଣ ଓ ବଳରାମଙ୍କୁ ଦେଖି ଅତାଚ୍ୟାରୀ କଂସର ନିଧନ ହୋଇଥିଲା। କଂସର ନିଧନ ପରେ ଧନୁଯାତ୍ରା



କୃଷ୍ଣ ଓ ବଳରାମ ଗ୍ରାମ ପରିକ୍ରମା କରୁଛନ୍ତି।

ଉଦ୍‌ଯାପିତ ହୋଇଥିଲା। ଶିବଶକ୍ତି ଯୁବକ ସଂଘ ଆନୁକୂଲ୍ୟରେ ଗ୍ରାମରେ ୨୬ତମ ଗଣେଶ ପୂଜା ମହୋତ୍ସବ ଅବସରରେ ପାଞ୍ଚଦିନ ବ୍ୟାପି କଂସ ଦରବାର ଓ କୃଷ୍ଣଲୀଳା ଚାଲିଥିଲା। ବରଗଡ ଜିଲା ଭେଡେନ ବ୍ଲକ ଚିଚିଣ୍ଡା ଗ୍ରାମ ତଥା ଆଖପାଖ ଗ୍ରାମରୁ କଳାକାରମାନେ ଆସି ଅତି ନିଖୁଣ ଭାବେ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ। କଂସ ଭୂମିକାରେ ଝସକେତନ ପଧାନ ନିଜର ସଂଳାପ ଓ ଅଭିନୟ ମାଧ୍ୟମରେ ଧନୁଯାତ୍ରାକୁ ଜୀବନ୍ତ କରିଥିଲେ। ସେହିପରି ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଲୁଣ୍ଡା ପଞ୍ଚାୟତ

### କୁମରକେଲିରେ ଗଣେଶ ପୂଜା ମହୋତ୍ସବ

ସମିତି ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ଓ ମହଦା ସରପଞ୍ଚ ଆନନ୍ଦିନୀ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୨୧ ତାରିଖରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦିବସରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, କୃତ୍ତିବାସ ମିଶ୍ର, ପ୍ରଦୀପ ଶତପଥୀ, ଗୌର ଚରଣ ସାହୁ, ବିଜୟ ପଧାନ, ଅଇଁଠୁ ସାହୁ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବଳରାମ ସୁନା, ନଳିନୀ ପଣ୍ଡା ଓ ବାଚସ୍ପତି ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ହୃଷିକେଶ ଚାନ୍ଦ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସରୋଜ ସେଠୀ, ରାଜୀବ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ୩ କାରାରକ୍ଷୀ ଅସୁସ୍ଥ, ଡାକ୍ତରଖାନାରେ ଭର୍ତ୍ତି



ଆନ୍ଦୋଳନରତ କାରାରକ୍ଷୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୋନପୁର, ୨୬।୯ (ମୃତ୍ୟୁଞ୍ଜୟ ଶତପଥୀ)

କାରାରକ୍ଷୀ ଓ ମୁଖ୍ୟ କାରାରକ୍ଷୀଙ୍କ ଆମରଣ ଅନଶନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କାରାରକ୍ଷୀମାନେ ଉପବାସ ରହି କାର୍ଯ୍ୟ କରୁଛନ୍ତି। ଫଳରେ ସୋନପୁର ଉପ କାରାଗାରର କାରାରକ୍ଷୀ ସତ୍ୟ ଖମାରୀ ଓ ଆଲୋକ କୁମାର ଷଡଙ୍ଗୀ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ। ଉଭୟଙ୍କୁ ରାତିରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ବୀରମହାରାଜପୁର ଉପ କାରାଗାରର କାରାରକ୍ଷୀ ଅକ୍ଷୟ ପାତ୍ର ଅସୁସ୍ଥ ହୋଇ

### ଦ୍ୱିତୀୟ ଦିନରେ ଅନଶନ

ପଡିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ୫ ଦଫା ଦାବି ନେଇ କାରାରକ୍ଷୀମାନେ ସେପ୍ଟେମ୍ବର ୧୩ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି ନୀରବ ପ୍ରତିବାଦ କରୁଥିଲେ। ସରକାର ସେମାନଙ୍କ ଦାବି ପୂରଣ ନ କରିବାରୁ ନିଖିଳ ଓଡିଶା କାରା କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ କାରାଗାରରେ କାର୍ଯ୍ୟରତ କାରାରକ୍ଷୀମାନେ ସୋମବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି।

# ସଂସ୍କୃତି, ପରମ୍ପରା ଓ ମାଟି ମା'ର ପର୍ବ ନୂଆଁଖାଇ





ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତିଥି ଏବଂ ନୃତ୍ୟଶିଳ୍ପୀମାନେ।

ଅମରପାଲି, ୨୬।୯ (ପୀତାମ୍ବର ସାହୁ)

ସଂସ୍କୃତି, ପରମ୍ପରା ଓ ମାଟି ମା'ର ପର୍ବ ହେଉଛି ନୂଆଁଖାଇ। ଆମକୁ ଅନ୍ନ ଯୋଗାଉଥିବା ମାଟି ମା' ଓ ନିଜର ଇଷ୍ଟଦେବୀଙ୍କୁ ବର୍ଷର ଭଲ ଫସଲ ହୋଇଥିବା ନେଇ ଧନ୍ୟବାଦ ଅର୍ପଣ ର ପର୍ବ। ସମସ୍ତେ ବର୍ଷକର ଦୁଃଖ କଷ୍ଟ, ରାଗରଷା ଭୁଲି ନୂଆଁଖାଇ ପର୍ବରେ ଏକାଠି ସାମିଲ ହୋଇଥାନ୍ତି। ତେଣୁ ଏହି ମହାନ ପର୍ବକୁ ଭାତୃଭାବ ଓ ଏକତାର ପର୍ବ ବୋଲି କୁହାଯାଇ ଥାଏ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଗ୍ରାମରେ ନ୍ୟୁ ଷ୍ଟାର କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ଆୟୋଜକ

### ଅମରପାଲିରେ ନୂଆଁଖାଇ ଭେଟଘାଟ

ଅନୁଷ୍ଠାନର ସଭାପତି ଗୌରାଙ୍ଗ ଭରସାଗରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବରିଷ୍ଠ ନାଟ୍ୟକାର ନାରାୟଣ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବହଳପଦର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ ମୁଖ୍ୟବକ୍ତା ଏବଂ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମଦନ ସୁନ୍ଦର ଭୋଇ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ ଛାତ୍ରୀମାନଙ୍କ ଦାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରସରକେଲି, ଡାଲଖାଇ ସମେତ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ କୁନି କୁନି ନୃତ୍ୟଶିଳ୍ପୀମାନେ। ସ୍ଥାନୀୟ ଭୀମଭୋଇ କଳା ପରିଷଦ ର ଲୋକନୃତ୍ୟରେ ମଞ୍ଚ ଦୁଲୁକି ଉଠିଥିଲା। ବୀରମହାରାଜପୁର ସମେତ ରେଢାଖୋଲ ଓ ଉଲୁଣ୍ଡା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ହୃଷିକେଶ ଭରସାଗର, ବ୍ରଜନାଥ ଭରାସାଗର, ସୁନାର୍ଜନ ନିଆଳ, ମଧୁ ଭରାସାଗର, ସୁଶାନ୍ତ, ରାକେଶ, ତ୍ରିଲୋଚନ ଭରାସାଗର, ଅନନ୍ତ ଭରାସାଗର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ

ବଘିଆପଡା, ୨୬।୯ (ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବଘିଆପଡାସ୍ଥିତ ମେଣ୍ଡିମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଦିନ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ବୌଦ୍ଧ ଜିଲା ମଙ୍ଗଳ ବିଭାଗର ସୌଜନ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉପଜିଲାପାଳ ରବୀନ୍ଦ୍ର ନାଥ କହଁର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା, ସ୍କୁଲ ଆଲୁମନି ସଭାପତି ସୁଶାନ୍ତ କୁମାର ସାହୁ, ବିଜୟ କୁମାର ଭୋଇ, ସସ୍ମିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ବିବରଣୀ ପାଠ କରିବା ସହ ଆମେ ଜାଣିବା ଆମେ ଜିଣିବା ବିଷୟରେ ଛାତ୍ର ଓ ଅଭିଭାବକମାନଙ୍କୁ କହିଥିଲେ। ସେହିପରି ସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀ ସୁବାସିନୀ ସାହୁ କିପରି ଦକ୍ଷତା ବୃଦ୍ଧି ହେବ ସେ ଉପରେ କହିଥିଲେ। ଶିକ୍ଷକ ସରୋଜ କୁମାର ମହାକୁଡ଼ ସୁରକ୍ଷା ଓ ନିରାପତ୍ତା ତଥା ପରୀକ୍ଷା ଫଳାଫଳ ଉପରେ କହିଥିଲେ। ଶିକ୍ଷକ ସନତ ଭୋଇ ସରକାର ଅନୁସୂଚିତ ଜନଜାତିର ଛାତ୍ରୀ ଛାତ୍ରମାନଙ୍କୁ କି କି ସହାୟତା ପ୍ରଦାନ କରାଯାଉଛି ସେ ଉପରେ ଆଲୋକପାତ କରିଥିଲେ ଶେଷରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ହିନ୍ଦୀ ଶିକ୍ଷକ ନାରାୟଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦିଲୀପ ସାହୁ, ଦିଲୀପ କର୍ଣ୍ଣ, ଦେବକାନ୍ତ ପଣ୍ଡା, ଭି. ତାରାସିସ ପ୍ରମୁଖ ସହଯୋଗ କରିଥିଲେ।

# ନାଟକ ସମାଜ ଶୃଙ୍ଖଳାର ପ୍ରମୁଖ ଅସ୍ତ୍ର

ସୋନପୁର, ୨୬।୯ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଓଡ଼ିଶା ନାଟ୍ୟ ସଂଘର ସ୍ୱନକ୍ଷତ୍ର ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମହାନଦୀ ସାହିତ୍ୟ ସଂସଦ, ତ୍ରେଣ୍ଡି ଏକାଡ଼େମୀ ଏବଂ ନାଟ ନାଟ୍ୟାନୁଷ୍ଠାନର ମିଳିତ ଉଦ୍ୟମରେ ଆୟୋଜିତ ଏହି ଉତ୍ସବରେ ସୁବର୍ଣ୍ଣପୁର ଜିଲା ଶାଖାର ସଂଯୋଜକ ନାଟ୍ୟକାର ଡ. ପୁରୁଷୋତ୍ତମ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଶ୍ୟାମା ଓଁ ପ୍ରସାଦ ମିଶ୍ର, କବି ଅଦ୍ୱୈତ କୁମାର ପଣ୍ଡା, କବି ନାଟ୍ୟକାର ଶ୍ରୀଧର ବାଗ, ପ୍ରାଧ୍ୟାପକ ସୌମିତ୍ରୀ ପ୍ରଧାନ, କବି ବିଘ୍ନରାଜ ପଣ୍ଡା ଓ କଥାକାର କ୍ଷୀରୋଦ ବିହାରୀ ବିଶ୍ୱାଳ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ କବି ପ୍ରଭୁଦତ୍ତ ରଥ ଯୋଗଦେଇ ନାଟକ ସମାଜ ଶୃଙ୍ଖଳାର ପ୍ରମୁଖ ଅସ୍ତ୍ର ବୋଲି କହିଥିଲେ। ଅଭିନେତା ସୁରେଶ ପ୍ରସାଦ ରଥ, କିଶୋର ହୋତା, ଶିବରାଜ କର୍ମ, କବି ଲକ୍ଷ୍ମୀ ନାରାୟଣ ସାହୁ, ନାଟ୍ୟଚକ୍ରର ନିର୍ଦ୍ଦେଶକ ମନୋଜ ବାରିକ ଓ ଦେବକୀ ନନ୍ଦନ ମିଶ୍ର ଆଦି କଳାକାରମାନଙ୍କ ସମାଗମ ଏବଂ ସେମାନଙ୍କ ନାଟ୍ୟ ସଂଳାପ ମନୋରଞ୍ଜନର ଖୋରାକ ଯୋଗାଇ ଥିଲା। ଗଦାଧର ପ୍ରଧାନ, ନୀଳାମ୍ବର ପ୍ରଧାନ, ରୁବି ବେହେରା ଓ ଦିନେଶ ତ୍ରିପାଠୀ ସହଯୋଗ କରିଥିଲେ।

# ଭାଜପା ପକ୍ଷରୁ ମେରା ମାଟି ମେରା ଦେଶ କାର୍ଯ୍ୟକ୍ରମ

ଅମରପାଲି, ୨୬।୯ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଭାଜପା ପକ୍ଷରୁ ମେରା ମାଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ରଥପୁର ଛକଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ବୀରମହାରାଜପୁର ଛକ, ହନୁମାନ ଛକ ଦେଇ କେନ୍ଦୁପାଲି ପହଞ୍ଚିବା ପରେ ସେଠାରୁ କଲେଜ ଛକ ଦେଇ ରଣିପୁର ମେଣ୍ଡାମାଲ ପର୍ଯ୍ୟନ୍ତ ଯାଇ ବିଭିନ୍ନ ଗ୍ରାମରୁ କଳସରେ ମାଟି ସଂଗ୍ରହ କରାଯାଇଥିଲା। ଏହି ସଂଗ୍ରହ ମାଟିକୁ ପୂଜାର୍ଚ୍ଚନା କରି ରାଜ୍ୟକୁ ପଠାଯିବ। ସେଠାରୁ ଦିଲ୍ଲୀ ପଠାଯାଇ ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗ୍ରହ କ୍ରମେ ଅମୃତବାଟିକାଠାରେ ସହିଦଙ୍କ ଉଦ୍ଦେଶ୍ୟରେ ଏକ ଭବ୍ୟ ସ୍ମାରକୀ ସ୍ଥାପନ ହେବ ବୋଲି ଦଳୀୟ ନେତୃବର୍ଗ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାଶ, ଜିଲା ଉପସଭାପତି ନଳିନୀ ପଣ୍ଡା, ଆଶ୍ରୟ ମହାନନ୍ଦଙ୍କ ସମେତ ଶତାଧିକ କାର୍ଯକର୍ତ୍ତା ଅଂଶଗ୍ରହଣ କରିଥିଲେ।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ





ଭାଜପା ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ବୌଦ୍ଧ, ୨୬।୯ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଦିନ କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାର୍ଡଶୁଣୀ ମଣ୍ଡଳସ୍ତରର ତିନି ଗୋଟି ଗ୍ରାମ ମହେଶ୍ୱର ପିଣ୍ଡା, ଅର୍ମଡା ଓ ଚଉଁରିଆପଦରଠାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଘରକୁ ଘର ବୁଲି ମାଟି ସଂଗ୍ରହ ସହ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ପଞ୍ଚାନନ ଜଗଦଲାଙ୍କ ନେତୃତ୍ୱରେ ଜିଲା ସଭାପତି ବିପ୍ରଚରଣ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ, ସୁଶାନ୍ତ ବାଘ, ସରୋଜ କର୍ଣ୍ଣ, ଦଳଗଞ୍ଜନ ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ନେତା ଓ କର୍ମୀ ସାମିଲ ଥିଲେ। ସେହିପରି ବୌଦ୍ଧ ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ସୁଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ନାରାୟଣନଗର, ଜହ୍ନାପଙ୍କ, ବଲାସିଙ୍ଗା, ଟୁଟୁସିଙ୍ଗା ଓ ବୌଦ୍ଧ ସହରର ବୁଢୁପାଲି ଓ ଚନ୍ଦ୍ରଚୁଡ ମନ୍ଦିର ସାହିଠାରୁ ମାଟି ସଂଗ୍ରହ କରାଯାଇଥିଲା। ଏଥିରେ ଦଳୀୟ ନେତା ରାକେଶ ତ୍ରିପାଠୀ, ଯୁଗଳ କିଶୋର ସାମଲ, ସୌମିତ୍ରୀ ନାୟକଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ଥିଲେ।

# ଲୁଡୁରପଙ୍କରେ ଗୁପ୍ତଧନ ପାଇବା ପାଇଁ ପୂଜାର୍ଚ୍ଚନା ଅଭିଯୋଗ

ଅମରପାଲି, ୨୬।୯ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଲୁଡୁରପଙ୍କ ଗ୍ରାମରେ ଗୁପ୍ତଧନ(ସୁନା ହଣ୍ଡା) ପାଇବା ଆଶାରେ ପୂଜାର୍ଚ୍ଚନା କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଖବର ପାଇ ସୁବଳୟା ପୋଲିସ ଘଟଣାରେ ସଂପୃକ୍ତ ଏକ ଦମ୍ପତି ଓ ତାଙ୍କ ସହଯୋଗୀଙ୍କୁ ଥାନାକୁ ନେଇ ପଚରାଉଚୁରା କରିବା ପରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ବରଗଡ ଜିଲା ଭେଡେନ ଅଞ୍ଚଳର ପ୍ରାୟ ୩ ଜଣ ପୁରୁଷ ଓ ୨ ଜଣ ମହିଳା ଲୁଡୁରପଙ୍କ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ଆସି ସୁନାହଣ୍ଡା ପାଇବା ଆଶାରେ ଖୋଳିବା ପାଇଁ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଏହା ଜାଣିପାରି କୌଣସି ବ୍ୟକ୍ତି ସୁବଳୟା ଥାନାକୁ ଖବର ଦେଇଥିଲେ। ପୋଲିସ ରାତି ୯ ଟାରେ ଆସି ସମ୍ପୃକ୍ତ ବ୍ୟକ୍ତିଙ୍କ ଘରୁ ଗୁଣିଆ ସମେତ ୪ ଜଣ ସହଯୋଗୀଙ୍କୁ ଥାନାକୁ ନେଇଥିଲା। ସେମାନଙ୍କ ମଧ୍ୟରେ ଏକ ଦମ୍ପତି ଥିଲେ। ପୋଲିସ ସେମାନଙ୍କୁ ପଚରାଉଚୁରା କରିବା ସହ ରାତିତମାମ ଥାନାରେ ରଖି ମଙ୍ଗଳବାର ପୂର୍ବାହ୍ନରେ ଛାଡ଼ି ଦେଇଥିଲା। ଏନେଇ ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନଙ୍କୁ ପଚାରିବାରେ ଲୁଡୁରପଙ୍କ ଗ୍ରାମକୁ ଅଜଣା ଲୋକ ଆସିଥିବା ଖବର ପାଇ ସେମାନଙ୍କୁ ଥାନାକୁ ଅଣାଯାଇ ପଚରାଉଚୁରା କରି ଛାଡ଼ି ଦିଆଯାଇଛି। ଗ୍ରାମରେ କୌଣସି ଗୁପ୍ତଧନ ପାଇଁ ପୂଜା ପାଠ ହେଉ ନ ଥିବା ସେ ପ୍ରକାଶ କରିଛନ୍ତି। ଭେଡେନ ଅଞ୍ଚଳର ଯେଉଁ ବ୍ୟକ୍ତମାନେ ଲୁଡୁରପଙ୍କ ଗ୍ରାମର ଯାହା ଘରକୁ ଆସିଥିଲେ ସେହି ବ୍ୟକ୍ତି ସେମାନଙ୍କୁ ଜାଣିଥିଲେ ନା ନାହିଁ ଓ ପୋଲିସ ସେମାନଙ୍କୁ ଥାନାକୁ ନେଲା କାହିଁକି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ସୁବର୍ଣ୍ଣପୁରରେ ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା

ସୋନପୁର, ୨୬।୯ (ମୃତ୍ୟୁଞ୍ଜୟ ଶତପଥୀ)

ଜିଲାସ୍ତରରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଛି ଓଡିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଏକ୍ସପ୍ରେସ। ଏହି କ୍ରମରେ ଓଡିଶା ଷ୍ଟାଟଅପ୍ ଯାତ୍ରା ଓ ଏକ୍ସପ୍ରେସ ସୋମବାର ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଛି। ଏହି ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରେ ରହିଛି ସୋନପୁର କେ.ଭି, ମଡେଲ ଡିଗ୍ରୀ କଲେଜ, ସୋନପୁର କଲେଜ ଏବଂ ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜ। ସୁବର୍ଣ୍ଣପୁର ଜିଲାର ମୋଟ ୪୨୫ ଜଣ ଛାତ୍ରୀଛାତ୍ର ଏହି ଷ୍ଟାର୍ଟଅପ ଯାତ୍ରାରେ ଭାଗ ନେଇଥିଲେ। ଯେଉଁଥିରେ ସମୁଦାୟ ୩୦ଟି ନୂଆ ଆଇଡିଆ ସଂଗ୍ରହ କରାଯାଇଛି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଓଡିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଏକ୍ସପ୍ରେସ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଏବଂ କଲେଜ ଛାତ୍ରୀଛାତ୍ରଙ୍କ ଠାରୁ ଅଭୂତପୂର୍ବ ପ୍ରତିକ୍ରିୟା





ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜରେ ଷ୍ଟାର୍ଟଅପ୍ ଏକ୍ସପ୍ରେସ।

ହାସଲ କରୁଛି। ଓଡିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଏକ୍ସପ୍ରେସ ୨୦୨୩ର ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରରେ ନବସୃଜନକାରୀଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଉଦ୍ୟମିତାର ଭାବ ଜାଗ୍ରତ କରିବା। ଯାତ୍ରାର ଚାରିଟି ଭ୍ୟାନ ସମସ୍ତ ୩୦ଟି ଜିଲ୍ଲା ପରିଦର୍ଶନ କରିବ। ଏହା ୨୦୨୫ ସୁଦ୍ଧା ରାଜ୍ୟ ସରକାରଙ୍କ ୫୦୦୦ ଷ୍ଟାର୍ଟଅପ ସୃଷ୍ଟି କରିବା ଲକ୍ଷ୍ୟ ପାଇଁ ଭିତ୍ତିଭୂମି ତିଆରି କରିପାରିଛି। ପୂର୍ବ ସଂସ୍କରଣର ଉଲ୍ଲେଖନୀୟ ସଫଳତା ପରେ ଚଳିତବର୍ଷ ଏହି ଷ୍ଟାର୍ଟଅପ ଯାତ୍ରା ୨୦୦ରୁ ଅଧିକ କଲେଜ ଏବଂ ୬୦ରୁ ଅଧିକ ବିଦ୍ୟାଳୟ ପରିଦର୍ଶନ କରି ଏହି ପ୍ରୟାସକୁ ଆହୁରି ଆଗକୁ ବଢାଇବାକୁ ଲକ୍ଷ୍ୟ ରଖିଛି।




## ସଂକ୍ଷେପରେ

### ପୁଅ ମାଡ଼ରେ ଚିକିତ୍ସାଧୀନ ମା' ମୃତ: ପୁଅ ଗିରଫ

ରାଉରକେଲା, ୨୬।୯ (ଦିନେଶ ମିଶ୍ର): ପୁଅ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ମା'ଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଟାଙ୍ଗରପାଲି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୀଳମଣି ରାଉତ(୫୩)। ସୂଚନାଯୋଗ୍ୟ, ଟାଙ୍ଗରପାଲି ଥାନା ଅନ୍ତର୍ଗତ କନଷ୍ଟ୍ରକସନ କଲୋନୀ କ୍ୱାର୍ଟର୍ସନଂ ବି-୨୧ରେ ନୀଳମଣି ତାଙ୍କ ମାଆ ଶଶିକଳା ରାଉତଙ୍କ ସହ ବାସ କରୁଥିଲେ। ଗତ ୨୪ରେ ନୀଳମଣି ଗଣେଷପୂଜା ଭସାଣିରେ ଯୋଗଦାନ କରି ବିଳମ୍ବିତ ରାତିରେ ଘରକୁ ଫେରି ମା'ଙ୍କୁ ଖାଇବାକୁ ମାଗିଥିଲେ। ମାଆ ନୀଳମଣିଙ୍କୁ ଖାଇବାକୁ ଦେବା ପାଇଁ ବିଳମ୍ବ କରିବାରୁ ପୁଅ ରାଗିଯାଇ ତାଙ୍କୁ ମୁହଁ ଓ ଛାତିକୁ ଆକ୍ରମଣ କରିଥିଲେ। ଏଥିରେ ମାଆ ଶିଶିକଳା ଗୁରୁତର ହୋଇ ପଡିଥିଲେ। ଏହି ଖବର ବଡପୁଅ ଚିନ୍ତାମଣି ଜାଣିବା ପରେ ମା' ଶଶିକଳାଙ୍କୁ ନେଇ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)ରେ ଚିକିତ୍ସାଲାଗି ଭର୍ତ୍ତି କରିଥିଲେ। ସେଠାରେ ଶଶିକଳା ଆଇସିୟୁର ଚିକିତ୍ସିତ ହେଉଥିବାବେଳେ ସୋମବାର ମୃତ୍ୟୁବରଣ କରିଥିଲେ। ଏନେଇ ଚିନ୍ତାମଣି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୧୪୦।୨୩)ରୁଜୁ କରି ନୀଳମଣିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

### ସ୍ୱଚ୍ଛତା ରଖିବା ପାଇଁ ଶପଥ ପାଠ

#### ଆର୍‌ଆର୍‌ଆର୍‌ସି ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ

ରାଉରକେଲା, ୨୬।୯ (ଦିନେଶ ମିଶ୍ର): ଛେଣ୍ଡସ୍ଥିତ ଭିଏସ୍‌ଏସ୍ ମାର୍କେଟ ପରିସରରେ ଆଞ୍ଚଳିକ ପୁନର୍ବାସ ଗବେଷଣା କେନ୍ଦ୍ର(ଆର୍‌ଆର୍‌ଆର୍‌ସି) ପକ୍ଷରୁ ମଙ୍ଗଳାବାର ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆର୍‌ଆର୍‌ଆର୍‌ସିର ପ୍ରତିଷ୍ଠାତା ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ପାନପୋଷ ଉପଜିଲାପାଳ ଅକ୍ଷୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପରିବେଶ ସହ ସହରକୁ ସ୍ୱଚ୍ଛତା ରଖିବା ପାଇଁ ମୁଖ୍ୟ ଅତିଥି ନାୟକ ସ୍ଥାନୀୟ କର୍ମୀ ଓ ଜନତାଙ୍କୁ ଶପଥ ପାଠ କରାଇଥିଲେ। ସଂସ୍ଥାର କର୍ମକର୍ତ୍ତାମାନେ ମାର୍କେଟର ପରିସର ସାଙ୍ଗକୁ ହୃଷିକେଶ ରାୟ ମହାବିଦ୍ୟାଳୟ, ଛେଣ୍ଡ ଥାନା ପରିସରରେ ସଫେଇ କାର୍ଯ୍ୟକାରୀ କରିବା ସହିତ ଜନସଚେତନା କାର୍ଯ୍ୟ କରିଥିଲେ। ସଂସ୍ଥା ପକ୍ଷରୁ ଏହିପରି ସଫେଇ ଓ ଜନସଚେତନତା କାର୍ଯ୍ୟକ୍ରମ ସପ୍ତାହେ ଧରି ସହରରର ଆମ୍ବାଗାନ ମାର୍କେଟ, ସେକ୍ଟର-୨ ବସ୍‌ଷ୍ଟାଣ୍ଡ, ହନୁମାନ ବାଟିକା, ଆରଜିଏଚ, କଳିଙ୍ଗ ବିହାର ଓ ରେଳ ଷ୍ଟେସନ ଆଦି ସ୍ଥାନରେ କରାଯିବ ବୋଲି ବେହେରା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସହରରେ ଥିବା ଅନ୍ୱେଷା, ଛେଣ୍ଡ ବରିଷ୍ଠ ନାଗରିକ ସଂଘ, କଳିଙ୍ଗ ବିହାର ମହିଳା ସମିତି, ଭିଏସଏସ ମାର୍କେଟ କମିଟି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅଭିଯାନକୁ ଚିନ୍ମୟୀ ସାହୁ, ସଂସ୍ଥାର ନିର୍ଦ୍ଦେଶକ ତ୍ରିଲୋଚନ ପାଢ଼ୀ, ସବିତା ସାମଲ, ସସ୍ମିତା ଧଳସାମନ୍ତ, ଗୀତା ସାହୁ, ଶାନ୍ତନୁ ପଲାଇ, ଗୌତମ ମହାନ୍ତି, ପ୍ରିୟବ୍ରତ ସାହୁ, ସୁବ୍ରତ ଦାସ, ଶଙ୍କର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ମାଓବାଦୀଙ୍କ ଦୌରାତ୍ମ୍ୟ, ସୀମାନ୍ତରୁ ଆଇଇଡି ଜବତ

ରାଉରକେଲା, ୨୬।୯ (ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଟୋଣ୍ଟୋ ଥାନା ଅନ୍ତର୍ଗତ ପାଟାତୋରବ, ତୁମ୍ବାହାକା ଗ୍ରାମର ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ମାଓବାଦୀମାନେ ଗୋଟିଏ ୫ କେଜିର ଆଇଇଡ଼ି ସହ ୨ଟି ଲୁହା ତୀର ଖଞ୍ଜିଥିଲେ। ଘଟଣାସ୍ଥଳରେ ବମ୍ ନିରୋଧକ ଦଳ ପହଞ୍ଚି ଆଇଇଡ଼ିକୁ ନିଷ୍କ୍ରିୟ କରିଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ଚାଇଁବାସା ପୋଲିସ, ଝାଡ଼ଖଣ୍ଡ ଜାଗୁଆର, ସିଆରପିଏଫ୍ ୧୯୭ ବାଟାଲିୟନ ଓ ବମ୍ ନିରୋଧକ ଦଳ ପହଞ୍ଚି ଉକ୍ତ ଅଞ୍ଚଳରେ କୁମ୍ବିଂ ଅପରେସନ୍ କରୁଥିବାବେଳେ ଆଇଇଡ଼ି ଜବତ ହୋଇଥିଲା। ସୂଚନାଯୋଗ୍ୟ, ଚଳିତବର୍ଷ ଜାନୁଆରୀରୁ ସୀମାନ୍ତରେ ମାଓବାଦୀ ଉତ୍ପାତ ନିୟନ୍ତ୍ରଣ ପାଇଁ ସୁରକ୍ଷାବଳ ନିୟୋଜିତ କରାଯାଇଥିଲା।



ବିଭିନ୍ନ ସ୍ଥାନରୁ ଆସିଥିବା ଆଦିବାସୀମାନେ ରାଉରକେଲା ଏଡିଏମ୍ ଅଫିସ୍ ଘେରାଉ କରୁଛନ୍ତି।

# ଏଡିଏମ୍ ଅଫିସ ଘେରିଲା ଆଦିବାସୀ ମଞ୍ଚ

ରାଉରକେଲା, ୨୬।୯ (ସଙ୍ଗୀତା ଜେନା)

**ଆସିଷ୍ଟାଣ୍ଟ କଲେକ୍ଟରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

**ତଦନ୍ତ ଦାବି ତେଜିଲା**

ରାଉରକେଲା ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ କରି ଏହି ହତ୍ୟା ବିରୋଧରେ ମଙ୍ଗଳବାର ପୂର୍ବାହ୍ନରେ ରାଉରକେଲା ଏଡ଼ିଏମ୍ କାର୍ଯ୍ୟାଳୟ ଘେରାଉ କରିଛି ସୁନ୍ଦରଗଡ଼ ଆଦିବାସୀ ମଞ୍ଚ। ଜିଲାର ରାଜଗାଙ୍ଗପୁର ସମେତ ବିଭିନ୍ନ ସ୍ଥାନରୁ ସହସ୍ରାଧିକ ଆଦିବାସୀ ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଏକଜୁଟ ହୋଇ ନ୍ୟାୟ ଦାବି କରିଥିଲେ। ଏହି ଅବସରରେ ଏଡିଏମ୍‌ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଗତ ୧୯ ତାରିଖରେ ମିଞ୍ଜଙ୍କ ମୃତଦେହ ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ସେନସୋରୀ ପାର୍କରୁ ପୋଲିସ ଜବତ କରିଥିଲା। ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ପ୍ରୟାସ କରାଯାଇଛି। କିନ୍ତୁ ଏହା ଏକ ସୁପରିକଳ୍ପିତ ଏବଂ ଯୋଜନାବଦ୍ଧ ହତ୍ୟା। ଏଥିରେ ସରକାରୀ ଉଚ୍ଚ ପଦାଧିକାରୀମାନଙ୍କର ସମ୍ପୃକ୍ତି ଥିବାର ସନ୍ଦେହ ରହିଛି ବୋଲି ଅଭିଯୋଗ କରାଯାଇଥିଲା।

ଚଳିତ ମାସ ୧୭ ତାରିଖ ସୁସ୍ମିତାଙ୍କ ଭାଇ ଓ ମାଆ ଉଦିତନଗର ଥାନାରେ ସୁସ୍ମିତା ନିଖୋଜ ହୋଇଯାଇଥିବା ନେଇ ଏତଲା ଦେଇଥିଲେ। ତଦନ୍ତ କରି ପୋଲିସ ହୋଟେଲ ରାଧିକା ରିଜେନ୍ସିରୁ ସୁସ୍ମିତାଙ୍କୁ ଠାବ କରିଥିଲା। ସୁସ୍ମିତାଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବାରୁ ହୋଟେଲରେ ରହିଥିଲେ। ହୋଟେଲରେ ଠାବ ହେବା ପରେ ତାଙ୍କୁ ତାଙ୍କ ପରିବାରବର୍ଗଙ୍କୁ ଦିଆଯାଉ ବୋଲି ତାଙ୍କ ମା' ଭାଇ ଦାବି କରିଥିଲେ ମଧ୍ୟ ପୋଲିସ ସବୁ ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ୨୦ ତାରିଖ ସୁସ୍ମିତାଙ୍କ ମୃତଦେହ ପ୍ଲାଣ୍ଟସାଇଟ ଥାନା ଅଞ୍ଚଳରୁ ମିଳିଥିଲା। ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା। ସୁସ୍ମିତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଭାଇ ଥାନାରେ ଏତଲା ଦେଇଥିଲେ ମଧ୍ୟ ତାହାକୁ ସ୍ୱୀକାର କରାଯାଇ ନ ଥିଲା। ଜିଲା ପ୍ରଶାସନ ସୁସ୍ମିତାଙ୍କ ମାନସିକ ଅବସ୍ଥା ସମ୍ପର୍କରେ ଅବଗତ ଥିଲେ। କେଉଁ ଅବସ୍ଥାରେ ନିଖୋଜ ସୁସ୍ମିତାଙ୍କ ମୃତଦେହ ମିଳିଲା ଓ ଏତଲା କେଉଁ ଉଦ୍ଦେଶ୍ୟରେ ଗ୍ରହଣ କରାଗଲା ନାହିଁ। ତାହା ତଦନ୍ତ ଜରୁରୀ। ଏହାର ସିବିଆଇ ତଦନ୍ତ ସହ ସୁପ୍ରିମକୋର୍ଟ ଅବା ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ଯାଞ୍ଚ କରାଯାଉ ବୋଲି ଦାବି କରାଯାଇ ଏଡିଏମ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ବିକ୍ଷୋଭରେ ଅମିତ ତିର୍କୀ, ଆଲବର୍ଟ କିଣ୍ଡୋ, ଲେଥା ତିର୍କୀ, ମହିମା ଟପ୍ପୋ, ଅଞ୍ଜଳି ଏକ୍କା, ମଞ୍ଜୁଲତା କୁଜୁର, ଅଜିତ କୁମାର ସମେତ ବହୁ ସଂଖ୍ୟାରେ ଜିଲାବାସୀ ସାମିଲ ହୋଇଥିଲେ। ଉକ୍ତ ଘେରାଉକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମଧ୍ୟ ସମର୍ଥନ ଜଣାଯାଇଥିଲା। ସୂଚନାଯୋଗ୍ୟ, ସୁସ୍ମିତାଙ୍କ ମୃତଦେହ ମିଳିବା ପରେ ବିଭିନ୍ନ ରାଜନୈତିକ ଦଳ ଓ ଆଦିବାସୀ ସଙ୍ଗଠନ, ସରପଞ୍ଚ ସଂଘ ପକ୍ଷରୁ ସିବିଆଇ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଆସୁଛି।

# ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ

ରାଉରକେଲା, ୨୬।୯ (ସଙ୍ଗୀତା ଜେନା)

- ଇଅରକଡ୍‌କୁ କେନ୍ଦ୍ର କରି କଳହ
- ୨ ନାବାଳକ ଅଟକ

ମଙ୍ଗଳବାର ସକାଳୁ ହେକେଟ୍ ରୋଡ଼ରୁ ଦେଓଗାଁକୁ ସଂଯୋଗ କରୁଥିବା ରାସ୍ତା ନିକଟ ବୁଦାରୁ ଜଣେ ନାବାଳକଙ୍କ କ୍ଷତାକ୍ତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଉଛନ୍ତି ବାଲୁଘାଟ ଅଞ୍ଚଳର ବାମ୍ବୋ ସଫ୍ ମାଲିକ ପଦ୍ମଲୋଚନ ପାଢ଼ୀଙ୍କ ପୁଅ ରୁଦ୍ର ନାରାୟଣ (୧୪)। ସେ ସିଭିଲଟାଉନଶିପ ଏଲ୍‌ଆଇସି ସ୍କୁଲର ପାଠ ପଢୁଥିଲେ। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଓ ପଥରରେ ଛେଚା ହୋଇଥିବା ସନ୍ଦେହ କରାଯାଇଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ ଓ ପୋଲିସ ପହଞ୍ଚି ଅନୁଧ୍ୟାନ କରିଥିଲା। ଏସ୍‌ଡିପିଓ ଉପାସନା ପାଢ଼ୀଙ୍କ କହିବା ଅନୁଯାୟୀ, ରବିବାର ରୁଦ୍ର ଓ ତାଙ୍କ ୩ ଜଣ ସାଙ୍ଗ ଗଣେଶ ମୂର୍ତ୍ତି ବିସର୍ଜନରେ ଅଂଶଗ୍ରହଣ କରିଥିଲେ। ହେକେଟ ରୋଡ଼ ନିକଟରେ ୪ଜଣଙ୍କ ମଧ୍ୟରେ ଇଅରକଡ଼୍‌କୁ ନେଇ କଳିଝଗଡ଼ା ହୋଇଥିଲା। ଜଣେ ନାବାଳକ ଝଗଡ଼ା ଦେଖି ଘଟଣାସ୍ଥଳରୁ ପଳାଇଥିଲେ। ପରେ ରୁଦ୍ର ଉକ୍ତ ଇଅରକଡ଼୍‌କୁ ନେବା ପାଇଁ ଜିଦ୍ ଧରିଥିଲେ। ଫଳରେ ଅନ୍ୟ ଜଣେ ନାବାଳକ ଉତ୍ତ୍ୟକ୍ତ ହୋଇ ରୁଦ୍ରଙ୍କୁ ଠେଲି ଦେଇଥିଲେ। ତାଙ୍କ ମୁଣ୍ଡ ପଥରରେ ପିଟି ହୋଇଯାଇଥିଲା। ପରେ ପ୍ରବଳ କଳିଝଗଡ଼ା ହୋଇଥିଲା। ଏଥିରେ ରୁଦ୍ରଙ୍କୁ ଅନ୍ୟ ୨ଜଣ ନାବାଳକ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରୁ ନାବାଳକମାନେ ରୁଦ୍ରଙ୍କୁ ଛାଡି ଫେରାର ହୋଇଯାଇଥିଲେ। ତେବେ ମଙ୍ଗଳବାର ସକାଳେ ରୁଦ୍ରଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ସମସ୍ତ ତଦନ୍ତ ପରେ ଅଭିଯୁକ୍ତ ୨ ନାବାଳକଙ୍କୁ ଅଦାଲତରେ ହାଜର କରାଯିବ ବୋଲି ଏସ୍‌ଡ଼ିପିଓ ପାଢ଼ୀ ସୂଚନା ଦେଇଥିଲେ। ଉକ୍ତ ମାମଲାରେ ରଘୁନାଥପାଲ୍ଲୀ ପୋଲିସ ଏକ ମାମଲା(ନଂ. ୩୨୨/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ରବିବାର ରୁଦ୍ର ନିଖୋଜ ହୋଇଯାଇଥିଲେ। ସୋମବାର ପରିବାରବର୍ଗ ସମ୍ପୃକ୍ତ ଥାନାରେ ନିଖୋଜ ଏତଲା ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।


ମୃତଦେହ ଉଦ୍ଧାର ସ୍ଥାନରେ ପୋଲିସ ତଦନ୍ତ କରୁଛି।

# ବନ୍ଧା ରାସନ କାର୍ଡକୁ ମୁକୁଳାଇଲେ ମହିଳା

ରାଉରକେଲା, ୨୬।୯ (ବିପ୍ଳବ ରଞ୍ଜନ ଦାଶ)

- କର୍କଟ ରୋଗଗ୍ରସ୍ତ ପୁଅର ଔଷଧ ନିମନ୍ତେ ବନ୍ଧା ପଡ଼ିଥିଲା
- ଆଶାଗ୍ରୁପ ମହିଳା ସଦସ୍ୟ ବୃଦ୍ଧା ମୁହଁରେ ଭରିଲେ ହସ

ରାଉରକେଲାରେ କର୍କଟ ରୋଗାଗ୍ରସ୍ତ ପୁଅର ଔଷଧ ନିମନ୍ତେ ବନ୍ଧା ପଡ଼ିଥିବା ରାଶନ କାର୍ଡ ମଙ୍ଗଳବାର ମୁକୁଳା ଯାଇଛି। ଆଶାଗ୍ରୁପ ମହିଳା ସଦସ୍ୟ ରାଶନ କାର୍ଡ ମୁକୁଳାଇ ଜଣେ ମା' ମୁହଁରେ ହସ ଭରିଛନ୍ତି। ମାଲଗୋଦାମରେ ରୁହନ୍ତି ବିଧବା ମହିଳା ପୂର୍ଣ୍ଣିମା କୁର୍ମୀ। ପୂର୍ଣ୍ଣିମାଙ୍କ ପରିବାର କହିଲେ ଏକମାତ୍ର ୨୪ବର୍ଷର ପୁଅ ରାଜକୁମାର କୁର୍ମୀ। ପୁଅ କର୍କଟ ରୋଗରେ ରୋଗାଗ୍ରସ୍ତ। ପୂର୍ଣ୍ଣିମା ସହରରେ ମାଗି ଯାଚି ଆଣିଲେ ରୁଗଣା ପୁଅକୁ ପ୍ରତିପୋଷଣ କରନ୍ତି। ମାତ୍ର କିଛିଦିନ ହେଲା ରୁଗଣା ପୁଅର ଔଷଧ କିଣିବା ନେଇ ଘୋର ଆର୍ଥିକ ଅଭାବ ଅନାଟନ ଦେଖାଦେବା ଯୋଗୁ ବୃଦ୍ଧା ପୂର୍ଣ୍ଣିମା ସରକାରଙ୍କଠାରୁ ପାଇଥିବା ରାସନ କାର୍ଡକୁ ଜନୈକ ମହିଳାଙ୍କ ପାଖେ ବନ୍ଧା ପକାଇ ଦେଇଥିଲେ। ବନ୍ଧକ ଜନିତ ୨ହଜାର ଟଙ୍କାରେ କର୍କଟ ରୋଗାଗ୍ରସ୍ତ ପୁଅ ପାଇଁ ଆବଶ୍ୟକ ଥିବା ଔଷଧ କିଣିଥିଲେ। ମାତ୍ର ଚଳିତ ମାସ ଏକାସାଙ୍ଗକୁ ୩ମାସର ଚାଉଳ ସମସ୍ତଙ୍କୁ ମିଳିଥିବା ବେଳେ ଅସହାୟ ବୃଦ୍ଧା ମହିଳା ଜଣକ ରାସନ କାର୍ଡ ବନ୍ଧା ରଖିଥିବା ମହିଳାଙ୍କୁ ଘରେ ଚାଉଳ ନ ଥିବା ହେତୁ ୫କେଜି ଚାଉଳ ଧାର ମାଗିଥିଲେ। ମାତ୍ର ଉକ୍ତ ମହିଳା ଜଣକ ବନ୍ଧକ ମୁତାବକ ସୁଧମୂଳ ଅର୍ଥ ନ ପରିଶୋଧ କରିବା ପର୍ଯ୍ୟନ୍ତ ଦାନାଟିଏ ଚାଉଳ ମଧ ଦେବି ନାହିଁ ବୋଲି ରୋକଠୋକ ମନା କରିଦେଇଥିଲେ। ଫଳରେ ଗରିବ ବୃଦ୍ଧା ଜଣକ ନିରୁପାୟ ହୋଇ କାନ୍ଦି କାନ୍ଦି ଘରକୁ ଫେରୁଥିବାବେଳେ ଆଶା ଗ୍ରୁପର ମହିଳାମାନେ ଉକ୍ତ ମହିଳାଙ୍କୁ ଅଟକାଇ ତାଙ୍କ ଠାରୁ ସମସ୍ତ କଥା ଜାଣିଥିଲେ। ଏହା ପରେ ଆଶା ଗ୍ରୁପର ମହିଳାମାନେ ଉକ୍ତ ବୃଦ୍ଧାଙ୍କୁ ସହାୟତାର ହାତ ବଢାଇ ୨ହଜାର ଟଙ୍କା ଦେବା ସହିତ ବନ୍ଧକ ପଡିଥିବା ରାସନ କାର୍ଡ ମୁକୁଳାଇ ଆଣିବାକୁ କହି ବୃଦ୍ଧାଙ୍କ ସହିତ ବନ୍ଧା ରଖିଥିବା ମହିଳାଙ୍କ ପାଖକୁ ଯାଇଥିଲେ। ବନ୍ଧା ପଡିଥିବା ରାସନ କାର୍ଡ ମୁକୁଳାଇଥିଲେ। ଏଭଳି ଅସହାୟ ସମୟରେ ଏହିଭଳି ସହଯୋଗ ପାଇ ବୃଦ୍ଧା ମହିଳା ଜଣକ ମୁହଁରେ ହସ ଖେଳିଥିଲା। ଅନ୍ୟପଟେ ଆଶା ଗ୍ରୁପର ମୀନତୀ ଦେବତା, ଦୁର୍ଗା ପ୍ରସାଦ, ଅର୍ଚ୍ଚନା ସିଂ, ସବିତା ଜାମୁଦା, ସରିତା, ଆରତୀ ସାହା, ଲକ୍ଷ୍ମୀ ସାହା ଓ ସରିତା ଗୁପ୍ତା ବୃଦ୍ଧ ମହିଳା ଓ ତାଙ୍କ ରୁଗଣା ପୁଅର ଅଭାବ ଅନାଟନ ବିଷୟରେ ଆସନ୍ତାକାଲି ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ସରକାରଙ୍କ ସମସ୍ତ ସାହାଯ୍ୟ ପ୍ରଦାନ କରାଇବା ନେଇ ପ୍ରୟାସ କରିବୁ ବୋଲି ବୃଦ୍ଧା ମହିଳାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


ଆଶା ଗ୍ରୁପ ମହିଳାମାନଙ୍କ ସହ ବୃଦ୍ଧା।

# ମହମ୍ମଦ ଜୟନ୍ତୀ ପାଇଁ ପ୍ରସ୍ତୁତି



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ରାଉରକେଲା, ୨୬।୯ (ସଙ୍ଗୀତା ଜେନା)

ପ୍ରଫେଟ୍ ମହମ୍ମଦଙ୍କ ୧୪୪୫ତମ ଜୟନ୍ତୀ ଓ କାର୍ଯ୍ୟକ୍ରମ ପାଇଁ ମଙ୍ଗଳବାର ପୂର୍ବାହ୍ନରେ ନାଲାରୋଡ ସ୍ଥିତ ମଦରସା ମିସ୍ତା ଉଲ ଉଲୁମଠାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବରିଷ୍ଠ କର୍ମକର୍ତ୍ତା ତଥା ସଭାପତି ଏମଡ଼ି ଅନୱରଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଚଳିତବର୍ଷ ଜୟନ୍ତୀ ଅବସରରେ ୨୮ ତାରିଖ ସକାଳ ୯ଟା ସମୟରେ ଏକ ଶୋଭାଯାତ୍ରା ନାଲାରୋଡରୁ ବାହାରି ଅଞ୍ଚଳ ପରିକ୍ରମା କରି ପୁନଃ ନାଲାରୋଡ ପ୍ରତ୍ୟାବର୍ତ୍ତନ କରିବ। ଏଥିରେ ସମସ୍ତେ ସହଯୋଗ କରିବା ପାଇଁ ଆହ୍ୱାନ କରାଯାଇଥିଲା। ସାଧାରଣ ସମ୍ପାଦକ ମୋଜାମିଲ୍ ଅହମ୍ମଦ, ସମ୍ପାଦକ ମକସୁଦ୍ ଆଲାମ ସମେତ ଅନ୍ୟମାନେ ଏଥିରେ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି କର୍ମଚାରୀଙ୍କ ମଧ୍ୟରେ କବିତା ପାଠ

ରାଉରକେଲା, ୨୬।୯ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ନିଜସ୍ୱ ଷ୍ଟୁଡିଓ ରାଉରକେଲା ଷ୍ଟିଲ ଟେଲିଭିଜନ କେନ୍ଦ୍ରଠାରେ ଓଡିଆ ଓ ହିନ୍ଦୀରେ ସ୍ୱଲିଖିତ କବିତା ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବରୁ ମନୋନୀତ ୧୨ଜଣ କର୍ମଚାରୀ କବିତା ପାଠ କରିଥିଲେ। ଓଡିଶାର ୨ବିଶିଷ୍ଟ କବୟିତ୍ରୀ ଅଙ୍ଗୁରବାଳା ପରିଡା ଓ ସୁସ୍ମିତା ମହାପାତ୍ର ଓଡିଆ ଏବଂ ହିନ୍ଦୀରେ କବିତା ପାଠ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଓଡିଆ କବିତା ପାଠ କରିଥିବା କବି ହେଉଛନ୍ତି ରିଫ୍ରାକ୍ଟୋରୀ ବିଭାଗର ମ୍ୟାନେଜର କବିତା ବିଷୋୟୀ, ପାୱାର ବିତରଣ ବିଭାଗର ସହକାରୀ ଅଧିକାରୀ ତ୍ରିପତୀ ନାରାୟଣ ମିଶ୍ର, କାର୍ମିକ ବିଭାଗର କନିଷ୍ଠ ଅଧିକାରୀ ଶମ୍ଭୁନାଥ ପାତ୍ର, ଏଫଏମଏମ ବିଭାଗ ମାଷ୍ଟର ଟେକ୍ନିସିଆନ ପ୍ରତାପ କୁମାର ପଣ୍ଡା, ଡିଜାଇନ ବିଭାଗର ମାଷ୍ଟର ଟେକ୍ନିସିଆନ ପ୍ରତାପ ରୁଦ୍ର ତ୍ରିପାଠୀ ଓ ଏସଏସଏମ ବିଭାଗର ଓଏମ୍‌ଟି କେଦାର ନାଥ ହୁଇ। ଏହିଭଳି ଭାବରେ ହିନ୍ଦୀ କବିତା ପାଠ କରିଥିବା କବିମାନେ ହେଲେ ଏମଏମ ବିଭାଗର ଜିଏମ ବିନୟ ଶର୍ମା, ଆରଏଣ୍ଡସି ଲ୍ୟାବ ବିଭାଗର ଜିଏମ ଆର.କିରଣ, ଡବ୍ଲ୍ୟୁଏମଡି ବିଭାଗ ମ୍ୟାନେଜର ଦୀପକ ଗର୍ଗ, ଆରଏଣ୍ଡସି ଲ୍ୟାବ ବିଭାଗ ମ୍ୟାନେଜର ଖୁସବୁ ମିଶ୍ର, ଏସପିପି ବିଭାଗର ଡେପୁଟି ମ୍ୟାନେଜର ଶ୍ୟାମ ଗଜଲି ଏବଂ ମେଡିକାଲ ବିଭାଗ ବରିଷ୍ଠ କାର୍ଯ୍ୟନିର୍ବାହୀ ସହାୟକ ପୁଷ୍ପା ସିଂ। କବିତାମାନ ମାନବ ଭାବନା, କଳ୍ପନା ଏବଂ ପ୍ରେରଣାର ବିଭିନ୍ନ ରଙ୍ଗକୁ ସାମ୍ନାକୁ ଆଣିଥିଲା। କବିତା ପାଠ କାର୍ଯ୍ୟକ୍ରମକୁ ଲୋକସମ୍ପର୍କ ରାଜଭାଷା ବିଭାଗର ଦ୍ୱାରା ସଂଯୋଜିତ ହୋଇଥିଲା। ଏଥିରେ ଆରଏସଟିଭିର କ୍ୟାମେରା ଦଳ ସହଯୋଗ କରିଥିଲେ।


ଓଡିଆ କବୟିତ୍ରୀ ଓଡିଆ କବିତା ପାଠ କରୁଛନ୍ତି।

# ବିସ୍ଥାପିତ ୫୧ ଦୋକାନୀ ନିରୁପାୟ

ରାଉରକେଲା, ୨୬।୯ (ବିପ୍ଳବରଞ୍ଜନ ଦାଶ)

**ଅବସ୍ଥାପିତ ହୋଇଥିବା ସ୍ଥାନରେ ଭିତ୍ତିଭୂମି ସଜଡ଼ା ହେଉନି**

ରାଉରକେଲା ବିଶ୍ରା ଛକ ହେଉଛି ସହରର ଇସ୍ପାତ ଅଞ୍ଚଳର ଏକ ସର୍ବପୁରାତନ ଛକ। ବିଶ୍ରା ଛକ ଭେଣ୍ଡିଂ ଜୋନରେ ୧୯୮୨ରୁ ଅଞ୍ଚଳର ୫୧ ଦୋକାନୀ ବିଭିନ୍ନ ଦୋକାନ ଖୋଲି ବ୍ୟବସାୟ କରି ଆସୁଥିଲେ। ଗତ ମାର୍ଚ୍ଚରେ ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ ନିର୍ମାଣ ହେତୁ ସୌନ୍ଦର୍ଯ୍ୟ ବୃଦ୍ଧିରେ ଅଙ୍କୁଶ ସୃଷ୍ଟି କରୁଥିବାରୁ ଭେଣ୍ଡିଂ ଜୋନର ୫୧ଦୋକାନୀଙ୍କୁ ବିସ୍ଥାପିତ କରାଯାଇଥିଲା। ବିଶ୍ରାକୁ ଯାଇଥିବା ରାସ୍ତାରେ ଥଇଥାନ (ଅବସ୍ଥାପିତ) କରାଯାଇଥିଲା। ହେଲେ ଅବସ୍ଥାପିତ ସ୍ଥଳରେ ଆଜି ପର୍ଯ୍ୟନ୍ତ ଉନ୍ନୟନମୂଳକ କାର୍ଯ୍ୟ ହୋଇନାହିଁ। ଆଲୁଅ, ପାଣି ଭଳି ଜରୁରୀକାଳୀନ ସୁବିଧା ବ୍ୟବସ୍ଥା ମଧ୍ୟ ନାହିଁ। ଅସଜଡା ଭିତ୍ତିଭୂମି ହେତୁ ଦୋକାନ ତଥା କ୍ୟାବିନଗୁଡ଼ିକ ଅବସ୍ଥାପନ ସ୍ଥଳରେ ଅସଜଡା ଭାବେ ପଡ଼ି ରହିଛି। ଖରା, ବର୍ଷା ପାଣିରେ କ୍ୟାବିନ ନଷ୍ଟ ହେବାକୁ ବସିଲାଣି। ଅସଜଡା ଭିତ୍ତିଭୂମିରେ ଦୋକାନୀମାନଙ୍କ ଦୋକାନ ଖୋଲିବା ମୁସ୍କିଲ ହେଉଛି। ଦୀର୍ଘଦିନ ହୋଇଗଲା ଦୋକାନଗୁଡିକ ବନ୍ଦ ରହିଛି। ଅନ୍ୟପଟେ ଦୋକାନର ଭଡ଼ା ଦୋକାନୀଙ୍କ ମୁଣ୍ଡରେ ବଢିବଢି ଚାଲିଛି।


ବିସ୍ଥାପିତ ହୋଇଥିବା ଦୋକାନୀମାନଙ୍କ କେବିନ ନଷ୍ଟ ହେବାକୁ ବସିଲାଣି।

ଫଳରେ ପରିବାର ଗୁଜୁରାଣ ମେଣ୍ଟାଇବା ବିସ୍ଥାପିତ ଦୋକାନୀଙ୍କ ନିମନ୍ତେ କଷ୍ଟକର ହୋଇପଡିଥିବା ଦୋକାନୀ ଅର୍ଜୁନ ମାହାଳୀ, କୀର୍ତ୍ତନ ସାହୁ ଏବଂ ଅଜିତ କୁମାର ପରିଡା କହିଛନ୍ତି। ସେମାନେ ଆହୁରି କହିଛନ୍ତି ଯେ, ବିଶ୍ରା ଛକରେ ଆଥ୍‌ଲେଟିକ୍ ଷ୍ଟାଡିୟମ କାର୍ଯ୍ୟ ସହିତ ଉଦ୍ୟାନାଦି ନିର୍ମାଣ ଆର୍‌ଏମ୍‌ସି (ରାଉରକେଲା ମହାନଗର ନିଗମ) ତତ୍ତ୍ୱାବଧାନରେ ହେବା ଦର୍ଶାଇ ଆର୍‌ଏସ୍‌ପି (ରାଉରକେଲା ଷ୍ଟିଲ ପ୍ଲାଣ୍ଟ) ଭେଣ୍ଡିଂ ଜୋନରେ ଥିବା ଦୋକାନ ତଥା କ୍ୟାବିନଗୁଡିକ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ୨୦୨୨ ନଭେମ୍ବରରେ ନୋଟିସ୍ କରାଯାଇଥିଲା। ନୋଟିସ୍ ପରେ ସମସ୍ତ ଦୋକାନୀ ଆର୍‌ଏସ୍‌ପିକୁ ଲିଖିତ ଆକାରରେ ଥଇଥାନ କରିବାକୁ ନିବେଦନ କରିଥିଲେ। ଆର୍‌ଏସ୍‌ପି ଦୋକାନୀଙ୍କ ସମସ୍ୟା ଉପରେ ଅବଗତ ହୋଇଥିଲେ। ପରେ ବିଶ୍ରା ରାସ୍ତାର ଡିଏସ୍‌ପି ଅଫିସ ନିକଟରେ ଅବସ୍ଥାପିତ ପାଇଁ ଜମି ଦିଆଯାଇଥିଲା। ମାତ୍ର ସେଠାରେ ଅବସ୍ଥାପିତ ହେବା ପାଇଁ ଯେଉଁସବୁ ବ୍ୟବସ୍ଥା ହେବା କଥା ତାହା ଆର୍‌ଏମ୍‌ସି ପକ୍ଷରୁ ଏଯାଏଁ ହୋଇନାହିଁ ବୋଲି ଦୋକାନୀମାନେ କହିବା ସହିତ ତୁରନ୍ତ ବିସ୍ଥାପନ ସ୍ଥଳରେ ସମସ୍ତ ସୁବିଧା ଉପଲବ୍ଧ କରାଇବା ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଆର୍‌ଏସ୍‌ପି ପକ୍ଷରୁ ଦର୍ଶାଯାଇଛି ଯେ, ଦୋକାନୀମାନଙ୍କର ଥଇଥାନ ନିମନ୍ତେ ଆମେ ଆର୍‌ଏମ୍‌ସିକୁ ଜମି ଦେଲୁ। ଏଣୁ ଉକ୍ତ ସ୍ଥାନର ଉନ୍ନତିମୂଳକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ଆର୍‌ଏମ୍‌ସି କରିବ। ଦୋକାନ ନ ଖୋଲିଲେ ଉନ୍ନୟନମୂଳକ କାର୍ଯ୍ୟ ହେବ ନାହିଁ। ଜମି ଆର୍‌ଏସ୍‌ପିର ହୋଇଥିବାରୁ ଉକ୍ତ ଜମିରେ ଥିବା ଦୋକାନରେ ଭଡା ସୁନିଶ୍ଚିତ ରହିବ ବୋଲି ଦର୍ଶାଇବା ସହିତ ଦୋକାନ ଖୋଲିଲେ ନିଶ୍ଚିତ ଭାବେ ସମସ୍ତ ସୁବିଧା, ଉନ୍ନୟନ କାର୍ଯ୍ୟ ହେବ ବୋଲି ଦର୍ଶାଯାଇଛି। ଏନେଇ ରାଉରକେଲା ମହାନଗର ନିଗମ ସିଟି ମିଶନ ମ୍ୟାନେଜର ସନ୍ତୋଷ କୁମାର ଭୂୟାଁଙ୍କୁ ପଚାରିବାରୁ ସେ କହିଲେ, ଏନେଇ କିଛି କହିପାରିବି ନାହିଁ। ଏ ବିଷୟରେ ଡେପୁଟି କମିଶନରଙ୍କୁ ଅବଗତ କରାଇବି। ଡେପୁଟି କମିଶନର ଅଫିସ କାର୍ଯ୍ୟରେ ବାହାରେ ଅଛନ୍ତି। ସେ ଆସିଲେ ଏ ବିଷୟରେ ଅବଗତ କରାଇ ସମସ୍ୟାର ସମାଧାନ ଦିଗରେ ବିଚାର କରାଯିବ ବୋଲି କହିଥିଲେ।

# ଧାର୍ଯ୍ୟ ସମୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କର

## ଜିଲାପାଳଙ୍କ ସମୀକ୍ଷା ବୈଠକ

ସମ୍ବଲପୁର,୨୬।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପାଳ ଅନନ୍ୟା ଦାସ ବିଭିନ୍ନ ପ୍ରକଳ୍ପ ଉପରେ ଜିଲାସ୍ତରୀୟ ସମୀକ୍ଷା କରିଥିଲେ। ବର୍ତ୍ତମାନ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଧାର୍ଯ୍ୟ ସମୟ ଭିତରେ ସମ୍ପୂର୍ଣ୍ଣ କରିବାକୁ ତାଗିଦ କରିଥିଲେ। ପରବର୍ତ୍ତୀ ଯୋଜନା ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରିଥିଲେ। ବୈଠକରେ ମୁଖ୍ୟତଃ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ ଘର, ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ, ଓର୍‌ମାସ, ପାନୀୟ ଜଳ, ୫-ଟି ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ, ଉଦ୍ୟାନ, କୃଷି, ଶିକ୍ଷା, ଜଙ୍ଗଲ ଓ ପରିବେଶ, ବିଦ୍ୟୁତ ଆଦି ବିଭାଗରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା ହୋଇଥିଲା। ଏହାସହ ବିଭିନ୍ନ ଅଭିଯୋଗ, ମୁଖ୍ୟମନ୍ତ୍ରୀ ସହାୟତା ଇତ୍ୟାଦି ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଜିଲାପାଳ ଦାସ ବିଭିନ୍ନ ଯୋଜନା ଅନ୍ତର୍ଗତ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବା ସହିତ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରଖି ସରକାରଙ୍କ ଜନହିତକର ଯୋଜନାର ସଫଳ ରୂପାୟନ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲାପରିଷଦ ଧର୍ମେନ୍ଦ୍ର ମଲ୍ଲିକ, ବିଡିଓ କୁଚିଣ୍ଡା ସ୍ନେହା ଅରୁଗୁଲା, ରେଢ଼ାଖୋଲ ଓ ବାମରା ଡିଏଫ୍‌ଓଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପ୍ରସ୍ତୁତି

ସମ୍ବଲପୁର,୨୬।୯(ବି.ଶଙ୍କର): ଅକ୍ଟୋବର ୧ରେ ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯିବ। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳଙ୍କ ଅଫିସ ପ୍ରକୋଷ୍ଠରେ ହୋଇଥିବା ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଧବୀର କୁମାର ମହାନନ୍ଦ, ଜାତୀୟ କାଉନସିଲ ସଦସ୍ୟ (ବରିଷ୍ଠ ନାଗରିକ ସଂଘ) ପ୍ରଫୁଲ୍ଲ ହୋତା, ଜିଲା ରେଡ୍‌କ୍ରସ ସମ୍ପାଦକ ଜୟ ଜର୍ଜ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ, ଜିଲା ଶିକ୍ଷା କାର୍ଯ୍ୟାଳୟର ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ଉପସ୍ଥିତ ଥିଲେ।

### ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ

ସମ୍ବଲପୁର,୨୬।୯(ବି.ଶଙ୍କର): ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ସିଲେଇ ଓ ଏମ୍ବ୍ରୋଡୋରୀ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସଭାନେତ୍ରୀ ପଦ୍ମଜା ସିଂ ୧୪ଜଣ ମହିଳା ପ୍ରଶିକ୍ଷକଙ୍କୁ ପ୍ରମାଣପତ୍ର ଦେଇଥିଲେ। ଗ୍ରାମାଞ୍ଚଳର ଏହି ୧୪ଜଣ ମହିଳା ୬ମାସ ଧରି ପ୍ରଶିକ୍ଷଣ ନେଉଥିଲେ। ଉପାଧ୍ୟକ୍ଷା ସରିତା ପଟେଲ, ସ୍ମାରକୀ ରଶ୍ମି ବେହୁରା ଓ ସ୍ମୃତି ଅଞ୍ଜଳି ବାପଟ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାନେତ୍ରୀ କହିଛନ୍ତି, ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଜାଗୃତି ମହିଳା ମଣ୍ଡଳ ସିଲେଇ, ଏମ୍ବ୍ରୋଡରି ତାଲିମ ପ୍ରଦାନ କରିଥିଲା। ଏହି ଧାରା ଆଗକୁ ମଧ୍ୟ ଜାରି ରହିବ ବୋଲି ସେ ସୂଚିତ କରିଛନ୍ତି।

### ହୀରାକୁଦ ହିଣ୍ଡାଲ୍‌କୋରେ ଶ୍ରମିକ ସଂଗଠନ ନିର୍ବାଚନ

ସମ୍ବଲପୁର,୨୬।୯(ଶୁଭାଶିଷ ପାଢ଼ୀ): ହୀରାକୁଦ ହିଣ୍ଡାଲ୍‌କୋ ଶ୍ରମିକ ସଂଘ ନିର୍ବାଚନରେ ହିନ୍ଦ୍ ମଜଦୁର୍ ସଭା ସମର୍ଥିତ ହିଣ୍ଡାଲକୋ ହୀରାକୁଦ ଏଚ ୱାର୍କ୍ସ ଏମ୍ପ୍ଲୟିଜ ୟୁନିଅନ ବିଜୟୀ ହୋଇଛି। ନିର୍ବାଚନରେ ସମର୍ଥିତ ହିଣ୍ଡାଲକୋ କମ୍ପାନୀର ୟୁନିଅନ ୬୬% ଭୋଟ ପାଇଥିବା ବେଳେ ବିଏମ୍‌ଏସ୍ ସମର୍ଥିତ ହିଣ୍ଡାଲକୋ ଏଫ୍‌ଆର୍‌ପି ୱର୍କର୍ସ ୟୁନିୟନ ୩୪% ଭୋଟ ପାଇ ପରାଜିତ ହୋଇଛି। ଏଚ୍‌ଏମ୍‌ଏସ୍ ସମର୍ଥିତ ୟୁନିୟନ୍ ବିଜୟୀ ହୋଇଥିବାରୁ ହିନ୍ଦ୍ ମଜଦୁର ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, ଉପ ସାଧାରଣ ସମ୍ପାଦକ ଗୋକୁଳ ମେହେର, ୟୁନିୟନର ଉପଦେଷ୍ଟା ତଥା ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି ଓ ସଭାପତି ମହମ୍ମଦ ମୁର୍ତୁଜା ପ୍ରମୁଖ ଶ୍ରମିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### କଲେଜରେ ସ୍ୱାଗତ ଉତ୍ସବ

ରେଙ୍ଗାଲି,୨୬।୯ (ଦେବବ୍ରତ ପଣ୍ଡା) ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସୁରଜମଲ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ବିଭାଗୀୟ ଅଧ୍ୟାପିକା ନଳିନୀ ପ୍ରଧାନଙ୍କ ନେତୃତ୍ୱରେ ନବାଗତ ଇତିହାସ ସମ୍ମାନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ମନୋଜ କୁମାର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନ ପ୍ରତି ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବରେ ଅଧ୍ୟାପକ ସୁଜିତ କୁମାର ଷଡ଼ଙ୍ଗୀ ଓ ଅଧ୍ୟାପକ ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ପାଠ ପଢ଼ା ପ୍ରତି ଛାତ୍ରୀଛାତ୍ର ଯତ୍ନଶୀଳ ହେବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମିଷ୍ଟର ଇତିହାସ ଛାତ୍ର ଉମେଶ ଗର୍ଡ଼ିଆ ଓ ମିସ୍ ଇତିହାସ ନିରୂପମା ତାଡୁଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ଇରାନା ମୟୂର ଧନ୍ୟବାଦ ଅର୍ପଣ କରିଥିଲେ।

### କେନାଲରୁ ମହିଳାଙ୍କ ମୃତଦେହ ଜବତ

ସମ୍ବଲପୁର, ୨୬।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ପଣ୍ଡିଆପାଲି କେନାଲରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତେବେ ତାଙ୍କ ପରିଚୟ ଅସ୍ପଷ୍ଟ ରହିଛି। କେଉଁ ପରିସ୍ଥିତିରେ ଏଠାକୁ ମୃତଦେହ ଆସିଲା ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି। ହତ୍ୟା ନା ଅନ୍ୟକିଛି କାରଣ ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣା ପଡିବ ବୋଲି ପୋଲିସ କହିଛି।

# ଅନଶନରତ ୬ ଜେଲ କର୍ମଚାରୀ ଅସୁସ୍ଥ

ରେଢ଼ାଖୋଲ/କୁଚିଣ୍ଡା,୨୬।୯ (ଅଚ୍ୟୁତାନନ୍ଦ ପୁରୋହିତ/ବିରଞ୍ଚି ଦର୍ଶୀ): ସମ୍ବଲପୁର ଜିଲାର ରେଢ଼ାଖୋଲ ଓ କୁଚିଣ୍ଡାଠାରେ ଅନଶନରତ ୬ ସବ୍‌ଜେଲ କର୍ମଚାରୀ ମଙ୍ଗଳବାର ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ଓଡ଼ିଶା ରାଜ୍ୟ ଜେଲ କର୍ମଚାରୀ ସଂଘ ଆହ୍ୱାନକ୍ରମେ ୫ଦଫା ଦାବି ନେଇ ସବ୍‌ଜେଲ ସମ୍ମୁଖରେ କର୍ମଚାରୀମାନେ ସୋମବାରଠାରୁ ଆମରଣ ଅନଶନରେ ବସିଛନ୍ତି। ରେଢାଖୋଲ ସବ୍‌ଜେଲ ସମ୍ମୁଖରେ କର୍ମଚାରୀମାନେ ଅନଶନରେ ବସିଥିବାବେଳେ ମଙ୍ଗଳବାର ୩ଜଣ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍. ଥିବା ଜଣାପଡିଛି। ସେମାନେ ହେଲେ ହରିଶଙ୍କର ପୁରୋହିତ, ସୁନୀଲ ପ୍ରଧାନ ଓ ମହିଳା ୱାର୍ଡର ବିଳାମଣି ମୁକ୍ତା କାଣ୍ଡୁଲନା। ସେହିପରି କୁଚିଣ୍ଡା ସବ୍‌ଜେଲ କର୍ମଚାରୀମାନେ ଜେଲ ସମ୍ମୁଖରେ ଆନ୍ଦୋଳନ ଚଳାଇଥିବାବେଳେ ଇନ୍ଦ୍ରମଣି ସ୍ୱାଇଁ, ସିଦ୍ଧାର୍ଥ ବଢେଇ ଓ ବରଦାନ କୁଲୁ ଅସୁସ୍ଥ ହୋଇପଡିବାରୁ ସେମାନଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଛି।


ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ କର୍ମଚାରୀ।

# ଶେଷଦେବ କିଷାନଙ୍କୁ ହୀରାଖଣ୍ଡ ସମ୍ମାନ

ସମ୍ବଲପୁର,୨୬।୯(ବି.ଶଙ୍କର):

ହୀରାଖଣ୍ଡ ସାମ୍ମୁଖ୍ୟ ପକ୍ଷରୁ ଓଡିଶା ସାଂସ୍କୃତିକ ସମାଜ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଶେଷଦେବ କିଷାନଙ୍କୁ ହୀରାଖଣ୍ଡ ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ପରେଶ ଚନ୍ଦ୍ର ଦାନିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି, ଡ. ଶ୍ୟାମ ସୁନ୍ଦର ଧର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଲ୍ୟକାଳରୁ ମା'ବାପାଙ୍କୁ ହରାଇ ମୂଲ ଲାଗି ଜୀବନ ଆରମ୍ଭ କରିଥିବା ଶେଷଦେବ ନିଜର ପରିଶ୍ରମ ଓ ଅଧ୍ୟବସାୟ ବଳରେ ଉନ୍ନତି କରିପାରିଛନ୍ତି। ବିଦେଶରେ ଚାକିରି ଓ ମୋଟା ଅଙ୍କର ଦରମାକୁ ପଛରେ ପକାଇ ସେ ନିଜ ରାଜ୍ୟକୁ ଫେରି ଆତ୍ମନିଯୁକ୍ତ ହେବା ତଥା ଗାଁ ପିଲାଙ୍କ ପାଠପଢାର ବ୍ୟବସ୍ଥା କରିବା ଭଳି ବହୁବିଧ କାରଣ ଯୋଗୁ ସେ ଧନ୍ୟ ହୋଇଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷଦେବ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କହିଥିଲେ, ସେ ନିଜ ରାଜ୍ୟରେ ସେବା କରିବାର ଅଭିପ୍ରାୟ ରଖିଛନ୍ତି । ଲୋକଙ୍କୁ କମ୍‌ଦରରେ ଔଷଧ ଯୋଗାଇବାକୁ ଫାର୍ମାସ୍ୟୁଟିକାଲ କମ୍ପାନୀ ଖୋଲିଛନ୍ତି। ତାଙ୍କ ସ୍ତ୍ରୀ ଜୟଶ୍ରୀ ଜେନା ମଧ୍ୟ ବକ୍ତବ୍ୟ ରଖିଥିଲେ। ଅଖିଳ ପଟ୍ଟନାୟକ ମାନପତ୍ର ପାଠ କରିଥିବା ବେଳେ ଦୀପକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ଡ.ଶେଷଦେବ କିଷାନଙ୍କୁ ହୀରାଖଣ୍ଡ ସମ୍ମାନ ପ୍ରଦାନ କରାଯାଉଛି।

# ନାବାଳକଙ୍କୁ ହତ୍ୟା ଅଭିଯୋଗ, ୨ ଅଟକ

ସମ୍ବଲପୁର,୨୫।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା କରମଟୁଲିର ଦେବା ଜାମଡାଲିଆ(୧୪)ଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ଦେବାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ପାଇ ପୋଲିସ ଜଣେ ନାବାଳକ ଓ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଥାନାରେ ଏକ ମାମଲା (ନଂ.୩୯୭/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ନା ଅନ୍ୟ କାରଣ ଜଣାପଡିବ ବୋଲି ସଦର ଏସ୍‌ଡିପିଓ ପ୍ରଦିପ କୁମାର ସାହୁ କହିଥିଲେ। ସେ ଆହୁରି କହିଥିଲେ, ଚୋରି ମୋବାଇଲକୁ ନେଇ ଦୁଇ ସାଙ୍ଗ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରିବାର ବର୍ଗ ହତ୍ୟା ଅଭିଯୋଗ ଆଣିବାରୁ ପୋଲିସ ସେ ଦିଗରେ ତଦନ୍ତ କରୁଛି। ଘଟଣାରେ ଦୁଇଜଣଙ୍କୁ ଅଟକ ରଖାଯାଇଛି। ପୂର୍ବରୁ ମୃତକ ଓ ଅଟକ ଥିବା ନାବାଳକ ଏବଂ ଯୁବକଙ୍କ ନାମରେ ମାମଲା ରହିଛି ବୋଲି କହିଥିଲେ। ସୂଚନାଯୋଗ୍ୟ, ସୋମବାର ରାତିରେ ନାବାଳକ ଦେବାଙ୍କୁ କେହି ପିଟି ମାରିଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ମୋବାଇଲ ଚୋରିକୁ ନେଇ ପିଏଚ୍‌ଡି ପଡିଆରେ ଝଗଡ଼ା କରି ମାଡ ମାରିଥିଲେ। ଦେବା ଚେତାଶୂନ୍ୟ ହୋଇପଡିବାରୁ ଜିଲା ସଦର ମେଡିକାଲକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଭୟରେ ସାଙ୍ଗମାନେ ଫେରାର ହୋଇଯାଇଥିଲେ।

# ଜିଏମ୍‌ୟୁରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନା


ଆଲୋଚନାଚକ୍ରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ସମ୍ବଲପୁର,୨୬।୯(ବି.ଶଙ୍କର): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଉପକୁଳସଚିବ ଡ. ଉମାଚରଣ ପତି ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ମନସ୍ତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ଡ. ସଂଯୁକ୍ତା ପାଢ଼ୀ ସ୍ୱାଗତ ଭାଷଣରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଓ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଧାରଣା ଦେଇଥିଲେ। ମୁଖ୍ୟବକ୍ତା ଭାବେ ସମନ ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ। ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପିକା ଡ. ରୂପଶ୍ରୀ ଗୋସ୍ୱାମୀ, ଡ. ରୂପଶ୍ରୀ ବ୍ରହ୍ମାକୁମାରୀ, ପୁଷ୍ପା ହେମ୍ବ୍ରମ, ଅତିଥି ଅଧ୍ୟାପିକା କୌଶଲ୍ୟା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶାସନସ୍ଥିତ ବିକାଶରେ ସ୍ପିକ୍ ମେକେ କାର୍ଯ୍ୟକ୍ରମ

ସମ୍ବଲପୁର,୨୬।୯(ବି.ଶଙ୍କର):

ଶାସନସ୍ଥିତ ବିକାଶ ଶିକ୍ଷା ଅନୁଷ୍ଠାନରେ ଲୁପ୍ତପ୍ରାୟ ଶାସ୍ତ୍ରୀୟ ସଂଗୀତ ଓ ସଂସ୍କୃତିକୁ ଯୁବପିଢ଼ି ମଧ୍ୟରେ ପୁନରୁତ୍‌ଥାନ ପାଇଁ ସଚେତନତା କାର୍ଯ୍ୟକ୍ରମ (ସ୍ପିକ୍ ମେକେ) ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ସ୍ୱାଗତ ଭାଷଣ ଓ ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ପୁଷ୍ପିତା ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କନ୍ୟାକୁମାରୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସାଇକେଲରେ ଯାତ୍ରା କରୁଥିବା ସ୍ପିକ୍ ମେକେର ପ୍ରତିଷ୍ଠାତା ପଦ୍ମଶ୍ରୀ ଡ. କିରଣ ସେଠ ମୁଖ୍ୟଅତିଥି ଭାବରେ ଯୋଗଦେଇ ଯୁବପିଢ଼ି ଆମ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ପ୍ରଫେସର ଡ. କାମଦେବ ସାହୁ ଲୁପ୍ତପ୍ରାୟ କଳା କିପରି ପୁନରୁଦ୍ଧାର ହୋଇପାରିବ ସେ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ବିକାଶ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଛାତ୍ରୀଛାତ୍ର ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଗୁରୁ ବିଭୀଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମ୍ବଦା ପରିବେଷିତ ହୋଇଥିଲା। ଶେଷରେ ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ପିକ ମେକେ କାର୍ଯ୍ୟକ୍ରମରେ ଅତିଥିମାନେ।

# ଏସ୍‌ଏସ୍‌ଜି ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ

ଜମନକିରା,୨୬।୯ (ରବୀନ୍ଦ୍ର ପ୍ରସାଦ ଦାନି): ଜମନକିରା ସଦର ମହକୁମା ରାଧାକୃଷ୍ଣପଡ଼ାର ଦୀପଶିଖା, ରାଧାରାଣୀ ଓ ମା' ମନସା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମଙ୍ଗଳବାର ପଡ଼ାର ନଳକୂପ ପାର୍ଶ୍ୱରେ ହୋଇଥିବା ଅନାବନା ଘାସ ଓ ଅଳିଆ ଆବର୍ଜନା ସଫା କରିଥିଲେ। ଏଥିରେ ପ୍ରେମସିଲା ନାଏକ, ତୁଳସୀ ନାଏକ, ରଶ୍ମିତା ସେଠ, କଞ୍ଚନ ଠାକୁର, ବିନତି ପଟେଲ, ଉମାକାନ୍ତି ନାଏକ, ପଦ୍ମିନୀ ସେଠ, ଶିବାନୀ ପଟେଲ ପ୍ରମୁଖ ମହିଳାମାନେ ସାମିଲ ହୋଇଥିଲେ। ମହିଳାମାନଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଥିଲେ।

# ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା,୨୬।୯(ବିରଞ୍ଚି ଦର୍ଶୀ):

ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଚକ୍ରଧର ସାହୁଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ କୁଚିଣ୍ଡା ଉପଜିଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟଅତିଥି, ଏଡିଡବ୍ଲ୍ୟୁଓ ଅନିଭା ନାୟକ, ଡବ୍ଲ୍ୟୁଇଓ ଜ୍ଞାନପ୍ରଭା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର, ଏସ୍‌ଏମ୍‌ସି ଚେୟାରମ୍ୟାନ ନରେନ୍ଦ୍ର କୁମାର ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଭିଭାବକ ମାନେ ଅନୁଷ୍ଠାନ ସହ ଜଡିତ ହୋଇ ପିଲାଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ମାଝି ଅତିଥି ପରିଚୟ ପ୍ରଦାନ କରି ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ମମୁନ ପଟେଲ ସଭା ପରିଚାଳନା କରିଥିବା ବେଳେ ସମୀକ୍ଷା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆଦର୍ଶ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଶ୍ରେଣୀଗୃହ ଉଦ୍‌ଘାଟିତ

ସମ୍ବଲପୁର,୨୬।୯(ଶୁଭାଶିଷ ପାଢ଼ୀ) ବ୍ରଜମୋହନ ପଟ୍ଟନାୟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଆଦର୍ଶ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶ୍ରେଣୀଗୃହକୁ ଜିଲାପାଳ ଅନନ୍ୟା ଦାସ ଉଦ୍‌ଘାଟନ କରିଛନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦ ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଭାଷା ଓ ସଂଖ୍ୟାଜ୍ଞାନ ଦକ୍ଷତା ବୃଦ୍ଧି ନିମନ୍ତେ ଆଦର୍ଶ ଶ୍ରେଣୀ ଗୃହଟିକୁ ବିଭିନ୍ନ ଶିଶୁକେନ୍ଦ୍ରିକ ଉପାଦାନ ଦ୍ୱାରା ସମୃଦ୍ଧ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ କଥନ, ପଠନ, ଲିଖନ, ଗଣନ ଇତ୍ୟାଦିର ବିକାଶ ହେଇପାରିବ ବୋଲି ଜିଲାପାଳ କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ, ଜିଲା ମଙ୍ଗଳ ଅଧିକାରୀ ଗୀତାରାଣୀ ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ରଜନୀକାନ୍ତ ଦାସ, ରାଜ୍ୟ ସାଧନ କର୍ମୀ ସୁବାସ ଚନ୍ଦ୍ର ସାହୁଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର କୁମାର ସ୍ୱାଇଁ, ସମଗ୍ର ଶିକ୍ଷାର ସଂଯୋଜିକା ପୁଷ୍ପଲତା ରାଉତରାୟ, ସଂଯୋଜକ ଅରୁଣ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ଆମ ଅଂଶୀଦାର ବୈଠକ


ବୈଠକରେ ମଞ୍ଚାସୀନ ଅତିଥିଗଣ।

ଜମନକିରା,୨୬।୯(ରବୀନ୍ଦ୍ର ପ୍ରସାଦ ଦାନି):

ଜମନକିରା ବ୍ଲକ ବଡରମା ପଞ୍ଚାୟତ ସରକାରୀ ସେବାଶ୍ରମ ବିଦ୍ୟାଳୟରେ ମଙ୍ଗଳବାର ଅଭିଭାବକ ଆମ ଅଂଶୀଦାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ ପ୍ରଧାନ ଶିକ୍ଷକ ଜଗଦୀଶ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁବାସ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତାପିତା ନିଜର ପିଲାଙ୍କ ସମସ୍ୟା ଶିକ୍ଷକମାନଙ୍କ ସହ ଯୋଗାଯୋଗ କରି କିଭଳି ଦୂର କରିପାରିବେ ସେ ନେଇ ବକ୍ତବ୍ୟ ରଖିଥିଲେ। ବଡରମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ପଟେଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମେ ଜାଣିବା ଓ ଆମେ ଜିଣିବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ପର୍ଶୁରାମ ପଟେଲ, ଗୋଷ୍ଠୀ ମଙ୍ଗଳ ଅଧିକାରୀ ଐଶର୍ଯ୍ୟ ନାୟକ, ପରିଚାଳନା କମିଟି ସଭାନେତ୍ରୀ ମନ୍ଦାକିନୀ ପ୍ରଧାନ, ଉପସଭାପତି ବନିତା ଦେହୁରି ସମ୍ମାନିତ ଅତିଥି ଭାବେ ଅଭିଭାବକଙ୍କ ଉଦ୍ଦେଶ୍ୟରେ ଆପଣମାନେ ହିଁ ଆମ ସ୍କୁଲର ଅଂଶୀଦାର ବୋଲି ଅଭିଭାଷଣ ମାଧ୍ୟମରେ ବୁଝାଇଥିଲେ। ପ୍ରଧାନଶିକ୍ଷକ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ ଓ ଶେଷରେ ସହକାରୀ ଶିକ୍ଷୟିତ୍ରୀ ଶୁଭ୍ରା ମଲ୍ଲିକ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମାଟ୍ରନ, ଅଭିଭାବକ, ଛାତ୍ରୀଛାତ୍ର ଓ କର୍ମଚାରୀ ସହଯୋଗ କରିଥିଲେ।

# ବୁଲିଲା ମିଲେଟ୍ସ ମିଶନର ସଚେତନତା ରଥ

ନାକଟିଦେଉଳ,୨୬।୯ (ବୈକୁଣ୍ଠ ନାଥ ସାହୁ):

ନାକଟିଦେଉଳ ବ୍ଲକରେ ଓଡ଼ିଶା ମିଲେଟ୍ସ ମିଶନ ପକ୍ଷରୁ ଏକ ସଚେତନତା ରଥ ସୋମବାରଠାରୁ ବିଭିନ୍ନ ଗ୍ରାମ ପରିକ୍ରମା କରୁଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ବିବେକାନନ୍ଦ ସାହୁ ଓ ସହକାରୀ କୃଷି ଅଧିକାରୀ ମଧୁମିତା ମୁର୍ମୁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ରଥ ବ୍ଲକ ୧୧ ପଞ୍ଚାୟତର ୮୭ ଗ୍ରାମ ପରିକ୍ରମା କରି ଲୋକଙ୍କୁ ଶ୍ରୀ ପଦ୍ଧତିରେ ମାଣ୍ଡିଆ ଚାଷ କରିବା ପାଇଁ ସଚେତନ କରାଉଛି। ଏହା ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବ। ହେକ୍ଟର ପିଛା ଯେପରି ୧୫ରୁ ୨୦କୁଇଣ୍ଟାଲ ମାଣ୍ଡିଆ ଅମଳ ହୋଇ ପାରିବ ଏବଂ ବିହନ ଚୟନ, ତଳି ଘେରା ପ୍ରସ୍ତୁତି, ଜମି ପ୍ରସ୍ତୁତି, ତଳି ରୋପଣ, ଘାସ ପରିଚାଳନା ଆଦି ସମ୍ପର୍କରେ ସଚେତନ କରାଯାଉଛି। ଏଥିସହିତ ବାଜରା ଓ ଗଙ୍ଗେଇ ଚାଷ ସମ୍ପର୍କରେ ମଧ୍ୟ ସଚେତନ କରାଯାଉଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମିଲେଟ୍ସ ମିଶନ (ଏଫ୍‌ଏ-ଭିଆଇଆର୍‌ଡ଼ି)ର ବ୍ଲକ ସଂଯୋଜିକା ଲକ୍ଷ୍ମିପ୍ରିୟା ମହାନ୍ତି, ସହକାରୀ ବ୍ଲକ ସଂଯୋଜକ କାମେଶ ରଞ୍ଜନ ବେହେରା, କୃଷି ଉତ୍ପାଦକ ସଂସ୍ଥାର ସିଇଓ ସରୋଜ କୁମାର ସାଗରଙ୍କ ସମେତ ସାହେବୀ, ନାକଟିଦେଉଳ ଓ ସାଲେଭଟା ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।



ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

**ରାସ୍ତାକଡ଼ରେ ଯାଆଁଳା ଶିଶୁ ପ୍ରସବ କଲେ ଗର୍ଭବତୀ**

ଟିଟିଲାଗଡ଼(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡରୁ କେନ୍ଦୁମୁଣ୍ଡି କୁମୁଡା ଗ୍ରାମ ନିକଟରେ ମଙ୍ଗଳବାର ଜଣେ ଗର୍ଭବତୀ ଯାଆଁଳା ଶିଶୁଙ୍କୁ ଜନ୍ମ ଦେଇଥିଲେ। ମେଡିକାଲକୁ ଯାଉଥିବା ସମୟରେ ଅସହ୍ୟ ଯନ୍ତ୍ରଣା ହେବାରୁ ସେଠାରେ ହିଁ ସେ ବସି ପଡ଼ିଥିଲେ। ରାସ୍ତା କଡ଼ରେ ଭିଡ ଦେଖି ସେହିପଟୁ ଯାଉଥିବା ଟିଟିଲାଗଡ଼ ପୋଲିସ ଗାଡି ଅଟକାଇ କ'ଣ ହେଉଛି ଏଠି ବୋଲି ଉପସ୍ଥିତ ଲୋକଙ୍କୁ ପଚାରିଥିଲେ। ଗର୍ଭବତୀଙ୍କୁ ପୋଲିସ ପିସିଆରରେ ବସାଇ ଆଣିବାକୁ ଚେଷ୍ଟା କରିଥିଲେ, ହେଲେ ଅତ୍ୟଧିକ ଯନ୍ତ୍ରଣା ଯୋଗୁଁ ସେଠାରେ ହିଁ ସନ୍ତାନ ପ୍ରସବ କରିଥିଲେ। ଏବେ ସରକାରୀ ଡାକ୍ତରଖାନାରେ ମା' ଓ ଉଭୟ ଶିଶୁଙ୍କୁ ଭର୍ତ୍ତି କରାଯାଇ ଚିକିତ୍ସା ପ୍ରଦାନ କରାଯାଇଛି ବୋଲି ସୂଚନା ମିଳିଛି।


ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ନନ୍ଦିଘୋଷ



@ ରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ମହିଳା ରୋଗୀଙ୍କୁ ଖଟିଆରେ ବୋହି ନଦୀ ପାର

ରୁପ୍ରାରୋଡ୍,୨୬।୯(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲାର ଦୁର୍ଗମ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରାସ୍ତାଘାଟ ଓ ପୋଲ ସୁବିଧା ନ ଥିବାରୁ ଅନେକ ସମୟରେ ରୋଗୀ ଖଟିଆରେ ବୁହା ହେଉଥିବା ଘଟଣାର ବାରମ୍ବାର ଦେଖିବାକୁ ମିଳୁଛି। ସୋମବାର ଜିଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ଅଧୀନ ତଳଝାପି ପଞ୍ଚାୟତ ରାଣୀପଦର ଗାଁରେ ଏଭଳି ଘଟଣା ଘଟିଥିବା ବେଳେ ମଙ୍ଗଳବାର ଜିଲାର ନର୍ଲା ବ୍ଲକ ଅନ୍ତର୍ଗତ କୁରମେଲ ପଞ୍ଚାୟତର କୃପାପଦର ଗାଁରେ ପୁଣି ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମର ଦନାର ମାଝିଙ୍କ ସ୍ତ୍ରୀ ଦୀପ୍ତି ମାଝି ଘରେ ଏକ ଶିଶୁକୁ ଜନ୍ମ ଦେଇଥିଲେ। ଏହା ପରେ ଗର୍ଭପାତ ଜଟିଳତା ଯୋଗୁ ତାଙ୍କୁ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡ଼ିଥିଲା। ତେବେ ଗାଁଠାରୁ ନର୍ଲାକୁ ଆସିବା ରାସ୍ତାରେ ପଡ଼େ ଏକ ନଈ। ନଦୀ ପାର ହେବାକୁ କୌଣସି ପୋଲ ନ ଥିବାରୁ ଗାଡ଼ି ଯାତାୟାତ ସମ୍ଭବ ହୋଇ ନ ଥାଏ। ଏପରି ସ୍ଥିତିରେ ଘର ଲୋକେ ଖଟିଆରେ ମହିଳାଙ୍କୁ ନଦୀ ପାର କରିବା ପରେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଅଟୋ ଯୋଗେ ଆଣିଥିଲେ। ନର୍ଲା ବ୍ଲକ ନିକଟରେ ଥାଇ ସୁଦ୍ଧା ରାସ୍ତାଘାଟର ଅସୁବିଧା ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ବାଗପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଏହି ନଦୀରେ କୃପାପଦର ନିକଟରେ ଏକ ପୋଲର ଆବଶ୍ୟକତା ରହିଛି। ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେଇ ପୋଲ ନିର୍ମାଣ କରିବାକୁ ଦାବି ହେଉଛି।



ରୋଗୀଙ୍କୁ ଖଟିଆରେ ବୋହି ନଦୀ ପାର କରାଯାଉଛି।

# ଟେଲିଫିଲ୍ମ 'ସେଁଟ୍ରା'ର ଶୁଭମହୁରତ

ଭବାନୀପାଟଣା,୨୬।୯(ଉତ୍ତମ କୁମାର ଦାଶ)

ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନ, ବୁଢ଼ିପଦର ପକ୍ଷରୁ ଟେଲିଫିଲ୍ମ 'ସେଁଟ୍ରା'ର ଶୁଭ ମହୁରତ ଭବାନୀପାଟଣା ସହର ଉପକଣ୍ଠସ୍ଥ ଭଙ୍ଗାବାରୀଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସଞ୍ଜୟ ଧଙ୍ଗଡ଼ାମାଝି ଓ ଫିଲ୍ମ ନିର୍ଦ୍ଦେଶକ ସୌରଭ ମହାପାତ୍ର ଏହାର ମହୁରତ କରିଥିବା ବେଳେ ଅନୁଷ୍ଠାନ ଯୁଗ୍ମ ସମ୍ପାଦକ ସୁଧୀର ଧଙ୍ଗଡ଼ାମାଝି, ଫିଲ୍ମର ପଟକଥା ଲେଖକ ଡିଲେଶ୍ୱର ରଣା, ସମାଜସେବୀ କେଦାର ରଣା, ଦେବାର୍ଚ୍ଚନ ରଣା, ଶିବ ରଣା, ଐବଲ୍ୟ ରଣାଙ୍କ ସମେତ କଳାକାରମାନେ ଉପସ୍ଥିତ ଥିଲେ। ଦୂରଦର୍ଶନ ଭବାନୀପାଟଣା ପ୍ରଯୋଜିତ ଉକ୍ତ ଫିଲ୍ମରେ କ୍ୟାମେରା ଦାୟିତ୍ୱରେ ପବିତ୍ର ଖୋସଲା ଓ ସମ୍ପାଦନା ଦାୟିତ୍ୱରେ ଅମିୟ ଭୋଇ ଥିବାବେଳେ ନିର୍ମଳ ପାତ୍ର ଓ ପିନାକୀ ଦାଶ ସହାୟତା କରୁଛନ୍ତି। ଏଥିରେ ଅଭିନେତା ତ୍ରିମୋହନ ସାହୁ, ଅଜିତ ନାୟକ, ଆଲୋକ ସାହୁ, ସୌମ୍ୟରଞ୍ଜନ ଜେନା, ଧନଞ୍ଜୟ ସାହୁ, ଡିଲେଶ୍ୱର ରଣା, ରାମେଶ୍ୱର ତ୍ରିପାଠୀ, ସଞ୍ଜୟ ଧଙ୍ଗଡ଼ାମାଝି, ଶୁଭମ ବେହେରା, ସୁଧୀର ଧଙ୍ଗଡ଼ାମାଝି, ସ୍ୱାଧୀନ ପାତ୍ର, ତ୍ରିନାଥ ଶ୍ୟାମ କୁମାର, ଅଭିନେତ୍ରୀ ଦୀପ୍ତିମୟୀ ସିଂ, ପ୍ରଜ୍ଞା ପରିମିତା ନାୟକ, ମାନସୀପ୍ରଭା ନାୟକ, ଶିଶୁ କଳାକାର ଖୁସି, ସୂର୍ଯ୍ୟାଂଶ, ପିଙ୍କୁ ପ୍ରମୁଖ ଅଭିନୟ କରୁଛନ୍ତି। ଅଳ୍ପଦିନ ମଧ୍ୟରେ ଏହା ଦୂରଦର୍ଶନରେ ପ୍ରସାରିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।




CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/36/201516(Pt.)/2097 Dated, the 25th Sept, 2023
**Advertisement**
Applications are invited from Indian Nationals for engagement of **01 (one) Chief Manager (Environment)** on contractual basis in Paradip Port Authority.
For further details, visit our website https://paradipport.gov.in/Carrer.aspx.
Sd/-
Sr. Assistant Secretary, Paradip Port Authority
PPA/PR/49/2023-24 Dt. 26/09/2023

See Career Appointment on every Wednesday & Saturday

**ସେଲ୍ସ ଗାର୍ଲ**
ବାଲାଜୀ ଟ୍ରେଡିଂ, ପିଠାପୁର, କଟକ ପାଇଁ ଆବଶ୍ୟକ। ପ୍ରାର୍ଥିନୀ କଟକରେ ରହୁଥିବେ।
ଯୋଗାଯୋଗ:
ଫୋନ୍- ୯୦୯୦୦୩୦୦୨୪

**DUHITA AGRO EXPORT PVT LTD**
RECRUITMENT NOTICE
**Name of Post**: HEAD OF THE PROJECT
**Qualification:** Graduation (Preference will be given to MBA in Finance/Marketing/HR).
**Experience:** Minimum 15 years Managerial Experience in Operation, Sales & Marketing and Procurement & Managing of Staff of Cashew Processing Unit.
**Salary Package:** CTC Rs 10 Lakh /Annum.
Job based on Aditya Cashew Processing Plant, Tentulipatana, Dhenkanal.
Interested candidates may E-Mail their CV to **md@daeltd.co.in**
For further clarification please visit: **https://daeltd.co.in**
**Contact: 7381557001**


# ନିଖୋଜ ଯୁବକଙ୍କ ମୃତଦେହ କୂଅରୁ ଉଦ୍ଧାର

ବଲାଙ୍ଗୀର/ତରଭା, ୨୬।୯ (ବୀରେନ୍ଦ୍ର କୁମାର ଝାଙ୍କର/ମାନଭଞ୍ଜନ ମିଶ୍ର)

ବଲାଙ୍ଗୀର ଜିଲା ପୁଇଁତଳା ଥାନା ଖଲିଆପାଲି ଗ୍ରାମର ନିଖୋଜ ନିରୁଏଲ କୁମ୍ଭାର (୨୫)ଙ୍କ ମୃତଦେହ ମଙ୍ଗଳବାର ଗାଁମୁଣ୍ଡ ଏକ କୂଅରୁ ଉଦ୍ଧାର କରାଯାଇଛି। ପରିବାର ଲୋକେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିଛି। ରବିବାରଠାରୁ ନିରୁଏଲ କୁଆଡେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ପତ୍ତା ନ ମିଳିବାରୁ ସୋମବାର ପରିବାର ଲୋକେ ପୁଇଁତଳା ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳୁ ଖଲିଆପାଲି ଗାଁ ମୁଣ୍ଡରେ ଥିବା ଏକ କୂଅରୁ ନିରୁଏଲଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। ଖବର ପାଇ ବଲାଙ୍ଗୀର ଏସ୍‌ଡିପିଓ ତୋଫାନ୍ ବାଗ, ପୁଇଁତଳା ଥାନା ଆଇଆଇସି ଅନିତା ପ୍ରଧାନ ଏବଂ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତରଭା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉକ୍ତ କୂଅରୁ ନିରୁଏଲଙ୍କ ମୃତଦେହ ଜବତ କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଯାଇଥିଲା। ଏସ୍‌ଡିପିଓ ବାଗ କହିଛନ୍ତି ଯେ, ନିରୁଏଲ ନିଖୋଜ ଥିବା ନେଇ ପୁଇଁତଳା ଥାନାରେ ଅଭିଯୋଗ ହୋଇଥିଲା। ମଙ୍ଗଳବାର କୂଅରୁ ମୃତଦେହ ଉଦ୍ଧାର କରାଯାଇଛି। ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସୂଚନା ଦିଆଯିବ। ଗାଁର ଜଣେ ଯୁବକଙ୍କ ସହ କୁଆଡେ ମୃତ ନିରୁଏଲଙ୍କ ଝଗଡା ହୋଇଥିବା କୁହାଯାଉଛି। ସମ୍ପୃକ୍ତ ଯୁବକ ଏବେ ଗାଁରେ ନାହାନ୍ତି। ଏଦିଗରେ ମଧ୍ୟ ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଥିଲେ।

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**


ଫର୍ମ ନଂ. ୧୩
**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସରେ**
**ସି-୭୧, ସେକ୍ଟର - ୭ ସିଡିଏ, କଟକ, ଓଡ଼ିଶା**
**ଓ.ଏ. ନଂ.୧୨୯/୨୦୨୩**
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ...ଆବେଦନକାରୀ
ବନାମ
ଧୀରେନ୍ କୁମାର ଭୋଇ ଓ ଅନ୍ୟ ଜଣେ ... ପ୍ରତିବାଦୀ(ଗଣ)
ପ୍ରାପ୍ତେଷୁ,
୧) ଧୀରେନ୍ କୁମାର ଭୋଇ, ବୟସ ପ୍ରାୟ ୩୧ ବର୍ଷ, ପିତା- ପୁରୁଷୋତ୍ତମ ଭୋଇ, ଗ୍ରାମ- ମସିଣାବିଲ, ଗ୍ରାପ- ତେନ୍ତୁଳାପଶୀ, ଥାନା- ପଣ୍ଡାପଡ଼ା, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୭୯, ପ୍ୟାନ୍: ବିଏଚ୍‌ଟିପିବି୩୯୩୪ଏଲ୍
୨) ନିକି ଭୋଇ, ବୟସ- ସ୍ୱାମୀ- ପୁରୁଷୋତ୍ତମ ଭୋଇ, ଗ୍ରାମ- ମସିଣାବିଲ, ଗ୍ରାପ- ତେନ୍ତୁଳାପଶୀ, ଥାନା- ପଣ୍ଡାପଡ଼ା, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୭୯
**ଖବରକାଗଜ ପ୍ରକାଶନ ଜରିଆରେ ସମନ**
**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ**
ନୋଟିସ ଦିଆଯାଉଛି ଯେ, ଆବେଦନକାରୀ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକଙ୍କ ଅଦାଲତରେ ଟ.୩୬,୨୮,୦୦୮.୫୭ ମାତ୍ର ସମେତ ଚଳିତ ଏବଂ ଭବିଷ୍ୟତ ସୁଧ, ଖର୍ଚ୍ଚ ଅସୁଲ କରିବା ଓ ଅନ୍ୟାନ୍ୟ ଆଶ୍ୱସ୍ତି ପାଇବା ପାଇଁ ଓ.ଏ. ନଂ.୧୨୯/୨୦୨୩ ଆରମ୍ଭ କରିଅଛନ୍ତି। ତେଣୁ, ଉପରନାମିତ ପ୍ରତିବାଦୀଗଣଙ୍କୁ ଏହି ନ୍ୟାୟାଧିକରଣଙ୍କ ଇଜିଲାସରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ପ୍ରାଧିକୃତ ଏଜେଣ୍ଟଙ୍କ ଜରିଆରେ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ ବା ତା୩୧।୧୦।୨୦୨୩ରିଖ ପୂର୍ବାହ୍ନ ୧୦.୩୦ ସୁଦ୍ଧା ହାଜର ହେବା ଏବଂ ନିଜର ପକ୍ଷ ଉପସ୍ଥାପନ କରିବା ଓ ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବା [illegible]

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/23-24/E-Tender/77,ତା.15.09.2023ରିଖ
(1) ଟେଣ୍ଡର ସଂ.e-Tender-CENTKUR-239-2023,ତା.11.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଲିଙ୍ଗରାଜ ଟେମ୍ପଲ ରୋଡ଼ ଷ୍ଟେସନଠାରେ ଲୋ ଲେଭେଲ ରୁ ହାଇ ଲେଭେଲକୁ ପ୍ରସ୍ତାବିତ ପ୍ଲାଟଫର୍ମ ନଂ.3କୁ ଉପର ଉଠାଇବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 231.08 ଲକ୍ଷ, EMD: ₹2,65,600/-।
(2) ଟେଣ୍ଡର ସଂ.eTender-CenKUR-241-2023,ତା.06.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ (ଢେଙ୍କାନାଳ) ଅଧୀନରେ BCM କାର୍ଯ୍ୟ ପ୍ରକ୍ରିୟା ସହିତ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ପରିଚାଳନ ଏବଂ ଅନ୍ୟ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 97.38 ଲକ୍ଷ, EMD: ₹1,94,800/-।
(3) ଟେଣ୍ଡର ସଂ.eTender-CenKUR-248-2023,ତା.11.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବାରଙ୍ଗ-ରାଜଆଠଗଡ଼ ସେକ୍ସନ ମଧ୍ୟରେ ପୋଲ ନଂ.22 Up ରେ 'H' ବିମ୍ ସ୍ଲିପର ଦ୍ୱାରା ବର୍ତ୍ତମାନର ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 535.06 ଲକ୍ଷ, EMD: ₹4,17,500/-।
(4) ଟେଣ୍ଡର ସଂ.eTender-CENKUR-249-2023,ତା.12.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ତାଳଚେର ଯାର୍ଡ଼ ଠାରେ ମାର୍ଗ ନଂ.8 ର CTR(P) ଏବଂ ହିନ୍ଦୋଳ ରୋଡ଼-ତାଳଚେର-ଅନୁଗୁଳ ସେକ୍ସନର ବିଭିନ୍ନ ଯାର୍ଡ଼ଗୁଡ଼ିକର ଲୁପ୍ ଲାଇନ୍‌ରେ 15.398 କି.ମି. ଲମ୍ବ ନିମନ୍ତେ CTR(S) ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 469.15 ଲକ୍ଷ, EMD: ₹3,84,600/-।
ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1 ପାଇଁ), 08 ମାସ (କ୍ରମ ସଂ.2 ପାଇଁ), 10 ମାସ (କ୍ରମ ସଂ.3 ପାଇଁ) ଏବଂ 12 ମାସ (କ୍ରମ ସଂ.4 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.10.2023 [illegible]
[illegible]
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-605/O/23-24


# ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ପକ୍ଷ ପାଳିତ

ବଲାଙ୍ଗୀର, ୨୬।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ସିନଖମନସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚବିଦ୍ୟାଳୟରେ ହିନ୍ଦୀ ପକ୍ଷ ପାଳନ କରାଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଉମାକାନ୍ତ ନାଏକ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ମଦନ ମୋହନ ରଥ ମୁଖ୍ୟବକ୍ତାଭାବେ ଯୋଗଦେଇ ହିନ୍ଦୀ ଭାଷାର ବିକାଶରେ ରାଷ୍ଟ୍ର ସମୃଦ୍ଧ ହୋଇ ଏକତା ସୂତ୍ରରେ ବାନ୍ଧି ହୋଇପାରିବ ବୋଲି କହିଥିଲେ। ପୂର୍ବରୁ ଆୟୋଜିତ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ସଭା ଆରମ୍ଭରେ ଲଲାଟ କେଶରୀ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦୁସ୍ମିତା ତାଣ୍ଡି ଓ ଖୁସି ତାଣ୍ଡି ସଙ୍ଗୀତ ଗାନ କରିଥିଲେ। ଏହି ସଭାରେ ସାଧନା ପଣ୍ଡା ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରାଜିନ୍ଦ୍ର କୁଅଁର ଓ ହରେରାମ ବାରିକ ସହଯୋଗ କରିଥିଲେ। ଶେଷରେ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ସିନଖମନ ସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚବିଦ୍ୟାଳୟରେ ହିନ୍ଦୀ ପକ୍ଷ ପାଳନରେ ଉପସ୍ଥିତ ଅତିଥି।


Your classified advertisement published in Dharitri will be listed free in Dharitri online edition : www.dharitri.com

**THE HIGH COURT OF ORISSA, CUTTACK**
**STORE AND PURCHASE SECTION**
**EXPRESSION OF INTEREST**
File No.III-A-07/2017 EOI No.-15248 Dtd. 26.09.2023
Expression of Interest in sealed cover along with requisite documents is invited from interested and experienced Agency/ Organisation for running Cafeteria along with running, procuring and making of the articles displayed in the Souvenir shop in the Museum of Justice, Killa Fort, Cuttack.
For details of EOI, Terms and Conditions etc. please visit Court's website www.orissahighcourt.nic.in. (EOI No. 15248/ 26.09.2023)
Last date of submission of EOI -10.10.2023 up to 3 P.M.
Opening date- 10.10.2023 at 5 P.M.
Sd./- Registrar (Judicial)
High Court of Orissa, Cuttack

**DISTRICT PROJECT MANAGEMENT UNIT, (MDM) BALASORE**
No.11345/MDM/Date 26.09.2023
**TENDER CALL NOTICE**
**(Engagement of Manpower Service Providing Agency for providing Programmer-cum-Accountant & Data Entry Operators)**
**No.n-189:**Sealed tenders are invited from reputed and Registered Manpower Service Providing Agency to provide 01 Programmer-cum-Accountant & 13 nos of Data Entry Operators (DEOs) for MDM Scheme who are to be engaged at 12 BEO offices at Block HQ and 2 at DPMU, MDM, Balasore for a period of one year. The interested Bidders shall submit the technical &. financial Bid along with tender paper cost of Rs. **10,000/-** (non refundable) latest by **17.10.2023 (5.00 P.M)** at the office of the District Education Officer, Balasore. Tender papers shall be opened on **18.10.2023 at 11.00 A.M.** at the Office Chamber of Collector & District Magistrate, Balasore. For detailed terms & conditions, kindly visit district website www.baleswar.nic.in.The authority reserves the right to reject any or all tenders without assigning any reason thereof.
Sd./- Collector & District Magistrate, Balasore
OIPR-27060/11/0003/2324


# ଡ୍ରୋନ୍ ସାହାଯ୍ୟରେ ଔଷଧ ସିଞ୍ଚନ



ଡ୍ରୋନ ମାଧ୍ୟମରେ ତରଳ ଔଷଧ ସିଞ୍ଚନ କରାଯାଉଛି।

ଭବାନୀପାଟଣା,୨୬।୯ (ଉତ୍ତମ କୁମାର ଦାଶ)

ଗୋଟିଏ ଏକର ଚାଷଜମିରେ ଔଷଧ ସିଞ୍ଚନ କରିବା ପାଇଁ ଚାଷୀଙ୍କୁ ଅତି କମ୍‌ରେ ୪ରୁ ୫ ଘଣ୍ଟା ସମୟ ଲାଗୁଥିଲା। ହେଲେ ଡ୍ରୋନ ମାଧ୍ୟମରେ ଏହି ପ୍ରକ୍ରିୟା ବ୍ୟବହାର କଲେ ତାହା ଚାଷୀଙ୍କୁ ମାତ୍ର ୫ରୁ ୮ ମିନିଟ୍ ସମୟ ଲାଗିବ। ବୈଜ୍ଞାନିକ ପଦ୍ଧତିରେ ନିର୍ମିତ ଏହି ଡ୍ରୋନ ବ୍ୟବହାରକୁ ନେଇ ଚାଷୀଙ୍କ ମଧ୍ୟରେ ଏବେ ଉତ୍ସାହ ଦେଖିବାକୁ ମିଳିଛି। ଏପରିସ୍ଥଳେ କଳାହାଣ୍ଡି ଜିଲା ଜୟପାଟଣାରେ ସ୍ଥାନୀୟ ଚାଷୀଙ୍କୁ ଏହାର ଏକ ଡେମୋ ପ୍ରଦର୍ଶନ କରାଯାଇଛି। ଏହି ଡ୍ରୋନକୁ ଗରୁଡା ଏରୋସ୍ପେଶରୁ ଅଣାଯାଇଥିବାବେଳେ ନାବାର୍ଡ ସହାୟତାରେ ମାଣିକ୍ୟ ଦେବୀ ଫିଶ ପ୍ରଡ୍ୟୁସର ସ୍ଥାନୀୟ ଚାଷଜମିରେ ଏହାର ଡେମୋ ପ୍ରଦର୍ଶନ କରିଥିଲେ। ଚାଷୀମାନେ ବିଭିନ୍ନ ପ୍ରକାର କୀଟନାଶକ ସିଞ୍ଚନ କରିବା ପାଇଁ ୧୦ରୁ ୧୫ ଲିଟର ତରଳ ଔଷଧକୁ ବୋହି ଚାଷ ଜମିକୁ ଯାଇ ଅତିକଷ୍ଟରେ ଔଷଧ ସିଞ୍ଚନ କରୁଥିବାବେଳେ ଡ୍ରୋନ ମାଧ୍ୟମରେ ଏହି ତରଳ ଔଷଧ ସିଞ୍ଚନ କଲେ କମ ସମୟ ମଧ୍ୟରେ ଓ ବିନା କଷ୍ଟରେ ଚାଷଜମିରେ ଔଷଧ ସିଞ୍ଚନ କରିପାରିବେ ବୋଲି ଉପସ୍ଥିତ ଅଧିକାରୀ ପ୍ରକାଶ କରିଥିଲେ।

**ଗୋଟିଏ ଏକରକୁ ଲାଗିବ ୫ରୁ ୮ ମିନିଟ୍**


**ଭାରତ ସରକାର**
**ପୂର୍ବ ତଟ ରେଳପଥ**
**ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ**
**ବିଜ୍ଞପ୍ତି**
ପତ୍ର ସଂଖ୍ୟା: ୧୫୯୨ ତା.୧୨.୦୯.୨୦୨୩ରିଖ
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ଼ ଜିଲ୍ଲାର ବିମଳାଗଡ଼ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା ହାତୀବିନ୍ଧା, ଥାନା-ଖମାର, ଥାନା ନମ୍ବର-୧୮ରୁ ଏକର ୦୭୦ ପରିମିତ ପ୍ରଜା ଭୂମି ଆବଶ୍ୟକ ହେଇଅଛି। ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବିବାଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।
ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିସେସଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।
**୧-ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ଟିକଟ) ଅନୁଗୁଳ-୭୫୯୧୨୩**

ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର
ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ.: ୧୮, ତହସିଲ: ପାଲଲହଡ଼ା, ମୌଜା: ହାତୀବିନ୍ଧା

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ଲଟ୍ ନାମ, ବାସସ୍ଥାନ ଓ ଠିକଣା | ପ୍ଲଟ୍ ମୋଟ ରକବା (ଏକରରେ) | ପ୍ଲଟ୍ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୪୧/୦୩ | ୪୭୨/୬୬୪ | ଘରବାରି | ହରେକୃଷ୍ଣ ବେହେରା, ପି: ନକୁଳ ବେହେରା, ଜା: ତଆଁଳା, ବା: ନିଜଗାଁ | ୦.୪୮୦ | ୦.୧୮୦ | |
| ୨ | ୪୧/୦୫ | ୪୦୩/୬୬୫ | ଘରବାରି | ଶଶୀଭୂଷଣ ବେହେରା, ପି: ହରେକୃଷ୍ଣ ବେହେରା, ଜା: ତଆଁଳା, ବା: ନିଜଗାଁ | ୦.୫୦୦ | ୦.୨୦୦ | |
| ୩ | ୪୧/୦୪ | ୪୦୩/୬୬୬ | ଘରବାରି | ଲିଙ୍ଗରାଜ ବେହେରା, ପି: ହରେକୃଷ୍ଣ ବେହେରା, ଜା: ତଆଁଳା, ବା: ନିଜଗାଁ | ୦.୩୬୦ | ୦.୧୮୦ | |
| ୪ | ୪୧/୦୪ | ୪୭୨/୬୬୭ | ଘରବାରି | ଲିଙ୍ଗରାଜ ବେହେରା, ପି: ହରେକୃଷ୍ଣ ବେହେରା, ଜା: ତଆଁଳା, ବା: ନିଜଗାଁ | ୦.୧୨୦ | ୦.୧୨୦ | |
| ୫ | ୪୧/୫୧ | ୪୭୨/୬୬୭/୭୩୧ | ଘରବାରି | କାଦମ୍ବିନୀ ବେହେରା, ସ୍ୱା: ଜ୍ୟୋତିନ୍ଦ୍ର ବେହେରା, ଜା: ତଆଁଳା, ବା: ଦେହୁରୀପଡ଼ା | ୦.୦୨୦ | ୦.୦୨୦ | |
| | | | | ମୋଟ | ୧.୪୮୦ | ୦.୭୦୦ | |

ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ
PR-72/CG/23-24

**WATER CORPORATION OF ODISHA**
**OFFICE OF THE CHIEF EXECUTIVE OFFICER, WATCO**
Ground Floor, Unnati Bhawan Near Satyanagar Fly Over Bridge, Bhubaneswar-751001,Odisha, India, Telefax: +91-674-2391444
E Mail: ceowatcoodisha@gmail.com
EOI Identification No. CEO, WATCO-31-23/24 Dated:25.09.2023
WATCO No.5823, Dated 25.09.2023
NOTICE INVITING EXPRESSION OF INTEREST (EOI) FOR SUB-SOIL UTILITY SURVEY FOR THE WORK "IMPROVEMENT OF EXISTING WATER DISTRIBUTION NETWORK IN ALL THE WATER DISTRIBUTION SYSTEM IN AREAS-X AND AREA-XIII OF CHENNAI METROPOLITAN WATER SUPPY & SEWERAGE BOARD
**No.C-1493:**Water Corporation of Odisha (WATCO) is a state PSU under the administrative control of Department of Housing & Urban Development Department, Government of Odisha, which was incorporated under the sec.8 of Companies Act, 2013 on 24.11.2015. At present, it is proposed for Subsoil utility survey for indicating underground water supply pipe line, T-junction, valve position, power cable , optical fiber cable and Latitude & longitude for T-junction with respect to available ground control point of CMWSSB.
The proposal for the above work is invited from the interested firms having their office in any town of India in prescribed format so as to reach to the undersigned on or before 04.10.2023 by 5.00 PM. For detail enquiry, the firms may visit our website www.watcoodisha.in. The management reserves the right to accept / reject the application without assigning any reason thereof.
Sd./- Chief Executive Officer, WATCO
OIPR-13194/11/0052/2324

## ସଂକ୍ଷେପରେ

### ମହିମା ମଠ ନିର୍ମାଣ ପାଇଁ ଜାଗା ଦେବାକୁ ଦାବି

**ବିନିକା ୨୬।୯ ( ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳର କୌଣସି ଏକ ସ୍ଥାନରେ ମହିମା ମଠ ନିର୍ମାଣ କରିବା ପାଇଁ ଜାଗା ଦେବାକୁ ଉକ୍ତ କ୍ଷେତ୍ରବାସୀ ଭେସ୍ରା, ମୋହନ ମହାନନ୍ଦ, ଦୀନେଶ୍ୱର ହାତୀଙ୍କ ନେତୃତ୍ୱରେ ବିନିକା ଅଞ୍ଚଳର ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ମହିମା ଧର୍ମାବଲମ୍ବୀ ସାଧୁସନ୍ଥ ଅତିରିକ୍ତ ତହସିଲଦାର ଚାନ୍ଦିନୀ କୁମାରୀ ମେହେରଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମହିମା ଧର୍ମାବଲମ୍ବୀମାନେ ଦୂରଦୂରାନ୍ତରୁ ଭୀମଭୋଇ ସମାଧିପୀଠ ଖଲିଆପାଲିକୁ ପ୍ରତିଦିନ ଯିବା ଆସିବା କରୁଥିବା ବେଳେ ସେମାନଙ୍କ ରହଣି ଓ ରହଣି ସ୍ଥାନରେ ପ୍ରାତଃ ଓ ସନ୍ଧ୍ୟା ଖଞ୍ଜଣୀ ଭଜନ କରିବାରେ ଅସୁବିଧା ହେଉଛି । ସେଥିପାଇଁ ମହିମା ଟୁଙ୍ଗିଟିଏ ହେଲେ ସାଧୁ ସନ୍ୟାସୀମାନେ ସେଠାରେ ବିଶ୍ରାମ ନେବା ସହିତ ଭଜନ ଜଣାଣ କରିପାରିବେ। ଏଥିପାଇଁ ଜାଗା ଖଣ୍ଡିଏ ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବାକୁ ମହିମା ଧର୍ମାବଲମ୍ବୀମାନେ ଦାବି କରିଛନ୍ତି ।

### ବିଭିନ୍ନ ସ୍କୁଲରେ ସ୍ୱଚ୍ଛତା ପକ୍ଷ ପାଳିତ

**ଘଣ୍ଟାପଡ଼ା,୨୬।୯(ପ୍ରଭାତ କୁମାର ସାହୁ):** କଣ୍ଟାମାଳ ବ୍ଲକ ଅନ୍ତର୍ଗତ ପଲସାଗୋରା ଗ୍ରାମ ପଞ୍ଚାୟତ ଅଧୀନ ଧାନଖଣ୍ଡି ପ୍ରାଥମିକ ବିଦ୍ୟାଳୟଠାରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ କବାଟଙ୍କ ସଭାପତିତ୍ୱରେ ସ୍ୱଚ୍ଛତା ହିଁ ସେବା କାର୍ଯକ୍ରମ କରାଯାଇଥିଲା । ସ୍ୱଚ୍ଛତା, ପାଇଖାନା ବ୍ୟବହାର, ଆବର୍ଜନା ମୁକ୍ତ ଭାରତ ଉପରେ ମାଷ୍ଟର ଟ୍ରେନର ରଞ୍ଜନ ପାତ୍ର, ପୂର୍ଣ୍ଣ ଚରଣ ସାହୁ ଓ ସହକାରୀ ଶିକ୍ଷକ ଜଗତ ମୋହନ ସାହୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ସେହିପରି ରୁଣ୍ଡିମହୁଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଞ୍ଚଖାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାକାର ସାହୁଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ହିଁ ସେବା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଜିତ କୁମାର ଗିରି, ଶକ୍ତି ଦାସ ପୂଜାହାରି, ଜଗବନ୍ଧୁ କାଳିଆ, ଅଙ୍ଗନୱାଡି ଦିଦି, ମାଷ୍ଟର ଟ୍ରେନର ରଞ୍ଜନ ପାତ୍ର, ପୂର୍ଣ୍ଣ ଚରଣ ସାହୁ ଉପସ୍ଥିତ ରହି ଡଷ୍ଟବିନ୍ ବ୍ୟବହାର, ହାତଧୁଆ ଓ ପାଇଖାନା ବ୍ୟବହାର ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସ୍ୱଚ୍ଛତା ରାଲି କରଯାଇଥିଲା ।

# ମଦବିକ୍ରିକୁ ବିରୋଧ କଲେ ମହିଳା

**ସୋହେଲା, ୨୬।୯(ଅଶ୍ୱିନୀ ପାତ୍ର)**


ମଦଭାଟି ସମ୍ମୁଖରେ ଏସ୍ଏଚ୍ଜି ମହିଳାମାନେ।

ବରଗଡ ଜିଲା ସୋହେଲା ବ୍ଲକ କନାପାଲି ପଞ୍ଚାୟତ ଅନ୍ତର୍ଗତ ତାମ୍ବିମୁଣ୍ଡା ଗ୍ରାମରେ ମଦର ଅବାଧ କାରବାର ଚାଲିଛି। ସୋହେଲାସ୍ଥିତ ସ୍ୱୀକୃତିପ୍ରାପ୍ତ ମଦଭାଟିରୁ ମଦ ଆଣି କେତେକ ବ୍ୟକ୍ତି ଗାଁରେ ଖୁଲମଖୁଲା ମଦବିକ୍ରି କରୁଛନ୍ତି। ଏଥିଯୋଗୁ ଗାଁରେ ନାନାଦି ସମସ୍ୟା ଦେଖାଦେଉଛି। ମଦବିକ୍ରି ବନ୍ଦ କରିବାକୁ କହିଲେ ବି ସମ୍ପୃକ୍ତ ବ୍ୟକ୍ତିମାନେ ଶୁଣୁନାହାନ୍ତି। ମଦ ପିଇ ଗାଁର କେତେକ ଲୋକ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଝିଅବୋହୂମାନେ ରାସ୍ତାରେ ଯିବା ଆସିବା କରିବା କାଠିକର ପାଠ ହେଉଛି। ମଦରେ ଟଙ୍କା ଚାଲିଯିବା ପରେ ଘରେ ଘରେ ଆର୍ଥିକ ଓ ସାମାଜିକ ସମସ୍ୟା ଦେଖାଦେଉଛି। ଅପରପକ୍ଷରେ ଆର୍ଥିକ ସର୍ବସ୍ୱାନ୍ତ ହେବା ସହ ଅନେକେ ସ୍ୱାସ୍ଥ୍ୟଗତଭାବେ ଅସୁସ୍ଥ ହୋଇ ପଡୁଛନ୍ତି। ଏ ନେଇ ସ୍ଥାନୀୟ ଅବକାରୀ ଓ ପୋଲିସ ଜାଣି ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାଭଳି ପଦକ୍ଷେପ ନେଉନାହିଁ। ଅନ୍ୟନୋପାୟ ହୋଇ ଏସ୍ଏଚ୍ଜି ମହିଳାମାନେ ଗ୍ରାମରେ ନିଶା କାରବାର ସମ୍ପୂର୍ଣ୍ଣ ବନ୍ଦ ପାଇଁ ଏକ ବୈଠକ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଗାଁର ସମ୍ପୃକ୍ତ ମଦ ବେପାରୀଙ୍କୁ କାରବାର ବନ୍ଦ କରିବା ପାଇଁ କହିଥିଲେ। ମଙ୍ଗଳବାର କନାପାଲି ପଞ୍ଚାୟତ ସରପଞ୍ଚ ମହରଗି ସାହୁ, ୱାର୍ଡସଭ୍ୟଙ୍କ ନେତୃତ୍ୱରେ ଏସ୍ଏଚ୍ଜି ମହିଳାମାନେ ସୋହେଲା ଥାନାକୁ ଆସି ଥାନା ଅଧିକାରୀ ପ୍ରଣୟ ମୁର୍ମୁଙ୍କ ଗାଁର ନିଷ୍ପତ୍ତି ଲିଖିତଭାବେ ଜଣାଇଥିଲେ। ଥାନା ଅଧିକାରୀ ଗ୍ରାମବାସୀଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି କହି ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ସେମାନେ ସୋହେଲା ଦେଶୀମଦ ଭାଟିକୁ ଯାଇଥିଲେ। ଭାଟିରୁ ଗାଁକୁ ଯେପରି ମଦ ବିକ୍ରି ପାଇଁ ନ ଯାଏ ସେଥିପ୍ରତି ଧ୍ୟାନ ଦେବାକୁ ମ୍ୟାନେଜରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ଭାଟି କର୍ତ୍ତୃପକ୍ଷଙ୍କୁ ତାଗିଦ୍, ପୋଲିସ ସହାୟତା ଲୋଡ଼ିଲେ

# ନିଖୋଜ ଯୁବକଙ୍କ ମୃତଦେହ କୂଅରୁ ଉଦ୍ଧାର

**ବଲାଙ୍ଗୀର/ତରଭା, ୨୬।୯ (ବୀରେନ୍ଦ୍ର କୁମାର ଝାଙ୍କର/ମାନଭଞ୍ଜନ ମିଶ୍ର)**

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଖଲିଆପାଲି ଗ୍ରାମର ନିଖୋଜ ନିରୁଏଲ କୁମ୍ଭାର (୨୫)ଙ୍କ ମୃତଦେହ ମଙ୍ଗଳବାର ଗାଁମୁଣ୍ଡ ଏକ କୂଅରୁ ଉଦ୍ଧାର କରାଯାଇଛି। ପରିବାର ଲୋକେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତି ଅନୁଧାନ କରି ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିଛି। ରବିବାରଠାରୁ ନିରୁଏଲ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କ ପତ୍ତା ନ ମିଳିବାରୁ ସୋମବାର ପରିବାର ଲୋକେ ପୁଇଁତଲା ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳୁ ଖଲିଆପାଲି ଗାଁ ମୁଣ୍ଡରେ ଥିବା ଏକ କୂଅରେ ଏକ ମୃତଦେହ ଭାସୁଥିବା ଦେଖାଯାଇଥିଲା। ଖବର ପାଇ ବଲାଙ୍ଗୀର ଏସ୍ଡିପିଓ ତୋଫାନ୍ ବାଗ, ପୁଇଁତଲା ଥାନା ଆଇଆଇସି ଅନିତା ପ୍ରଧାନ ଏବଂ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତରଭା ଅଗ୍ନିଶମ ବିଭାଗ କର୍ମଚାରୀ ଉକ୍ତ କୂଅରୁ ନିରୁଏଲଙ୍କ ମୃତଦେହ ଜବତ କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏସ୍ଡିପିଓ ବାଗ କହିଛନ୍ତି ଯେ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସୂଚନା ଦିଆଯିବ। ଗାଁର ଜଣେ ଯୁବକଙ୍କ ସହ କୁଆଡେ ମୃତ ନିରୁଏଲଙ୍କ ଝଗଡା ହୋଇଥିଲା। ସମ୍ପୃକ୍ତ ଯୁବକ ଏବେ ଗାଁରେ ନାହାନ୍ତି। ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ଆମେ ଜାଣିବା, ଆମେ ଜିତିବା କାର୍ଯ୍ୟକ୍ରମ


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

**ପାଇକମାଳ, ୨୬।୯(ବଡ ଶତପଥି)**

NOTICE INVITING EXPRESSION OF INTEREST (EOI) FOR SUB-SOIL UTILITY SURVEY FOR THE WORK "IMPROVEMENT OF EXISTING WATER DISTRIBUTION NETWORK IN ALL THE WATER DISTRIBUTION SYSTEM IN AREAS-X AND AREA-XIII OF CHENNAI METROPOLITAN WATER SUPPY & SEWERAGE BOARD
**No.C-1493:**Water Corporation of Odisha (WATCO) is a state PSU under the administrative control of Department of Housing & Urban Development Department, Government of Odisha, which was incorporated under the sec.8 of Companies Act, 2013 on 24.11.2015. At present, it is proposed for Subsoil utility survey for indicating underground water supply pipe line, T-junction, valve position, power cable , optical fiber cable and Latitude & longitude for T-junction with respect to available ground control point of CMWSSB.
The proposal for the above work is invited from the interested firms having their office in any town of India in prescribed format so as to reach to the undersigned on or before 04.10.2023 by 5.00 PM. For detail enquiry, the firms may visit our website www.watcoodisha.in. The management reserves the right to accept / reject the application without assigning any reason thereof.
Sd./- Chief Executive Officer, WATCO
OIPR-13194/11/0052/2324

## ସଂକ୍ଷେପରେ

### ଗଛ ପଡ଼ି ରାସ୍ତା ଅବରୋଧ, ଯାତାୟାତ ବାଧାପ୍ରାପ୍ତ



ଲାଞ୍ଜିଗଡ଼,୨୬।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ପଞ୍ଚାୟତ ଲାଞ୍ଜିଗଡ଼ ଗୋଇପଟା ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ଆରଡି ରାସ୍ତାର ଧରଣୀଗୁଡି ନିକଟରେ ମଙ୍ଗଳବାର ସକାଳୁ ଏକ ବିରାଟ ଆମ୍ବ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ଫଳରେ ସେହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଲାଞ୍ଜିଗଡ଼ଠାରୁ ବନ୍ଧପାରି, ମୁଷାନାଳ, ବାରବୁଲି, ଟାଙ୍ଗନକଣା, ଲେପଟାଗୁଡା ଓ ଭବାନୀପାଟଣା ଯିବାରେ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ ହାବିଲଦାର ଦେବରାଜ ପ୍ରଧାନଙ୍କ ନେତୃତ୍ୱରେ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ରାସ୍ତା ଉପରେ ପଡିଥିବା ଗଛ କାଟି ଅବରୋଧ ହଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ପୁଣି ତେଜିଲା ଚାଷୀ ଆନ୍ଦୋଳନ

ନୂଆପଡ଼ା,୨୬।୯(ମକାରୁ ବେମାଲ)

- ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

କିଛିଦିନର ନିରବତା ପରେ ପୁଣି ଥରେ ନୂଆପଡା ସଦର ବ୍ଲକ ପତୋରାଠାରେ ଥିବା ଅପରଜୋଙ୍କ ଜଳସେଚନ ପ୍ରକଳ୍ପର ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି। ପ୍ରକଳ୍ପର ଉପରମୁଣ୍ଡର ୫ଟି ପାଣି ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସୂଚନା ମୁତାବକ ଜୋଙ୍କ ଜଳସେଚନ ପ୍ରକଳ୍ପର ବିଭିନ୍ନ ସମସ୍ୟାର ଉଚିତ ପ୍ରତିକାର ଓ ଜିଲା ପ୍ରଶାସନ ଓ ନୂଆପଡା ପୋଲିସ ପ୍ରଶାସନର ମନମୁଖୀ କାର୍ଯ୍ୟକଳାପ ବିରୋଧରେ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଚାଷୀମାନଙ୍କ ଅଭିଯୋଗ ମୁତାବକ ନୂଆପଡା ଏକ ଆଦିବାସି ଅଧ୍ୟୁଷିତ ଜିଲା । ଏହି ଜିଲାର ଆଦିବାସୀମାନଙ୍କୁ ମରୁଡ଼ିରୁ ରକ୍ଷା କରିବା ପାଇଁ ୧୯୭୨ରେ ରାଜ୍ୟ ସରକାର ନୂଆପଡା ସହର ବ୍ଲକ ଦେଇ ପ୍ରବାହିତ ଜୋଙ୍କନଦୀ ଉପରମୁଣ୍ଡରେ ଏକ ପ୍ରକଳ୍ପ ନିର୍ମାଣର ପରିଯୋଜନା କରିଥିଲେ। ଏହି ପ୍ରକଳ୍ପର ବନ୍ଧ ଉଚ୍ଚତା ୨୮.୬୪ ମିଟର ଥିବାବେଳେ ଏହାର ଜଳଧାରଣ କ୍ଷମତା ୩୫୪.୬ ମିଟର ରହିଛି। କିନ୍ତୁ ଜଙ୍ଗଲ ବିଭାଗ ଅନୁମତି ମିଳି ନ ଥିବାରୁ ୩୫୦,୬ ମିଟର ପାଣି ରଖାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଜିଲାର ୯୧୧୦ ହେକ୍ଟର ଜମିକୁ ଜଳସେଚନ କରିବା ବ୍ୟବସ୍ଥା ଥିବାବେଳେ ରବି ଋତୁରେ କେବଳ ୫୦୦ ହେକ୍ଟର ଜମିକୁ ପାଣି ମଡ଼ାଯାଇପାରୁଛି। ୧୯୯୭ରୁ ବିଭାଗ ଦ୍ୱାରା ଉଭୟ କେନାଲରେ ପାଣି ଛଡ଼ାଯିବା ପାଇଁ ପର୍ଯ୍ୟାୟକ୍ରମେ ଏହା ପାଣି ପଞ୍ଚାୟତ ହାତକୁ ଦିଆଯାଇଥିଲା। କୌଶଳକ୍ରମେ ଗୋଟିଏ ବର୍ଷ ତଳମୁଣ୍ଡ ଓ ଗୋଟିଏ ବର୍ଷ ଉପରମୁଣ୍ଡକୁ ରବି ଋତୁରେ ପାଣି ଦିଆଯିବ ବୋଲି ରିଜୋଲ୍ୟୁଶନ କରି ଜିଲାପାଳଙ୍କ ଦସ୍ତଖତ କରି ଉଚ୍ଚ ନ୍ୟାୟାଳୟରେ ଦାଖଲ କରଯାଇଛି। ଫଳରେ ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହି ନିଷ୍ପତ୍ତିକୁ ମାନିବାକୁ ଜିଲା ପ୍ରଶାସନକୁ ବାଧ କରିଛନ୍ତି। ଏହାକୁ ୨୦୧୫ ଓ ୨୦୧୭ରେ ପ୍ରବଳ ବିରୋଧ କରାଯାଇଛି। ୨୦୧୯ରେ ତତକାଳିନ ଜିଲାପାଳ ନିଜେ ଚାଷୀଙ୍କ ଧାରଣାସ୍ଥଳକୁ ଯାଇ ଆସନ୍ତା ସମୟରେ ପାଣି ପଞ୍ଚାୟତ ନିର୍ବାଚନ କରାଯିବ ଓ ପ୍ରକଳ୍ପରେ ୩୫୪.୬ ମିଟର ପାଣି ଛାଡିବ ବୋଲି ଘୋଷଣା କରିଥିଲେ। ଏହା ବ୍ୟତିତ ତଳୁଆ ଅଞ୍ଚଳର ଚାଷୀମାନଙ୍କ ପାଇଁ ବୈକଳ୍ପିକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ମଧ୍ୟ କହିଥିଲେ । ଫଳରେ ଚାଷୀମାନେ ଜିଲାପାଳଙ୍କ କଥା ରକ୍ଷା କରି ଅନ୍ଦୋଳନରୁ ଓହରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ସମସ୍ୟା ସମାଧାନ ହୋଇପାରିନାହିଁ। ସମୟକ୍ରମେ ତଳମୁଣ୍ଡର ମନୋଜ କୁମାର ସାହୁ ଓ ତଳମୁଣ୍ଡର ବିନୟ ଦୀକ୍ଷିତ, ଭରତ ଲାଲ ସାହୁ, ସନ୍ତୋଷ ସାହୁ ପ୍ରମୁଖ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ଏଯାବତ କୌଣସି ସମାଧାନ ବ୍ୟବସ୍ଥା ବାହାରି ନାହିଁ କି ପାଣି ପଞ୍ଚାୟତ ନିର୍ବାଚନ ମଧ୍ୟ ହୋଇନାହିଁ। ଏହା ବ୍ୟତିତ ଜିଲା ପ୍ରଶାସନ ସମୟ ସମୟରେ ଚାଷୀମାନଙ୍କ ନାମରେ ହୋଇଥିବା ମାମାଲା ପ୍ରତ୍ୟାହାର କରି ନେବା ପାଇଁ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ରକ୍ଷା କରିନାହିଁ। ଉପରମୁଣ୍ଡର ଚାଷୀମାନେ ୫ ଦଫା ଦାବି ନେଇ ଜିଲାପାଳଙ୍କ ଅଫିସ ଘେରାଉ କରିଥିଲେ। ପ୍ରକଳ୍ପର ଜଳଧାରଣା କ୍ଷମତା ୩୫୪,୬ ମିଟରକୁ ବୃଦ୍ଧି କରାଯାଉ, ପ୍ରକଳ୍ପର ପରିବେଶ ଅନୁମତିକୁ ଯଥାଶୀଘ୍ର ପ୍ରଦାନ କରାଯାଉ, ଯଥାଶୀଘ୍ର ପାଣି ପଞ୍ଚାୟତ ନିର୍ବାଚନ କରାଯାଉ, ଚାଷୀମାନଙ୍କ ନାମରେ ହୋଇଥିବା ବିଭିନ୍ନ ମାମଲା ପ୍ରତ୍ୟାହାର କରି ଗିରଫ ଚାଷୀମାନଙ୍କୁ ମୁକ୍ତ କରାଯାଉ ବୋଲି ଚାଷୀମାନେ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ଚାଷୀ ନେତା ଭରତଲାଲ ରାଉତ, କମଲେଶ ଦିକ୍ଷିତଙ୍କ ସହ ବହୁ ସଂଖ୍ୟାରେ ଚାଷୀମାନେ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

ଖଡ଼ିଆଳ,୨୬।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଯୋଗଦେଇଥିଲେ। ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ଏବଂ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ସୁରବିଜୟ କାନ୍ତ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ନାଟ୍ୟ ଅଭିନେତା ସୁକେଶ ପଟ୍ଟନାୟକ ଓ ମୋତିଲାଲ ବାଗ ଦାୟିତ୍ୱ ନିର୍ବାହ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ଡୁଆଝରର ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ମେଣ୍ଢାଟାଲ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ଖଡ଼ିଆଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଯୋଗୀମାନେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

### ମେରା ମିଟି ମେରା ଦେଶ କାର୍ଯ୍ୟକ୍ରମ

ଖଡ଼ିଆଳ,୨୬।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ମେରା ମିଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଯୋଗଦେଇ ଖଡିଆଳ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିର ଏବଂ ହନୁମାନ ମନ୍ଦିରଠାରୁ ପବିତ୍ର ମାଟି ସଂଗ୍ରହ କରିଛନ୍ତି। ଏହି ମାଟି ଆସନ୍ତା ଅକ୍ଟୋବରରେ ଦିଲ୍ଲୀ ଯିବା ସହ ଦିଲ୍ଲୀର ଶହୀଦ ସ୍ମୃତିଠାରେ ଅମୃତ ବାଟିକା ନିର୍ମାଣ ହେବାକୁ ଥିବା ବେଳେ ୧୧ ହଜାର ବୃକ୍ଷ ରୋପଣ କରି ଶହୀଦଙ୍କ ସ୍ମୃତିରେ ଅମୃତ ବାଟିକା ନିର୍ମାଣ ହେବ ବୋଲି ଏମ୍‌ପି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ଜିଲା ସାଧାରଣ ସମ୍ପାଦକ ଦେବ ଦେବ ସିଂଦେଓ, ପୃଥ୍ୱିରାଜ ମହାନ୍ତି, ଅଜିତ ଚଲାନ, ବିକାଶ ସିଙ୍ଗଲ, ଶୁକ୍ର ବାଗ, ସୁନିଲ ନାଗ, ମୋହନ ଭୋଇ ପ୍ରମୁଖ ଯୋଗଦେଇଥିଲେ।



# ଶିକ୍ଷକ-ଅଭିଭାବକ ସମ୍ମିଳନୀ



ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଲାଞ୍ଜିଗଡ଼,୨୬।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ସରକାରୀ (ଏସଏସ୍‌ଡ) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ-୨ଠାରେ ମଙ୍ଗଳବାର ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଭ୍ୟ ପରିକ୍ଷିତ ନାଏକ, ମୁଖ୍ୟବକ୍ତା ଭାବେ ପୂର୍ବତନ ଏବିଇଓ ଗୋପବନ୍ଧୁ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ଡାକ୍ତରଖାନାର ଡ.ଭବାନୀଶଙ୍କର ଲେଙ୍କା, ଡ.ନରେନ୍ଦ୍ର ନାଥ ଦାସ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଯୋଗାଣ ବିଭାଗ ଲକ୍ଷ୍ମଣ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିହାର ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଡ.ମାନସ ରଞ୍ଜନ ରଥ ସଭା ପରିଚାଳନା କରିଥିବାବେଳେ ବିଦ୍ୟାଳୟ ଶିକ୍ଷକ ଉମାକାନ୍ତ ବେନୁପାଣି ଧନ୍ୟବାଦ ଅର୍ପଣ କରିଥିଲେ। ବିକ୍ରମ ସ୍ୱାଇଁ, ଅକ୍ଷୟ ପୁରୋହିତ, ଭବାନୀଶଙ୍କର ଦାସ, ଦିଲୀପ ମହନ୍ତ, ହରେକୃଷ୍ଣ ବିଷୋୟୀ, ପାର୍ଥସାରଥି ବାରିକ, ପି.ପ୍ରିୟଦର୍ଶନୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସରକାରୀ ଏସଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଭ୍ୟ ପରିକ୍ଷିତ ନାଏକ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ଏବିଇଓ ଗୋପବନ୍ଧୁ ପୃଷ୍ଟି, ସମ୍ମାନିତ ଅତିଥି ଭାବେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଶରତ ସାହୁ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଯୋଗାଣ ବିଭାଗ ଲକ୍ଷ୍ମଣ ନାୟକ, ପୂର୍ବତନ ସରପଞ୍ଚ ସୁଶ୍ରୀ ମଣି ମାଝି, ସମନ୍ୱିତ ଶିଶୁ ବିକାଶ ବିଭାଗର ମନ୍ଦାର ଛତ୍ରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପାର୍ଥବ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଲୋକ ସାହୁ ସଭା ପରିଚାଳନା କରିଥିବାବେଳେ ବିଦ୍ୟାଳୟ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ଧଙ୍ଗଡାମାଝି, ଭବେଶ ପାଟଯୋଶୀ, ମମତା ମାଝି, ଜୟଲାଲ ଭୋଇ, ସୀମାଞ୍ଚଳ କାଡ୍ରାକା, ନିରଞ୍ଜନ ପ୍ରଧାନୀ, କେ.ଶଙ୍କର ଆଚାରୀ, ସୁମନ ସା, ବିଳାସିନି ସେଠ, ସୁନିତା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଏସଏସଜି ମହିଳା ମଣ୍ଡଳି, ତୀରନ୍ଦାଜ, ସାମାଜିକ ସଶକ୍ତିକରଣ ବିଭାଗ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆକର୍ଷଣୀୟ ପ୍ରଦର୍ଶନୀ ଷ୍ଟଲମାନ ଖୋଲାଯାଇଥିଲା।

### ନୂଆଁଖାଇ ପୂର୍ବରୁ ମିଳିଲାନି ଭତ୍ତା

ଖଡ଼ିଆଳ,୨୬।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଦାବ୍ରି ପଞ୍ଚାୟତର କିଛି ବିଧବା, ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ୍ଙ୍କୁ ନୂଆଁଖାଇ ପୂର୍ବରୁ ଭତ୍ତା ମିଳିନାହିଁ। ଫଳରେ ସେମାନେ ସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ନୂଆଁଖାଇ ପୂର୍ବରୁ ପଞ୍ଚାୟତର ଦାବ୍ରି, ବିକ୍ରମପୁର, ଭଇରାଜପୁର, ରାମପୁର ଗୁମା, କୋଦାଲ ଡୁଙ୍ଗୁରି ଗ୍ରାମଗୁଡିରେ ଭତ୍ତା ପ୍ରଦାନ କରିଥିବା ବେଳେ ଭାଲୁଡୁଙ୍ଗୁରି ଗ୍ରାମର ୨୫ରୁ ଅଧିକ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରି ନ ଥିବାରୁ ନୂଆଁଖାଇରେ ଗରିବ ହିତାଧିକାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଭାଲୁଡୁଙ୍ଗୁରି ଗ୍ରାମ ସାଗର ମାଝି, ମଧୁ ମାଝି, ମାଳତୀ ମାଝି, ହିମଲେ ମାଝି, ରତ୍ନାକର ତାଣ୍ଡି, ଜୟମତି ତାଣ୍ଡି, ହେମ ବେୱା, ନିରନ ପୋଡ, କୁନ୍ଦେନେ ତାଣ୍ଡି, ପୂର୍ଣ୍ଣ ଚନ୍ଦ୍ର ତାଣ୍ଡି, ପଦ୍ମା ଦୁରିଆ, ନିଲେ ମାଝି, ଜାନକୀ ମାଝି, ଯୁଯେଷ୍ଟି ପୋଡ ପ୍ରକାଶ କରିଛନ୍ତି। ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ ନେଇ ସମସ୍ତ ପ୍ରସ୍ତୁତି ସାରିଥିବା ହିତାଧିକାରୀଙ୍କଠାରୁ ଦସ୍ତଖତ ଓ ଟିପ ଚିହ୍ନ ନେଇ ଭତ୍ତା ଟଙ୍କା ପ୍ରଦାନ କରି ନ ଥିବା ପ୍ରକାଶ କରିଛନ୍ତି। ସମ୍ପୃକ୍ତ ହିତାଧିକାରୀଙ୍କମାନଙ୍କ ଭତ୍ତା ପ୍ରଦାନ ଖାତା ପଞ୍ଚାୟତରେ ରଖିଥିବା ଜଣାପଡ଼ିଛି। କେବଳ ଭାଲୁଡୁଙ୍ଗୁରି ଗ୍ରାମର କିଛିହିତାଧିକାରୀ ଭତ୍ତା ପାଇ ନ ଥିବାବେଳେ ପଞ୍ଚାୟତର ଅନ୍ୟ ସମସ୍ତ ଗ୍ରାମର ଦଶରୁ ପନ୍ଦର ଜଣ ଭତ୍ତା ପାଇ ନ ଥିବା ଚର୍ଚ୍ଚା ହେଉଛି। ଦାବ୍ରି କାର୍ଯ୍ୟ ନିର୍ବାହୀ ଅଧିକାରୀ ନମିତା ସାହୁଙ୍କୁ ପଚାରିବାରୁ ବ୍ଲକରୁ କମ ଟଙ୍କା ମଞ୍ଜୁର ହୋଇଥିବାରୁ କିଛି ହିତାଧିକାରୀଙ୍କୁ ଭତ୍ତା ମିଳିନି ବୋଲି ପ୍ରକାଶ କରିଥିଲେ। ଜିଲା ପ୍ରଶାସନ ତଦନ୍ତ କରି ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ଦାବି କରିଛନ୍ତି।

### ଘରେ ଘରେ କଂଗ୍ରେସ ଘରେ ଘରେ ହାତ ପଦଯାତ୍ରା

ନୂଆପଡ଼ା,୨୬।୯(ମକାରୁ ବେମାଲ)

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଉପରେ ଲୋକଙ୍କଠାରେ ବାର୍ତ୍ତା ପହଞ୍ଚାଇବା ପାଇଁ ପଦଯାତ୍ରା ଆରମ୍ଭ କରିଛି। ସଦର ବ୍ଲକ ଟାନୱାଟ କଣାଭୈରୋ ମନ୍ଦିରରେ ପୂଜା ଅର୍ଚ୍ଚନା କରି ପଦଯାତ୍ରା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଟାନୱାଟ, ଦିଆନମୁଣ୍ଡା, ରଥିପାଲି, ଝିଲମିଲା, ଖୋକସା ଆଦି ଗ୍ରାମର ଘରୁ ଘର ଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଉପରେ ଲୋକଙ୍କୁ ବାର୍ତ୍ତା ଦେବା ସହ ଘରେ ଘରେ କଂଗ୍ରେସ ଘରେ ଘରେ ହାତ ଉପରେ ଲୋକଙ୍କୁ ସଚେତନ ବାର୍ତ୍ତା ଦେଉଛନ୍ତି। କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ଅଭୟ ଶଙ୍କର ଯୋଶୀ, ନୂଆପଡା ବ୍ଲକ ସଭାପତି ଚୁନ୍ନୁଲାଲ ଶବର, ଜିଲା ଯୁବ କଂଗ୍ରେସ ସଭାପତି ଅମିତ ଅହିର, ସଦର ନଗର ସଭାପତି କୁଳଦୀପ ସୁରଜ, ନୂଆପଡା ବିଧାସଭା ଯୁବ କଂଗ୍ରେସ ସଭାପତି ଅନନ୍ତ ସୋନି, ଖରିଆର ରୋଡ ନଗର ସଭାପତି ଅଭିଷେକ ଶର୍ମା, କୋମନା ବ୍ଲକ ସଭାପତି ପିଳେଶ୍ୱର ସାହୁ ଓ ଶତାଧିକ କର୍ମକର୍ତ୍ତା ସାମିଲେ ଥିଲେ।

### ନୂତନ ବିଡିଓଙ୍କ ୫-ଟି ସ୍କୁଲ ପରିଦର୍ଶନ



ବାଲସି(କ)ସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠରେ ବ୍ଲକ ଅଧ୍ୟକ୍ଷ, ବିଡିଓ ଏବଂ ଅନ୍ୟମାନେ।

କେସିଙ୍ଗା,୨୬।୯(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ପଦ୍ମନାଭ ପୁରୋହିତ ନୂତନ ବିଡିଓ ଭାବେ ଯୋଗଦେଇଛନ୍ତି। ପୁରୋହିତ ପୂର୍ବରୁ ଭବାନୀପାଟଣାଠାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। କେସିଙ୍ଗା ବ୍ଲକକୁ ଜିଲାର ଅଗ୍ରଣୀ ବ୍ଲକ କରିବା ସହ ସରକାରଙ୍କ ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟ ସଫଳ ରୂପାୟନ କରି ଜନସାଧାରଣଙ୍କୁ ତାହାର ଫାଇଦା ପହଞ୍ଚାଇବା ପାଇଁ ଚେଷ୍ଟା କରିବି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଦାୟିତ୍ୱ ନେବା ପରେ ବିଡିଓ ପୁରୋହିତ ଓ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ଲକର ଜବାହାର ଉଚ୍ଚ ବିଦ୍ୟାପୀଠ (କ) ବାଲସି, ଶିରୋଲ ଗ୍ରାମରେ ନିର୍ମାଣାଧୀନ ୫-ଟି ସ୍କୁଲ ପରିଦର୍ଶନ କରିଥିଲେ। ଜବାହର ଉଚ୍ଚ ବିଦ୍ୟାପୀଠ (କ)ବାଲସିର ପ୍ରବେଶ ଦ୍ୱାରା କାଦୁଅ ହୋଇଥିବାରୁ ବ୍ଲକ ଅଧ୍ୟକ୍ଷ ଓ ବିଡ଼ିଓ କ୍ଷୋଭ ପ୍ରକାଶ କରିଥିଲେ। ଅତିଶୀଘ୍ର ମୁଖ୍ୟ ରାସ୍ତା ଠିକ କରିବାକୁ ବିଦ୍ୟାପୀଠ ସଭାପତିଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଶିରୋଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ନିର୍ମାଣାଧୀନ କମ୍ପ୍ୟୁଟର ହଲ, ବିଜ୍ଞାନ ଗୃହ ଆଦି ବୁଲି ଦେଖିଥିଲେ।

### କ୍ଲଷ୍ଟରସ୍ତରୀୟ ଛବିଲ ମଧୁ ବର୍ଣ୍ଣବୋଧ ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ

ଭବାନୀପାଟଣା,୨୬।୯(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସଦର ବ୍ଲକ ମେଦିନୀପୁର ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଛବିଳ ମଧୁ ବର୍ଣ୍ଣବୋଧ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାତୃଭାଷାର ଉନ୍ନତି ତଥା ଶିଶୁମାନଙ୍କ ମୌଳିକ ଭାଷାର ଜ୍ଞାନ ବୃଦ୍ଧି ନିମନ୍ତେ ଛବିଳ ମଧୁ ବର୍ଣ୍ଣବୋଧର ଆବଶ୍ୟକତା ଉପଲବ୍ଧି କରି କଟକ ଜିଲା ଟାଙ୍ଗୀ ଚୌଦ୍ୱାର ଅନ୍ତର୍ଗତ ହଳଦୀ ବସନ୍ତ ଉପ୍ରା ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ବେହେରା ଏହି ବର୍ଣ୍ଣବୋଧ ବହି ବଣ୍ଟନକୁ ଓଡ଼ିଶାର ତିରିଶଟି ଜିଲାରେ ଜାରି ରଖିଛନ୍ତି। ଏହାରି ମଧ୍ୟରେ ସେ ତେଇଶ ହଜାରରୁ ଉର୍ଦ୍ଧ୍ୱ ଛବିଳ ମଧୁ ବର୍ଣ୍ଣବୋଧ ବହି ବାଣ୍ଟି ସାରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ ରାୟ ସିଆରସିସି ଗଣନାଥପୁର, ତୁଳସୀରାମ ସାହୁ ସିଆରସିସି ମେଦିନୀପୁର, ବିଜୟ କୁମାର ବାଗ ପ୍ରଧାନ ଶିକ୍ଷକ ଗୋଟଭଟ୍ଟା ଉଚ୍ଚ ବିଦ୍ୟାଳୟ, ରବୀନ୍ଦ୍ର ନାଥ ଦାଶ ପ୍ରଧାନ ଶିକ୍ଷକ ଲକ୍ଷ୍ମୀପୁର ଉପ୍ରା ବିଦ୍ୟାଳୟ, ସୂର୍ଯ୍ୟ ନାରାୟଣ ଦାଶ ପ୍ରଧାନ ଶିକ୍ଷକ ସୁଜନପୁର ପ୍ରାଥମିକ ବିଦ୍ୟାଳୟ, ସୁନିତି ମୁଣ୍ଡ ବଳରାମପୁର ପ୍ରାଥମିକ ବିଦ୍ୟାଳୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମେଦିନୀପୁର ପ୍ରାଥମିକ ବିଦ୍ୟାଳୟର ୫୬ଜଣ ପିଲାମାନଙ୍କୁ ବର୍ଣ୍ଣବୋଧ ବହି ବଣ୍ଟାଯାଇଥିଲା।

## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଭିତ୍ତିପ୍ରସ୍ତର, ଉଦ୍‌ଘାଟନ

ନୂଆପଡ଼ା,୨୬।୯(ମକାରୁ ବେମାଲ)

ରାଜ୍ୟ ସରକାରୀଙ୍କ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ନୂଆପଡା ଜିଲା ଗସ୍ତରେ ଆସି ଅନେକ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ଢୋଲକିଆ ସକାଳୁ ଭୁବନେଶ୍ୱର ବିମାନବନ୍ଦରରୁ ହେଲିକ୍ୟାପ୍ଟର ଯୋଗେ ଆସି ସକାଳ ୧୦ଟାରେ କୋମନା ବ୍ଲକ ଭେଲା ଗ୍ରାମଠାରେ ପହଞ୍ଚିଥିଲେ। ସେଠାରେ ଓମ୍ଫେ କଲ୍ୟାଣମଣ୍ଡପ, ମାର୍କେଟ କମ୍ପ୍ଲେକ୍ସର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ଏହା ବ୍ୟତିତ ହେଲା ଗ୍ରାମରେ ଜଗନ୍ନାଥ ମନ୍ଦିର ଓ ବୁଢାରଜା ମନ୍ଦିର ଶିଳାନ୍ୟାସ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେଇଥିଲେ। ସେଠାରୁ ମନ୍ତ୍ରୀ ସଡକପଥରେ ବରନ୍ଦାପାଟ ଯାଇ ସେଠାରେ ସୁନ୍ଦର ନାଳରେ ନିର୍ମାଣ ହେବାକୁ ଥିବା ବିଜୁ ସେତୁ ଶିଳାନ୍ୟାସ କରିଥିଲେ। ସୂଚନାଥାଉ କି ଏହି ସେତୁ ନିର୍ମାଣ ହେଲେ ବରନ୍ଦାପାଟ ଓ ବରନ୍ଦାଜୋର ମଧ୍ୟରେ ଯାତାୟାତ ସୁଗମ ହୋଇପାରିବ। ସେଠାରୁ ମନ୍ତ୍ରୀ ପୁନଃ ଭେଲା ଫେରି ସେଠାରୁ ହେଲିକ୍ୟାପ୍ଟର ଯୋଗେ ନୂଆପଡା ସଦର ମହକୁମା ନ୍ୟାଶନାଲ ମହାବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ମନ୍ତ୍ରୀ ବିଶ୍ୱବ୍ୟାଙ୍କ ସହାୟତାରେ ନିର୍ମିତ ମହାବିଦ୍ୟାଳୟର ନୂତନ କୋଠା ଉଦଘାଟନ କରିଥିଲେ। ଏହି ଅବସରରେ ଜିଲା ପରିଷଦ ଉପାଧ୍ୟକ୍ଷା ଦିପିକା ଦୀପ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ସତପଥୀ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି କ୍ଷିତିଶ ଅଶୋକ ବୋଧନକର, ମହାବିଦ୍ୟାଳୟ ଅଧ୍ୟକ୍ଷ ହିତେଶ କୁମାର ସାହୁ, ନୂଆପଡା ଜିଲା ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗତରାମ ମାଝି, ଖରିଆଳ ବିଜ୍ଞାପିତ ପରିଷଦ ଉପାଧ୍ୟକ୍ଷ ନିସାନ୍ତ ଜାଗା, ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ରାଜେଶ ନିଗମ, ସରୋଜ କୁମାର ସାହୁ, ଜିଲା ପରିଷଦ ସଦସ୍ୟ ଉମା ଠାକୁର, ଜିଲା ସମ୍ପାଦକ କାର୍ତ୍ତିକ ଦୀପ, ମନ୍ତ୍ରୀଙ୍କ ପ୍ରତିନିଧି ଜୟ ଢୋଲକିଆ, ପ୍ରେମ ସାହୁ, ଜଗନ୍ନାଥ ଦାସ, ଶିବ ସାହୁ, ମହାବିଦ୍ୟାଳୟ ଅଧାପକ ଦୁର୍ଲଭ ଚରଣ ବେହେରା, କ୍ରୀଡା ଶିକ୍ଷକ ପ୍ରକାଶ କୁମାର ସାହୁଙ୍କ ସମେତ ଅନ୍ୟ ଅଧାପକ ଅଧାପିକା ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।




ଯୋଜନା ଓ ସଂଯୋଜନ ମନ୍ତ୍ରୀ ଏକ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

# ଖସିପଡ଼ିଲା ଶ୍ରେଣୀଗୃହ ପିଓପି ସିଲିଂ

ଭବାନୀପାଟଣା,୨୬।୯(ଉତ୍ତମ କୁମାର ଦାଶ)

- ବିଜମରା ସ୍ୱାମୀ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ
- ୫-ଟି ସ୍କୁଲ ନିର୍ମାଣ କାମ ନିମ୍ନମାନର



ଶ୍ରେଣୀଗୃହ ପିଓପି ସିଲିଂ ଖସିପଡିଛି।

ସ୍ମାର୍ଟ ଶ୍ରେଣୀ ଗୃହରେ ବସି ପିଲାଏ ପାଠ ପଢ଼ି ସ୍ମାର୍ଟ ହେବେ। ଗ୍ରାମାଞ୍ଚଳର ପିଲା ସହରୀ ଢାଞ୍ଚାରେ ପାଠ ପଢ଼ିବାର ସୁଯୋଗ ପାଇବେ। ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ମାଧ୍ୟମରେ ବିଦ୍ୟାଳୟଗୁଡିକୁ ରୂପାନ୍ତରିକରଣ କରାଯାଉଛି। କିନ୍ତୁ କିଛି ଅସାଧୁ ଠିକାଦାରମାନଙ୍କ ପାଇଁ ବିଦ୍ୟାଳୟର କୋଠାଗୁଡିକ ଅତିନିମ୍ନମାନର କାର୍ଯ୍ୟ ସମ୍ପାଦନା ହେଉଥିବା ଅଭିଯୋଗ ହେଉଛି। ଫଳରେ ନିର୍ମାଣର କିଛି ମାସ ପରେ ସ୍କୁଲର ସିଲିଂ ଖସିପଡ଼ିବା ଓ ଅନ୍ୟାନ୍ୟ ଜିନିଷ ଭାଙ୍ଗିଯିବା ଭଳି ଘଟଣା ସାମନାକୁ ଆସିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଧୀନସ୍ଥ ବିଜମରା ସ୍ୱାମୀ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ। ଏଠାରେ ଗତ କିଛି ମାସ ତଳେ ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା ଶ୍ରେଣୀ ଗୃହର ପିଓପି ସିଲିଂ ଖସିପଡିଛି। ସୌଭଗ୍ୟ ବସତଃ ରାତିରେ ଏଭଳି ଦୁର୍ଘଟଣା ଘଟିଥିବାରୁ ଏକ ବଡ ବିପଦରୁ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ଛାତ୍ରୀଛାତ୍ର ବର୍ତ୍ତି ଯାଇଛନ୍ତି। ପିଓପି ସିଲିଂ ସବୁ ଲଗାଇବା ପୂର୍ବରୁ ଛାତ ଓ କାନ୍ଥର ସ୍ଥିତି ଅନୁଧ୍ୟାନ କରି ପିଓପି ସିଲିଂ ଲଗାଇଥିଲେ ହୁଏତ ଏଭଳି ଦୁର୍ଘଟଣା ଘଟି ନ ଥାନ୍ତା। କିନ୍ତୁ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ବଦଳରେ ରାଜନୈତିକ ହସ୍ତକ୍ଷେପ ଓ ଠିକାଦାର ପୋଷା ନୀତି ଯୋଗୁ ପାଣି ଗଳୁଥିବା ଛାତରେ ପିଓପି ସିଲିଂ କରାଯିବାରୁ ଏଭଳି ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେପଟେ ସ୍କୁଲରେ ଥିବା ଆଉ ଗୋଟିଏ ସ୍ମାର୍ଟ ଶ୍ରେଣୀ ଗୃହରେ ମଧ୍ୟ ଛାତ୍ରୀଛାତ୍ର ପଢ଼ିବା ପାଇଁ ଭୟଭିତ ହେଉଛନ୍ତି। ଫଳରେ ସମସ୍ତ ଛାତ୍ରୀଛାତ୍ର ଗୋଟିଏ କ୍ଲାସରୁମରେ ଠେଲାପେଲା ହୋଇ ପାଠ ପଢୁଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୧ରେ ପ୍ରଥମ ପର୍ଯ୍ୟାୟରେ କଲମପୁର ବ୍ଲକର ବିଜମରା ସ୍ୱାମୀ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇ ରୂପାନ୍ତରିତ କରାଯାଇଥିଲା। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

# ପୁଣି ତେଜିଲା ଚାଷୀ ଆନ୍ଦୋଳନ

■ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ

■ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ନୂଆପଡ଼ା,୨୬।୯(ମକାରୁ ବେମାଲ)**

କିଛିଦିନର ନିରବତା ପରେ ପୁଣି ଥରେ ନୂଆପଡା ସଦର ବ୍ଲକ ପତୋରାଠାରେ ଥିବା ଅପରଜୋଙ୍କ ଜଳସେଚନ ପ୍ରକଳ୍ପର ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି। ପ୍ରକଳ୍ପର ଉପରମୁଣ୍ଡର ୫ଟି ପାଣି ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସୂଚନା ମୁତାବକ ଜୋଙ୍କ ଜଳସେଚନ ପ୍ରକଳ୍ପର ବିଭିନ୍ନ ସମସ୍ୟାର ଉଚିତ ପ୍ରତିକାର ଓ ଜିଲା ପ୍ରଶାସନ ଓ ନୂଆପଡା ପୋଲିସ ପ୍ରଶାସନର ମନମୁଖୀ କାର୍ଯ୍ୟକଳାପ ବିରୋଧରେ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଚାଷୀମାନଙ୍କ ଅଭିଯୋଗ ମୁତାବକ ନୂଆପଡା ଏକ ଆଦିବାସି ଅଧୁଷିତ ଜିଲା । ଏହି ଜିଲାର ଆଦିବାସୀମାନଙ୍କୁ ମରୁଡ଼ିରୁ ରକ୍ଷା କରିବା ପାଇଁ ୧୯୭୨ରେ ରାଜ୍ୟ ସରକାର ନୂଆପଡା ସହର ବ୍ଲକ ଦେଇ ପ୍ରବାହିତ ଜୋଙ୍କନଦୀ ଉପରମୁଣ୍ଡରେ ଏକ ପ୍ରକଳ୍ପ ନିର୍ମାଣର ପରିଯୋଜନା କରିଥିଲେ। ଏହି ପ୍ରକଳ୍ପର ବନ୍ଧ ଉଚ୍ଚତା ୨୮.୬୪ ମିଟର ଥିବାବେଳେ ଏହାର ଜଳଧାରଣ କ୍ଷମତା ୩୫୪.୬ ମିଟର ରହିଛି। କିନ୍ତୁ ଜଙ୍ଗଲ ବିଭାଗ ଅନୁମତି ମିଳି ନ ଥିବାରୁ ୩୫୦,୬ ମିଟର ପାଣି ରଖାଯାଇଛି। ଏହି ପ୍ରକଳ୍ପ ଦ୍ୱରା ଜିଲାର ୯୧୧୦ ହେକ୍ଟର ଜମିକୁ ଜଳସେଚନ କରିବା ବ୍ୟବସ୍ଥା ଥିବାବେଳେ ରବି ଋତୁରେ କେବଳ ୫୦୦ ହେକ୍ଟର ଜମିକୁ ପାଣି ମଡ଼ାଯାଇପାରୁଛି। ୧୯୯୭ରୁ ବିଭାଗ ଦ୍ୱାରା ଉଭୟ କେନାଲରେ ପାଣି ଛଡ଼ାଯିବା ପାଇଁ ପର୍ଯ୍ୟାୟକ୍ରମେ ଏହା ପାଣି ପଞ୍ଚାୟତ ହାତକୁ ଦିଆଯାଇଥିଲା। କୌଶଳକ୍ରମେ ଗୋଟିଏ ବର୍ଷ ତଳମୁଣ୍ଡ ଓ ଗୋଟିଏ ବର୍ଷ ଉପରମୁଣ୍ଡକୁ ରବି ଋତୁରେ ପାଣି ଦିଆଯିବ ବୋଲି ରିଜୋଲ୍ୟୁଶନ କରି ଜିଲାପାଳଙ୍କ ଦସ୍ତଖତ କରି ଉଚ୍ଚ ନ୍ୟାୟାଳୟରେ ଦାଖଲ କରଯାଇଛି। ଫଳରେ ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହି ନିଷ୍ପତ୍ତିକୁ ମାନିବାକୁ ଜିଲା ପ୍ରଶାସନକୁ ବାଧ କରିଛନ୍ତି। ଏହାକୁ ୨୦୧୫ ଓ ୨୦୧୭ରେ ପ୍ରବଳ ବିରୋଧ କରାଯାଇଛି। ୨୦୧୯ରେ ତତକାଳିନ ଜିଲାପାଳ ନିଜେ ଚାଷୀଙ୍କ ଧାରଣାସ୍ଥଳକୁ ଯାଇ ଆସନ୍ତା ସମୟରେ ପାଣି ପଞ୍ଚାୟତ ନିର୍ବାଚନ କରାଯିବ ଓ ପ୍ରକଳ୍ପରେ ୩୫୪.୬ ମିଟର ପାଣି ଛାଡିବ ବୋଲି ଘୋଷଣା କରିଥିଲେ। ଏହା ବ୍ୟତିତ ତଳୁଆ ଅଞ୍ଚଳର ଚାଷୀମାନଙ୍କ ପାଇଁ ବୈକଳ୍ପିକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ମଧ୍ୟ କହିଥିଲେ । ଫଳରେ ଚାଷୀମାନେ ଜିଲାପାଳଙ୍କ କଥା ରକ୍ଷା କରି ଅନ୍ଦୋଳନରୁ ଓହରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ସମସ୍ୟା ସମାଧାନ ହୋଇପାରିନାହିଁ। ସମୟକ୍ରମେ ତଳମୁଣ୍ଡର ମନୋଜ କୁମାର ସାହୁ ଓ ତଳମୁଣ୍ଡର ବିନୟ ଦୀକ୍ଷିତ, ଭରତ ଲାଲ ସାହୁ, ସନ୍ତୋଷ ସାହୁ ପ୍ରମୁଖ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ଏଯାବତ କୌଣସି ସମାଧାନ ବ୍ୟବସ୍ଥା ବାହାରି ନାହିଁ କି ପାଣି ପଞ୍ଚାୟତ ନିର୍ବାଚନ ମଧ୍ୟ ହୋଇନାହିଁ। ଏହା ବ୍ୟତିତ ଜିଲା ପ୍ରଶାସନ ସମୟ ସମୟରେ ଚାଷୀମାନଙ୍କ ନାମରେ ହୋଇଥିବା ମାମାଲା ପ୍ରତ୍ୟାହାର କରି ନେବା ପାଇଁ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ରକ୍ଷା କରିନାହିଁ। ଉପରମୁଣ୍ଡର ଚାଷୀମାନେ ୫ ଦଫା ଦାବି ନେଇ ଜିଲାପାଳଙ୍କ ଅଫିସ ଘେରାଉ କରିଥିଲେ। ପ୍ରକଳ୍ପର ଜଳଧାରଣା କ୍ଷମତା ୩୫୪,୬ ମିଟରକୁ ବୃଦ୍ଧି କରାଯାଉ, ପ୍ରକଳ୍ପର ପରିବେଶ ଅନୁମତିକୁ ଯଥାଶୀଘ୍ର ପ୍ରଦାନ କରାଯାଉ, ଯଥାଶୀଘ୍ର ପାଣି ପଞ୍ଚାୟତ ନିର୍ବାଚନ କରାଯାଉ, ଚାଷୀମାନଙ୍କ ନାମରେ ହୋଇଥିବା ବିଭିନ୍ନ ମାମଲା ପ୍ରତ୍ୟାହାର କରି ଗିରଫ ଚାଷୀମାନଙ୍କୁ ମୁକ୍ତ କରାଯାଉ ବୋଲି ଚାଷୀମାନେ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ଚାଷୀ ନେତା ଭରତଲାଲ ରାଉତ, କମଲେଶ ଦିକ୍ଷିତଙ୍କ ସହ ବହୁ ସଂଖ୍ୟାରେ ଚାଷୀମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ନନ୍ଦିଘୋଷ



@ ରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

**ଖଡ଼ିଆଳ,୨୬।୯(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଯୋଗଦେଇଥିଲେ। ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ଏବଂ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ସୁରବିଜୟ କାନ୍ତ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ନାଟ୍ୟ ଅଭିନେତା ସୁକେଶ ପଟ୍ଟନାୟକ ଓ ମୋତିଲାଲ ବାଗ ଦାୟିତ୍ୱ ନିର୍ବାହ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ଡୁଆଁଝରର ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ମେଣ୍ଟାଟାଲ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ଖଡ଼ିଆଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଯୋଗୀମାନେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

### ଗଛ ପଡ଼ି ରାସ୍ତା ଅବରୋଧ, ଯାତାୟାତ ବାଧାପ୍ରାପ୍ତ



**ଲାଞ୍ଜିଗଡ଼,୨୬।୯(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ପଞ୍ଚାୟତ ଲାଞ୍ଜିଗଡ଼ ଗୋଇପଟା ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ଆରଡି ରାସ୍ତାର ଧରଣୀଗୁଡି ନିକଟରେ ମଙ୍ଗଳବାର ସକାଳୁ ଏକ ବିରାଟ ଆମ୍ବ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ଫଳରେ ସେହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଲାଞ୍ଜିଗଡ଼ଠାରୁ ବନ୍ଧପାରି, ମୁଷାନାଳ, ବାରବୁଲି, ଟାଙ୍ଗନକଣା, ଲେପଟାଗୁଡା ଓ ଭବାନୀପାଟଣା ଯିବାରେ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ ହାବିଲଦାର ଦେବରାଜ ପ୍ରଧାନଙ୍କ ନେତୃତ୍ୱରେ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ରାସ୍ତା ଉପରେ ପଡିଥିବା ଗଛ କାଟି ଅବରୋଧ ହଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଅଭିଭାବକଙ୍କୁ ସଚେତନ




କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## କୁଞ୍ଜାପାଲି ଆଶ୍ରମ ସ୍କୁଲରେ ଅଭିଭାବକ ଅଂଶୀଦାର କାର୍ଯ୍ୟକ୍ରମ

**ଅମରପାଲି,୨୬।୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ପଞ୍ଚାୟତର କୁଞ୍ଜାପାଲିସ୍ଥିତ ଆଶ୍ରମ ସ୍କୁଲରେ ମଙ୍ଗଳବାର ଦିନ ଅଭିଭାବକ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଡିଏମ ଅଞ୍ଜଳିନା ପଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ବିଡ଼ିଓ ମୋତିଲାଲ ସୁଲିଆ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା କୁମ୍ଭାର, ଡବ୍ଲୁଇଓ ବିଭୂତି ପ୍ରଧାନ, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଭାବତୀ ବଗର୍ତ୍ତି ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶିକ୍ଷକ ମାନସ ରଞ୍ଜନ କଲେତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ତ୍ରିଲୋଚନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଶ୍ରମ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ପ୍ରଶାସନ ତରଫରୁ ମିଶନ ଶକ୍ତି, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିମଳ ବିଭାଗ, ମହିଳା ଓ ଶିଶୁ ବିକାଶ, କୃଷି ବିଭାଗ, ଉଦ୍ୟାନ ବିଭାଗ, ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ, ମୋ ଘର ଆଦି ବିଭାଗ ତରଫରୁ ଷ୍ଟଲ କରାଯାଇ ଅଭିଭାବକଙ୍କୁ ଯୋଜନା ଉପରେ ସଚେତନ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରଞ୍ଜିତ ସେଠୀ, ଡୁଲେଶ୍ୱରୀ ବାଘ,ସପ୍ନେଶ୍ୱର ତାଣ୍ଡି, ଶମ୍ଭୁ ଭୋଇ, ଶିବ ପ୍ରଧାନ, ଶୋଭା କୁମୁରା, ପଙ୍କଜିନୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ ଉପସ୍ଥିତ ଥିଲେ।

## ନୂଆଁଖାଇ ପୂର୍ବରୁ ମିଳିଲାନି ଭତ୍ତା

**ଖଡ଼ିଆଳ,୨୬।୯(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଦାବ୍ରି ପଞ୍ଚାୟତର କିଛି ବିଧବା, ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗୁ ନୂଆଁଖାଇ ପୂର୍ବରୁ ଭତ୍ତା ମିଳିନାହିଁ। ଫଳରେ ସେମାନେ ସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ନୂଆଁଖାଇ ପୂର୍ବରୁ ପଞ୍ଚାୟତର ଦାବ୍ରି, ବିକ୍ରମପୁର, ଭଇରାଜପୁର, ରାମପୁର ଗୁମା, କୋଦାଲ ଡୁଙ୍ଗୁରି ଗ୍ରାମଗୁଡିରେ ଭତ୍ତା ପ୍ରଦାନ କରିଥିବା ବେଳେ ଭାଲୁଡୁଙ୍ଗୁରି ଗ୍ରାମର ୨୫ରୁ ଅଧିକ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରି ନ ଥିବାରୁ ନୂଆଁଖାଇରେ ଗରିବ ହିତାଧିକାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଭାଲୁଡୁଙ୍ଗୁରି ଗ୍ରାମ ସାଗର ମାଝି, ମଧୁ ମାଝି, ମାଳତୀ ମାଝି, ହିମଲେ ମାଝି, ରତ୍ନାକର ତାଣ୍ଡି, ଜୟମତି ତାଣ୍ଡି, ହେମ ବେତ୍ତା, ନିରନ ପୋଡ, କୁନ୍ଦେନେ ତାଣ୍ଡି, ପୂର୍ଣ୍ଣ ଚନ୍ଦ୍ର ତାଣ୍ଡି, ପଦ୍ମା ଦୁରିଆ, ନିଲେ ମାଝି, ଜାନକୀ ମାଝି, ଯୁଯେଷ୍ଟି ପୋଡ ପ୍ରକାଶ କରିଛନ୍ତି। ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ ନେଇ ସମସ୍ତ ପ୍ରସ୍ତୁତି ସାରିଥିବା ହିତାଧିକାରୀଙ୍କଠାରୁ ଦସ୍ତଖତ ଓ ଟିପ ଚିହ୍ନ ନେଇ ଭତ୍ତା ଟଙ୍କା ପ୍ରଦାନ କରି ନ ଥିବା ପ୍ରକାଶ କରିଛନ୍ତି। ସମ୍ପୃକ୍ତ ହିତାଧିକାରୀଙ୍କମାନଙ୍କ ଭତ୍ତା ପ୍ରଦାନ ଖାତା ପଞ୍ଚାୟତରେ ରଖିଥିବା ଜଣାପଡ଼ିଛି। କେବଳ ଭାଲୁଡୁଙ୍ଗୁରି ଗ୍ରାମର କିଛିହିତାଧିକାରୀ ଭତ୍ତା ପାଇ ନ ଥିବାବେଳେ ପଞ୍ଚାୟତର ଅନ୍ୟ ସମସ୍ତ ଗ୍ରାମର ଦଶରୁ ପନ୍ଦର ଜଣ ଭତ୍ତା ପାଇ ନ ଥିବା ଚର୍ଚ୍ଚା ହେଉଛି। ଦାବ୍ରି କାର୍ଯ୍ୟ ନିର୍ବାହୀ ଅଧିକାରୀ ନମିତା ସାହୁଙ୍କୁ ପଚାରିବାରୁ ବ୍ଲକରୁ କମ ଟଙ୍କା ମଞ୍ଜୁର ହୋଇଥିବାରୁ କିଛି ହିତାଧିକାରୀଙ୍କୁ ଭତ୍ତା ମିଳିନି ବୋଲି ପ୍ରକାଶ କରିଥିଲେ। ଜିଲା ପ୍ରଶାସନ ତଦନ୍ତ କରି ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ଦାବି କରିଛନ୍ତି।

## ରାଜସ୍ୱ ଅମଲା ସଂଘ ସୁବର୍ଣ୍ଣପୁର ଶାଖାର ନୂତନ କର୍ମକର୍ତ୍ତା

**ସୋନପୁର,୨୬।୯(ମୃତ୍ୟୁଞ୍ଜୟ ଶତପଥୀ)**

ଓଡିଶା ରାଜସ୍ୱ ଅମଲା ସଂଘ ସୁବର୍ଣ୍ଣପୁର ଜିଲା ଶାଖାର ନୂତନ କର୍ମକର୍ତ୍ତାଙ୍କ ନାମ ରାଜ୍ୟ ଶାଖା ପକ୍ଷରୁ ଅନୁମୋଦିତ ହୋଇଛି। ତାଲିକା ଅନୁସାରେ ଜିଲା ଶାଖା ଅଧ୍ୟକ୍ଷ ଭାବରେ ନୀଳାମ୍ବର ଶତପଥୀ ରହିଥିବା ବେଳେ ସହଦେବ ମେହେର ଉପାଧ୍ୟକ୍ଷ ଅଛନ୍ତି। ଅଶୋକ ମିଶ୍ର ମୁଖ୍ୟ ପରାମର୍ଶଦାତା, ନିମାଇଁ ଚରଣ ବେହେରା, ଦିଲୀପ ମେହେର, ସୁରେଶ ବେହେରା ଓ ଅରବିନ୍ଦ ବାରିକ ପରାମର୍ଶଦାତା ରହିଛନ୍ତି। ସେହିପରି ଜିଲା ଶାଖାର ସଭାପତି ଭାବେ ଜ୍ୟୋତିରଞ୍ଜନ ଦାନୀ, କାର୍ଯ୍ୟକାରୀ ସଭାପତି ସିତେଶ ପୂଜାରୀ ଓ ପ୍ରମୋଦ ମହାନ୍ତି ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ବନମାଳୀ ମେହେର ସମ୍ପାଦକ ଥିବା ବେଳେ ମଣ୍ଟୁ ମହାରଣା ସମ୍ପାଦକ(ସଂଗଠନ), ଦୀପକ ବିଶ୍ୱାଳ କାର୍ଯ୍ୟାଳୟ ସମ୍ପାଦକ, ଜିତେନ୍ଦ୍ର ଦୀପ କୋଷାଧ୍ୟକ୍ଷ, ପ୍ରେମାନନ୍ଦ କୁଅଁର ଓ ବିକାଶ ମେହେର ଯୁଗ୍ମ ସମ୍ପାଦକ ଅଛନ୍ତି। ସଂଘର କାର୍ଯ୍ୟକାରୀ କମିଟିରେ ପ୍ରଜ୍ଞା ପ୍ରକାଶ ପଣ୍ଡା, ଦୁଃଖିଶ୍ୟାମ ସେଠୀ, ମାନସ ସାହୁ, ମିତାଲି ସ୍ୱାଇଁ, ମଛିନ୍ଦ୍ର ସୁନା, ସଞ୍ଜୁକ୍ତା କାଣ୍ଡ, ସବିତା କୁଅଁର, ଶିବଦତ୍ତ ଦାସ, ରଞ୍ଜିତା ସିଂ, ମିନି ପଣ୍ଡା ଓ ସ୍ୱରୂପ ରଞ୍ଜନ ପୂଜାରୀ ରହିଛନ୍ତି। ସେହିପରି ସରୋଜ ପୁରୋହିତ ସଂଘର ଏକ୍ସନ କାଉନସିଲ ଅଧ୍ୟକ୍ଷ ରହିଥିବା ବେଳେ ସଞ୍ଜିବ ବାବୁ, ଗୋପାଳକୃଷ୍ଣ ପଣ୍ଡା, ଯୋଗେଶ ମେହେର, ବିଶ୍ୱ ପ୍ରତାପ ସେଠ୍ ଓ ଶିବାନନ୍ଦ ବାଘ କମିଟିର ସଦସ୍ୟ ଥିବା ରାଜ୍ୟ ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

## ମେରା ମିଟି ମେରା ଦେଶ କାର୍ଯ୍ୟକ୍ରମ

**ଖଡ଼ିଆଳ,୨୬।୯(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ମେରା ମିଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍ପି ବସନ୍ତ କୁମାର ପଣ୍ଡା ଯୋଗଦେଇ ଖଡିଆଳ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିର ଏବଂ ହନୁମାନ ମନ୍ଦିରଠାରୁ ପବିତ୍ର ମାଟି ସଂଗ୍ରହ କରିଛନ୍ତି। ଏହି ମାଟି ଆସନ୍ତା ଅକ୍ଟୋବରରେ ଦିଲ୍ଲୀ ଯିବା ସହ ଦିଲ୍ଲୀର ଶହୀଦ ସ୍ମୃତିଠାରେ ଅମୃତ ବାଟିକା ନିର୍ମାଣ ହେବାକୁ ଥିବା ବେଳେ ୧୧ ହଜାର ବୃକ୍ଷ ରୋପଣ କରି ଶହୀଦଙ୍କ ସ୍ମୃତିରେ ଅମୃତ ବାଟିକା ନିର୍ମାଣ ହେବ ବୋଲି ଏମ୍ପି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ଜିଲା ସାଧାରଣ ସମ୍ପାଦକ ଦେବ ଦେବ ସିଂଦେଓ, ପୃଥିରାଜ ମହାନ୍ତି, ଅଜିତ ଚଲାନ, ବିକାଶ ସିଙ୍ଗଲ, ଶୁକ୍ରୁ ବାଗ, ସୁନିଲ ନାଗ, ମୋହନ ଭୋଇ ପ୍ରମୁଖ ଯୋଗଦେଇଥିଲେ।

## ନୂତନ ବିଡିଓଙ୍କ ୫-ଟି ସ୍କୁଲ ପରିଦର୍ଶନ

**କେସିଙ୍ଗା,୨୬।୯(ଡୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ପଦ୍ମନାଭ ପୁରୋହିତ ନୂତନ ବିଡିଓ ଭାବେ ଯୋଗଦେଇଛନ୍ତି। ପୁରୋହିତ ପୂର୍ବରୁ ଭବାନୀପାଟଣାଠାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। କେସିଙ୍ଗା ବ୍ଲକକୁ ଜିଲାର ଅଗ୍ରଣୀ ବ୍ଲକ କରିବା ସହ ସରକାରଙ୍କ ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟ ସଫଳ ରୂପାୟନ କରି ଜନସାଧାରଣଙ୍କୁ ତାହାର ଫାଇଦା ପହଞ୍ଚାଇବା ପାଇଁ ଚେଷ୍ଟା କରିବି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଦାୟିତ୍ୱ ନେବା ପରେ ବିଡିଓ ପୁରୋହିତ ଓ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ଲକର ଜବାହାର ଉଚ୍ଚ ବିଦ୍ୟାପୀଠ (କ) ବାଲସି, ଶିରୋଲ ଗ୍ରାମରେ ନିର୍ମାଣାଧୀନ ୫-ଟି ସ୍କୁଲ ପରିଦର୍ଶନ କରିଥିଲେ। ଜବାହର ଉଚ୍ଚ ବିଦ୍ୟାପୀଠ (କ)ବାଲସିର ପ୍ରବେଶ ଦ୍ୱାରା କାଦୁଅ ହୋଇଥିବାରୁ ବ୍ଲକ ଅଧ୍ୟକ୍ଷ ଓ ବିଡ଼ିଓ କ୍ଷୋଭ ପ୍ରକାଶ କରିଥିଲେ। ଅତିଶୀଘ୍ର ମୁଖ୍ୟ ରାସ୍ତା ଠିକ କରିବାକୁ ବିଦ୍ୟାପୀଠ ସଭାପତିଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଶିରୋଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ନିର୍ମାଣାଧୀନ କମ୍ପ୍ୟୁଟର ହଲ, ବିଜ୍ଞାନ ଗୃହ ଆଦି ବୁଲି ଦେଖିଥିଲେ।



ବାଲସି(କ)ସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠରେ ବ୍ଲକ ଅଧ୍ୟକ୍ଷ, ବିଡ଼ିଓ ଏବଂ ଅନ୍ୟମାନେ।

# ଖସିପଡ଼ିଲା ଶ୍ରେଣୀଗୃହ ପିଓପି ସିଲିଂ

**ବିଜମରା ସ୍ୱାମୀ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ**

■ ୫-ଟି ସ୍କୁଲ ନିର୍ମାଣ କାମ ନିମ୍ନମାନର

**ଭବାନୀପାଟଣା,୨୬।୯(ଉତ୍ତମ କୁମାର ଦାଶ)**

ସ୍ମାର୍ଟ ଶ୍ରେଣୀ ଗୃହରେ ବସି ପିଲାଏ ପାଠ ପଢ଼ି ସ୍ମାର୍ଟ ହେବେ। ଗ୍ରାମାଞ୍ଚଳର ପିଲା ସହରୀ ଢାଞ୍ଚାରେ ପାଠ ପଢ଼ିବାର ସୁଯୋଗ ପାଇବେ। ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ମାଧ୍ୟମରେ ବିଦ୍ୟାଳୟଗୁଡିକୁ ରୂପାନ୍ତରିକରଣ କରାଯାଉଛି। କିନ୍ତୁ କିଛି ଅସାଧୁ ଠିକାଦାରମାନଙ୍କ ପାଇଁ ବିଦ୍ୟାଳୟର କୋଠାଗୁଡିକ ଅତିନିମ୍ନମାନର କାର୍ଯ୍ୟ ସମ୍ପାଦନା ହେଉଥିବା ଅଭିଯୋଗ ହେଉଛି। ଫଳରେ ନିର୍ମାଣର କିଛି ମାସ ପରେ ସ୍କୁଲର ସିଲିଂ ଖସିପଡ଼ିବା ଓ ଅନ୍ୟାନ୍ୟ ଜିନିଷ ଭାଙ୍ଗିଯିବା ଭଳି ଘଟଣା ସାମନାକୁ ଆସିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କଳମପୁର ବ୍ଲକ ଅଧୀନସ୍ଥ ବିଜମରା ସ୍ୱାମୀ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ। ଏଠାରେ ଗତ କିଛି ମାସ ତଳେ ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା ଶ୍ରେଣୀ ଗୃହର ପିଓପି ସିଲିଂ ଖସିପଡିଛି। ସୌଭଗ୍ୟ ବସତଃ ରାତିରେ ଏଭଳି ଦୁର୍ଘଟଣା ଘଟିଥିବାରୁ ଏକ ବଡ ବିପଦରୁ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ଛାତ୍ରୀଛାତ୍ର ବର୍ତ୍ତି ଯାଇଛନ୍ତି। ପିଓପି ସିଲିଂ ସବୁ ଲଗାଇବା ପୂର୍ବରୁ ଛାତ ଓ କାନ୍ଥର ସ୍ଥିତି ଅନୁଧ୍ୟାନ କରି ପିଓପି ସିଲିଂ ଲଗାଇଥିଲେ ହୁଏତ ଏଭଳି ଦୁର୍ଘଟଣା ଘଟି ନ ଥାନ୍ତା। କିନ୍ତୁ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ବଦଳରେ ରାଜନୈତିକ ହସ୍ତକ୍ଷେପ ଓ ଠିକାଦାର ପୋଷା ନୀତି ଯୋଗୁ ପାଣି ଗଳୁଥିବା ଛାତରେ ପିଓପି ସିଲିଂ କରାଯିବାରୁ ଏଭଳି ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେପଟେ ସ୍କୁଲରେ ଥିବା ଆଉ ଗୋଟିଏ ସ୍ମାର୍ଟ ଶ୍ରେଣୀ ଗୃହରେ ମଧ୍ୟ ଛାତ୍ରୀଛାତ୍ର ପଢ଼ିବା ପାଇଁ ଭୟଭିତ ହେଉଛନ୍ତି। ଫଳରେ ସମସ୍ତ ଛାତ୍ରୀଛାତ୍ର ଗୋଟିଏ କ୍ଲାସରୁମରେ ଠେଲାପେଲା ହୋଇ ପାଠ ପଢୁଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୧ରେ ପ୍ରଥମ ପର୍ଯ୍ୟାୟରେ କଳମପୁର ବ୍ଲକର ବିଜମରା ସ୍ୱାମୀ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇ ରୂପାନ୍ତରିତ କରାଯାଇଥିଲା। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।



ଶ୍ରେଣୀଗୃହ ପିଓପି ସିଲିଂ ଖସିପଡିଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳା ମୃତ

**ସୁନ୍ଦରଗଡ,୨୬।୯(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ଜିଲା ଦେଓଭୁବନପୁର ପଞ୍ଚାୟତ ରଷ୍ଟି ଗ୍ରାମର କେରାଯୋର ପୋଖରୀରେ ବୁଡି ମଙ୍ଗଳବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ବାଲମତି ଦଣ୍ଡସେନା ( ୫୫)। ବିଲରୁ କାମସାରି ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ପୋଖରୀରେ ମୃତ ଦେହ ଭାସୁଥିବା ଦେଖି କିଞ୍ଜିରକେଲା ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ସୂଚନାଯୋଗ୍ୟ, ମୃତା ବାଲମତି ଦିନ ମଜୁରିଆଭାବେ କାମ କରୁଥିଲେ।

### ପ୍ରବଳ ବର୍ଷାରେ ଭାଙ୍ଗିଲା ଘର

**ବିଶ୍ରା,୨୬।୯( ବଟକୃଷ୍ଣ ସ୍ୱାଇଁ):** ସୁନ୍ଦରଗଡ଼ ଜିଲା ସୀମାନ୍ତ ବିଶ୍ରା ବ୍ଲକ ଦରେଇଲେଲା ପଞ୍ଚାୟତର ଯୋଦବନ୍ଧ କୁମ୍ଭାର ବସ୍ତିରେ ପ୍ରବଳ ବର୍ଷା ଯୋଗୁ ସୁନୀଲ କୁମ୍ଭାରଙ୍କ ଘର ଭାଙ୍ଗି ପଡ଼ିଛି। ଫଳରେ ଏହି ଅଘଟଣରୁ ତାଙ୍କ ପରିବାର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବର୍ତ୍ତମାନ କୁମ୍ଭାରଙ୍କ ପରିବାର ବାସହରା ହୋଇ ଅନ୍ୟ ଜଣଙ୍କ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ପ୍ରଶାସନ ତରଫରୁ ତାଙ୍କୁ କୌଣସି ସହାୟତା ମଳିନାହିଁ। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସେ ଅନୁରୋଧ କରିଛନ୍ତି।

### ରାସ୍ତା ନିର୍ମାଣ ପାଇଁ ସରପଞ୍ଚଙ୍କ ରାସ୍ତାରୋକୋ

**ହେମଗିର,୨୬।୯(ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ବ୍ଲକ ସ୍ଥିତ ଡୁଡୁକା ବାଇପାସ ରାସ୍ତାରେ ୪ଟି ପଞ୍ଚାୟତର ସରପଞ୍ଚ ରାସ୍ତା ନିର୍ମାଣ ଦାବିରେ ମଙ୍ଗଳବାର ରାସ୍ତା ରୋକୋ କରିଥିଲେ। ଫଳରେ ଶହଶହ ସଂଖ୍ୟାରେ ଟ୍ରକ ଗୁଡିକ ରାସ୍ତାରେ ଛିଡ଼ା ହୋଇଥିଲା। ଏଥିସହ ଏମସିଏଲର କୋଇଲା ପରିବହନ ଠପ୍ ହୋଇଯାଇଥିଲା। ସକାଳ ୯ଟାରୁ ଡୁଡୁକା ସରପଞ୍ଚ ଜୟକୃଷ୍ଣ ମାଝି, ଡୁରୁବଗା ସରପଞ୍ଚ ଉପେନ୍ଦ୍ର ମଲ୍ଲିକ, ବଲିଙ୍ଗା ସରପଞ୍ଚ ସୁଭଦ୍ରା ବୈଗା ଓ ଲଇକେରା ସରପଞ୍ଚ ଦିନେଶ ନାଏକଙ୍କ ସହ ଅଞ୍ଚଳର ଅନେକ ଲୋକ ସାମିଲ ହୋଇ ରାସ୍ତା ରୋକୋ କରିଥିଲେ। କୋଲ କରିଡର ରାସ୍ତା ଅଧପନ୍ତରିଆ ନିର୍ମାଣ ହେବା ଯୋଗୁ ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହୋଇଛି। ଏଥିଯୋଗୁ ଲୋକଙ୍କ ଯିବା ଆସିବାରେ ବହୁ ସମସ୍ୟା ସୃଷ୍ଟି ହେଉଛି। କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର କୋଲ୍ କରିଡର ନିର୍ମାଣ ପାଇଁ ଲୋକେ ଦାବି କରିଥିଲେ। ବାଙ୍କିବାହାଲ କୋଇଲା ଖଣିରୁ ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଭେଡ଼ାବାହାଲ ଯାଏ ସ୍ୱତନ୍ତ୍ର କୋଲ୍ କରିଡର୍ ରାସ୍ତା ପାଇଁ ପ୍ରସ୍ତାବ ହୋଇଥିଲା। ଅଧାପନ୍ତରିଆ ହୋଇ ରହିଥିବା ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଶତାଧିକ ଟ୍ରକ ଚଳାଚଳ କରୁଥିବାରୁ ଅନେକସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଆନ୍ଦୋଳନ ସ୍ଥଳରେ ପିଡବ୍ଲ୍ୟୁଡିର ଏସଡିଓ ସୁରଜ ଦାସ ପହଞ୍ଚି ବୁଧବାରଠାରୁ ରାସ୍ତା କାମ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେବା ପରେ ସରପଞ୍ଚ ମାନେ ଆନ୍ଦୋଳନରୁ ଓହରି ଥିଲେ।

### ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

**ଖଡ଼ିଆଳ,୨୬।୯(ସୁଜିତ୍ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଲୋକନ ୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଯୋଗଦେଇଥିଲେ। ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ଏବଂ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ସୁରବିଜୟ କାନ୍ତ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ନାଟ୍ୟ ଅଭିନେତା ସୁକେଶ ପଟ୍ଟନାୟକ ଓ ମୋତିଲାଲ ବାଗ ଦାୟିତ୍ୱ ନିର୍ବାହ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ଡୁଆଝରର ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ଖାଲଖମାରେ ଭର୍ତ୍ତି ମୁଖ୍ୟ ରାସ୍ତା

**ହେମଗିର,୨୬।୯(ଚୈତନ୍ୟ ପଟେଲ )**

- ଝାରପଲମ-ପୁଡ଼ାଜଲଙ୍ଗା ରାସ୍ତା
- ନିର୍ମାଣ ନ ହେଲେ ଆନ୍ଦୋଳନ ଚେତାବନୀ

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ଝାରପଲମଠାରୁ ପୁଡାଜଲଙ୍ଗାକୁ ସଂଯୋଗ କରୁଥିବା ରାସ୍ତାଟି ସମ୍ପୂର୍ଣ୍ଣ ଖାଲ ଖମାରେ ଭର୍ତ୍ତି। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଝାରପଲମ ପଞ୍ଚାୟତର ଭୁବରାକଛାର, ଗିରିସିମା, ମେଣ୍ଡ୍ରା, ଜାମକାନୀର ଆଦି ଗ୍ରାମର ଶହ ଶହ ଲୋକ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଖାଲଖମା ଯୋଗୁ ଲୋକେ ଅସୁବିଧା ଭୋଗୁଛନ୍ତି। ବର୍ଷାଦିନେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଖାଲଗୁଡିରେ ପାଣି ଜମି ରହୁଛି। ଏହି ରାସ୍ତା ଦେଇ ସୁନ୍ଦରଗଡ, ହେମଗିର, ବିଲେଇମୁଣ୍ଡା ଆଦି ଅଞ୍ଚଳର ଲୋକେ ବିଭିନ୍ନ କାମରେ ଯା'ଆସ କରୁଥିବା ବେଳେ ରାସ୍ତାଟି ବିପର୍ଯ୍ୟସ୍ତ ଅବସ୍ଥାରେ ଥିବାରୁ ଲୋକେ ସୁରକ୍ଷିତ ମଣୁ ନ ଥିବା କହିଛନ୍ତି। ଖରାପ ରାସ୍ତା ଓ ଅନେକ ସମୟରେ ଭାରିଯାନ ଚାଲୁଥିବା ଯୋଗୁ ରାସ୍ତା ଜାମ ରହୁଛି। ରାସ୍ତା ନିର୍ମାଣ ପାଇଁ ଗତ ୧୫ ତାରିଖରେ ଗ୍ରାମବାସୀ ରାସ୍ତା ରୋକୋ କରିଥିଲେ। ଖବ୍‌ଶୀଘ୍ର ରାସ୍ତା ନିର୍ମାଣ ନ କଲେ ଗ୍ରାମବାସୀ ପୁଣି ଆନ୍ଦୋଳନ କରିବେ ବୋଲି ଚେତବାନୀ ଦେଇଛନ୍ତି। ଏନେଇ ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି।


ଖାଲଖମାରେ ଭର୍ତ୍ତି ମୁଖ୍ୟ ରାସ୍ତା।

# ଖଣ୍ଡାଧାର ଇକୋ ଟ୍ୟୁରିଜିମ ସୋସାଇଟିର ବାର୍ଷିକ ଅଧିବେଶନ

**ବଣାଇଁ,୨୬।୯(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ସୋମବାର ବଣାଇଁ ଗସ୍ତରେ ଆସି ଜନଶୁଣାଣୀ କାର୍ଯ୍ୟକ୍ରମରେ ଯୋଗଦେବା ସହ ବିଭିନ୍ନ ସରକାରୀ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ବଣାଇଁର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଖଣ୍ଡାଧାର ଜଳପ୍ରପାତରେ ପର୍ଯ୍ୟଟକଙ୍କ ନିମନ୍ତେ ଥିବା ଇକୋ କଟେଜର ରକ୍ଷଣାବେକ୍ଷଣ, ପର୍ଯ୍ୟଟକଙ୍କ ନିମନ୍ତେ ଆନୁସଙ୍ଗିକ ସୁବିଧା ସୁଯୋଗ, ସ୍ୱଚ୍ଛତା ଓ ପରିମଳ ଉପରେ ଖଣ୍ଡାଧାର ଇକୋ ଟ୍ୟୁରିଜିମ ସୋସାଇଟି ଅଧ୍ୟକ୍ଷ ତଥା ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସୁରଞ୍ଜନ କୁମାର ସାହୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବାବେଳେ ବନଖଣ୍ଡ ଅଧିକାରୀ ତଥା ଖଣ୍ଡାଧାର ପର୍ଯ୍ୟଟନ ସ୍ଥଳୀ(ସୋସାଇଟି)ର ସଦସ୍ୟ ସଚିବ ଲଳିତ କୁମାର ପାତ୍ର ପର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ କାର୍ଯ୍ୟ ସହ ସୋସାଇଟିର ଆୟ,ବ୍ୟୟ ସମ୍ବନ୍ଧରେ ଜିଲାପାଳଙ୍କ ସହିତ ଉପସ୍ଥିତ ସଭ୍ୟମାନଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନ ଓଡ଼ିଶା ମାନଚିତ୍ରରେ ଖଣ୍ଡାଧାର ଏକ ମୁଖ୍ୟ ପର୍ଯ୍ୟଟନ ସ୍ଥଳୀର ମର୍ଯ୍ୟାଦା ପାଇଥିବା ବେଳେ ଆଗାମୀ ଦିନରେ ଏହାର ପରିବେଶକୁ ଆହୁରି ସରସ ସୁନ୍ଦର କରି ପର୍ଯ୍ୟଟକଙ୍କ ମନ ଜିଣିବାକୁ ପ୍ରୟାସ କରାଯିବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଥିଲେ। ବିଶେଷ ଭାବେ ଅକ୍ଟୋବର ଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପ୍ରବଳ ସମାଗମ ହେଉଥିବାରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଓ ସ୍ୱାସ୍ଥ୍ୟସେବା ନିମନ୍ତେ ଏକ ଆମ୍ବୁଲାନ୍ସର ଆବଶ୍ୟକତା ରହିଥିବା ସଦସ୍ୟମାନେ ଉପଲବ୍ଧ କରିଥିଲେ। ଲଡାପାଣି, ବୁଢ଼ାଭୁଇ ଭଳି ବନସୁରକ୍ଷା ସମିତିର ୪୦ରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଜନଜାତି ପରିବାରର ସଦସ୍ୟମାନେ ଏଥିରେ କାର୍ଯ୍ୟ କରି ଉପକୃତ ହେଉଥିବାରୁ ଏହାଜାଣି ଜିଲାପାଳ ଖୁସିବ୍ୟକ୍ତ କରିଥିଲେ। ଏଥିରେ ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ମହାପାତ୍ର, ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ବିଶ୍ୱଦର୍ଶୀ ସାହୁ, ବଣାଇଁ ତହସିଲଦାର ସହଦେବ ଖାଖା, ଉପଖଣ୍ଡ ପଶୁଧନ ଅଧିକାରୀ ଜିତାଂଶୁ ଶେଖର ମହାନ୍ତି, ସହକାରୀ ବନ ସଂରକ୍ଷକ ଶୁଶାନ୍ତ କୁମାର ଜେନା, ସମୀର ପ୍ରକାଶ ତିର୍କୀଙ୍କ ସମେତ ବନ ସୁରକ୍ଷା ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀଗଣ।

# କୁତ୍ରାରେ ବିଶ୍ୱ ଫାର୍ମାସିଷ୍ଟ ଦିବସ


ବିଶ୍ୱ ଫାର୍ମାସିଷ୍ଟ ଦିବସ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

**କୁତ୍ରା,୨୬।୯(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବରିଷ୍ଠ ଫାର୍ମାସିଷ୍ଟ ସଚିନ୍ଦ୍ର ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଶ୍ରୀକାନ୍ତ ଟପ୍ପୋ ଯୋଗଦେଇ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଫାର୍ମାସିଷ୍ଟ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଏହା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଏହା ଅଧିନରେ ଥିବା ସମସ୍ତ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ମାନେ ସେମାନଙ୍କ ଦାୟିତ୍ୱ ଠିକ ଭାବେ ତୁଲାଉଥିବା ଯୋଗୁ ସେମାନଙ୍କୁ ପ୍ରଶଂସା କରିବା ସହିତ ଏଭଳି ଭାବେ ଆଗକୁ ମଧ୍ୟ ନିସ୍ୱାର୍ଥପର ଭାବରେ ସେବା ଯୋଗାଇବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କୁତ୍ରା ଶାଖା ମୁଖ୍ୟ ବି ସରିତା ଯୋଗଦେଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା କେତେ ଗୁରୁତ୍ୱପୂର୍ଣ୍ଣ ସେନେଇ ମତ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ଡ. ପୁନମ ମିଶ୍ର, ଖତକୁରବାହାଲ ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ଆଲୋକ ନାୟକ,ଭାଦୁଆ ଓରାମ, ପ୍ରମୋଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିବା ବେଳେ ଫାର୍ମାସିଷ୍ଟ ପଞ୍ଚାନନ ବେହେରା, ରାଜେଶ୍ୱରୀ ବେହେରା, ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଫାର୍ମାସିଷ୍ଟ ସଚିନ୍ଦ୍ର ନାରାୟଣ ସାହୁ ବିଶ୍ୱ ଫାର୍ମାସିଷ୍ଟ ଦିବସର ବିଷୟ ବସ୍ତୁ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ କରିବା ଉପରେ ମତ ରଖି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ଗଏରବାହାଲ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ମଧ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି।

# ଗଣେଶ ଭସାଣି ଶୋଭାଯାତ୍ରା ବେଳେ ଦମ୍ପତିଙ୍କୁ ମାଡ଼

**୫ ଯୁବକଙ୍କ ନାଁରେ ମାମଲା ରୁଜୁ**

**ବଡ଼ଗାଁ,୨୬।୯( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କୁଲଗା ଗ୍ରାମରେ ରବିବାର ଅପରାହ୍ନରେ ଗଣେଶ ବିସର୍ଜନ ଶୋଭାଯାତ୍ରା ସମୟରେ ଏକ ଦମ୍ପତିଙ୍କୁ ତାଙ୍କ ଘର ସମ୍ମୁଖରେ ୫ ଯୁବକ ମାଡ଼ ମାରି ଆହତ କରିଥିବା ଅଭିଯୋଗ ହୋଇଛି। ଏନେଇ ବଡ଼ଗାଁ ଥାନାରେ ମାମଲା ରୁଜୁ ହୋଇଛି। ଯୁବକମାନେ ହେଲେ ସେହି ଗ୍ରାମର କେଦାର ପୃଷେଟ, ଅଜୟ ସାହୁ, ଝରନ୍ ମା, କୁନୁ ବେହେରା, ସୁରାଜ କୁଲ। ସୂଚନା ଅନୁଯାୟୀ, ରବିବାର ଉକ୍ତ ଗ୍ରାମରେ ହୋଇଥିବା ଗଣେଶ ବିସର୍ଜନ ଶୋଭାଯାତ୍ରାରେ ଶ୍ରୀଚରଣ ବାଗଙ୍କ ଘର ସମ୍ମୁଖରେ ୫ ଯୁବକ ତାଙ୍କୁ ଓ ତାଙ୍କ ସ୍ତ୍ରୀ ସୁରେଖାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସୁରେଖାଙ୍କ ଡାହାଣ ହାତ ଭାଙ୍ଗି ଯାଇଥିଲାବେଳେ ମୁଣ୍ଡର ୩ଟି ସ୍ଥାନରେ ଆଘାତ ଲାଗିଛି। ଶ୍ରୀଚରଣ ଆହତ ହୋଇଛନ୍ତି। ଦମ୍ପତିଙ୍କ ଅଭିଯୋଗ କ୍ରମେ ଥାନା ଏଏସ୍ଆଇ ଅରୂପାନନ୍ଦ ଦାସ ଘଟଣାର ତଦନ୍ତ କରି ଉକ୍ତ ଯୁବକଙ୍କ ନାଁରେ ମାମଲା ରୁଜୁ କରିଛନ୍ତି।

# ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ

**ବାଲିଶଙ୍କରା,୨୬।୯( ହ୍ଲଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ ତିଲେଇକାନୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଡିଓ ଜ୍ୟୋର୍ତିମୟୀ ପ୍ରଧାନ ଯୋଗଦେଇ ଦ୍ୱୀପପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କୁ ପାଠପଢାଇବା ସହ ଅଭିଭାବକମାନେ ସରକାରଙ୍କ ଯୋଜନାରେ କିପରି ଅନ୍ତର୍ଭୁକ୍ତ ହୋଇପାରିବେ ସେହି ବିଷୟରେ ସେ କହିଥିଲେ। ବ୍ଲକର ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମ୍ୟାକ୍ସିମୁସ ବାର୍ଲ, ସୁଶାନ୍ତ ପଟେଲ, ସନ୍ତୋଷ କୁମାର ସା , କ୍ରିଷ୍ଟାଲ ତିର୍କୀ ,ସୁରେଶ ମିଞ୍ଜ , ବର୍ଷାରାଣୀ ଭିତ୍ରିଆ , ତୁଲାରାମ ପଟେଲ , ସୁଧାରାଣୀ ବିଶି ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ନାଚଗୀତ ପରିବେଷଣ କରାଯାଇଥିଲା। ଶେଷରେ ଉତ୍ତମ କୁମାର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।



ମଞ୍ଚାସୀନ ଅତିଥି ବୃନ୍ଦ।

# ଆଶ୍ରମ ବିଦ୍ୟାଳୟରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ

**କୁତ୍ରା,୨୬।୯(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ସିଆଲଯୋର ଆଶ୍ରମ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଅରକ୍ଷିତ ବେହେରାଙ୍କ ଅଧ୍ୟକ୍ଷତାରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ସରକାର ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦେଉଥିବା ସୁବିଧା ସୁଯୋଗ ବିଷୟରେ କହିଥିଲେ। ଅଭିଭାବକମାନେ ବିଦ୍ୟାଳୟ ସହ ସହଭାଗିତା ସ୍ଥାପନ କରି ନିଜ ସନ୍ତାନ ମାନଙ୍କ ପାଠପଢାର ଅଗ୍ରଗତି ପ୍ରତି ଦୃଷ୍ଟି ଦେବାକୁ କହିବା ସହିତ ବଡ଼ ହୋଇ କୌଣସି ପ୍ରକାର ଦୁର୍ନୀତି କାର୍ଯ୍ୟରେ ନିଜକୁ ଲିପ୍ତ ନକରି ସଚୋଟ ଭାବେ କାର୍ଯ୍ୟକରିବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ ବିନି ରାନୀ ସୋରେନ, ଖବରଦାତା ଦେବାଶିଷ ସାହୁ, ପ୍ରଶାନ୍ତ କୁମାର ସାହୁ, ତୁନମୁରା ସରପଞ୍ଚ ତରଣୀସେନ ବରିହା, ବ୍ଲକ ମିଶନ ଶକ୍ତି ସଭାପତି ତରୁଣୀ ଲତା ସୁନାନୀ, ସିଆର୍‌ସିସି ସୁଦିପ୍ତ ବେହେରା, ମିଲୁ ବରୱା, ଭାଦୁଆ ଓରାମ, ମହେନ୍ଦ୍ର ପୁରୋହିତ ପ୍ରମୁଖ ଯୋଗଦେଇ ଦୃଢ଼ ସଂକଳ୍ପ ନେଇ ପାଠ ପଢିବା ପାଇଁ ଉପଦେଶ ଦେଇଥିଲେ। ବିରିଙ୍ଗାଟୋଲି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ପଣ୍ଡା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ଜତିନ୍ଦ୍ର ବେହେରା, କୁମରମଣି ମଲାଜ, ନରେଶ ପଶାୟତ, ଧରଣୀଧର ଅଡା, ନରୋତ୍ତମ ଗୁରୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହିଅବସରରେ ସ୍ୱାସ୍ଥ୍ୟ ବିଭାଗ ଏବଂ ମିଶନ ଶକ୍ତି ପକ୍ଷରୁ ବିଭିନ୍ନ ଷ୍ଟଲ ଲଗାଯାଇଥିଲା।



# ଜରି ପଲିଥିନ ତଳେ ବିତୁଛି ଜୀବନ

**ବିଶ୍ରା,୨୬।୯( ବଟକୃଷ୍ଣ ସ୍ୱାଇଁ)**

- ମୌଳିକ ସୁବିଧାରୁ ବଞ୍ଚିତ କୁମ୍ଭାରବସ୍ତି ବାସିନ୍ଦା
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ସୁନ୍ଦରଗଡ ଜିଲା ସୀମାନ୍ତ ବିଶ୍ରା ବ୍ଲକ ଅନ୍ତର୍ଗତ ଡାରେଇକେଲା ପଞ୍ଚାୟତ ଯୋଡ଼ାବନ୍ଧ ଗ୍ରାମର କୁମ୍ଭାରବସ୍ତି ବାସିନ୍ଦା ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ମୁଣ୍ଡ ଗୁଞ୍ଜିବା ପାଇଁ ଭଲ ଘର ଖଣ୍ଡିଏ ନାହିଁ। ଭଙ୍ଗା ଦଦରା ଓ ପଲିଥିନ ତଳେ ବିତୁଛି ଜୀବନ। ବର୍ଷାଦିନେ ପାଣି ଗଳୁଥିବାରୁ ସେମାନେ ଅସୁବିଧା ଭୋଗୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନେକଙ୍କ ନାଁ ମଧ୍ୟ ନାହିଁ। ସରକାରୀ ସୁବିଧା କହିଲେ କେବଳ ବାର୍ଦ୍ଧକ୍ୟ ଭତ୍ତା ୫ଶହ ଟଙ୍କା। ଆଜିର ଆଧୁନିକ ଯୁଗରେ କୌଳିକବୃତ୍ତି ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ହେଲେ ସେମାନେ ନିଜର ପୈତୃକ ବୃତ୍ତିକୁ ଭୁଲି ନାହାନ୍ତି। ଆଜି ବି ସେମାନେ ମାଟି ପାତ୍ର ତିଆରି କରି ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ସେମାନଙ୍କୁ ପ୍ରତାରଣା କରାଯାଉଥିବା ବସ୍ତିବାସିନ୍ଦା କହିଛନ୍ତି। ଘର ଖଣ୍ଡିଏ ପାଇଁ ସେମାନେ ବାରମ୍ବାର ପଞ୍ଚାୟତ, ବ୍ଲକ ଅଫିସ୍ ଦୌଡିଦୌଡି ନୟାନ୍ତ ହେଲେଣି ହେଲେ କୌଣସି ସୁଫଳ ମିଳୁନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗରିବ ପରିବାରକୁ ଘର ଦେବାକୁ ସାଧାରଣରେ ଦାବି ହେଉଛି।



# କବାଡ଼ି, ଖୋଖୋ, ଫୁଟ୍‌ବଲ ପ୍ରତିଯୋଗିତା

**ବଡ଼ଗାଁ,୨୬।୯( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ କବାଡି, ଖୋଖୋ ଓ ଫୁଟବଲ୍ ପ୍ରତିଯୋଗିତା ଦାଣ୍ଡଜମରା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ମଙ୍ଗଳବାର ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସରପଞ୍ଚ ଗୋବର୍ଦ୍ଧନ ହାହା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସମିତି ମେମ୍ବର ପ୍ରଭା ସୋରେଙ୍ଗ, ବ୍ଲକ୍ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ, ବରଙ୍ଗାକଛାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା, ତୁଡାଲଗା କନ୍ୟାଶ୍ରମର ପ୍ରଧାନ ଶିକ୍ଷକ ସନାତନ ଷଡ଼ଙ୍ଗୀ, ଦେଓକରଣପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ମାଝି, ଦାଣ୍ଡଜମରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଦାନନ୍ଦ ସା ଯୋଗଦେଇଥିଲେ। ମୁଖ୍ୟ ଅତିଥି କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ସେ ପାଠପଢ଼ା ସହିତ ଖେଳକୁଦର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଶାରୀରିକ ଓ ମାନସିକ ବିକାଶରେ ଖେଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବ୍ଲକ୍ ଶିକ୍ଷା ଅଧିକାରୀ ସୁରେଖା ହରୋ କହିଥିଲେ। ଖେଳରେ ସୁନ୍ଦରଗଡ ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି। ତାହାକୁ ବଜାୟ ରଖି ପାଠପଢା ସହିତ ଖେଳ ପ୍ରତି ମନୋନିବେଶ ଓ ଅଭ୍ୟାସ ଜାରି ରଖିବାକୁ ସେ ବୁଝାଇଥିଲେ। ସମିତି ମେମ୍ବର ପ୍ରଭା ସୋରେଙ୍ଗ, ଛାତ୍ରଜୀବନକୁ ସ୍ୱର୍ଣ୍ଣିମ ସମୟ ବୋଲି କହିଥିଲେ। ଛାତ୍ର ଜୀବନରେ କଠିନ ପରିଶ୍ରମ ଓ ନିରନ୍ତର ପ୍ରୟାସ କରି ଖେଳକୁଦରେ ଭବିଷ୍ୟତ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ମାଷ୍ଟର ଜନସନ ଖାଖା ମଞ୍ଚ ପରିଚାଳନା କରିଥିଲାବେଳେ ଦାଣ୍ଡଜମରା ହାଇସ୍କୁଲ ଶିକ୍ଷକ ମନୋଜ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ଛାତ୍ରୀଛାତ୍ର ଖେଳର ନିୟମ ମାନି ଶୃଙ୍ଖଳିତ ଖେଳ ପ୍ରଦର୍ଶନ ପାଇଁ ଶପଥ ପାଠ କରିଥିଲେ। ଅତିଥିମାନେ ଖେଳାଳିଙ୍କ ସହିତ ସାକ୍ଷାତ କଲାପରେ ଫୁଟବଲ୍ କିକ୍ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୧୩ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ଶିକ୍ଷକ ପ୍ରଭାତ ଦ୍ୱାରି, ମୁରଲୀଧର ବେହେରା, ଉଗ୍ରସେନ ବେହେରା, ଚିତ୍ତରଞ୍ଜନ ଡାକୁଆ, ବିଜୟ କୁମାର ପଟେଲ, କାଦମ୍ବିନୀ ପଟେଲ, ମିଳନ ମଞ୍ଜରୀ ନାଇ ଖେଳ ପରିଚାଳନା କରୁଛନ୍ତି। ବୁଧବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।


ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

## ସଂକ୍ଷେପରେ

### ମା' ରମ୍ଭାଦେବୀ ପୀଠରୁ ଦାନବାକ୍ସ ଚୋରି

ଦେବଗଡ, ୨୬।୯(ଶଶାଙ୍କ ଶେଖର ଝାଙ୍କର): ବାରକୋଟ ସ୍ଥିତ ମା' ରମ୍ଭାଦେବୀ ପୀଠରୁ ସୋମବାର ବିଳମ୍ବିତ ରାତିରେ ଦାନବାକ୍ସ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦାନବାକ୍ସରୁ ସମସ୍ତ ଟଙ୍କା ନେଇ ଦୁର୍ବୃତ୍ତ ମାନେ ବାକ୍ସଟିକୁ ଏକ ସାଉଣ୍ଡ ରେକର୍ଡିଂ ଦୋକାନ ପଛପଟେ ଫିଙ୍ଗିଦେଇ ଫେରାର ହୋଇଯାଇଛନ୍ତି। ମଙ୍ଗଳବାର ସେଠାରେ ଉକ୍ତ ଦାନ ବାକ୍ସଟି ପଡିଥିବା ଦେଖି ଗ୍ରାମବାସୀ ବାରକୋଟ ଥାନା ପୋଲିସକୁ ସୂଚନା ଦେଇଥିଲେ। ଉକ୍ତ ଦାନ ବାକ୍ସରେ କେତେ ଟଙ୍କା ଥିଲା ତାହା ଜଣା ପଡି ନ ଥିଲେ ହେଁ ପ୍ରାୟ ଏକ ବର୍ଷର ଦାନ ଟଙ୍କା ରହିଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି। ଏହି ଦାନବାକ୍ସ ଚୋରି ଘଟଣାରେ କେଉଁ ମାନେ ସାମିଲ ଅଛନ୍ତି ପୋଲିସ ତଦନ୍ତ ଜାରି ରଖିଛି।

### ଧରା ପଡ଼ିଲେ ଫେରାର ଅଭିଯୁକ୍ତ

ଦେବଗଡ, ୨୬।୯(ଶଶାଙ୍କ ଶେଖର ଝାଙ୍କର): ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କୁ ଧକ୍କା ମାରି ଦେବଗଡ ସ୍ୱତନ୍ତ୍ର ଉପକାରାଗାର ସମ୍ମୁଖରୁ ଫେରାର ହୋଇଯାଇଥିଲେ। ମଙ୍ଗଳବାର ଅଭିଯୁକ୍ତଙ୍କୁ ପୋଲିସର ସ୍ୱତନ୍ତ୍ର ସ୍କାର୍ଡ ଗିରଫ କରିଛି। ଫେରାର ଅଭିଯୁକ୍ତ କୁଣ୍ଢେଇଗୋଳା ଥାନା ଆଉଁଳି ଗ୍ରାମର ସୁମନ ବେହେରା (୨୨)। ସେ ହଦମୁଣ୍ଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଲୁଚିଥିବା ବେଳେ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ସ୍କାର୍ଡ ତାକୁ ଗିରଫ କରିଥିଲା। ସୂଚନାଯୋଗ୍ୟ, କୁଣ୍ଢେଇଗୋଳା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ଝିଅଙ୍କୁ ଆଉଁଳି ଗ୍ରାମର ସୁମନ ବେହେରା(୨୨) ନାମକ ଜଣେ ଯୁବକ ଅପହରଣ କରିନେଇଥିବା ଗତ ୯ ତାରିଖ ଦିନ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଏକ ଅପହରଣ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବାସହ ଅଭିଯୁକ୍ତ ସୁମନଙ୍କୁ ଗିରଫ କରିଥିଲା। ଗତ ୨୪ରେ ଅଭିଯୁକ୍ତ ସୁମନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ଅଦାଲତରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଉଥିଲା। ପୋଲିସ କର୍ମଚାରୀ ତାଙ୍କୁ ଜେଲ ହାଜତକୁ ନେଉଥିବା ବେଳେ ଉପକାରାଗାର ସମ୍ମୁଖରେ ପୋଲିସ କନଷ୍ଟେବଲଙ୍କୁ ଧକ୍କା ମାରି ସେଠାରୁ ସେ ଫେରାର ହୋଇଯାଇଥିଲେ। ଏନେଇ ଦାୟିତ୍ୱରେ ଥିବା କୁଣ୍ଢେଇଗୋଳା ଥାନା କନଷ୍ଟେବଲ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଅଭିଯୁକ୍ତ ସୁମନଙ୍କ ବିରୋଧରେ ଦଫା-୩୫୩,୩୨୩ ଓ ୨୨୪ ଆଇପିସିରେ ଏକ ମାମଲା ରୁଜୁ କରିବା ତାଙ୍କୁ ଧରିବା ତନାଘନା ଚଳାଇଥିଲା। ଏନେଇ ଦେବଗଡ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମଲ୍ଲିକ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଦେବଗଡ ଥାନା ଅଧିକାରୀ ସରୋଜ କୁମାର ସେଠୀ ମଧ୍ୟ ଉପସ୍ଥିତ ଥିଲେ। ଗିରଫ ଅଭିଯୁକ୍ତ ସୁମନଙ୍କ ଡାକ୍ତରୀ ପରୀକ୍ଷା କରାଯିବା ସହ ରାତିରେ କୋର୍ଟ ଚାଲାଣ କରାଯାଇଥିବା ଦେବଗଡ ଥାନା ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା ବୈଠକ



ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା ବୈଠକରେ ଉପସ୍ଥିତ ପ୍ରାଶାସନିକ ଅଧିକାରୀ।

ଦେବଗଡ଼, ୨୬।୯(ଶଶାଙ୍କ ଶେଖର ଝାଙ୍କର)

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ମଙ୍ଗଳବାର ଦେବଗଡ ଗସ୍ତରେ ଆସି ଜିଲାପାଳଙ୍କ କକ୍ଷରେ ଜିଲାରେ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିବା ସହ ପ୍ରକଳ୍ପ ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଏହି ବୈଠକରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲାପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରିକ୍ଷିତ ସାହୁ, ଡେପୁଟି କଲେକ୍ଟର ରୁବି ବେହେରା, ଲୀଳାବତୀ ନାୟକ, ସହକାରୀ କଲେକ୍ଟର ସୁଶାନ୍ତ ନାଏକ, ତହସିଲଦାର ଏଜେଲିନ୍ ବାରା, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ସମୀକ୍ଷା ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ଦଳେଇ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ, ଜିଲା ରାଜସ୍ୱ ଆଦାୟ ଓ ରାଜସ୍ୱ ବିଭାଗ ପକ୍ଷରୁ ଲୋକମାନଙ୍କୁ ଉପଲବ୍ଧ କରାଯାଉଥିବା ବିଭିନ୍ନ ଯୋଜନାଗୁଡ଼ିକର ସମୀକ୍ଷା କରି ସମୟ ଅନୁଯାୟୀ ଏହି ସୁବିଧା ଲୋକମାନଙ୍କୁ ଯୋଗାଇ ଦେବାପାଇଁ ପରାମର୍ଶ ଦେଇଥିଲେ। ଲୋକାଭିମୁଖୀ ଯୋଜନାଗୁଡ଼ିକର ସଫଳ ରୂପାୟନରେ ପ୍ରଶାସନିକ ଏବଂ ବିଭାଗୀୟ ଅଧିକାରୀମାନେ ଆନ୍ତରିକତା ସହ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ଡ. ଦଳେଇ ଗୁରୁତ୍ୱ ଦେଇଥିଲେ। ଅପରାହ୍ନରେ ଅନ୍ୱେଷା ଛାତ୍ରାବାସ ଓ ତିଲେଇବଣୀର ମିଶନ ଶକ୍ତି କାଫେ ପରିଦର୍ଶନ କରିବାକୁ ଯାଇଥିଲେ।

## ବାଲ୍ୟବିବାହ ମୁକ୍ତ ଭାରତ ସଚେତନତା ଅଭିଯାନ

ଦେବଗଡ଼, ୨୬।୯(ଶଶାଙ୍କ ଶେଖର ଝାଙ୍କର)

କୈଳାଶ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେଶନ ଓ ଜିତା ଅନୁଷ୍ଠାନ ଦ୍ୱାରା ଚାଲୁଥିବା ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା ଅଭିଯାନ ସେପ୍ଟେମ୍ବର ୧୬ରୁ ଆରମ୍ଭ ହୋଇ ଅକ୍ଟୋବର ୧୬ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନରେ ଜିତା ଅନୁଷ୍ଠାନର ସମସ୍ତ ସଦସ୍ୟା ସଦସ୍ୟ ଗାଁ , ସ୍କୁଲ, ଜାତି ସମାଜ, ଯୁବକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଓ ଶପଥ ପାଠ ଚାଲୁଅଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରମ୍ଭେଇ ପଞ୍ଚାୟତର ସିରିଡ଼ିହ ଗ୍ରାମରେ ମୁଣ୍ଡା ସମାଜମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ସଭାପତି ଫୁଲମେନ ଟେଟେ ଓ ଉପସଭାପତି ଜ୍ୟୋତି କାଙ୍ଗାଡ଼ି ୫ଟି ଗ୍ରାମର ମୁଣ୍ଡା ସମାଜର ଲୋକଙ୍କୁ ଏକତ୍ରିତ କରିଥିଲେ। ଜିତା ଅନୁଷ୍ଠାନର ତରୁଣ କୁମାର ସାମଲ ବାଲ୍ୟ ବିବାହ ଉପରେ ସଚେତନତା କରିଥିଲେ। ଶେଷରେ ଅରବିନ୍ଦ ନାୟକ ଧନ୍ୟବାଦ ଦେଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଗ୍ରାମବାସୀ।

## ୩୬ତମ ଓଡ଼ିଶା ନାଟ୍ୟ ସଂଘ ପ୍ରତିଷ୍ଠା ଉତ୍ସବ

ଦେବଗଡ଼, ୨୬।୯(ଶଶାଙ୍କ ଶେଖର ଝାଙ୍କର)




ସ୍ଥାନୀୟ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ପରିସରରେ ୩୬ତମ ଓଡ଼ିଶା ନାଟ୍ୟ ସଂଘ ପ୍ରତିଷ୍ଠା ଉତ୍ସବ ଜିଲା ସଂଯୋଜକ ସୁଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନାଟ୍ୟ ଭୁଷଣ ମାର୍କଣ୍ଡେଶ୍ୱର ଶତପଥୀଙ୍କ ସହିତ ଜାଗରଣ ଆର୍ଟ ଇଣ୍ଟର ନ୍ୟାସନାଲ ସଭାପତି ଅଶୋକ କୁମାର ନନ୍ଦ ଓ ସମ୍ପାଦକ ସୁଜିତ କୁମାର ପାତ୍ର ମଞ୍ଚାସିନ ଥିଲେ। ପ୍ରଥମେ ମୁଖ୍ୟ ଅତିଥି ଆନୁଷ୍ଠାନିକ ଭାବେ ଓଡିଶା ନାଟ୍ୟ ସଂଘର ପତାକାକୁ ଉତ୍ତୋଳନ କରିଥିଲେ। ଏହାପରେ ନାଟକ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା। ବିଷୟ ବସ୍ତୁ ଥିଲା ଦର୍ଶକ ଓ ନାଟକ। ଏହା ଉପରେ ମାର୍କଣ୍ଡେଶ୍ୱର ଶତପଥୀ, ହେମନ୍ତ କୁମାର ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ରାମଚନ୍ଦ୍ର ମହାପାତ୍ର, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ସୁନିଲ କୁମାର ଦାଶ, ଆଡଭୋକେଟ ଦିଲ୍ଲୀପ କୁମାର ଦେବ, କଳାକାର ରାକେଶ କୁମାର ଶତପଥୀ, ଶ୍ରବଣ କୁମାର ନାଏକ, ସଭାପତି ଅଶୋକ କୁମାର ନନ୍ଦ, ଜିଲା ସଂଯୋଜକ ସୁଜିତ କୁମାର ପାତ୍ର ପ୍ରମୁଖ ବିଷୟ ବସ୍ତୁ ସମ୍ପର୍କରେ ଉପସ୍ଥାପନ କରି ଥିଲେ। ଏହି କାର୍ଯ୍ୟ କ୍ରମକୁ ଜିଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟର ନ୍ୟାସନାଲ ଆୟୋଜନ କରିଥିଲା। ଅନୁଷ୍ଠାନର ସଭ୍ୟାସଭ୍ୟ ପ୍ରକାଶ ଦେବତା,(ଉପସଭାପତି), ଅମ୍ଳାନସୁ ପୂଜାରୀ, ଶୁଭମ ମହଙ୍କୁର, ଅଙ୍କୁର ରଞ୍ଜନ ସ୍ୱାଇଁ, ଶିବାଶିଷ ଝାଙ୍କର, ରାକେଶ କୁମାର ଶତପଥୀ, ଶ୍ରବଣ କୁମାର ନାଏକ, କୁମାରୀ ବିଷ୍ଣୁପ୍ରିୟା ଗଡତୀୟ, କୁମାରୀ ଜୁଲି ଷଣ୍ଢ ପ୍ରମୁଖ ସହଯୋଗ କରିଥିଲେ।

## କଂସର ହାଇସ୍କୁଲରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ

ଦେବଗଡ଼, ୨୬।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ମଙ୍ଗଳ ବିଭାଗ ଆନୁକୂଲ୍ୟରେ ତିଲେଇବଣି ବ୍ଲକ ଅନ୍ତର୍ଗତ କଂସର ସରକାରୀ ହାଇସ୍କୁଲରେ ତୃତୀୟ ପର୍ଯ୍ୟାୟ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣ ପ୍ରଭା ଯାଦବଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ନବୀନ କୁମାର ନନ୍ଦଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଇଟିଡିଏ, ତିଲେଇବଣିର ପଷ୍ଟୁଲ ପ୍ରଶାସିକା ସନ୍ଧ୍ୟାରାଣୀ ମାଝି, ସମ୍ମାନିତ ଅତିଥି ଭାବେ କଂସର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସରେ ଡାକ୍ତର ଚିତ ରଞ୍ଜନ ସାହୁ ଓ ରାମଚନ୍ଦ୍ର ସୋରେନ ଯୋଗଦେଇ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଯାଦବ 'ଅଭିଭାବକ ଆମ ଅଂଶୀଦାର' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ବନ୍ଧରେ ଉପସ୍ଥିତ ଅଭିଭାବକ ମାନଙ୍କୁ ବୁଝାଇବା ସହ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ତଥା ଛାତ୍ରାବାସ ଗୁଡିକରେ ଛାତ୍ରୀଛାତ୍ର ମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଏବଂ ବିଭିନ୍ନ ଲାଇନ ବିଭାଗର ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ମିଶନ ଶକ୍ତି ବିଭାଗ ସମେତ ବିଭିନ୍ନ ବିଭାଗ ପକ୍ଷରୁ ୪ଟି ପ୍ରଦର୍ଶନୀ ଷ୍ଟଲ ଖୋଲା ଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ଦାଶ, ଶିକ୍ଷକ ରୋହିତ କୁମାର ସାହୁ, ଉଦ୍ଧବ ପ୍ରଧାନ, ଗୌରାଙ୍ଗ ବିଶ୍ୱାଳ, ରାଜୀବ ମହାପାତ୍ର, ଶିକ୍ଷୟିତ୍ରୀ ଜୟଶ୍ରୀ ଦେବତା, ମଥୁରା ବେହେରା, ସୁନିତା ଧଳ,ଲିଜା ସାହୁ, ଦିପ୍ତିମୟୀ ପଣ୍ଡା, ଭିକାରୀ ପ୍ରଧାନ, ଭାରତୀ ପଟେଲ, ବିଦ୍ୟାଧର ଧରୁଆ,ରମଣୀ ବରିହା, ମମତା ନାୟକ , ସୁବାସିନୀ ନାୟକ ଓ ପବିତ୍ର ମୋହନ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ପ୍ରଦେଶ କଂଗ୍ରେସ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଦେବଗଡ଼, ୨୬।୯(ଶଶାଙ୍କ ଶେଖର ଝାଙ୍କର )

ଯାଜପୁର ନିର୍ବାଚନମଣ୍ଡଳୀର ଭାଜପା ଯୁବମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୌମ୍ୟରଞ୍ଜନ ଧଳ ଏବଂ ଯାଜପୁର ଜିଲା ଭାଜପା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ହୃଷୀକେଶ ମେକାପଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମକର୍ତ୍ତା ମଙ୍ଗଳବାର ଶଙ୍ଖଭବନଠାରେ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଏହିଅବସରରେ ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ର, ଗଣମାଧ୍ୟମ ସଂଯୋଜକ ପ୍ରିୟବ୍ରତ ମାଝି ଉପସ୍ଥିତ ରହି ସମସ୍ତ ଭାଜପା କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଧଳ ଏବଂ ମେକାପ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି । ଯାଜପୁର ଜିଲାରେ ଭାଜପା ଜିଲା ସଭାପତିଙ୍କ ମନମୁଖି କାର୍ଯ୍ୟ ଏବଂ ଦଳରେ କାମ କରିବାର ସୁଯୋଗ ମିଳୁ ନ ଥିବାରୁ କ୍ଷୋଭପ୍ରକାଶ କରି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ଓ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପା ଛାଡି ବିଜେଡିରେ ମିଶିଥିବା କର୍ମକର୍ତ୍ତାମାନେ ହେଲେ ଯାଜପୁର ନିର୍ବାଚନମଣ୍ଡଳୀର ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚାର ଉପସଭାପତି ମନୋରମା ମିଶ୍ର, ମାଳନ୍ଦାପୁର ଗ୍ରାମପଞ୍ଚାୟତର ୱାର୍ଡମେମ୍ବର ଅଶୋକ ଧଳ, ଶମ୍ଭୁନାଥ ଦାସ, ଭୁବନେଶ୍ୱରପୁର ଗ୍ରାମପଞ୍ଚାୟତର ସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ, ବେରୁଡ଼ା ମୋର୍ଚ୍ଚାର ସଦସ୍ୟ କାଞ୍ଚନବାଳା ସାମଲଙ୍କ ସହ ଶତାଧିକ କର୍ମକର୍ତ୍ତା ଓ କର୍ମୀ । ମୁଖପାତ୍ର ପ୍ରିୟବ୍ରତ ମାଝି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ମୁଖପାତ୍ର ଦ୍ୟୁମ୍ନନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ନବୀନଙ୍କୁ ଶୂନ ମାର୍କ ମିଳିବ: ଜୟନାରାୟଣ

ଭୁବନେଶ୍ୱର, ୨୬।୯(ସୁନିତ୍ ମିଶ୍ର)

ଏକ ଜାତୀୟ ଗଣମାଧ୍ୟମ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ କେତେକାଂଶରେ କେନ୍ଦ୍ର ସରକାରଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଭିମୁଖ୍ୟ ପୁଣି ଥରେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ବଢ଼ାଇଦେଇଛି। ତେବେ ଏହି କାର୍ଯ୍ୟକ୍ରମ ଅବସରରେ ବିକାଶମୂଳକ କାମ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ୧୦ରୁ କେତେ ମାର୍କ ଦେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରାଯାଇଥିଲା। ମୋଦିଙ୍କୁ ସେ ୮ ମାର୍କ ଦେଇଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ କାମକୁ ଦେଖିଲେ ନବୀନଙ୍କୁ ୧୦ରୁ ୦ ମାର୍କ ମିଳିବ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମଙ୍ଗଳବାର କହିଛନ୍ତି।

ଜୟନାରାୟଣ କହିଛନ୍ତି, ନବୀନଙ୍କୁ ୧୦ରୁ ଶୂନ ମିଳିବା କଥା। ରାଜ୍ୟରେ ସେମିତି କାମ


ଜୟନାରାୟଣ ମିଶ୍ର

ତ ଦେଖିପାରୁନୁ। ରାଜ୍ୟରେ ବିପିଏଲ୍ ସଂଖ୍ୟା ବଢ଼ିଚାଲିଛି। ସ୍କୁଲ ଏବଂ ଶିକ୍ଷା ଯାହା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେବା କଥା ଦୁଇଟି ଯାକ ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି। କେନ୍ଦ୍ର ସରକାରଙ୍କ ଟଙ୍କାରେ ଯାହା ସବୁ ହେଉଛି ସେଥିରୁ କେବଳ ନାଁ ନେବାକୁ ସେମାନେ ଚେଷ୍ଟା କରୁଛନ୍ତି। ସବୁ କ୍ଷେତ୍ରରେ ଏମାନେ ବିଫଳ, ଏପରିକି କିଛି କ୍ଷେତ୍ର ଅଛି ଯେଉଁଥିରେ ଏ ସରକାର ସଫଳତା ହାସଲ କରିପାରିଛି। ଦାରିଦ୍ର୍ୟରେ ଝାଡ଼ଖଣ୍ଡ ପରେ ଓଡ଼ିଶା ରହିଛି। ନାରୀ ନିର୍ଯ୍ୟାତନା ଏବଂ ଦୁର୍ନୀତିରେ ଓଡ଼ିଶା ଏବେ ଭାରତବର୍ଷରେ ପ୍ରଥମ ସ୍ଥାନରେ ରହିଛି। ମୋଦି ସରକାର ଲେସ୍ କରପଟେଡ୍ ହେଲେ ନବୀନ ସରକାର ଦୁର୍ନୀତିରେ ବୁଡି ରହିଛନ୍ତି ବୋଲି ସେ କହିଛନ୍ତି।

ଜୟନାରାୟଣଙ୍କ ପ୍ରତିକ୍ରିୟା ଉପରେ ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ଭାଜପା ବାଲାଙ୍କ ନିଷ୍ପତ୍ତି କିଭଳି ହେବ ସେକଥା ସେମାନେ ହିଁ ସ୍ପଷ୍ଟୀକରଣ ଦେଇପାରିବେ। ସେମାନେ କହିପାରିବେ ଏ ସରକାର କ'ଣ ସବୁ ଭୁଲ୍ କରିଛନ୍ତି ଯେଉଁଥିଲାଗି ଲୋକମାନେ ରାଜ୍ୟରେ ୫ ଥର ସରକାରରେ ବସାଇଲେଣି। କିନ୍ତୁ ସାଧାରଣରେ ସରକାରଙ୍କ ଭୁଲ୍ ଭ୍ରାନ୍ତି ଦେଖୁଥିଲେ ୨୩ ବର୍ଷର ସରକାର ରାଜ୍ୟରେ ନ ଥାଆନ୍ତା। ତେଣୁ ଭାଜପା ବାଲାଙ୍କ ମାର୍କ ଦରକାର ନାହିଁ କାରଣ ଲୋକମାନେ ବିଜେଡିକୁ ଯାହା ଦେବା କଥା ଦେଉଛନ୍ତି ବୋଲି ଶଶିଭୂଷଣ କହିଛନ୍ତି।

# ବିନା ଆଲୋଚନାରେ ବିଲ୍ ପାରିତ ଅଭିଯୋଗ ଆଣି କଂଗ୍ରେସର ଗୃହତ୍ୟାଗ

ଭୁବନେଶ୍ୱର, ୨୬।୯(ସୁନିତ୍ ମିଶ୍ର): ବିଧାନସଭା ଅଧିବେଶନ ମଙ୍ଗଳବାର ଅପରାହ୍ନରେ ଆରମ୍ଭ ହେବା ମାତ୍ରେ ବାଚସ୍ପତି ପ୍ରମିଳା ମଲ୍ଲିକ ମନ୍ତ୍ରୀ ଉଷା ଦେବୀଙ୍କୁ ଓଡ଼ିଶା ମ୍ୟୁନିସିପାଲ ଆଇନ (ଆମେଣ୍ଡମେଣ୍ଟ) ବିଲ୍ ଉପସ୍ଥାପନା କରିବାକୁ କହିଥିଲେ। ମନ୍ତ୍ରୀ ଉଷା ଦେବୀ ବିଲ୍ ଉପସ୍ଥାପିତ କରିଥିବା ବେଳେ ଏନେଇ ବିରୋଧୀଙ୍କ ସହ ବିନା ଆଲୋଚନାରେ ପାସ୍ କରାଯାଇଥିବା କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଅଭିଯୋଗ ଆଣିଥିଲେ। ଯେତେବେଳେ ଗୋଟିଏ ବିଲ୍ ଉପସ୍ଥାପନ କରାଯାଏ ସେ ସମୟରେ ବିରୋଧୀଙ୍କୁ ନେଇ ଗୃହରେ ଆଲୋଚନା ହେବା କଥା। ଏହା କରା ନ ଯିବା କେତେଦୂର ଯୁକ୍ତିଯୁକ୍ତ। ଯଦି ବିରୋଧୀଙ୍କ ସହ ଆଲୋଚନା ନ କରି ବିଲ୍ ଗୃହରେ ପାସ୍ କରାଯିବ ତେବେ ବିରୋଧୀ ଗୃହରେ କାହିଁକି ରହିବେ ବୋଲି କହି କଂଗ୍ରେସ ସଦସ୍ୟମାନେ ଗୃହତ୍ୟାଗ କରିଥିଲେ। ଏହାପରେ ବାଚସ୍ପତି ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲିଙ୍କୁ କଂଗ୍ରେସ ସଦସ୍ୟମାନଙ୍କୁ ବୁଝାଇ ଗୃହକୁ ଆଣିବା ଲାଗି ପଠାଇଥିଲେ। ହେଲେ କଂଗ୍ରେସ ସଦସ୍ୟମାନେ ରାଜିହୋଇ ନ ଥିଲେ। ଶେଷରେ ମନ୍ତ୍ରୀ ଖାଲି ହାତରେ ଫେରିଥିଲେ। ପରବର୍ତ୍ତୀ ସମୟରେ ଭାଜପା ସଦସ୍ୟମାନଙ୍କୁ ନେଇ ଏହି ବିଲ୍ ଉପରେ ଆଲୋଚନା ଚାଲିଥିଲା। ଭାଜପା ସଦସ୍ୟ ସୂର୍ଯ୍ୟବଂଶୀ ସୂରଜ ଏବଂ ମୁକେଶ ମହାଲିଙ୍ଗ ଏହି ବିଲ୍ ଉପରେ ନିଜର କିଛି ମତ ରଖିଥିଲେ। ସୂର୍ଯ୍ୟବଂଶୀ କହିଥିଲେ, ୱାର୍ଡ କମିଟି ଗଠନ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ହେଲେ ଏହି କମିଟି ସକ୍ରିୟ ଭାବେ କାର୍ଯ୍ୟ କରିବା ଦରକାର । ଇତି ମଧ୍ୟରେ ଅନ୍ୟ ୫ଟି ବିଲ୍ ଗୃହରେ ପାରିତ କରାଯାଇଥିଲା।


**OFFICE OF THE PRINCIPAL SONEPUR COLLEGE, SONEPUR**

**QUOTATION CALL NOTICE**

No. 2401 Date: 23.09.2023

No. N-73: Sealed quotations are invited under IDP (OHEPEE) funds from registered suppliers for the supply of (1) CBCS Science Lab Equipments (5th & 6th Semester), (2) CBCS Books - Text & Reference for 5th & 6th Semester Arts, Science & Commerce to the Principal Sonepur College, Sonepur.

All the tenders should reach to the office of Principal on or before 10.10.2023, 5.00 P.M. by Speed Post. The undersigned reserves the right to accept/reject or cancel any or all quotations without assigning any reason thereof. Interested bidders are requested to visit the College website **www.sonepurcollege.org.in** for further details and specifications.

Sd./- Principal
Sonepur College, Sonepur

OIPR-11119/11/0001/2324



No.A-594

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**ANGUL IRRIGATION CIRCLE, ANGUL, ODISHA**
**Pin- 759143; email: seangulirrigation@gmail.com**
**Government of Odisha "e" PROCUREMENT NOTICE**
**Bid Identification No. ACEAIC-01/2023-24**

No. 1185 Dt. 22.09.2023

**CORRIGENDUM NO.-I**

| Sl. No. | Name of work | Date and Time of availability/ receipt of bid document in the portal |
|---|---|---|
| 01 | Improvement to left Service Road of Right Main Canal in between RD 2.50km. to 14.5km. of Sapua Badjore Irrigation Project.(Working RD 2.5km. to RD 7.46km.) | The date and time of availability of Bid Documents in the portal is **03.10.2023 at 10 AM to 18.10.2023 upto 5.30 PM** instead of 25.09.2023 at 10.00 AM to 11.10.2023 up to 5.30 PM. |
| 02 | Improvement to canal Service Road of Jaripal Minor from RD 00m. to RD 4370m., Jaripal Sub- Minor from RD 00m. to RD 1000m. & Tail distributary from RD 1320m. to 2300m. (Working RD for Tail Distributary from RD 00m. to RD 3400m.) of Aunli Irrigation project. | |

Further details can be seen from the e-Procurement Portal http://tendersodisha.gov.in. Any corrigendum/ addendum/cancellation will be displayed in the Govt.Website only.

Sd./- Additional Chief Engineer, Angul Irrigation Circle, Angul

OIPR-32081/11/0004/2324



**CUTTACK DEVELOPMENT AUTHORITY**
CDA
Arunodaya Bhawan, Link Road, Cuttack - 12
Fax No.: 0671-2312299, email: cda.cuttack@nic.in

Notice No. 10678 Date: 25.09.2023

**EXPRESSION OF INTEREST (EOI) TO RENT OUT PREMISES FOR WORKSHOP ON "AS IS WHERE IS BASIS" AT CUTTACK NETAJI BUS TERMINAL (CNBT), CUTTACK**

**Brief Description of the process:** Cuttack Development Authority (CDA) invites applications from prospective applicants to rent out premises for Workshop on "as is where is basis" at Cuttack Netaji Bus Terminal (CNBT), Cuttack.

No. CAD-2171: The applicants are requested to make themselves aware of the site conditions and eligibility criteria mentioned in the EOI before participating in the process. The EOI can only be downloaded from CDA website **http://www.cdacuttack.nic.in** and the last date of submission of application in prescribed format and required documents by Dt. 04.10.2023 till 15:00 Hrs. C.D.A, Cuttack reserves the right to accept or reject any application(s) and to annul the selection process at any time, without incurring any liability and without assigning any reason thereof.
For any assistance/ clarification in this regard, the prospective applicants may contact the **Scheme Officer on 8249964517** or to reach out to **PMU-9937022079/8050398938** during office hours.

OIPR-13037/11/0139/2324 Sd./- Secretary



**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ. - ୪, ଭୁବନେଶ୍ୱର**
**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO.- IV**
Nirman Soudha, Unit - V, Bhubaneswar
E-mail ID: eernb4bbsr@gmail.com, Tel.: (0674) 2390245

No. 6158 Dt. Bhubaneswar, the 21.09.2023

**1st Corrigendum (Cancellation) to Auction Sale Call Notice No. 2 of 2023-24**

No. B-949: Due to some unavoidable circumstances, the auction sale Notice No. 2 of 2023-24 is hereby cancelled.

Sd./- Executive Engineer
BBSR (R&B) Division No. - IV, BBSR

OIPR-34090/11/0021/2324



**The Odisha Agro Industries Corporation Ltd.**
(A Govt. of Odisha Undertaking)
Regd.: H.O.: 95, Satyanagar, Bhubaneswar - 751007
Tel.: (0674) 2570687, Email: oaicho@orissaagro.com

**E-PROCUREMENT TENDER**

No. CAD-2167: E-procurement tender in conformity with technical specification, term & conditions in tender documents are invited from registered Civi Contractors/ Firms (Class - B & above) for the works "Construction of SFRC Pre-cast Compound Wall in Agricultural Farm at Different Districts". For details please visit website **http://tendersodisha.gov.in.** Bid documents will be available in above website from 26.09.2023 at 10.00 A.M. to 25.10.2023 upto 5.00 P.M. The bid of the work shall be opened on 26.10.2023 at 11.30 A.M. in the Office of the undersigned. The bidder must possess matching class compatible Digital Signature Certificate (DSC). The undersigned reserves the right to accept/reject any/all application(s) without assigning any reasons thereof.

Sd./- Managing Director

OIPR-01047/11/0038/2324



**OFFICE OF THE NOTIFIED AREA COUNCIL, KARANJIA, DIST.: MAYURBHANJ**
E-mail ID; karanjian.hud@ori.nic.in

No. 1727/NAC Date: 25.09.2023

**EXPRESSION OF INTEREST FOR PREPARATION OF STORM WATER DRAINAGE MASTER PLAN & DPR OF KARANJIA NAC**

No. C-1489: Karanjia NAC proposes to undertake preparation of storm water drainage master plan & DPR for Karanjia NAC area.
Proposals are invited to conduct the assignment and submit the deliverables from engineering consultants/Consulting registered architectural firms that have requisite experience in preparation of Drainage/Pipeline/Sewerage network plan.
Details of the bid document can be accessed and the EOI/application forms can be downloaded from the website **http://www.karanjianac.in/** and obtained from the Office of Karanjia NAC by paying the Tender Paper Cost Rs.10,000/- (Rupees Ten Thousand) only Non-refundable by paying though Demand Draft/Banker Cheques in favour of Executive Officer, Karanjia NAC, payable at Karanjia.
The completed applications, as per instructions in the EOI document should reach the following address by Hand/Registered Post/Speed Post/Courier latest by 5 P.M. on Dt.06.10.2023.
Karanjia NAC reserves the sole right to accpet or reject any or all proposals without assigning any reason whatsoever.

Sd./- Executive Officer
Karanjia NAC

OIPR-13119/11/0004/2324



No.H-31

**କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟିର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, କଣ୍ଟାବାଞ୍ଜି, ବଲାଙ୍ଗିର**

**ନିର୍ବାଚନ ବିଜ୍ଞାପନ**

**ବିଜ୍ଞପ୍ତି ସଂଖ୍ୟା-୭୩୫, ତାରିଖ-୨୨.୦୯.୨୦୨୩**

୧୯୫୬ ମସିହା, ଓଡ଼ିଶା କୃଷିଜାତ ଦ୍ରବ୍ୟ ବିପଣନ ଧାରା-୬ ଓ ୧୯୫୮ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ନିୟମ ୩ ରୁ ୨୪ ଅନୁସାରେ, ବଲାଙ୍ଗିର ଜିଲ୍ଲାପାଳଙ୍କ ଆଦେଶ ସଂଖ୍ୟା ୫୦୦୨ ତା.୦୮.୦୮.୨୦୨୩ ରିଖ ଅନୁସାରେ, ଆମ୍ଭଠାରେ ନ୍ୟସ୍ତ ହୋଇଥିବା କ୍ଷମତା ଅନୁଯାୟୀ ଆମ୍ଭେ, ଶ୍ରୀରାଧାକୃଷ୍ଣ ମେହେର, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ବଲାଙ୍ଗିର ତଥା କଣ୍ଟାବାଞ୍ଜି, ନିୟନ୍ତ୍ରିତ ବଜାର କମିଟିର ନିର୍ବାଚନ ଅଧିକାରୀ ଭାବେ, ଏତଦ୍ୱାରା ଘୋଷଣା କରୁଅଛୁ ଯେ, ଉକ୍ତ କମିଟିର ସଦସ୍ୟ ନିର୍ବାଚନ ପାଇଁ ଗ୍ରାମ ପଞ୍ଚାୟତ, କଣ୍ଟାବାଞ୍ଜି ଏନ୍‌ଏସି, କୃଷକ ସଂଗଠନ ଓ ବ୍ୟବସାୟୀ ନିର୍ବାଚନ ମଣ୍ଡଳୀରୁ ସଦସ୍ୟ ନିର୍ବାଚନ ଆସନ୍ତା ତା.୦୩.୧୧.୨୦୨୩ ରିଖ ସକାଳ ୯.୦୦ ଘଟିକାଠାରୁ ଅପରାହ୍ନ ୩.୦୦ ଘଟିକା ମଧ୍ୟରେ କଣ୍ଟାବାଞ୍ଜି, ନିୟନ୍ତ୍ରିତ ବଜାର କମିଟିର କାର୍ଯ୍ୟାଳୟ ଠାରେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ନିର୍ବାଚନ ଅନୁଷ୍ଠିତ ହେବ । ସୁତରାଂ କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟିର ମାର୍କେଟ ଏରିଆ (ତୁରେକେଲା, ବଙ୍ଗୋମୁଣ୍ଡା, ସିନ୍ଧେକେଲା, ମୁରିବାହାଲ ଓ ଟିଟିଲାଗଡ଼ ବ୍ଲକ) ପରିସରଭୁକ୍ତ କୃଷକ ସଂଗଠନ, ବ୍ୟବସାୟୀ ଗୋଷ୍ଠୀ, କଣ୍ଟାବାଞ୍ଜି ଏନ୍‌ଏସି ଏବଂ ଗ୍ରାମ ପଞ୍ଚାୟତର ବୈଧ ଭୋଟରମାନଙ୍କୁ ଉକ୍ତ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଗଲା ।

**ନିର୍ବାଚନରେ ପୂରଣ ହେବାକୁ ଥିବା ସ୍ଥାନର ସଂଖ୍ୟା**

| କ୍ର.ନଂ. | ନିର୍ବାଚନମଣ୍ଡଳୀର ନାମ | ନିର୍ବାଚନ ଦ୍ୱାରା ପୂରଣ ହେବାକୁ ଥିବା ସ୍ଥାନ ସଂଖ୍ୟା |
|---|---|---|
| ୦୧ | କୃଷକ ନିର୍ବାଚନମଣ୍ଡଳୀ | ୦୮ |
| ୦୨ | ବ୍ୟବସାୟୀ ନିର୍ବାଚନମଣ୍ଡଳୀ | ୦୪ |
| ୦୩ | ସ୍ଥାନୀୟ ପ୍ରାଧିକାରୀ<br>କ)ଏନ୍‌ଏସି<br>ଖ) ଗ୍ରାମ ପଞ୍ଚାୟତ | <br>୦୧<br>୦୧ |
| | ମୋଟ | ୧୪ |

**ନିର୍ବାଚନ କାର୍ଯ୍ୟସୂଚୀ**

| କ୍ର.ସଂ. | କାର୍ଯ୍ୟର ବିବରଣୀ | ତାରିଖ | ସମୟ | ନିର୍ଦ୍ଧାରିତ ସ୍ଥାନ |
|---|---|---|---|---|
| ୧ | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୩୦.୦୯.୨୦୨୩ | ଅପରାହ୍ନ ୪.୦୦ ଘଟିକା | କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ |
| ୨ | ପ୍ରାଥମିକ ଭୋଟର ତାଲିକା ସମ୍ବନ୍ଧରେ ଅଭିଯୋଗ ଗ୍ରହଣ | ୦୩.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ | -ଏଜନ- |
| ୩ | ପ୍ରାଥମିକ ଭୋଟର ତାଲିକା ସମ୍ବନ୍ଧରେ ଗୃହୀତ ଅଭିଯୋଗର ବିଚାର | ୦୪.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା | -ଏଜନ- |
| ୪ | ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୦୬.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା | -ଏଜନ- |
| ୫ | ପ୍ରାର୍ଥୀ ମନୋନୟନର ପତ୍ରଗ୍ରହଣ | ୧୧.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ | -ଏଜନ- |
| ୬ | ମନୋନୟନ ପତ୍ରର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୧୨.୧୦.୨୦୨୩ | ଅପରାହ୍ନ ୪.୦୦ ଘଟିକା | -ଏଜନ- |
| ୭ | ପ୍ରତିଦ୍ୱନ୍ଦୀ ପ୍ରାର୍ଥୀଙ୍କ ଦ୍ୱାରା ମନୋନୟନ ପତ୍ର ପରିଦର୍ଶନ | ୧୬.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ | -ଏଜନ- |
| ୮ | ମନୋନୟନ ପତ୍ର ବିରୁଦ୍ଧରେ ସପ୍ରମାଣ ଆପତ୍ତି ଅଭିଯୋଗପତ୍ର ଦାଖଲ | ୧୭.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ | -ଏଜନ- |
| ୯ | ମନୋନୟନ ପତ୍ର ବିରୁଦ୍ଧରେ ଅଭିଯୋଗର ଶୁଣାଣି ଓ ଯାଞ୍ଚ | ୧୯.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା | -ଏଜନ- |
| ୧୦ | ବୈଧ ମନୋନୟନ ପତ୍ରର ତାଲିକା ପ୍ରକାଶନ | ୨୦.୧୦.୨୦୨୩ | ଅପରାହ୍ନ ୪.୩୦ ଘଟିକା | -ଏଜନ- |
| ୧୧ | ମନୋନୟନ ପତ୍ର ପ୍ରତ୍ୟାହାର | ୨୫.୧୦.୨୦୨୩ | ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ | -ଏଜନ- |
| ୧୨ | ଚୂଡାନ୍ତ ମନୋନୟନ ପତ୍ର ପ୍ରକାଶନ (ନୋଟିସ ବୋର୍ଡରେ) | ୨୬.୧୦.୨୦୨୩ | ଅପରାହ୍ନ ୪.୩୦ ଘଟିକା | -ଏଜନ- |
| ୧୩ | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୦୩.୧୧.୨୦୨୩ | ପୂର୍ବାହ୍ନ ୯.୦୦ ଘଟିକାଠାରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ | -ଏଜନ- |
| ୧୪ | ଭୋଟ ଗଣତି ଓ ଫଳାଫଳ ପ୍ରକାଶନ | ୦୩.୧୧.୨୦୨୩ | ଅପରାହ୍ନ ୪.୦୦ ଘଟିକାଠାରୁ ଗଣତି ଶେଷହେବା ପର୍ଯ୍ୟନ୍ତ | -ଏଜନ- |

ବି.ଦ୍ର.- ୧) ଇଚ୍ଛୁକ ପ୍ରାର୍ଥୀ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜିଙ୍କ ଠାରେ ଟ.୫.୦୦ (ପାଞ୍ଚ ଟଙ୍କା) ମାତ୍ର ଦାଖଲ କରି ମନୋନୟନ ପତ୍ର ପାଇପାରିବେ ।
୨) ପ୍ରାର୍ଥିପତ୍ର ଦାଖଲ ସମୟରେ ପ୍ରାର୍ଥୀଙ୍କୁ ଟ.୫୦.୦୦ (ପଚାଶ ଟଙ୍କା) ମାତ୍ର ଅମାନତ ଭାବରେ ଜମା ଦେବାକୁ ହେବ । ପ୍ରତ୍ୟେକ ପ୍ରାର୍ଥୀଙ୍କର ମନୋନୟନ ପତ୍ର ସହିତ ମନୋନୟନ ଫର୍ମ ଗ୍ରହଣର ଓ ଅମାନତ ଟଙ୍କା ଜମାର ପ୍ରମାଣପତ୍ର ଭାବରେ, ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜିରୁ ପ୍ରାପ୍ତ ରସିଦ ଦାଖଲ କରିବେ ।
୩) କେବଳ ପ୍ରାର୍ଥୀ ନିଜେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ ଓ ପ୍ରତ୍ୟାହାର ସମ୍ବନ୍ଧୀୟ ଦରଖାସ୍ତ ଦାଖଲ କରିବେ ।
୪) ପ୍ରାର୍ଥୀ ଓ ଭୋଟରମାନଙ୍କୁ ଜଣାଇ ଦିଆଯାଉଅଛି କି, ମନୋନୟନ ପତ୍ର ଦାଖଲ ଏବଂ ଭୋଟ ଦେଲାବେଳେ ସେମାନେ ନିଜର ଭୋଟର ପରିଚୟ ପତ୍ର କିମ୍ବା ଆଧାର କାର୍ଡ ନିଶ୍ଚିତ ଆଣିବେ ତଥା ବ୍ୟବସାୟୀ (ଟ୍ରେଡର) ମାନଙ୍କୁ ଅନୁରୋଧ, ସେମାନେ ଭୋଟର ପରିଚୟ ପତ୍ର ସହିତ ନିୟନ୍ତ୍ରିତ ବଜାର କମିଟି ତରଫରୁ ଦିଆହୋଇଥିବା ଟ୍ରେଡ ଲାଇସେନ୍ସ ମଧ୍ୟ ନିଶ୍ଚିତ ଆଣିବେ ।

ସ୍ୱା./- ରାଧାକୃଷ୍ଣ ମେହେର, ୨୨.୯.୨୦୨୩
ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ବଲାଙ୍ଗୀର
-ତଥା-
ନିର୍ବାଚନ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜି

OIPR-01509/11/0001/2324



No.C-1479

**WATCO**
**OFFICE OF THE CHIEF EXECUTIVE OFFICER, WATCO, Ground Floor, Unnati Bhawan**
H.B. Colony, Satyanagar, Bhubaneswar-751007
Odisha, India, Telefax:-+91-674-2571444
E-mail:ceowatcoodisha@gmail.com

**INVITATION FOR BID (IFB)**

**Bid Identification No.WATCO (W)-30/2023-24, Dtd.25.09.2023**
**WATCO No.5798, Date:25.09.2023**

01. Name of the Work : Laying of Sewer Networks in Vinayak Nagar, Cuttack
02. Estimated cost : Rs.156.25 Lakh
03. Period of completion : 6 (Six) Calender Months
04. Date & time of availability of bid document in the portal : From 11.00 AM of Dt.27.09.23 to 5.00 PM of 11.10.23
05. Last date / time of receipt of bids in the portal : 5.00 PM of 11.10.2023
06. Date & Time of Opening of technical bids : 12.30 PM of 12.10.23
07. Name and address of the Officer Inviting Bid : Chief Executive Officer, WATCO Telefax:0674-2571444 E-mail:ceowatcoodisha@gmail.com
08. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in.

OIPR-13194/11/0051/2324 Sd./-CEO, WATCO



ଏସିଆନ ଗେମ୍ସରେ ନିଙ୍ଗବୋ ଜିଆଙ୍ଗଶାନ ସେଲିଂ ସେଣ୍ଟରରେ ଅନୁଷ୍ଠିତ ପୁରୁଷ ଆରଏସ୍:ଏକ୍ସ କ୍ଲାସ୍ ଫାଇନାଲ ରେସ୍ ଅବସରରେ ଭାରତର ଇଆବାଦ ଅଲୀ।

# ସେଲିଂ: ନେହା ରୌପ୍ୟ, ଅଲୀଙ୍କୁ ବ୍ରୋଞ୍ଜ

ନିଙ୍ଗବୋ (ଚାଇନା), ୨୬।୯ (ପି.ଟି.)

ଏସିଆନ ଗେମ୍ସର ସେଲିଂ ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମଙ୍ଗଳବାର ଏଥିରୁ ଭାରତକୁ ୨ଟି ପଦକ ମିଳିଛି। ୧୭ ବର୍ଷୀୟା ନେହା ଠାକୁର ରୌପ୍ୟ ଏବଂ ଇଆବାଦ ଅଲୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବାଳିକା ଡିନ୍‌ଘି ଆଇଏଲ୍‌ସିଏ-୪ ଇଭେଣ୍ଟରେ ନେହା ପ୍ରଭାବୀ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ପୁରୁଷ ୱିଣ୍ଡସର୍ଫର ଆର୍‌ଏସ୍:ଏକ୍ସ ଇଭେଣ୍ଟରେ ଅଲୀ ୫୨ ପଏଣ୍ଟ ସ୍କୋର କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ଥାଇଲାଣ୍ଡର ନାଚାଫୋଙ୍ଗ୍ ଫୋନୋଫାରାଟ ରୌପ୍ୟ ଓ କୋରିଆର ୱନଉ ଚୋ ସ୍ୱର୍ଣ୍ଣ ପଦକ ପାଇଥିଲେ। ୧୪ ରେସ୍ ବିଶିଷ୍ଟ ଇଭେଣ୍ଟରେ ଅଲୀ ଦ୍ୱିତୀୟ ଓ ତୃତୀୟ ରେସ୍ ଫିନିଶ୍ କରି ନ ପାରିବାରୁ ତାଙ୍କ ମୋଟ ୫୯ ପଏଣ୍ଟରୁ ୭ ପଏଣ୍ଟ କାଢ଼ି ନିଆଯାଇଥିଲା। ଫଳରେ ରୌପ୍ୟ ପଦକ ବିଜୟୀ ପ୍ରତିଯୋଗୀଙ୍କଠାରୁ ତାଙ୍କର ପଏଣ୍ଟ ବ୍ୟବଧାନ ୨୩ ରହିଥିଲା। ଭୋପାଳର ନ୍ୟାଶନାଲ ସେଲିଂ ସ୍କୁଲର ପ୍ରତିଭାସମ୍ପନ୍ନ ସେଲର ନେହା ମୋଟ ୩୨ ପଏଣ୍ଟ ପାଇଥିଲେ। ମାତ୍ର ନେଟ୍ ସ୍କୋର ୨୭ ଥିବାରୁ ସେ ଦ୍ୱିତୀୟ ସ୍ଥାନ ଅଧିକାର କରି ନେଇଥିଲେ। ଏଥିରେ ଥାଇଲାଣ୍ଡର ନୋପାସୋମ ଖୁନବୋଞ୍ଜାନ ସ୍ୱର୍ଣ୍ଣ ଏବଂ ସିଙ୍ଗାପୁରର କିଏରା ମାରି କାର୍ଲି ବ୍ରୋଞ୍ଜ ପଦକ ପାଇଥିଲେ। ସେଲିଂରେ ପ୍ରତିଯୋଗୀମାନେ ଯେତେ ରେସ୍ କରିଥାନ୍ତି ସେଥିରୁ ସବୁଠାରୁ ଖରାପ ସ୍କୋରକୁ କାଢ଼ି ନିଆଯାଇଥାଏ। ସବୁଠାରୁ କମ୍ ନେଟ୍ ସ୍କୋରର ବିଜେତା ହୋଇଥାନ୍ତି। ନେହା ୫ମ ପର୍ଯ୍ୟାୟରେ ସବୁଠାରୁ ଖରାପ ୫ ପଏଣ୍ଟ ସ୍କୋର କରିଥିଲେ, ଯାହାକି ତାଙ୍କ ମୋଟ ସ୍କୋରରୁ କାଢ଼ି ନିଆଯାଇଥିଲା।



ନେହା ଠାକୁର

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୫୩ | ୨୯ | ୧୩ | ୯୫ |
| ଦ.କୋରିଆ | ୧୪ | ୧୬ | ୧୯ | ୪୯ |
| ଜାପାନ | ୮ | ୨୦ | ୧୯ | ୪୭ |
| ଉଜ୍‌ବେକିସ୍ତାନ | ୫ | ୬ | ୧୧ | ୨୨ |
| ହଂକଂ | ୫ | ୪ | ୧୧ | ୨୦ |
| **ଭାରତ** | **୩** | **୪** | **୭** | **୧୪** |
| ଇଣ୍ଡୋନେସିଆ | ୩ | ୧ | ୫ | ୯ |
| ଚାଇନିଜ ତାଇପେ | ୨ | ୩ | ୩ | ୮ |
| ଥାଇଲାଣ୍ଡ | ୨ | ୦ | ୫ | ୭ |
| ଇରାନ | ୧ | ୪ | ୫ | ୧୦ |
| ମାଲେସିଆ | ୧ | ୨ | ୨ | ୫ |
| ୟୁଏଇ | ୧ | ୧ | ୩ | ୫ |
| ତାଜିକିସ୍ତାନ | ୧ | ୧ | ୧ | ୩ |
| ମକାଓ | ୧ | ୦ | ୨ | ୩ |
| କିର୍ଗିଜସ୍ତାନ | ୧ | ୦ | ୦ | ୧ |

# ଜାତୀୟ ରେକର୍ଡ ସତ୍ତ୍ୱେ ଭାରତ ୫ମ

ହାଙ୍ଗଝୋ, ୨୬।୯ (ପି.ଟି.)

ଏସିଆନ୍ ଗେମ୍ସ ସନ୍ତରଣର ୪x-୧୦୦ ମିଟର ପୁରୁଷ ଦଳଗତ ଫାଇନାଲରେ ପ୍ରବେଶ କରି ପଞ୍ଚମ ସ୍ଥାନରେ ରହିଛି ଭାରତ। ମେଡଲି ରିଲେ ଟିମ୍ ମଙ୍ଗଳବାର ଜାତୀୟ ରେକର୍ଡ ଭାଙ୍ଗିବା ସହିତ ଏସିଆନ୍ ଗେମ୍ସ ଫାଇନାଲରେ ପ୍ରବେଶ କରିଥିଲା। ହିଟ୍-୧ରେ ସ୍ଥାନ ପାଇଥିବା ଶ୍ରୀହରି ନଟରାଜ, ଲିକିଥ୍ ସେଲ୍‌ଭରାଜ, ସାଜନ ପ୍ରକାଶ ଓ ତନିଶ ଜର୍ଜ ମାଥ୍ୟୁଙ୍କ ଭାରତୀୟ ଦଳ ୩:୪୦.୮୪ ସେକେଣ୍ଡର ସମୟ ନେଇ ଜାପାନ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଜାକାର୍ତ୍ତା ଏସିଆନ୍ ଗେମ୍ସରେ ନଟରାଜ, ସନ୍ଦୀପ ସେଜୱାଲ, ପ୍ରକାଶ ଓ ଆରୋନ ଡି ସୌଜାଙ୍କ ଦ୍ୱାରା ରହିଥିବା ୩:୪୪.୯୪ ସେକେଣ୍ଡର ଜାତୀୟ ରେକର୍ଡ ଭାଙ୍ଗିଥିଲେ। ତେବେ ଫାଇନାଲରେ ଭାରତ ୩:୪୦.୨୦ର ଟାଇମିଂ ହାସଲ କରି ନୂଆ ଜାତୀୟ ରେକର୍ଡ କରିଥିଲା। ଅନ୍ୟ ଦୁଇ ସନ୍ତରଣକାରୀ ପଲକ ଯୋଶୀ ଓ ଶିବାଙ୍ଗୀ ଶର୍ମା ଫାଇନାଲକୁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ୧୦୦ ମି. ଫ୍ରିଷ୍ଟାଇଲରେ ପଲକ ୨:୨୫.୮୧ ସେକେଣ୍ଡର ଟାଇମିଂ ସହିତ ୧୭ତମ ସ୍ଥାନରେ ରହିଥିଲେ। ଅନ୍ୟ ପକ୍ଷରେ ଶିବାଙ୍ଗୀ ୨୦୦ ମି. ବ୍ୟାକ୍‌ଷ୍ଟ୍ରୋକ୍‌ରେ ୫୮.୩୧ ସେକେଣ୍ଡର ଟାଇମିଂ ସହ ୧୪ ତମ ସ୍ଥାନରେ ରହିଥିଲେ।

**ଟେନିସ୍:** ଭାରତୀୟ ଟେନିସ୍ ଖେଳାଳିଙ୍କୁ ମଙ୍ଗଳବାର ମିଶ୍ରିତ ଫଳ ମିଳିଛି। ସିଙ୍ଗଲ୍ସ ଇଭେଣ୍ଟରେ ସୁମିତ ନାଗଲ ଓ ଅଙ୍କିତା ରାଇନା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ରାମକୁମାର ରାମନାଥନ ଓ ଋତୁଜା ଭୋସଲେ ବିଦାୟ ନେଇଛନ୍ତି। ସୁମିତ ନାଗଲ କାଜାଖସ୍ତାନର ବେଇବିଟ ଜୁଖାୟେଭଙ୍କୁ ୭-୬(୯) ଓ ୬-୪ରେ ପରାସ୍ତ କରିଥିଲେ । ଅଙ୍କିତା ୬-୧, ୬-୨ରେ ହଂକଂର ଆଦିତ୍ୟା ପି. କରୁଣାରତ୍ନେଙ୍କୁ ହରାଇଥିଲେ। ଉଭୟ ଖେଳାଳି ବ୍ରୋଞ୍ଜ ପଦକରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ମିକ୍ସଡ ଡବଲ୍ସରେ ୟୁକି ଭାମ୍ବ୍ରି ଓ ଅଙ୍କିତା ରାଇନାଙ୍କ ଯୋଡି ପାକିସ୍ତାନର ଅକିଲ ଖାନ୍ ଓ ସାରା ଖାନଙ୍କୁ ୬-୦, ୬-୦ରେ ପରାସ୍ତ କରି ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଡବଲ୍ସରେ ଋତୁଜା ଓ କର୍ମାନ କୌର ଥଣ୍ଡିଙ୍କ ଯୋଡି ପରାଜିତ ହୋଇ ବିଦାୟ ନେଇଛନ୍ତି।

**ଫେନ୍ସିଂ:** ଭାରତୀୟ ଷ୍ଟାର ଫେନ୍ସର ଭବାନୀ ଦେବୀ ଏସିଆନ୍ ଗେମ୍ସରୁ ବିଦାୟ ନେଇଛନ୍ତି। ମହିଳା ସାବ୍ରେରେ ଭବାନୀ ୭-୧୫ରେ ଚାଇନା ଖେଳାଳି ୟାକି ଶାଓଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ଶାଓ ପ୍ରଥମ ରାଉଣ୍ଡରେ ୮-୩ରେ ଅଗ୍ରଣୀ ରହିଥିଲେ। ଦ୍ୱିତୀୟ ରାଉଣ୍ଡରେ ଆଉ ୭ ପଏଣ୍ଟ ହାସଲ କରିବା ସହିତ ସେ ସେମିରେ ପ୍ରବେଶ କରିଥିଲେ। ନିଜ ପୁଲ୍‌ରେ ୫ ପ୍ରତିଯୋଗୀଙ୍କୁ ପରାସ୍ତ କରି ଭବାନୀ ଦେବୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

**ଭଲିବଲ୍:** ପୁରୁଷ ଭଲିବଲ୍ ଇଭେଣ୍ଟରେ ଭାରତ ଷଷ୍ଠ ସ୍ଥାନରେ ଅଭିଯାନ ଶେଷ କରିଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ନିକଟରୁ ୩-୦ରେ ହାରିଯାଇଛି ଭାରତ। ମଙ୍ଗଳବାର ୨୫-୨୧, ୨୫-୨୦ ଓ ୨୫-୨୩ ପଏଣ୍ଟରେ ଭାରତ ୧ ଘଣ୍ଟା ୧୪ ମିନିଟରେ ପରାଜିତ ହୋଇଥିଲା।

**ଶୁଟିଂ:** ଶୁଟିଂର ୧୦ ମିଟର ମିକ୍ସଡ ଏୟାର ରାଇଫଲ ଇଭେଣ୍ଟରେ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଛି ଭାରତ। ଦକ୍ଷିଣ କୋରିଆ ସହିତ ଚାଲିଥିବା ବ୍ରୋଞ୍ଜ ପଦକ ପ୍ଲେ ଅଫରେ ଦିବ୍ୟାଂଶ ସିଂ ପନୱର ଓ ରମିତା ଜିନ୍ଦଲଙ୍କ ଯୋଡି ୨୦-୧୮ରେ ପରାଜିତ ହୋଇଥିଲେ। ଉଭୟ ଖେଳାଳି ଷଷ୍ଠ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ଆରମ୍ଭରୁ ଭାରତୀୟ ଯୋଡି ୯-୩ରେ ଆଗୁଆ ରହିଥିଲେ ମଧ୍ୟ କୋରିଆ ଖେଳାଳି ବାଜି ମାରି ନେଇଥିଲେ।

**ଜୁଡୋ:** ରାଜ୍ୟଗୋଷ୍ଠୀ ପଦକ ବିଜୟିନୀ ତୁଲିକା ମାନ୍ ଏକ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ୭୮+ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତୁଲିକା ମଙ୍ଗୋଲିଆର ଅମାରାଇଖାନ ଆଦିୟାସୁରେନଙ୍କଠାରୁ ୧୦-୦ରେ ପରାଜିତ ହୋଇଥିଲେ। ୨୫ ବର୍ଷୀୟ ତୁଲିକା ପୂର୍ବରୁ ମାକାଓର କିଙ୍ଗ୍ ଲାମ ଲାଇ ଓ ଜାପାନର ୱାକାବା ଟୋମିଟାଙ୍କୁ ନକ୍‌ଆଉଟ କରିଥିଲେ। ରିପିଚେଜରେ ଖେଳିବାର ସୁଯୋଗ ପାଇଥିଲେ ମଧ୍ୟ ପରାଜିତ ହୋଇଥିଲେ।

**ସ୍କ୍ୱାଶ୍:** ସ୍କ୍ୱାଶ୍‌ରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଅନହତ ସିଂ, ଜ୍ୟୋତ୍ସ୍ନା ଚିନ୍ନାପ୍ପା ଓ ତନ୍ୱୀ ଖନ୍ନାଙ୍କ ମହିଳା ଦଳ ପାକିସ୍ତାନକୁ ୩-୦ରେ ପରାସ୍ତ କରିଥିବା ବେଳେ ପୁରୁଷ ଦଳ ସିଙ୍ଗାପୁର ଓ କାତାରକୁ ୩-୦ରେ ହରାଇଛି।

**ବକ୍ସିଂ:** ଭାରତୀୟ ପୁରୁଷ ବକ୍ସର ସଚିନ ସିୱଚ୍ ୫୭ କିଗ୍ରା ଓଜନ ବର୍ଗରେ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନିଜ ଉଚ୍ଚତାର ଫାଇଦା ଉଠାଇ ସଚିନ ଆକ୍ରମଣାତ୍ମକ ଶୈଳୀରେ ପ୍ରଦର୍ଶନ କରିଥିଲେ। ଇଣ୍ଡୋନେସିଆର ଆସ୍ରି ଉଦିନଙ୍କୁ ସେ ୫-୦ରେ ପରାସ୍ତ କରିଥିଲେ। ସେହିପରି ୯୨+ କିଗ୍ରା ଓଜନ ବର୍ଗରେ ନରେନ୍ଦର ବେରୱାଲ ମଧ୍ୟ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।



ମହିଳା ୭୮ କେଜି ଜୁଡୋ ଅବସରରେ ଭାରତର ତୁଲିକା ମାନ୍ (ଧଳା ଜର୍ସି) ଓ ମଙ୍ଗୋଲିଆର ଅମାରାଇଖାନ ଆଦିୟାସୁରେନ।

# ସିଙ୍ଗାପୁର ବିପକ୍ଷରେ ଭାରତର ବୃହତ୍ ବିଜୟ

ହାଙ୍ଗଝୋ, ୨୬।୯ (ପି.ଟି.)

ଏସିଆନ୍ ଗେମ୍ସ ହକିରେ ଭାରତୀୟ ପୁରୁଷ ଦଳର ବୃହତ ବିଜୟ। ପ୍ରଥମ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ୧୬-୦ରେ ହରାଇବା ପରେ ଦ୍ୱିତୟ ମ୍ୟାଚରେ ସିଙ୍ଗାପୁରକୁ ୧୬-୧ରେ ପରାସ୍ତ କରିଛି ଦଳ। ଭାରତ ପକ୍ଷରୁ ଅଧିନାୟକ ହରମନ୍‌ପ୍ରୀତ୍ ସିଂ(୨୪, ୩୯, ୪୦, ୪୨ ମିନିଟ) ଓ ମନଦୀପ୍ (୧୨, ୩୦ ଓ ୫୧ ମିନିଟ) ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଭିଷେକ(୫୧ ଓ ୫୨), ବରୁଣ କୁମାର(୫୫ ଓ ୫୫) ଡବଲ ଗୋଲ ସେଇଥିବା ବେଳେ ଲଳିତ କୁମାର ଉପାଧ୍ୟାୟ(୧୬), ଗୁରୁଜଣ୍ଟ ସିଂ(୨୨), ବିବେକ ସାଗର ପ୍ରସାଦ(୨୩), ମନପ୍ରୀତ୍ ସିଂ(୩୭) ଓ ସମଶେର ସିଂ ୩୮ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିଶ୍ୱ ମାନ୍ୟତାର ୪୯ ନମ୍ବର ସ୍ଥାନରେ ଥିବା ସିଙ୍ଗାପୁର ବିପକ୍ଷରେ ଭାରତର ଆରମ୍ଭ ଅତ୍ୟନ୍ତ ଧୀମା ରହିଥିଲା। ପ୍ରଥମ କ୍ୱାର୍ଟରରେ ଦଳ ମାତ୍ର ଗୋଟିଏ ଗୋଲ ସ୍କୋର କରିଥିଲା। ପରବର୍ତ୍ତୀ ୩ କ୍ୱାର୍ଟରରେ ଭାରତ ୫ଟି ଲେଖାଏ ଗୋଲ ଦେଇ ବିଜୟୀ ହୋଇଥିଲା। ଗୁରୁବାର ଭାରତ ପରବର୍ତ୍ତୀ ଗ୍ରୁପ୍ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଜାପାନକୁ ଭେଟିବ।

# ଭାଲିଏଭା ବିପକ୍ଷ ଡୋପିଙ୍ଗ ମାମଲାର ବିଚାର ଆରମ୍ଭ

ଲାଉସାନେ, ୨୬।୯ (ଏପି)



ବେଜିଂ ଅଲିମ୍ପିକ୍ସ ୨୦୨୨ରେ ଏକ ଡୋପିଙ୍ଗ ମାମଲାରେ ଫସିଯାଇଥିବା ରୁଷିଆର ସ୍ୱଳ୍ପ ବୟସ୍କା ଫିଗ ସ୍କେଟର କାମିଲା ଭାଲିଏଭାଙ୍କର ବିଚାରକାର୍ଯ୍ୟ ସ୍ଥାନୀୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କ୍ରୀଡ଼ାର ଏହି ସର୍ବୋଚ୍ଚ ନ୍ୟାୟାଳୟର ଏକ ରୁଦ୍ଧଦ୍ୱାରରେ ଏହି ମାମଲାର ଶୁଣାଣି ଅତିକମ୍‌ରେ ୩ ଦିନ ଧରି ଚାଲିବ। ଭାଲିଏଭାଙ୍କ ବୟସ ଅଲିମ୍ପିକ୍ସ ସମୟରେ ମାତ୍ର ୧୫ ବର୍ଷ ହୋଇଥିଲା। ବର୍ତ୍ତମାନ ତାଙ୍କୁ ୧୭ ବର୍ଷ। ରୁଷିଆରୁ ସେ ଭିଡିଓ ଲିଙ୍କ୍ ଜରିଆରେ ତାଙ୍କର ସାକ୍ଷ୍ୟ ଦେବେ। ଚଳିତବର୍ଷ ଶେଷ ଆଡକୁ ଏହି ମାମଲାର ରାୟ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି। କୋର୍ଟଙ୍କ ରାୟକୁ ୯ଜଣ ଆମେରିକୀୟ ସ୍କେଟର ପ୍ରତୀକ୍ଷା କରି ରହିଛନ୍ତି, ଯେଉଁମାନେ କି ଟିମ୍ ଇଭେଣ୍ଟରେ ଚାମ୍ପିୟନ ହୋଇପାରନ୍ତି। ବେଜିଂ ଅଲିମ୍ପିକ୍ସରେ ଏମାନେ ଭାଲିଏଭା ଓ ରୁଷୀୟମାନଙ୍କ ପଛକୁ ଦ୍ୱିତୀୟ ହୋଇଥିଲେ। ଭାଲିଏଭାଙ୍କଠାରୁ ସଂଗୃହୀତ ସାମ୍ପଲରୁ ହାର୍ଟ ଔଷଧର ମାତ୍ରା ଦେଖିବାକୁ ମିଳିଥିଲା। ଫିଗର ସ୍କେଟରଙ୍କ ଜେଜେବାପା ଜଣେ ହାର୍ଟ ରୋଗୀ। ସେ ବ୍ୟବହାର କରୁଥିବା ଗ୍ଲାସ କିମ୍ବା ପ୍ଲେଟରୁ ଔଷଧ କୌଣସି କାରଣରୁ ପେଟ ଭିତରକୁ ଚାଲିଯାଇଥାଇପାରେ ବୋଲି ଅନୁମାନ କରାଯାଉଛି।



ଡେରାଡୁନରେ ଅନୁଷ୍ଠିତ ଜାତୀୟ କରାଟେରେ ପଦକ ହାସଲକରି ମଙ୍ଗଳବାର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା କରାଟେକାଙ୍କୁ ଭୁବନେଶ୍ୱର ରେଳଷ୍ଟେଶନରେ ସ୍ୱାଗତ କରାଯାଉଛି। ଏହି ଅବସରରେ ରାଜ୍ୟ କରାଟେ ସଂଘ ସଦସ୍ୟଙ୍କ ସହ ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ବିଜୟ କୁମାର ରାଉତ ଓ ପରାମର୍ଶଦାତା ପ୍ରବୀର ମିଶ୍ର ଉପସ୍ଥିତ ଥିଲେ।

# ସର୍ବାଧିକ ରନ୍: ଶୀର୍ଷରେ ସଚିନ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଭାରତରେ ଆୟୋଜିତ ହେବ। ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଓ ପାକିସ୍ତାନର ଜାଭେଦ ମିଆଁଦାଦ ନିଜ କ୍ୟାରିୟରରେ ୬ଟି ଲେଖାଏ ବିଶ୍ୱକପ୍ ଖେଳିଛନ୍ତି। ବିଶ୍ୱକପ୍ ଖେଳିବା ସହିତ ଏଥିରେ ନିୟମିତ ରନ୍ ସ୍କୋର କରିବାରେ ସଚିନ ପ୍ରଥମ ସ୍ଥାନରେ ରହିଛନ୍ତି। ବିଶ୍ୱକପ୍ ଇତିହାସରେ ସର୍ବାଧିକ ରନ୍ ସ୍କୋର କରିଥିବା ୫ ଖେଳାଳିଙ୍କ ଉପରେ ନଜର...

**ସଚିନ ତେନ୍ଦୁଲକର: ୧୯୯୨-୨୦୧୧**

୧୯୯୨ରେ ପ୍ରଥମ ବିଶ୍ୱକପ୍ ଖେଳିଥିବା ସଚିନ ତେନ୍ଦୁଲକର ୬ ବିଶ୍ୱକପ୍ ଖେଳିଥିବା ବେଳେ ଥରେ ବିଶ୍ୱ ଚାମ୍ପିୟନ ଦଳର ସଦସ୍ୟ ରହିଛନ୍ତି। ସଚିନଙ୍କ ଅନ୍ତିମ ବିଶ୍ୱକପ୍ ୨୦୧୧ ମସିହାରେ ଭାରତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ସଚିନ ୬ ବିଶ୍ୱକପ୍‌ରେ ସମୁଦାୟ ୪୫ ମ୍ୟାଚ୍ ଖେଳିଥିବା ବେଳେ ସ୍କୋର କରିଛନ୍ତି ୨୨୭୮ ରନ। ତାଙ୍କର ଆଭରେଜ୍ ୫୬.୯୫ ରହିଥିବା ବେଳେ ଏଥିମଧ୍ୟରେ ସାମିଲ ରହିଛି ୬ ଶତକ ଓ ୧୫ ଅର୍ଦ୍ଧଶତକ। ସେହିପରି ବିଶ୍ୱକପ୍‌ରେ ତାଙ୍କର ସର୍ବୋଚ୍ଚ ସ୍କୋର ରହିଛି ୧୫୨ ରନ୍।

**ରିକି ପଣ୍ଟିଂ:୧୯୯୬-୨୦୧୧**

ବିଶ୍ୱକପ୍ ଇତିହାସର ପଣ୍ଟିଂଙ୍କୁ ସବୁଠାରୁ ସଫଳ ଖେଳାଳି କହିଲେ ଅତ୍ୟୁକ୍ତି ହେବ ନାହିଁ। ଖେଳାଳି ଭାବରେ ସେ ୩ ଥର ଓ ଅଧିନାୟକ ଭାବରେ ୨ ଥର ବିଶ୍ୱକପ୍ ଟ୍ରଫି ହାସଲ କରିଛନ୍ତି। କ୍ୟାରିୟରରେ ୫ ବିଶ୍ୱକପ୍‌ରେ ପଣ୍ଟିଂ ୪୬ ମ୍ୟାଚ୍ ଖେଳିଛନ୍ତି। ୫ ଶତକ ଓ ୬ ଅର୍ଦ୍ଧଶତକ ସହିତ ସେ ସ୍କୋର କରିଛନ୍ତି ୧୭୪୩ ରନ୍।

**କୁମାର ସାଙ୍ଗାକାରା: ୨୦୦୩-୨୦୧୫**

ଶ୍ରୀଲଙ୍କା କ୍ରିକେଟ ଇତିହାସର ଶ୍ରେଷ୍ଠ ଉଇକେଟକିପର ବ୍ୟାଟର କୁମାର ସାଙ୍ଗାକାରା। ୨୦୦୩ରୁ ୨୦୧୫ ମଧ୍ୟରେ ସେ ୪ଟି ଦିନିକିଆ ବିଶ୍ୱକପ୍ ଖେଳିଛନ୍ତି। ୪ ସଂସ୍କରଣର ୩୭ ମ୍ୟାଚରେ ସେ ସ୍କୋର କରିଛନ୍ତି ୧୫୩୨ ରନ୍। ୫୬.୩୨ର ଆଭରେଜ ସହିତ ସେ ୫ ଶତକ ଓ ୪ ଅର୍ଦ୍ଧଶତକ ହାସଲ କରିଛନ୍ତି।

**ବ୍ରାଏନ୍ ଲାରା: ୧୯୯୨-୨୦୦୭**

ସଚିନ ଓ ପଣ୍ଟିଂଙ୍କ ଭଳି କିମ୍ବଦନ୍ତୀ କ୍ରିକେଟରଙ୍କ ତାଲିକାରେ ସାମିଲ ଥିଲେ ମଧ୍ୟ ୱେଷ୍ଟଇଣ୍ଡିଜର ଏହି କିମ୍ବଦନ୍ତୀ କ୍ରିକେଟର କେବେ ବିଶ୍ୱକପ ଜିତିପାରି ନାହାନ୍ତି। ୫ଟି ସଂସ୍କରଣର ବିଶ୍ୱକପ୍ ଖେଳିଥିବା ଲାରା ସମୁଦାୟ ୩୪ ମ୍ୟାଚ୍ ଖେଳିଛନ୍ତି। ଏଥିରୁ ସେ ୧୨୨୫ ରନ୍ ସ୍କୋର କରିଥିବା ବେଳେ ମାରିଛନ୍ତି ୨ ଶତକ ଓ ୭ ଅର୍ଦ୍ଧଶତକ।

**ଏବି ଡି ଭିଲିୟର୍ସ:୨୦୦୭-୨୦୧୫**

ଦକ୍ଷିଣ ଆଫ୍ରିକାର ଏହି କରିତ୍‌କର୍ମା ଖେଳାଳି ଜଣଙ୍କ ନିଜ ପ୍ରଦର୍ଶନ ଜରିଆରେ ଛାପ ଛାଡିବାରେ ଧୁରନ୍ଧର। ମାତ୍ର ୩ଟି ବିଶ୍ୱକପ୍ ଖେଳିଥିଲେ ମଧ୍ୟ ୨୩ ମ୍ୟାଚରୁ ସେ ସ୍କୋର କରିଛନ୍ତି ୧୨୦୭ ରନ୍। ତାଙ୍କର ଆଭରେଜ୍ ୬୩.୫୨ ରହିଥିବା ବେଳେ ସେ ମାରିଛନ୍ତି ୪ ଶତକ ଓ ୬ ଅର୍ଦ୍ଧଶତକ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୮ ଦିନ**



ସଚିନ ତେନ୍ଦୁଲକର

# ସୋରିଷ ଚାଷ: ଜଉପୋକ ଦମନ



**ସୋ**ରିଷ ଚାଷରେ ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ପନିପରିବା ସମ୍ପର୍କରେ...



**ବି**ଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ୨–୩ଟି ଆଖି ଥିବା ୨୫ ଗ୍ରାମ୍ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍ରେ ବିଶୋଧନକରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ।

# ବାୟୋଫ୍ଲକ୍ ପଦ୍ଧତିରେ ମାଛଚାଷ

**ସା**ଧାରଣତଃ ଆମ ଓଡ଼ିଆଙ୍କ ମଧ୍ୟରୁ ଅନେକ ମାଛ ପ୍ରିୟ। ଓଡ଼ିଶାର ବିଭିନ୍ନ ଜିଲାରେ ଥିବା ଜଳରାଶିରୁ ମିଳୁଥିବା ମାଛର ଚାହିଦା ରାଜ୍ୟରେ ରହିଥାଏ। ରାଜ୍ୟରେ ଶିକ୍ଷିତ ବେକାର ଯୁବତୀଯୁବକ, ମତ୍ସ୍ୟ ଉଦ୍ୟୋଗୀମାନଙ୍କୁ ଏକ ବିକଳ୍ପ ପେସା ଯୋଗାଇ ଦେବାରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଉଛନ୍ତି। ବାୟୋଫ୍ଲକ୍ (ଜୈବପୁଞ୍ଜ) ଏହି ନୂତନ ଜ୍ଞାନକୌଶଳରୁ ଅନ୍ୟତମ।

ବାୟୋଫ୍ଲକ୍ ପଦ୍ଧତିଟି ସୀମିତ ସ୍ଥାନ ଓ ସୀମିତ ଜଳ ତଥା ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ ଓ ଆୟ ନିମନ୍ତେ ପ୍ରଯୁଜ୍ୟ । ପ୍ରଚଳିତ ମତ୍ସ୍ୟଚାଷ ପଦ୍ଧତିରେ ସଫଳତା ୨୫–୩୦ ଭାଗ କମ୍ ଖାଦ୍ୟ ଖର୍ଚ୍ଚରେ ଏହି ଚାଷଟି କରାଯାଏ। ଆମ ରାଜ୍ୟରେ ପ୍ରଚଳିତ ମତ୍ସ୍ୟଚାଷ ପଦ୍ଧତିରେ ୧ହେକ୍ଟର (୧୦,୦୦୦ ବର୍ଗମିଟର ଜଳ ସୀମା) ପୋଖରୀରେ ପ୍ରାୟ ୫୦୦୦ କି.ଗ୍ରା. ମାଛ ଉତ୍ପାଦନ ହେଉଥିବା ବେଳେ ସେହି ପରିମାଣର ମାଛ ବାୟୋଫ୍ଲକ୍ ପଦ୍ଧତିରେ ମାତ୍ର ୧୫୦ ବର୍ଗମିଟର ସ୍ଥାନରେ ସ୍ଥାପିତ ଚଟି ଛୋଟ ଛୋଟ କୁଣ୍ଡରୁ ଉତ୍ପାଦିତ ହୋଇପାରିବ।



**ବାୟୋଫ୍ଲକ୍ ପାଇଁ ଉପଯୋଗୀ ମାଛ**

ଏହି ପଦ୍ଧତିରେ ସୀମିତ ସ୍ଥାନରେ ବାୟୁ ପରିଚାଳନା ଦ୍ୱାରା ଚାଷ କରାଯାଏ। ଚାଷ କରାଯାଉଥିବା ମାଛ ସୃଷ୍ଟି ହେଉଥିବା ଫ୍ଲକ୍ ବା ଜୈବପୁଞ୍ଜକୁ ଖାଦ୍ୟ ରୂପେ ଗ୍ରହଣ କରିଥାଆନ୍ତି। ରାଜ୍ୟରେ ଚାହିଦା ଥିବା ମାଗୁର, ସିଙ୍ଗି,ପାବ୍ଦା, କଉ, ଜଳଙ୍ଗ ଜାତୀୟ, ବାୟୁ ଶ୍ୱସନକାର ମାଛ ବା ବିଲାତି ରୋହି, ତିଲାପିଆ ଇତ୍ୟାଦି ମାଛ ଏହି ପଦ୍ଧତି ଅନ୍ତର୍ଭୁକ୍ତ।

**ବାୟୋଫ୍ଲକ୍ ପଦ୍ଧତିର ସଫଳ ଉପାଦେୟତା**

➤ଏହା ଏକ ଜୈବ ସୁରକ୍ଷା ମାଛ ଉତ୍ପାଦନ ପ୍ରଣାଳୀ।

➤ଏହା ଏକ ପରିବେଶ ଅନୁକୂଳ ମତ୍ସ୍ୟଚାଷ।

➤ସୀମିତ ଜଳ ଓ ଜମିର ଠିକ୍ ବିନିଯୋଗ ହୋଇଥାଏ।

➤ଚାଷ ସମୟରେ ପ୍ରାୟତଃ ଜଳର ପରିବର୍ତ୍ତନ ଆବଶ୍ୟକ ପଡ଼ି ନ ଥାଏ।

➤ସୀମିତ ଜଳ ଓ ଜମିରୁ ଅଧିକ ମତ୍ସ୍ୟ ଉତ୍ପାଦନ ହୋଇଥାଏ।

➤ମାଛମାନେ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା କମ୍ ଥାଏ।

➤ମାଛର ଖାଦ୍ୟ ଅପଚୟକୁ ଏଡ଼ାଇ ଦିଆଯାଇପାରେ।

**ବାୟୋଫ୍ଲକ୍ ପଦ୍ଧତିରେ ମାଛ ଉତ୍ପାଦନ ପ୍ରକ୍ରିୟା**

୧. ସ୍ଥିରୀକୃତ ସ୍ଥାନରେ ୪ ମିଟର ବ୍ୟାସ X ୧.୩ ମିଟର ଗଭୀରତା ଗୋଲାକାର କିମ୍ବା ଆୟତାକାର କୁଣ୍ଡ (ଟାଇପୋଲିନ୍, ସିମେଣ୍ଟ ରଡ୍ ଦ୍ୱାରା ବା ସମ୍ପୂର୍ଣ୍ଣ ସିମେଣ୍ଟ ଦ୍ୱାରା) ଆବଶ୍ୟକ। ଏହି କୁଣ୍ଡର ଜଳଧାରଣ କ୍ଷମତା ୧୨,୫୦୦ ଲିଟର ହେବା ଦରକାର। ଏଥିରେ କୁଣ୍ଡର ଜଳ ଅଞ୍ଚଳର ମଧ୍ୟଭାଗରୁ ଜଳ ନିଷ୍କାସନ ଓ ଉପରି ଭାଗରେ ଜଳ ପ୍ରବେଶ କରିବାର ସୁବିଧା କରାଯାଏ। ଚାଷୀର ଆର୍ଥିକ ସମ୍ବଳ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ଦେଖି ଦୁଇଟି, ଚାରୋଟି କିମ୍ବା ଛଅଟି କୁଣ୍ଡ ପ୍ରସ୍ତୁତ କରାଯାଇପାରେ।

> "ବାୟୋଫ୍ଲକ୍ ପଦ୍ଧତିଟି ସୀମିତ ସ୍ଥାନ ଓ ସୀମିତ ଜଳ ତଥା ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ ଓ ଆୟ ନିମନ୍ତେ ପ୍ରଯୁଜ୍ୟ । ପ୍ରଚଳିତ ମତ୍ସ୍ୟଚାଷ ପଦ୍ଧତିରେ ସଫଳତା ୨୫-୩୦ ଭାଗ କମ୍ ଖାଦ୍ୟ ଖର୍ଚ୍ଚରେ ଉକ୍ତ ଚାଷ କରାଯାଏ। ଆମ ରାଜ୍ୟରେ ପ୍ରଚଳିତ ମତ୍ସ୍ୟଚାଷ ପଦ୍ଧତିରେ ୧ ହେକ୍ଟର (୧୦,୦୦୦ ବର୍ଗମିଟର ଜଳ ସୀମା) ପୋଖରୀରେ ପ୍ରାୟ ୫୦୦୦ କି.ଗ୍ରା. ମାଛ ଉତ୍ପାଦନ ହେଉଥିବା ବେଳେ ସେହି ପରିମାଣର ମାଛ ବାୟୋଫ୍ଲକ୍ ପଦ୍ଧତିରେ ମାତ୍ର ୧୫୦ ବର୍ଗମିଟର ସ୍ଥାନରେ ସ୍ଥାପିତ ଚଟି ଛୋଟ ଛୋଟ କୁଣ୍ଡରୁ ଉତ୍ପାଦିତ ହୋଇପାରିବ।"

୨.ସୀମିତ ଜଳରାଶିରେ ମାଛଚାଷ କରାଯାଉଥିବାରୁ ୨୪ ଘଣ୍ଟା ଅନବରତ ବାୟୁ ସଞ୍ଚାଳନ କରାଯିବା ଆବଶ୍ୟକ। ତେଣୁ ବାୟୁ ସଞ୍ଚାଳନ ଯନ୍ତ୍ର (Are-aton) ଅନ୍ୟୂନ ଦୁଇଟି ସ୍ଥାପନ କରି ସେଥିରୁ ବାୟୁନଳୀ (air pipe) ସହ ବାୟୁ ଉଦ୍‌ଗାମୀ ପଥର (air stone) ସଂଯୋଗ କରି କୁଣ୍ଡ ମଧ୍ୟରେ (ପ୍ରତି କୁଣ୍ଡରେ ଅନ୍ୟୂନ ୯–୧୦ଟି) ପକାଯାଏ।

୩. କୁଣ୍ଡ ଜଳରେ ଅମ୍ଳତା ବା କ୍ଷାରିୟତା pH (୬.୫–୮.୫) ମଧ୍ୟରେ ରହିବା ଉଚିତ।

୪.ଅନବରତ ବାୟୁ ସଞ୍ଚାଳନ ଜରୁରୀ ଥିବାରୁ ସବୁବେଳେ ବିଦ୍ୟୁତ୍ ପ୍ରବାହ ନିଶ୍ଚିତ ହେବା ଉଚିତ। ସ୍ଥଳ ବିଶେଷରେ ଇନ୍‌ଭର୍ଟର ଓ ଛୋଟ ଜେନେରେଟର ବ୍ୟବସ୍ଥା ନିହାତି ଆବଶ୍ୟକ।

**ବାୟୋଫ୍ଲକ୍ କୁଣ୍ଡ ପ୍ରସ୍ତୁତି**

➤କୁଣ୍ଡକୁ ଭଲଭାବରେ ସଫାକରି ଶୁଖାଇ ଅନ୍ୟୂନ ୩ ଫୁଟ ପାଣି ପୂରାନ୍ତୁ। ଅମ୍ଳତା ବା କ୍ଷାରୀୟତା ପରୀକ୍ଷା ପରେ ଉପଯୁକ୍ତ ବାୟୁଚାଳନା ଦ୍ୱାରା ଦ୍ରବୀଭୂତ ଅମ୍ଳଜାନ ୬–୭ ମି.ଗ୍ରା. ନିଶ୍ଚିତ କରାଯାଏ ଏବଂ pH କୁ ୭–୮ଦିନ ମଧ୍ୟରେ ସ୍ଥିର ରଖାଯାଏ।

➤ତୃତୀୟ ଦିନ କୁଣ୍ଡରେ ୨୦୦ ଗ୍ରାମର ପ୍ରୋବାୟୋଟିକ୍ ପାଉଡରକୁ ୧ କି.ଗ୍ରା. ଗୁଡ଼ରେ ଭଲ ଭାବରେ ମିଶାଇ କୁଣ୍ଡରେ ପକାଯାଏ। ପରବର୍ତ୍ତୀ ୨ ଦିନ ୨୫ ଗ୍ରାମ୍ ଗୁଡ଼ ପ୍ରୟୋଗକରି ହିତକାରୀ ଜୀବାଣୁ ସୃଷ୍ଟି କରାଯାଏ।

➤ପ୍ରୋବାୟୋଟି ପାଉଡର ପଡ଼ିବାର ପରବର୍ତ୍ତୀ ଦିନ ଚାଷ ପାଇଁ ଉପଯୁକ୍ତ ମାଛ ପ୍ରଜାତି ନିମନ୍ତେ ଗୋଟା ଲୁଣ (୧ କି.ଗ୍ରା. ପ୍ରତି ୧୦୦୦ ଲିଟର ଜଳ ପାଇଁ) ପ୍ରୟୋଗ କରାଯାଏ। ଏହି ଚାଷ ପାଇଁ ଉଦ୍ଦିଷ୍ଟ ବାୟୋଫ୍ଲକ୍‌କୁ ବାନ୍ଧି ରଖିବାରେ ସାହାଯ୍ୟ କରେ ଏବଂ ଚାଷରୁ ଉତ୍ପନ୍ନ କ୍ଷତିକାରକ ନାଇଟ୍ରାଇଟ୍ ଗ୍ରାସ୍ ପ୍ରଭାବକୁ ଦୂରକରିଥାଏ।

➤ମାଛଚାଷ ପାଇଁ ଭାସମାନ ମାଛ ଖାଦ୍ୟ (୩୦ ପ୍ରତିଶତ ପୁଷ୍ଟିସାରଯୁକ୍ତ) ବ୍ୟବହୃତ ହୋଇଥାଏ। ଏହା ସହ ମାଛମାନଙ୍କ ଦ୍ୱାରା ସୃଷ୍ଟ ବର୍ଜ୍ୟବସ୍ତୁ (ଅବ୍ୟବହୃତ ଖାଦ୍ୟ ଏବଂ ମାଛର ମଳ ଇତ୍ୟାଦି) ନିୟମିତ ଭାସମାନ ଅବସ୍ଥାରେ ଥାଏ। ଏଥିରୁ ଆମୋନିଆ, ନାଇଟ୍ରାଇଟ୍ ଓ ନାଇଟ୍ରେଟ୍ ପରି କ୍ଷତିକାରକ ଗ୍ୟାସ୍ ସୃଷ୍ଟି ହୋଇଥାଏ।

➤ଏ କ୍ଷେତ୍ରରେ ବ୍ୟବହୃତ ଗୁଡ଼ରୁ ସୃଷ୍ଟି କାର୍ବନ ବା ଅଙ୍ଗାରକାମ୍ଳ ଓ ପ୍ରୋବାୟୋଟିକ ଯୋଗୁ ବର୍ଜ୍ୟ ଜୈବଖଣ୍ଡଗୁଡ଼ିକର ବିଘଟନ ଘଟିଥାଏ ଏବଂ ପ୍ରୋବାୟୋଟିକ୍‌ରେ ପରିଣତ ହୋଇ ବାୟୋଫ୍ଲକ୍ ସୃଷ୍ଟି କରିଥାଏ।

➤ପ୍ରାୟତଃ ପ୍ରୋବାୟୋଟିକ୍, ଗୁଡ଼ ପ୍ରୟୋଗର ୩ ଦିନ ପରେ ଏବଂ ଗୋଟାଲୁଣ ପ୍ରୟୋଗର ୧ ଦିନ ପରେ ଏହି ଫ୍ଲକ୍ ସୃଷ୍ଟି ହୋଇଥାଏ। (କ୍ରମଶଃ...)

**–ଦିଲୀପ କୁମାର ସାହୁ,**
ଅଧ୍ୟାପକ, ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର(ମତ୍ସ୍ୟବିଜ୍ଞାନ),ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର
**–ଡ. ମାନସ ରଞ୍ଜନ ପଟ୍ଟନାୟକ,**
ଅଧକ୍ଷ, ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର, ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର

## ଅଳ୍ପରେ...



➤ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ୩/୪ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାରକରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି, ଦେବୀ, ଧରଣୀ, ଟି.ଜି.–୩୮, ଟି.ଏସ୍.ଭି.–୨ ଓ କାଦିରୀ–୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

➤ଉନ୍ନତ କିସମ ସୂର୍ଯ୍ୟମୁଖୀ ଯଥା– ମଡର୍ନ, ଇ.ସି.–୬୮୪୧୪, ଇ.ସି.–୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପିଏସି–୩୬, କେବିଏସ୍ଏଚ୍–୧, କେବିଏସ୍ଏଚ୍–୪୪ ଓ ଏମ୍ଏସ୍ଏଫ୍ଏଚ୍–୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ୧ କି.ଗ୍ରା. ବିହନ ପ୍ରତି କାର୍ବୋସ୍କିନ୍ + ଥିରାମ୍ କିମ୍ବା ଟେବୁକୋନାଜୋଲ୍ ୨% ଡିଏସ୍ ୨ ଗ୍ରାମ୍ରୁ ୨.୫ ଗ୍ରାମ୍ ହିସାବରେ ୨ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

➤ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫–୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ + ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

➤ବର୍ଷା ଯୋଗୁ ଆଖୁ କିଆରିରେ



ପାଣି ଜମିଥିଲେ ନିଷ୍କାସନ କରନ୍ତୁ। ବିହନ ପାଇଁ କିଆରିରୁ ନୀରୋଗ ଆଖୁ ବାଛି ଚିହ୍ନ ଦିଅନ୍ତୁ । ନାଲି ଶଢ଼ା ଆକ୍ରାନ୍ତ ବୁଦା ଉପାଡ଼ି ନଷ୍ଟ କରନ୍ତୁ। ସେଠାରେ କାର୍ବେଣ୍ଡାଜିମ୍ ଦ୍ରବଣ (୨ ଗ୍ରାମ୍ ପ୍ରତି ଲିଟର ପାଣି) ମାଟି ଭିଜା କରନ୍ତୁ। ପାଖ ବୁଦାଗୁଡ଼ିକୁ ମଧ୍ୟ ସମ ପରିମାଣରେ ମାଟିଭିଜା କରନ୍ତୁ।

# ସେବତୀ ଫୁଲଚାରା



**ବ**ର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ । ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଂ ଷ୍ଟାର୍, ସୁପର ଜ୍ୟାଣ୍ଟ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।

# ସଅଳ କିସମ ଧାନ କାଟିବା ପୂର୍ବରୁ...

**ସ**ଅଳ କିସମ ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ। ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁକିଆରିରେ ନିମ୍ବମଞ୍ଜିପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ।



# ପ୍ରାଣୀଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

(ଦ୍ୱିତୀୟ ଭାଗ)

ଗାଈଙ୍କ ଶରୀରରେ ଏଲ୍.ଏଚ୍ ହରମୋନ ଅଭାବ ଯୋଗୁ ଡିମ୍ବାଣୁ ସ୍ଖଳନ ହୁଏ ନାହିଁ। ଏଥିଯୋଗୁ ପ୍ରୋଜେଷ୍ଟିରନ୍ ଗାଈ ଗର୍ଭଧାରଣ କ୍ଷମତା ହରାଇ ବସେ । ତା' ସହ ଜନ୍ମିତ ବାଛୁରୀର ଓଜନ କମିଥାଏ। ବାହ୍ୟ ଉତ୍ତାପ ବୃଦ୍ଧିଜନିତ କାରଣ ନେଇ ଗାଈ ବାଛୁରୀ ପ୍ରସବ ହେବାର ୯୦ ଦିନ ମଧ୍ୟରେ ପୁନଃ ଗରମ ନ ଆସିବା ଯୋଗୁ ବାଛୁରୀ ଜନ୍ମ କରିବାର ବ୍ୟବଧାନ ବୃଦ୍ଧି ପାଇଥାଏ। ଫଳରେ ଗାଈଙ୍କ ପ୍ରଜନନ ଦକ୍ଷତା ହ୍ରାସ ପାଇଥାଏ। ବାହ୍ୟ ଜଳବାୟୁର ଉତ୍ତାପ ବୃଦ୍ଧି ସମୟରେ ପ୍ରାଣୀଙ୍କଠାରୁ ଜନ୍ମିତ ଛୁଆ ବା ବାଛୁରୀର ଶାରୀରିକ ଓଜନ କମ୍ ଦେଖାଯାଏ ଏବଂ ଗାଈର ଦୁଗ୍ଧଦେବା ଅବଧି ଓ ଦୁଗ୍ଧ ଉତ୍ପାଦନ କମିଯାଏ। ବିଶେଷଜ୍ଞମାନଙ୍କ ଦ୍ୱାରା ଆମ ରାଜ୍ୟର ସଙ୍କର ଗାଈ ବହୁଳ ସର୍ବେକ୍ଷଣ କରାଯାଇ ଅଞ୍ଚଳରେ ୨୦ ବର୍ଷ ଅବଧି କାଳ ମଧ୍ୟରେ ଦେଖାଯାଇଛି ଯେ, ଜଳବାୟୁର ପରିବର୍ତ୍ତନ ସହ ପରିବେଶର ଉତ୍ତାପ ବୃଦ୍ଧି ଯୋଗୁ ୧୧ପ୍ରତିଶତ ଗାଈ ଗରମକୁ ନ ଆସିବା, ୨୩ ପ୍ରତିଶତ ଗାଈ ବାରମ୍ବାର ଲେଉଟାଇବା, ୧୩ ପ୍ରତିଶତ ଗାଈ ବିଳମ୍ବରେ ବୟପ୍ରାପ୍ତଃ ହେବା ଆଦି ଦେଖାଦେବା ସହ ୧୬ ପ୍ରତିଶତ ଗାଈଙ୍କଠାରେ ଜରାୟୁ ସଂକ୍ରମଣ ଆଦି ଅବସ୍ଥା ଦେଖାଦେଇଥାଏ। ସେହିପରି ୧୦ ପ୍ରତିଶତ ଗାଈଙ୍କର ଦୀର୍ଘ ଗରମ ଲକ୍ଷଣ, ୫ ପ୍ରତିଶତ ଗାଈଙ୍କର ନୀରବ ଗରମ ଦେଖାଯାଉଥିବା ବେଳେ ବାଛୁରୀ ଜନ୍ମ କରିବାର ବ୍ୟବଧାନ ୫୭୦ ଦିନ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଜଳବାୟୁର ହଠାତ୍ ପରିବର୍ତ୍ତନ, ପରିବେଶର ପ୍ରଭାବ ସହ ଉତ୍ତାପ ଓ ଆର୍ଦ୍ରତା ବୃଦ୍ଧି, ଆଲୋକର ତୀବ୍ରତା ଆଦି କାରଣ ପ୍ରାଣୀ ବିଶେଷକରି ଗାଈଙ୍କଠାରେ ଉପରୋକ୍ତ ସମସ୍ୟାମାନ ଦେଖାଯାଇଥାଏ। ସେହିଭଳି ଉପରୋକ୍ତ କାରଣ ଯୋଗୁ ଷଣ୍ଢମାନଙ୍କ ପ୍ରଜନନ ଦକ୍ଷତା ଉପରେ ମଧ୍ୟ ପ୍ରଭାବ ପଡ଼ିଥାଏ। ସାଧାରଣତଃ ଶୀତଦିନ ଅପେକ୍ଷା ଗ୍ରୀଷ୍ମଦିନେ ଷଣ୍ଢଙ୍କର ସିମନରେ ଶୁକ୍ରାଣୁର ଗାଢ଼ତା ଓ ଗତିଶୀଳତା ହ୍ରାସପାଇବା ସହ ବୀର୍ଯ୍ୟ ସ୍ଖଳନ ମଧ୍ୟ କମ୍ ଦେଖାଯାଇଥାଏ।



**ଦୁଗ୍ଧ ଉତ୍ପାଦନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ :** ଦୁଧିଆଳୀ ଗାଈଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଦୁଗ୍ଧ ଉତ୍ପାଦନରେ ହ୍ରାସ ପାଇଥାଏ। ସଙ୍କର ଜର୍ସିଗାଈ ତୁଳନାରେ ହଲଷ୍ଟିନ୍ ଗାଈଙ୍କଠାରେ ଜଳବାୟୁର ପ୍ରଭାବ ଅଧିକ ପଡ଼ିଥାଏ। ବାହ୍ୟ ଉତ୍ତାପ ବୃଦ୍ଧିର ପରୋକ୍ଷ ପ୍ରଭାବରେ ଗାଈଙ୍କର କ୍ଷୁଧାଶକ୍ତି କମିଯିବା ସହିତ କମ୍ ଖାଦ୍ୟ ଖାଇବା ଯୋଗୁ ୩୫ ପ୍ରତିଶତ ଦୁଗ୍ଧ ଉତ୍ପାଦନ କମିଯାଏ। ଯେତେବେଳେ ପରିବେଷ୍ଟିତ ଉତ୍ତାପ ଏବଂ ଉତ୍ତାପ–ଆର୍ଦ୍ରତାର ସୂଚନାଙ୍କର ପ୍ରଭାବସୀମା ଟପିଯାଏ, ସେତେବେଳେ ଦୁଗ୍ଧ ଉତ୍ପାଦନ କମ୍ ହେବା ଦେଖାଯାଏ। ଅନ୍ୟାନ୍ୟ ଋତୁ ତୁଳନାରେ ଗ୍ରୀଷ୍ମଦିନେ ପ୍ରସବ କରିଥିବା ଗାଈମାନେ ସାଧାରଣତଃ କମ୍ ଦୁଗ୍ଧ ଦେଇଥାନ୍ତି। ସେହିପରି ଗରମ ପରିବେଶରେ ଖରାରେ ରହିଥିବା ଗାଈ ଅପେକ୍ଷା ଗୁହାଳେ ରହିଥିବା ଗାଈମାନେ ୧୦.୭ ପ୍ରତିଶତ ଅଧିକ ଦୁଗ୍ଧ ଦେଇଥାନ୍ତି। ତେଣୁ ଜଳବାୟୁର ଉତ୍ତାପ ବୃଦ୍ଧି ସମୟରେ ଗୋରୁଙ୍କୁ କୃତ୍ରିମ ଥଣ୍ଡା ପରିବେଶରେ ରଖିବା ସହ ଦିନବେଳେ ସ୍ୱଳ୍ପ ପୁଷ୍ଟିସାରଯୁକ୍ତ ଖାଦ୍ୟ ବା ଦାନା, ସବୁଜ ଘାସ, ଡାଳପତ୍ର, ଛୁଇଁଜାତୀୟ ବରଗୁଡି ଲଟାପତ୍ର ଆଦି ସହିତ ଧାତବଲବଣ ଓ ଭିଟାମିନ, ଲୁଣ ଆଦି ଖାଇବାକୁ ଦେବା ଉଚିତ। ସକାଳ, ସନ୍ଧ୍ୟା ବା ରାତ୍ରର ଥଣ୍ଡା ପ୍ରହରରେ ସୁଷମ ଦାନାଜାତୀୟ ଖାଦ୍ୟ ଗୋରୁଙ୍କୁ ଖାଇବାକୁ ଦେବା ଉଚିତ।

**କୀଟମାନଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଗୋରୁଙ୍କଠାରେ ରୋଗ ବ୍ୟାପିବା :** ସେହିପରି କୀଟମାନଙ୍କ ଉପରେ ଜଳବାୟୁର ପ୍ରଭାବ ମଧ୍ୟ ପଡ଼ିଥାଏ । ଉତ୍ତାପ ବୃଦ୍ଧିର ପ୍ରଭାବରେ ଥଣ୍ଡା ଜଳବାୟୁ ଅଞ୍ଚଳରେ କୀଟମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଏ । ଏମାନଙ୍କ ବୃଦ୍ଧି, ପରିସର, ସଂଖ୍ୟା ଓ ବଞ୍ଚିବା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ । କେତେକ କୀଟଙ୍କର ଜୀବନଚକ୍ର ଶେଷହେବା ସହ ଆଉ କେତେ କୀଟମାନଙ୍କର ଜୀବନଚକ୍ର ବୃଦ୍ଧି ପାଇଥାଏ। ଅପକାରୀ କୀଟମାନଙ୍କର ପରାଶ୍ରୟୀଜନିତ ମୃତ୍ୟୁ ସଂଖ୍ୟା କମିବା ସହିତ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କର ସଂଖ୍ୟା ବୃଦ୍ଧି ଘଟେ । କୀଟମାନଙ୍କର ସଂଖ୍ୟା ବୃଦ୍ଧି ଘଟିଲେ ତାହା ଗୋରୁଙ୍କ ଉପରେ ପ୍ରଭାବ ପଡ଼ିବା ସହିତ ବିଭିନ୍ନ ରକ୍ତଜନିତ କୃମି ଯଥା – ଥେଇଲେରିଆ, ଟ୍ରିପାନୁସମା, ବେବେସିଆ ଆଦି ରୋଗର ପ୍ରାଦୁର୍ଭାବ ସମୁଦ୍ର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଦେଖାଦେଇଥାଏ। ଏମାନଙ୍କ ଦ୍ୱାରା ଗାଈଗୋରୁଙ୍କଠାରେ ଚର୍ମବିଣ୍ଡି ରୋଗ ବିସ୍ତାର କରେ ।

**–ଡା. ବୀରକିଶୋର ପରିଡ଼ା**
ମୋ : ୯୪୩୭୬୦୭୩୧୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୭/୨୦୨୩ Bhubaneswar, Wednesday, September 27/ 2023

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

ରାଜକୋଟ, ୨୬।୯ (ପି.ଟି.)

ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ବୁଧବାର ଖେଳାଯିବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଜିତିବା ସହ ସିରିଜ କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ରହିଛି ଭାରତ। ଏହାଦ୍ୱାରା ଆଗାମୀ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପାଇଁ ରୋହିତ ଶର୍ମାଙ୍କ ଦଳର ପ୍ରସ୍ତୁତି ଭଲ ରହିଛି ବୋଲି ଧାରଣା ସୃଷ୍ଟି ହେବ। କ୍ରିକେଟ ଇତିହାସରେ ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟରେ ଅଷ୍ଟ୍ରେଲିଆ ବିପକ୍ଷରେ କେବେ କ୍ଲିନ ସୁଇପ୍ ସିରିଜ ବିଜୟୀ ହୋଇପାରିନାହିଁ। ଫ୍ରଣ୍ଟ ଲାଇନ୍ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଏହି ସିରିଜରେ ପ୍ରାଧାନ୍ୟ ବିସ୍ତାର କରି ଖେଳୁଛି। ଭାରତ ରେକର୍ଡ କ୍ରମାଗତ ୪ ଦିନିକିଆ ବିଜୟ ସହ ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିବାକୁ ଚାହୁଁଛି। ଭାରତ ଯଦି ଚଳିତ ୩ ମ୍ୟାଚ ବିଶିଷ୍ଟ ସିରିଜ ୩-୦ରେ ବିଜୟ ଲାଭ କରେ ତେବେ ଅକ୍ଟୋବର ୮ରେ ଚେନ୍ନାଇଠାରେ ଦୁଇ ଦଳ ସେମାନଙ୍କ ବିଶ୍ୱକପ୍ ଓପନର ଖେଳିବା ପୂର୍ବରୁ ୫ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରେ ଫେଭରାଇଟ ରହିବ। ଆଗକୁ ମେଗା ଇଭେଣ୍ଟକୁ ଲକ୍ଷ୍ୟ ରଖି ଉଭୟେ ଦଳରେ ବହୁ ଅଦଳ ବଦଳ କରୁଛନ୍ତି। ତେଣୁ ପୂର୍ବାନୁମାନରେ ଏପଟ ସେପଟ ହୋଇପାରେ। ତୃତୀୟ ଦିନିକିଆ ପାଇଁ ଭାରତର 'ୟଙ୍ଗ୍ ଗନ୍' ଶୁବମନ ଗିଲ୍ ଓ ଶାର୍ଦ୍ଦୂଳ ଠାକୁରଙ୍କୁ ବିଶ୍ରାମ ଦିଆଯାଇଛି। ଶୁବମନ ଗିଲ୍ ପ୍ରଥମ ଦୁଇ ଦିନିକିଆରେ ଯଥାକ୍ରମେ ୭୪ ଓ ୧୦୪ ରନ ସଂଗ୍ରହ କରିଛନ୍ତି। ୫୦ ଓଭର ବିଶ୍ୱକପ୍ ବର୍ଷରେ ଗିଲ୍ ଏହି ଫର୍ମାଟରେ ପ୍ରଥମ ବ୍ୟାଟର ଭାବେ ୧ ହଜାର ରନ ପୂରଣ କରିବା ସହ ୧,୨୩୦ ରନ ସଂଗ୍ରହ କରିସାରିଛନ୍ତି। ତାଙ୍କର ଆଭରେଜ ୭୨.୩୫ ରହିଛି। ଭାରତର ଆଗଧାଡ଼ି ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲି ଦଳକୁ ଫେରିବା ସମ୍ଭାବନା ରହିଛି। କିଛି ଦିନ ବିଶ୍ରାମ ପରେ ଫର୍ମରେ ଥିବା କୁଲଦୀପ ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଏହି ମ୍ୟାଚରେ ଖେଳିପାରନ୍ତି। ରୋହିତଙ୍କ ଅନୁପସ୍ଥିତିରେ ଗତ ଦୁଇଟି ମ୍ୟାଚରେ କେ.ଏଲ୍ ରାହୁଲ ଭାରତୀୟ ଦଳର ନେତୃତ୍ୱ ନେଇ ଆସୁଥିଲେ। ରାହୁଲ ଠିକଣା ସମୟରେ ଉଭୟ ବ୍ୟାଟିଂ ଓ ଉଇକେଟକିପିଂରେ ଭଲ ପ୍ରଦର୍ଶନ କରୁଛନ୍ତି। ଭାରତ ପାଇ ଏହା ଖୁସିର ବିଷୟ। ବିଶ୍ୱକପ୍ ପାଇଁ ଦଳ ଚୂଡ଼ାନ୍ତ କରିବା ପୂର୍ବରୁ ବରିଷ୍ଠ ସ୍ପିନର ରବିଚନ୍ଦ୍ର ଅଶ୍ୱିନଙ୍କୁ ଏହି ମ୍ୟାଚରେ ସୁଯୋଗ ଦେଇପାରେ। ସିରିଜରେ ଅଷ୍ଟ୍ରେଲିଆର ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରଭାବୀ ପ୍ରଦର୍ଶନରେ ବିଫଳ ହୋଇଛି। କ୍ରମାଗତ ୫ଟି ଅନ୍ତର୍ଜାତୀୟ ଦିନିକିଆରେ ପରାଜିତ ହୋଇ ସାରିଥିବା ଅଷ୍ଟ୍ରେଲିଆକୁ ବିଶ୍ୱକପ୍ ପୂର୍ବରୁ ବିଜୟ ପଥକୁ ଫେରିବାକୁ ହେବ। କିଛି ମାସ ପୂର୍ବେ ଏହି ଦଳ ଭାରତକୁ ୨-୧ରେ ପରାସ୍ତ କରିଥିଲା। ସେତେବେଳେ ମିଚେଲ ଷ୍ଟାର୍କ ତାଙ୍କ ଚମତ୍କାର ଇନ୍ ସୁଇଂ ବୋଲିଂରେ ଭାରତୀୟ ଡାହାଣହାତୀ ବ୍ୟାଟରଙ୍କୁ ଅଡୁଆରେ ପକାଇଥିଲେ। ବିଶ୍ୱକପ୍ ପୂର୍ବରୁ ଏହା ଶେଷ ମ୍ୟାଚ ହୋଇଥିବାରୁ ଅଷ୍ଟ୍ରେଲିଆ ଏହାର ପ୍ରମୁଖ ବୋଲର ପ୍ୟାଟ୍ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କୁ ଖେଳାଇପାରେ। ଭାରତରେ ଚଳିତବର୍ଷ ଟପ୍ ଅର୍ଡରରେ ଟ୍ରାଭିସ ହେଡ୍ ଏବଂ ଷ୍ଟିଭ୍ ସ୍ମିଥ୍ ଓ ମାର୍ନସ ଲାବୁସେନଙ୍କର ପ୍ରଦର୍ଶନ ଆଶାନୁରୂପ ରହିନାହିଁ।



ବ୍ୟାଟିଂ ଅଭ୍ୟାସ ପାଇଁ ଯାଉଛନ୍ତି ବିରାଟ କୋହଲି।

**ତୃତୀୟ ଦିନିକିଆ ଆଜି**

ସ୍ଥାନ: ରାଜକୋଟ
ମ୍ୟାଚ ଆରମ୍ଭ : ଅପରାହ୍ଣ ୧ଟା୩୦
ପ୍ରସାରଣ: ସ୍ପୋର୍ଟ୍ସ-୧୮

## ଫୁଟ୍‌ବଲ କ୍ଲବ ସଭାପତିଙ୍କୁ ହତ୍ୟା

ବୋଗୋଟା, ୨୬।୯ (ଏପି): କଲମ୍ବିଆର ଦ୍ୱିତୀୟ ଡିଭିଜନ ଫୁଟ୍‌ବଲ କ୍ଲବ ଟାଇଗର୍ସ ଏଫ୍‌ସି ଶନିବାର ରାତିରେ ଖେଳିଥିବା ଏକ ମ୍ୟାଚ୍‌ରେ ପରାସ୍ତ ହେବା ପରେ ଏହାର ସଭାପତି ଏଡ୍‌ଗାର ପାଏଜ୍‌ଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଆଟଲେଟିକୋ ଏଫ୍‌ସି ବିପକ୍ଷ ମ୍ୟାଚ ହାରିଯିବା ପରେ ୬୩ବର୍ଷୀୟ ପାଏଜ ତାଙ୍କ ଝିଅ ସହିତ ବାସ ଭବନକୁ ଫେରୁଥିବା ବେଳେ ରାସ୍ତାରେ ଏହି ଘଟଣା ଘଟିଛି। ବୋଗୋଟାସ୍ଥିତ ଟାଇଗର୍ସ ମେଟ୍ରୋପଲିଟାନୋ ଡି ଟେକୋ ଷ୍ଟାଡିୟମ ନିକଟରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଆକ୍ରମଣରେ ତାଙ୍କ ଝିଅ ଆହତ ହୋଇନାହାନ୍ତି। କଲମ୍ବିଆ ଫୁଟ୍‌ବଲ ମହାସଂଘ ତରଫରୁ ଶୋକପ୍ରକାଶ କରିବା ସହ ପାଏଜ୍‌ଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି।

## ବିଶ୍ୱ ଚାମ୍ପିୟନ ସ୍ପ୍ରିଣ୍ଟର ଡାଫ୍‌ନେ ସ୍କିପର୍ସଙ୍କ ଅବସର

ହେଗ୍, ୨୬।୯ (ଏପି): ଦୁଇଥର ବିଶ୍ୱ ଚାମ୍ପିୟନ ସ୍ପ୍ରିଣ୍ଟର ଡାଫ୍‌ନେ ସ୍କିପର୍ସ ୩୧ ବର୍ଷ ବୟସରେ ଟ୍ରାକ୍ ଆଣ୍ଡ ଫିଲ୍ଡରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ନେଦରଲାଣ୍ଡ୍ସର ଏହି ଆଥ୍‌ଲେଟ୍ ପଛକୁ ପଛ ଦୁଇଥର ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ପ୍ରଥମେ ସେ ଜଣେ ହେପ୍ଟାଥଲେଟ ଥିଲେ। ୨୦୧୩ ମସ୍କୋ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ।







Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 7799766329, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolagir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ